

ନିମ୍ନମାନର ସାର ସମସ୍ୟାକୁ ଗମ୍ଭୀରତାର ସହ ନିଅ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
Google Play | App Store



ବିଶ୍ୱସ୍ତରେ ନଜର ଆସିବେ ଭାଇରାଲ ଗର୍ଲ ମୋନାଲିସା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦୪ | Vol. 22 No-104 | 14 JULY 2025 MONDAY, BHUBANESWAR | ସୋମବାର, ୧୪ ଜୁଲାଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ଏମ୍ସରେ ଜୀବନ ସହ ସଂଗ୍ରାମ ଜାରି

# ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ



ପୀଡ଼ିତାଙ୍କ ପରିବାରକୁ ଶାନ୍ତ୍ୱନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- ଆସନ୍ତା ୨୪ରୁ ୪୮ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ
- ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ
- କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଲେ
- ନିଜଆଡୁ ମାମଲା ରୁଜୁ କଲେ ଏନସିଡବ୍ଲୁ
- ଆବଶ୍ୟକ ହେଲେ କରାଯିବ ଏୟାରଲିଫ୍ଟ
- ସ୍ୱାସ୍ଥ୍ୟାବସ୍ଥା ତଦାରଖ ପାଇଁ ୮ ଜଣିଆ ବିଶେଷଜ୍ଞ କମିଟି
- ଫୁସ୍‌ଫୁସ୍, କିଡନୀ ପ୍ରଭାବିତ, ଡାଏଲିସିସ୍ ଆରମ୍ଭ
- ଏଫଏମ୍‌ରେ ୩ଜଣିଆ କମିଟିର ତଦନ୍ତ
- ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ
- ଘଟଣାସ୍ଥଳରେ କ୍ରାଇମବ୍ରାଞ୍ଚର ୨ ଜଣିଆ ଟିମ୍

ଭୁବନେଶ୍ୱର/ବାଲେଶ୍ୱର, ୧୩।୭ (ଭାସ୍କର ନ୍ୟୁଜ): ଭୁବନେଶ୍ୱର ଏମ୍ସରେ ସଂକଟାପନ୍ନ ଅବସ୍ଥାରେ ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ଚିକିତ୍ସା ଜାରି ରହିଛି। ଆସନ୍ତା ୨୪ରୁ ୪୮ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍ସ କର୍ତ୍ତୃପକ୍ଷ କହିଛନ୍ତି। ଏମ୍ସର ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଶନିବାରଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସେଭଳି କିଛି ସୁଧାର ଆସିନାହିଁ। ପୀଡ଼ିତାଙ୍କୁ ବର୍ତ୍ତମାନ ବର୍ଣ୍ଣ ୱାର୍ଡର ଆଇସିୟୁ ଭେଣ୍ଟିଲେଟରରେ ରଖାଯାଇଛି। ନିଆଁ ଲାଗିବା ଯୋଗୁ ଇଣ୍ଟରନାଲ ଆଘାତ ହୋଇଛି। ତାଙ୍କ କିଡନୀ ଓ ଫୁସ୍‌ଫୁସ୍ ମଧ୍ୟ ପ୍ରଭାବିତ ହୋଇଛି। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ତାଙ୍କର ଚିକିତ୍ସା କରୁଛନ୍ତି। ଏଥିପାଇଁ ଏମ୍ସ ପକ୍ଷରୁ ଏକ ୮ଜଣିଆ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଏହି କମିଟି ପୀଡ଼ିତାଙ୍କ ଚିକିତ୍ସାର ତଦାରଖ କରିବ। ଅନ୍ୟପକ୍ଷରେ ଫକୀରମୋହନ କଲେଜରେ ପହଞ୍ଚି ତଦନ୍ତ ଚଳାଇଛନ୍ତି ଉଚ୍ଚଶିକ୍ଷା ବିଭାଗର ୩ ଜଣିଆ କମିଟି। ପ୍ରଥମ ଦିନରେ କଲେଜ କର୍ତ୍ତୃପକ୍ଷଙ୍କୁ ଅର୍ଥାତ୍ ନିଲମ୍ବିତ ଅଧ୍ୟକ୍ଷ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ପଚରାଉଚୁରା କରାଯାଇଥିବା ସୂଚନା ମିଳିଛି। କେଉଁ ପରିସ୍ଥିତିରେ ଛାତ୍ରୀଜଣକ ଆତ୍ମାହୂତି ଉଦ୍ୟମ କଲେ, ଏଥିରେ ସହକାରୀ ପ୍ରଫେସର ସମୀର କୁମାର ସାହୁଙ୍କର କ'ଣ ସଂପୃକ୍ତି, ଅଭିଯୋଗ ଉପରେ କଲେଜ ପ୍ରଶାସନ ପ୍ରିନ୍ସପାଲ ଓ ଇଣ୍ଟରନାଲ କଂପ୍ଲେନ କମିଟି କି କାର୍ଯ୍ୟାନୁଷ୍ଠାନ ନେଇଥିଲା, କେହି ବ୍ୟକ୍ତିବିଶେଷ କିମ୍ବା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ତ୍ରୁଟି • ପୃଷ୍ଠା ୫ ଦେଖନ୍ତୁ

## ଆଜିଠୁ ମହାମହିମଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ



ଭୁବନେଶ୍ୱର, ୧୩।୭ (ଭାସ୍କର ନ୍ୟୁଜ): ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ସୋମବାର ଭୁବନେଶ୍ୱରରେ ପହଞ୍ଚିବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଦୁଇଦିନ ମଧ୍ୟରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ। ଏଥିନେଇ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତିପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କାର୍କେଡ ରିହରସଲ ମଧ୍ୟ ଶେଷ ହୋଇଛି। ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ଭୁବନେଶ୍ୱରରେ ୫୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହେବେ। ୮ଜଣ ଡିଏସ୍‌ପି ର୍ୟାଙ୍କ ଅଫିସର, ୧୧ଜଣ ଅତିରିକ୍ତ ଡିସିପି, ୩୧ଜଣ ଏସିପି ର୍ୟାଙ୍କ ଅଧିକାରୀ, ୪୪ଜଣ ଇନ୍‌ସପେକ୍ଟର ଏବଂ ୧୮୦ଜଣ ସବ୍‌ଇନ୍‌ସପେକ୍ଟର ନିୟୋଜିତ ରହିବେ। ୧୪ ତାରିଖ ଅପରାହ୍ନରେ ଶ୍ରୀମତୀ ମୁର୍ମୁ ନୂଆଦିଲ୍ଲୀରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଦୁଇଦିନ ଧରି ରାଷ୍ଟ୍ରପତି ଭୁବନେଶ୍ୱର ଓ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ୧୪ ତାରିଖ ସନ୍ଧ୍ୟାରେ ଏମ୍ସର ପଞ୍ଚମ ସମାବର୍ତ୍ତନ ସମାରୋହରେ ସାମିଲ ହେବାର କାର୍ଯ୍ୟକ୍ରମ ଥିବାବେଳେ ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହାପରେ କଟକ ରେଭେନ୍ସା ବାଳିକା ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିଦିନ କଟକରେ ସାରଳା ସାହିତ୍ୟସଂସଦ ପକ୍ଷରୁ ଆୟୋଜିତ ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବା ସହ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବେ। ଏହାପରେ ସେହି ୧୫ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

## ସଂକ୍ଷେପରେ...

### ବଜ୍ରାଘାତରେ ୪ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୩।୭ (ଭାସ୍କର ନ୍ୟୁଜ): ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୪ଜଣଙ୍କ ଜୀବନ ଯାଇଛି। ଭଦ୍ରକ କୋଦବରୁଆଁରେ ଜଣେ ଛାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ସମ୍ବଲପୁର କୁଚିଣ୍ଡାରେ ଗଛତଳେ ଆଶ୍ରୟ ନେଇଥିବା ଜଣେ ବ୍ୟକ୍ତିଙ୍କର ଜୀବନ ଯାଇଛି। ସେହିପରି ଯାଜପୁର ଧର୍ମଶାଳା ବଳଭଦ୍ରପୁରରେ ବିଲରେ କାମ କରୁଥିବାବେଳେ ଜଣେ ବ୍ୟକ୍ତିଙ୍କ ଜୀବନ ବଜ୍ରାଘାତରେ ଯାଇଥିବାବେଳେ ଜଗତସିଂହପୁର କୁଜଙ୍ଗ ଜଳଧରପୁରରେ ବିଲରୁ ଫେରୁଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି।

### ଟ୍ରେନ୍‌ରେ ଲାଗିବ ସିସିଟିଭି

ନୂଆଦିଲ୍ଲୀ, ୧୩।୭: ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଟ୍ରେନ୍‌ର ବଗିଗୁଡ଼ିକରେ ସିସିଟିଭି ଲଗାଯିବ। ଏ ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ୭୪ହଜାର ବଗି ଓ ୧୫ହଜାର ଲୋକୋମୋଟିଭରେ ଏହି ସିସିଟିଭି ଲଗାଯିବ। ବଗିଗୁଡ଼ିକରେ ୪ଟି ଲେଖାଏଁ ସିସିଟିଭି ଲାଗିବାକୁ ଥିବାବେଳେ ଲୋକୋମୋଟିଭରେ ୬ଟି ଲେଖାଏଁ ସିସିଟିଭି ଲଗାଯିବ।


### ହୀରାକୁଦ ଡ୍ୟାମ୍‌ର ୪ ଗେଟ୍ ଖୋଲା

ସମ୍ବଲପୁର, ୧୩।୭ (ଭାସ୍କର ନ୍ୟୁଜ): ଉପରମୁଣ୍ଡରେ ବର୍ଷାର ପ୍ରଭାବ କମ୍ ରହିଥିବାରୁ ହୀରାକୁଦ ଜଳଭଣ୍ଡାରକୁ ଅଧିକ ଜଳ ପ୍ରବେଶ କରୁନାହିଁ। ତେଣୁ ବର୍ତ୍ତମାନ ୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୬.୬୨ ଫୁଟ ଥିବା ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୦ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଇଥିଲା।

ସେନ୍‌ସେକ୍ସ: ୮୨,୫୦୦.୪୭
ସର୍ବାଧିକ: ୩୧ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୧୩।୭।୨୦୨୫ ର ମତାମତ**

ବରିଷ୍ଠ ଅଧିକାରୀମାନେ ଲାଞ୍ଚ ନେଇ ଜେଲ ଗଲେ ପ୍ରଭାବ କନିଷ୍ଠଙ୍କ ଉପରେ ପଡ଼ିବ ନାହିଁ କି?




**ଆଜିର ପ୍ରସଙ୍ଗ**

ଏଫଏମ୍ ଅଭାବନୀୟ ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com


## ରାଜ୍ୟସଭା ପାଇଁ ୪ଜଣଙ୍କୁ ମନୋନୀତ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୩।୭: ରାଜ୍ୟସଭାରେ ଖାଲି ପଡ଼ିଥିବା ୪ଟି ଆସନ ପାଇଁ ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମନୋନୀତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଏହି ପ୍ରସ୍ତାବକୁ ମଞ୍ଜୁରି ଦେବାପରେ କେନ୍ଦ୍ର ଗୃହମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ସରକାରୀ ଓକିଲ ଉଜ୍ଜ୍ୱଳ ଦେବରାଓ ନିକମ, କେରଳର ବରିଷ୍ଠ ସମାଜସେବୀ ତଥା ଶିକ୍ଷାବିତ ସି.ସଦାନନ୍ଦ ମାଷ୍ଟର, ଭାରତର ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା ଏବଂ ପ୍ରଖ୍ୟାତ ଐତିହାସିକ ତଥା ଶିକ୍ଷାବିତ ମିନାକ୍ଷୀ ଜୈନ ଏହି ୪ ଆସନ ପାଇଁ ମନୋନୀତ ହୋଇଛନ୍ତି। ହର୍ଷବର୍ଦ୍ଧନ ଭାରତର ପୂର୍ବତନ ବୈଦେଶିକ ସଚିବ ଏବଂ ଆମେରିକାରେ ଭାରତର ରାଷ୍ଟ୍ରଦୂତଭାବେ କାର୍ଯ୍ୟ ମଧ୍ୟ କରିଛନ୍ତି। ତାଙ୍କୁ କୂଟନୀତି ଏବଂ ରଣନୈତିକ ମାମଲାରେ ଜଣେ ବିଶେଷଜ୍ଞଭାବେ ଗ୍ରହଣ କରାଯାଇଥାଏ। ସେହିପରି ଉଜ୍ଜ୍ୱଳ ନିକମଙ୍କୁ ଦେଶର ଜଣାଶୁଣା ସ୍ୱତନ୍ତ୍ର ସରକାରୀ ଓକିଲଙ୍କ ମଧ୍ୟରେ ଗଣାଯାଇଥାଏ। ସେ ଅନେକ ହାଇପ୍ରୋଫାଇଲ ଓ ଆତଙ୍କବାଦୀ ସମ୍ବନ୍ଧୀୟ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପାକିସ୍ତାନୀ ଆତଙ୍କବାଦୀ ଅଜମଲ କସବ ବିରୋଧରେ ରାଜ୍ୟ • ପୃଷ୍ଠା ୫ ଦେଖନ୍ତୁ

## ରାଷ୍ଟ୍ରପତିଙ୍କ ଅନୁମୋଦନ

# ୨୧ରୁ ସଂସଦ ମୌସୁମୀ ଅଧିବେଶନ



ନୂଆଦିଲ୍ଲୀ, ୧୩।୭: ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଏହା ଚାଲୁ ରହିବ। ଏ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ପ୍ରଦାନ କରିଛନ୍ତି। ସଂସଦୀୟ ବ୍ୟାପାରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ସଂସଦ ଅଧିବେଶନ ଆସନ୍ତା ୨୧ରୁ ଆରମ୍ଭ ହେବାକୁ ଯାଉଛି। ତେବେ ୧୩ ଓ ୧୪ ଅଗଷ୍ଟରେ ସଂସଦର ବୈଠକ ବନ୍ଦ ରହିବ। ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଅଧିବେଶନ କାଳରେ ବିରୋଧୀ ସରକାରଙ୍କୁ ଘେରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଓ ରାଜ୍ୟସଭାରେ ମଲ୍ଲିକାର୍ଜୁନ ଖଡଗେ ସରକାରଙ୍କୁ ଘେରିବା ପାଇଁ ପ୍ରସ୍ତୁତି ଶେଷ କରିସାରିଲେଣି। ଅପରେସନ ସିନ୍ଦୂରକୁ ନେଇ ରାହୁଲ ଗାନ୍ଧୀ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ସରେଣ୍ଡର ବୋଲି କହି ସାରିଛନ୍ତି। ଏଣୁ ଏହି ଅଧିବେଶନରେ ବିରୋଧୀ ହଙ୍ଗାମା କରିବା ସ୍ପଷ୍ଟ ବୋଲି ସୂଚନା ମିଳିଛି। ସେହିପରି କଂଗ୍ରେସ ଦଳର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁନ୍ ୧୨ରେ ହୋଇଥିବା ଅହମ୍ମଦାବାଦ ଏୟାରଇଣ୍ଡିଆ ବିମାନ ଦୁର୍ଘଟଣା ଓ ଗଣମାଧ୍ୟମରେ ଆସୁଥିବା ଏହାର ଯାଞ୍ଚ ରିପୋର୍ଟକୁ ନେଇ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରିବେ ବୋଲି କହିଛନ୍ତି। ସେ କହିଛନ୍ତି, ଏହି ଦୁର୍ଘଟଣା ଏକ ବଡ଼ ପ୍ରସଙ୍ଗ। ଏଥିରେ ୨୬୦ରୁ ଅଧିକ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଅଧିବେଶନ କାଳରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଏ ନେଇ ପ୍ରସ୍ତୁତି ଜାରି ରଖିଛି। ଏହାଛଡ଼ା ବିଭିନ୍ନ ମନ୍ତ୍ରଣାଳୟର ସାଂସଦମାନଙ୍କ ତାରାଙ୍କିତ ପ୍ରଶ୍ନର ଉତ୍ତର ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଅଧିବେଶନ କାଳରେ ୧୨ରୁ ଅଧିକ ବିଧେୟକ ଉପସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି।

## ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ


# ଚଳିତ ମାସରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ!



ଭୁବନେଶ୍ୱର, ୧୩।୭ (ଭାସ୍କର ନ୍ୟୁଜ): ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ। ଭୁବନେଶ୍ୱର ଏୟାରପୋର୍ଟ ଠାରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ଗସ୍ତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଉଦ୍ଦିଷ୍ଟ ଥିଲା। ଏହା ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବା ସହିତ ଓଡ଼ିଶାର ବିକାଶ ନେଇ ଦୀର୍ଘ ୩୫ ମିନିଟ ଧରି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନା ଫଳପ୍ରଦ ହୋଇଥିବା ସହିତ ଆଗାମୀ ଦିନରେ ଅନ୍ୟ ରାଜ୍ୟ ଗୁଡ଼ିକ ତୁଳନାରେ ଓଡ଼ିଶାର ବିକାଶ କିପରି ତ୍ୱରାନ୍ୱିତ ହେବ ସେଥି ଉପରେ ପର୍ଯ୍ୟବସିତ ଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଫେରିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ଓ ବୋର୍ଡ ଗୁଡ଼ିକରେ ଅଧ୍ୟକ୍ଷ ନିଯୁକ୍ତି ନେଇ ଆଶାର ସଞ୍ଚାର ହୋଇଛି। ସମ୍ଭବତଃ ଚଳିତମାସରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ସମ୍ଭାବନା ରହିଛି। ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବା ସହିତ ତାଙ୍କୁ ଭିଜନ ଡକୁମେଣ୍ଟ ପୁସ୍ତକ ପ୍ରଦାନ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଦଳର ସଙ୍ଗଠନ ମନ୍ତ୍ରୀ ବିଏଲ ସନ୍ତୋଷଙ୍କୁ ମଧ ମୁଖ୍ୟମନ୍ତ୍ରୀ ଏହି ଗସ୍ତ ସମୟରେ ସାକ୍ଷାତ କରିଥିଲେ। ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଘଟଣାକୁ ଦୃଢ଼ ଭାବରେ ନିନ୍ଦା କରିବା ସହିତ ମୁଖ୍ୟମନ୍ତ୍ରୀ କହିଥିଲେ • ପୃଷ୍ଠା ୫ ଦେଖନ୍ତୁ

## ଭାରତୀୟ ପାଣିପାଗ ବିଭାଗର ସୂଚନା

# ଯୋଡ଼ା ଲଘୁଚାପ ସୃଷ୍ଟି, ପ୍ରବଳ ବର୍ଷିବ



ଭୁବନେଶ୍ୱର/ନୂଆଦିଲ୍ଲୀ, ୧୩।୭ (ବ୍ୟୁରୋ): ସାରା ରାଜ୍ୟରେ ଗତ କିଛିଦିନ ହେବ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଛି। ଏସବୁ ଭିତରେ ଆଗାମୀ ଦିନପାଇଁ ପାଣିପାଗ ବିଭାଗ ପକ୍ଷରୁ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ଏବଂ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ ବଙ୍ଗୋପସାଗରରେ ଯୋଡ଼ା ଲଘୁଚାପ ସୃଷ୍ଟି ହୋଇଛି। ଗୋଟିଏ ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ ଏବଂ ତାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାବେଳେ ଅନ୍ୟଏକ ଲଘୁଚାପ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳରେ ସଂଗଠିତ ହୋଇଛି। ଏହି ଦୁଇଟି ଲଘୁଚାପ କ୍ଷେତ୍ର ପ୍ରଭାବରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶର କେତେକ ଅଞ୍ଚଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଓଡ଼ିଶା ଉପକୂଳ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଏବଂ ଗଜପତି ଆଦି ଅଞ୍ଚଳରେ ବର୍ଷା ଜାରି ରହିବ। ପାଣିପାଗ ପୂର୍ବାନୁମାନ କରିଛି ଯେ ଏହି ଲଘୁଚାପଗୁଡ଼ିକ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତିକରି ଆଗାମୀ ୨ରୁ ୩ ଦିନ ମଧ୍ୟରେ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ଼ ଆଡକୁ ଅଗ୍ରସର ହେବ। ଏହାର ପ୍ରଭାବରେ ଓଡ଼ିଶାର ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

## ରାଷ୍ଟ୍ରପତିଙ୍କୁ ସାକ୍ଷାତ ପାଇଁ ବିଜେଡି ମାଗିଲା ୫ ମିନିଟ୍ ସମୟ

ଭୁବନେଶ୍ୱର, ୧୩।୭ (ଭାସ୍କର ନ୍ୟୁଜ): ରାଜ୍ୟରେ ଅରାଜକତା ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ବିଜେଡି ଅଭିଯୋଗ ଆଣିଛି। ଏ ନେଇ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବାକୁ ବିଜେଡି ୫ ମିନିଟ୍ ସମୟ ମାଗିଛି। ବିଜେଡି ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତି ଏଥିପାଇଁ ସମୟ ଦେବେ ବୋଲି ଆଶା କରାଯାଉଛି। ପ୍ରତିଦିନ ୧୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ଫକୀରମୋହନ କଲେଜରେ ଘଟିଥିବା ଅଘଟଣ ଅତ୍ୟନ୍ତ ସମ୍ବେଦନଶୀଳ। ଏହା ସମସ୍ତଙ୍କୁ ଦୁଃଖ ଦେଇଛି। ରାଷ୍ଟ୍ରପତି ଜଣେ ମା ଭଳି ମଧ୍ୟ ହୃଦୟଙ୍ଗମ କରିବା ସହ ବିଜେଡିକୁ ୫ ମିନିଟ୍ ସମୟ ଦେବେ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

## ରାୟଗଡ଼ା ପରେ କୋରାପୁଟରେ ବଳଦ ଦଣ୍ଡ

# ପ୍ରେମୀଯୁଗଳଙ୍କ କାନ୍ଧରେ ଜୁଆଳି



କୋରାପୁଟ, ୧୩।୭ (ଭାସ୍କର ନ୍ୟୁଜ): ସଂପର୍କୀୟଙ୍କୁ ପ୍ରେମ କରିବା ମହଙ୍ଗା ପଡ଼ିଲା। ପ୍ରେମୀ ଯୁଗଳଙ୍କ କାନ୍ଧରେ ପଶୁଭଳି ଜୁଆଳି ପକାଇ ବୁଲାଇଲେ ଗାଁ ଲୋକେ। ୩ ଦିନ ବ୍ୟବଧାନରେ ଦୁଇ ଦୁଇଟି ଅମାନବୀୟ ଘଟଣା। ପ୍ରଥମ ଘଟଣାଟି ରାୟଗଡ଼ା ଜିଲ୍ଲା କଞ୍ଚାମଗୁଡ଼ାର ହୋଇଥିବାବେଳେ ରବିବାର କୋରାପୁଟ ଜିଲ୍ଲାର ନାରାୟଣ ପାଟଣା ବୋରିଗି ପଞ୍ଚାୟତର ପେଦାଇଟିକି ଗାଁରେ ଘଟିଛି। ଏହି ଗ୍ରାମର ଜଣେ ଯୁବତୀଙ୍କ ସହ ଅନ୍ୟଜଣେ ଯୁବକଙ୍କ ପ୍ରେମ ସଂପର୍କ ଗଢି ଉଠିଥିଲା। ଦୁହେଁ ମିଶି ରଥଯାତ୍ରା ଦିନ ଗାଁ ଛାଡ଼ି କୁଆଡ଼େ ଉଭାନ ହୋଇଯାଇଥିଲେ। ଉଭୟ ସଂପର୍କରେ ଭାଇ-ଭଉଣୀ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢି ଉଠିଥିଲା। ରବିବାର ଅପରାହ୍ନରେ ପେଦାଇଟିକି ଗ୍ରାମର ନରେନ୍ଦ୍ର ପିଡିକା ଏବଂ ପାଖ ଗାଁର ଜଣେ ଯୁବତୀଙ୍କୁ ଗାଁ ଲୋକେ କଙ୍ଗାରୁ କୋର୍ଟରେ ନିଷ୍ପତ୍ତି ନେଇ ଉଭୟଙ୍କ ବେକରେ ଜୁଆଳି ପକାଇ ହଳ କରିଥିବା ସୂଚନା ମିଳିଛି। ଉଭୟ ପ୍ରେମିକ ଓ ପ୍ରେମିକା ଗାଁ ଛାଡ଼ି ଆନ୍ଧ୍ର ଚାଲି ଯାଇଥିଲେ। ସେଠାରେ କିଛିଦିନ ରହିବାପରେ ପୁଣି ଗାଁକୁ ଫେରିଥିଲେ। କିନ୍ତୁ ପରିବାର ଲୋକମାନେ ସେମାନଙ୍କୁ ଗ୍ରହଣ କରିନଥିଲେ। ଗାଁରେ ପୂରାଇ ଦେଇନଥିଲେ। ଦୁଇ ଗାଁର ଭଦ୍ରଲୋକ ଓ ପରିବାର ଲୋକ ରବିବାର ଅପରାହ୍ନରେ ଏକ ବୈଠକ କରିଥିଲେ। ଏହାପରେ ଉଭୟ ପ୍ରେମିକ ଓ ପ୍ରେମିକାଙ୍କ ବେକରେ ରଶି ଓ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ନାଗୁଣୀକୁ ଯଦି ଆଘାତ ଲାଗିବ
ସିଏ କି ଛାଡଇ କେବେ,
ବେଳକାଳ ଦେଖି ଚୋଟ ପକାଇବ
ମଉକା ମିଳିବ ଯେବେ ।
ସେ ବେଳ ଆସିଛି ଏବେ,
ଯେଉଁଥିପାଇଁକି କଥା କହିଲାଣି
ଅରଚନା ମହାଦେବେ ।



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ରେ ବସ୍ତାନି ବିହୀନ ଦିବସ 'ମୁଁବି ପାରିବି' ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କେନ୍ଦୁଝର ସଦର ବ୍ଲକ ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ କପିଳ ଚନ୍ଦ୍ର ଦାଶ ମହୋଦୟ ଯୋଗଦେଇ ବସ୍ତାନି ବିହୀନ ଦିବସର ଆଭିମୁଖ୍ୟ ଛାତ୍ରଛାତ୍ରୀମାନଙ୍କୁ ଜଣାଇଥିଲେ । ଏହି ସଭାର ପରିଚାଳନା ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ବିଜୟ କୁମାର ମିଶ୍ର ସମ୍ପାଦନ କରିବା ସହ ବସ୍ତାନି ବିହୀନ ଦିବସ ବିଷୟରେ ସଂକ୍ଷେପରେ ଆଲୋଚନା କରିଥିଲେ । ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ ନିଜର ଅଭିଭାଷଣ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭା ସାଙ୍ଗ ହେବାପରେ ମୁଖ୍ୟ ଅତିଥି ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାଶ ପିଲାମାନେ କରିଥିବା ବିଭିନ୍ନ ଟି. ଏଲ. ଏମ., ମାଟିରେ ଗଢ଼ିଥିବା ବିଭିନ୍ନ ଆକୃତି ସବୁକୁ ବୁଲି ଦେଖିବା ସହ ତାର ଉପକାରୀତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଟି. ଏଲ. ଏମ. ପ୍ରସ୍ତୁତି ରେ ସାହାଯ୍ୟ କରିଥିବା ଶିକ୍ଷକ ତଥା ଶିକ୍ଷୟିତ୍ରୀମାନଙ୍କ କାର୍ଯ୍ୟକୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ । ତତ୍ପରେ ମୁଖ୍ୟ ଅତିଥି ବିଦ୍ୟାଳୟ ର ଇକୋ କ୍ଲବ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସହାୟତାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ବୈଜ୍ଞାନିକ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିଥିଲେ ଏବଂ ସେହି ପ୍ରକଳ୍ପ ଗୁଡ଼ିକ ର କାର୍ଯ୍ୟକାରିତା ସମ୍ପର୍କରେ ପିଲାମାନଙ୍କ ଠାରୁ ବୁଝିଥିଲେ । ଏହି କାର୍ଯ୍ୟକ୍ରମଟି କୁ ସଫଳ କରାଇବା ନିମନ୍ତେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟମ୍ବଦା ରାଉତ, ସ୍ୱର୍ଣ୍ଣଲତା ନାୟକ, ରଞ୍ଜିତା ରାଣୀ ମଲ୍ଲିକ୍, ଶୁଭଶ୍ରୀ ମହାନ୍ତ ତଥା ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି କୁନା ଚନ୍ଦ୍ର ଜେନା, ସଦସ୍ୟ ଦେବବ୍ରତ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ମାଥିଲିରେ ଚାଲିଛି ବିଜୁଳିବିହୀନ ଚିକିତ୍ସା

ମାଲକାନଗିରି/ମାଥିଲି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ପୁଣିଥରେ ଅନ୍ୟ ଏକ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ବିଜୁଳି ବିଚ୍ଛିନ୍ନ ହେବା ସହ ରୋଗୀ ସେବା ପ୍ରଭାବିତ ହୋଇଛି । ଯାହାଦ୍ୱାରା ଚିକିତ୍ସକ ଅନ୍ୟ ଜଣସେବିକାଙ୍କ ମୋବାଇଲ ଟର୍ଚ୍ଚ ଆଲୋକରେ ଚିକିତ୍ସା ସେବା ଦେଉଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି,ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ଏହି ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତର କରାଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ବିକଳ୍ପ ବିଜୁଳି ବ୍ୟବସ୍ଥା (ଜେନେରେଟର, ସୋଲାର୍ ଇନ୍ଭର୍ଟର) ବ୍ୟବହାର ହେଉନାହିଁ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ମାଥିଲି ବ୍ଲକର ୨୦ଟି ପଞ୍ଚାୟତ ସହ ପଡ଼ୋଶୀ ବ୍ଲକ, ଖଇରପୁଟ ଓ ପାଣ୍ଡିପାଣି ସ୍ୱାସ୍ଥ୍ୟକେନ୍ଦ୍ର ବି ନିର୍ଭର କରୁଛନ୍ତି । ଏମିତି ସ୍ଥିତିରେ ବିଜୁଳି କଟିଲେ ଗୁରୁତର ରୋଗୀମାନଙ୍କ ପାଇଁ ବିପଦ ସୃଷ୍ଟି ହେଉଛି । ବାରମ୍ବାର ଅଭିଯୋଗ ପ୍ରଦାନ ସତ୍ତ୍ୱେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ କୌଣସି ଠୋସ ପଦକ୍ଷେପ ନେଉନାହାନ୍ତି । ଏହି ଅବସ୍ଥା ନେଇ ଅଞ୍ଚଳର ନାନା ଅସନ୍ତୋଷ ପ୍ରକାଶ ପାଇଛି । ସ୍ୱାସ୍ଥ୍ୟ ହେଉଛି ମୂଳ ଅଧିକାର, ଯଦି ଏପରି ଅବ୍ୟବସ୍ଥା ଚାଲିଥାଏ, ତେବେ ଅନ୍ତର୍ଜାତୀୟ ମାନଦଣ୍ଡ କେଉଁଠି ରହିଲା ? ଏପରି ସ୍ୱର୍ ଉଠେଇଛନ୍ତି ସ୍ଥାନୀୟ ବିରୋଧୀ ନେତ୍ରୀ ଜିଲ୍ଲା ପରିଷଦ ସଭ୍ୟା ତଥା ବିଜେଡ଼ି ଜିଲ୍ଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଏବଂ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ସାଧାରଣ ଲୋକମାନେ ଗୋଟିଏ ପ୍ରଶ୍ନ କରୁଛନ୍ତି କେବେ ବଦଳିବ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରର ଭବିଷ୍ୟତ ?

## ଟ୍ରେନ୍‌ରୁ ଖସି ଯବାନ ଗୁରୁତର

ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କାଶୀପୁର ଓ କଲ୍ୟାଣସିଂହପୁର ବ୍ଲକ ସୀମାନ୍ତରେ ଲେଲିଗୁମା ଓ ବାଲୁମାସ୍କା କୋରାପୁଟ, ରାଉରକେଲା ଇଣ୍ଟେରସିଟି ଟ୍ରେନରୁ ଖସି ଜଣେ ସିଆରପିଏଫ ଯବାନ ଶରତ ମାଝୀ (୩୪)ଗୁରୁତର ହୋଇଥିବା



ଜଣାପଡିଛି । ସୂଚନା ମୁତାବକ ରାୟଗଡାର ସିଆରପିଏଫ ଜବାନ ଦୁର୍ଘଟଣାଗ୍ରସ୍ତ ହେବାପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ମାନସରଞ୍ଜନ ତନ୍ତି ପ୍ରାଥମିକ ଚିକିତ୍ସା କରି ରାୟଗଡା ମେଡିକାଲକୁ ରେଫର କରାଯାଇଥିବା ସୂଚନା ମିଳିଛି ।ଯବାନ ଜଣକ ବଲାଙ୍ଗୀରର ସଇଁତଳାବାସୀ ବୋଲି ଜଣାପଡିଛି ।

## ■ ପୋଲ ନିର୍ମାଣବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟଣା

# ପାଞ୍ଚଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ

ମାର୍ଶାଘାଇ(ଭାସ୍କର ନ୍ୟୁଜ): ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ମାର୍ଶାଘାଇ ବ୍ଲକ୍ ବଡ଼ପାଳ ନିକଟ କ୍ୟାମ୍ପରେ ଠିକାସଂସ୍ଥା ରାଜବୀର କନ୍‌ଷ୍ଟ୍ରକ୍ସନ୍‌ର ଶ୍ରମିକ ପୁରୀ ସଦର ଥାନା ବାରିନଳା ଗ୍ରାମର ବିଜୟ ଦାସ (୩୨) ଙ୍କର ଗୁରୁବାର ମୃତ୍ୟୁ ଘଟିଥିଲା । ତେଣୁ ଠିକାସଂସ୍ଥା ପକ୍ଷରୁ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଇଥିବା ଜଣାଯାଇଛି । ସୂଚନାଯୋଗ୍ୟ ହଳଦିଆ ସାଇଟ୍‌ରେ ପୋଲକାମ ବିଜୟ କରୁଥିଲା ବେଳେ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିବା ସୂଚନା ଦିଆଯାଇଥିଲା । ସଂସ୍ଥାର କର୍ମଚାରୀମାନେ ତାଙ୍କୁ ପ୍ରଥମେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ତେବେ ତାଙ୍କର ମୃତ୍ୟୁ ଘଟିଥିଲେ ମଧ୍ୟ ମାର୍ଶାଘାଇରୁ କେନ୍ଦ୍ରାପଡ଼ା ନିଆଯାଇଥିବା ଏବଂ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଥିଲେ । ଏହାପରେ ମୃତଦେହ ମାର୍ଶାଘାଇ ଥାନାକୁ ଅଣାଯାଇଥିଲା ।ବାଟୁଆ ଦାସଙ୍କ ଅଭିଯୋଗ ଅନୁସାରେ ମାର୍ଶାଘାଇ ଥାନାରେ ହତ୍ୟା ମାମଲା (କେସ୍ ନଂ-୧୯୭/ ୨୫) ରୁଜୁ କରାଯାଇଛି ।ମୃତ ବିଜୟ ଗତ ଚାରିମାସ ହେବ ଠିକାସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ । ଗତକାଲି ସକାଳ ୯ଟାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାରକୁ ଫୋନ୍ ଯୋଗେ ଜନୈକ ମାନସ ଭୋଇ ଫୋନ୍ କରି ଜଣାଇଥିଲେ । ତେବେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମାର୍ଶାଘାଇରେ ପହଞ୍ଚିବା ପରେ ଶବ ରକ୍ତ ଜୁଡୁବୁଡୁ ହୋଇପଡ଼ିଥିବା ଦେଖାଯାଇଥିଲା । ଫଳରେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଥିଲା । ତେବେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗ ହସ୍ତାନ୍ତର କରାଯାଇଛି । ଠିକାସଂସ୍ଥା ପକ୍ଷରୁ ସାଢ଼େ ୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଲେବର ଆଣି କାର୍ଯ୍ୟ ନିୟୋଜିତ କରିଥିବା ବ୍ୟକ୍ତିଙ୍କ ପାଖରୁ ଏକ ଲକ୍ଷ ୫୦ହଜାର ପ୍ରଦାନ କରାଯାଇଛି । ସମ୍ପୂର୍ଣ୍ଣ ପାଞ୍ଚଲକ୍ଷ ଟଙ୍କା ପାଇଥିବା ମୃତବ୍ୟକ୍ତି ଙ୍କ ବଡ଼ଭାଇ ବାଟୁଆ ଦାସ ତାଙ୍କ କୋହଭରା କଣ୍ଠରେ କହିଥିଲେ ।

# ନିଖୋଜ ଶରତଙ୍କ ପରିବାରକୁ ସହାୟତା

ଆଳି( ଭାସ୍କର ନ୍ୟୁଜ): ଆଳି ବ୍ଲକ ଅରେହିକଣା ପଞ୍ଚାୟତ କୁମ୍ଭାରଟଙ୍କା ଗ୍ରାମର ଶରତ କୁମାର ନାୟକଙ୍କ ସାନ ଝିଅ ଶ୍ରାବଣୀ ରାଧା ନାୟକଙ୍କୁ ପାଠ ପଢିବା ପାଇଁ ଆଳିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମ ସ୍ୱାଭିମାନ ଟ୍ରଷ୍ଟ' ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ସହ ତାଙ୍କ ଆଳି ମହାବିଦ୍ୟାଳୟ କୁ ଯାଇ ଶ୍ରାବଣୀ ଙ୍କର ଆଡ଼ମିସନ କରାଇଥିଲେ । ସୂଚନା ସୂତ୍ରରୁ ପ୍ରକାଶ ଆଳି ଥାନା କୁମ୍ଭାରଟଙ୍କା ଗ୍ରାମର ଶରତ କୁମାର ନାୟକ (୫୨) ଯିଏ କି ଜଣେ ବ୍ୟବସାୟୀ ଦୀର୍ଘ ୧୧ ମାସ ହେବ କେଉଁଆଡେ ଚାଲିଯାଇ ନିଖୋଜ ଅଛନ୍ତି । ଶରତ ଗାଁରୁ ଗାଁ ବୁଲି ବୁଲି ପୂଜା ସାମଗ୍ରୀ ବିକ୍ରି କରନ୍ତି । ଏଥି ସହିତ ନିଆଳସ୍ଥିତ ହାଟରେ ସେ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାନ୍ତି । ସେ ଘରର ଏକମାତ୍ର ରୋଜଗାରିଆ ହୋଇଥିବାରୁ ସେପ୍ଟେମ୍ବର ମାସରୁ ନିଖୋଜ ହେବା ଦିନ ଠାରୁ ତାଙ୍କ ପରିବାରରେ ଥିବା ତାଙ୍କ ସ୍ତ୍ରୀ ଅନୁପମା, ବଡ଼ ଝିଅ ଶ୍ରଦ୍ଧାଞ୍ଜଳି ଓ ସାନଝିଅ ଶ୍ରାବଣୀଙ୍କ ପକ୍ଷେ ଜୀବନଯାପନ କରିବା କଷ୍ଟକର ହୋଇ ପଡିଛି । ବଡ଼ ଝିଅ ଭୁବନେଶ୍ୱର ରେ ଏକ ଘରୋଇ କଲେଜରେ ବିଟେକ ପଢୁଥିଲେ । ବାପାଙ୍କ ନିଖୋଜ ପରେ ପାଠ ପଢ଼ା ଅଧାରୁ ଛାଡ଼ି ଘରେ ଅଛି । ସାନ ଝିଅ ଚଳିତ ବର୍ଷ ମାଟ୍ରିକ ପାସ କରି ଘରେ ରହୁଥିଲା । ସାନ ଝିଅ ଶ୍ରାବଣୀ ତାର ପାଠ ପଢ଼ା ପାଇଁ ବହୁ ଆଶା ପ୍ରତ୍ୟାଶା ରଖିଥିବା ବେଳେ ଘର ର ଏଭଳି ପରିସ୍ଥିତି ରେ ଆଗାମୀ ପାଠପଢ଼ା ପାଇଁ ଆଶା ହରାଇ ବସିଥିଲା । ସେହି ସମୟରେ ଶରତଙ୍କ ପତ୍ନୀ ଆମ ସ୍ୱାଭିମାନ ଟ୍ରଷ୍ଟ ର ପରିଚାଳକ ଦେବେନ୍ଦ୍ର ଦାଶ ଙ୍କୁ ଫୋନ ଯୋଗେ ଜଣାଇଥିଲେ । ପରେ ଟ୍ରଷ୍ଟ ର ସଭାପତି ବିନୋଦ ତରାଇ ଙ୍କ ସହ ଆଲୋଚନା କରାଯାଇ ଶ୍ରାବଣୀ ଓ ତାଙ୍କ ମା ଙ୍କୁ ସାଥିରେ ନେଇ ଟ୍ରଷ୍ଟ ର ସଦସ୍ୟ ଭାସ୍କର ସାହୁ, ପ୍ରଶାନ୍ତ ବିଶ୍ୱାଳ, ଓ ବିଶ୍ୱନାଥ ଦାସଙ୍କ ପ୍ରଚେଷ୍ଟା କ୍ରମେ ଆଳି ମହାବିଦ୍ୟାଳୟରେ ଶ୍ରାବଣୀଙ୍କର ଯୁକ୍ତ ୨ ରେ ନାମ ଲେଖାଇ ଥିଲେ । ଫଳରେ ନିଜ ଝିଅର ଆଗାମୀ ପାଠ ପଢ଼ା ପାଇଁ ଆଶା ହରାଇ ବସିଥିବା ଅନୁପମାଙ୍କର ଆଶା ଉଜ୍ଜୀବିତ ହେବା ସହ ସେ ଆମ ସ୍ୱାଭିମାନ ଟ୍ରଷ୍ଟ କୁ କୃତଜ୍ଞତା ଜଣାଇଥିଲେ । ସ୍ୱାମୀ ଶରତ ନାୟକ ନିଖୋଜ ହେବା ପରେ ସେ ଆଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ତାଙ୍କ ନିଖୋଜ ସ୍ୱାମୀଙ୍କ ସନ୍ଧାନ ଲଗାଇବା ନିମନ୍ତେ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି ।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ବନଖଣ୍ଡ ଅଧିନ ଟାଙ୍ଗୀ ବନ ବିଭାଗ ଅଧିନସ୍ଥ ପଟିଆ-ମାଳ ଗ୍ରାମର ଗୋଦାସାହି ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ଟାଙ୍ଗୀ ଫରେଷ୍ଟର କହିଛନ୍ତି । ଆହତ ବୃଦ୍ଧ ଜଣକ ପଟିଆ-ମାଳ ଗ୍ରାମର ବସନ୍ତ ମାଝୀ । ଟାଙ୍ଗୀ ବନ ବିଭାଗର ପଟିଆ ବିଟ୍-ହାଉସ ଜଙ୍ଗଲରେ ଏବେ ୨୧ ଟି ହାତୀ ରହିଛନ୍ତି ବୋଲି ଟାଙ୍ଗୀ ବନ ବିଭାଗ ପକ୍ଷରୁ କୁହାଯାଇଛି । ହାତୀ ଛୁଆ ଦେଇଥିବାରୁ ହାତୀମାନେ ସେହି ସ୍ଥାନ ଛାଡି ଯାଉନାହାନ୍ତି ବୋଲି ଜଣାପଡିଛି । ହାତୀଛୁଆ ( ହାତୀ ଶାବକ )ର ସୁରକ୍ଷା ପାଇଁ ହାତୀମାନେ ଉଗ୍ର-ହିଂସ୍ର ହେଉଛନ୍ତି । ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି । ହଠାତ୍ ଏକ ହାତୀ ଦୌଡି ଆସି ବସନ୍ତ ମାଝୀଙ୍କୁ ଆକ୍ରମଣ କରିଥିଲା । ଚିକିତ୍ସା ପାଇଁ ଖୋର୍ଦ୍ଧା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି । ତାଙ୍କର ଗୋଡ଼ ଭାଙ୍ଗି ଯାଇଛି । ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ଜଙ୍ଗଲ ଭିତରକୁ ନଯିବା ପାଇଁ ବନ ବିଭାଗ ପକ୍ଷରୁ ସତର୍କ କରାଉଥିବା ଜଣାପଡିଛି ।

# ନିଶା ବ୍ୟବସାୟ ଉପରେ ନିୟନ୍ତ୍ରଣ ନାହିଁ, ବଢୁଛି ଅପରାଧ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାରେ ସମ୍ପ୍ରତି ପ୍ରତି ଗାଁରେ ଚୋରା ମଦ, ଚୋରା ଗଞ୍ଜେଇ ଓ ବ୍ରାଉନସୁଗାର ଚେର ଲମ୍ବି ଚାଲିଛି । ଏପରିକି ମହିଳା ମାନେ ମଧ୍ୟ ଖୁଲମଖୁଲା ଗାଁ ଗହଳିରେ ନିଶା ବ୍ୟବସାୟ ଚଳାଇଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି । ବହୁଳ ନିଶା ବ୍ୟବସାୟ ଯୋଗୁଁ ଗାଁ ଗହଳି ଠାରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବକ ମାନେ ନିଶା କବଳରେ ପଡି ବିଭିନ୍ନ ଅପରାଧ ଘଟାଇବାକୁ ପଛାଉ ନାହାନ୍ତି । ମାତ୍ର ବିଡମ୍ବନାର ବିଷୟ ଯେ ନିଶାର ବହୁଳ ପ୍ରସାର ଯୋଗୁଁ ଅପରାଧ ବଢି ଚାଲିଥିଲେ ମଧ୍ୟ ଅପରାଧ ନିୟନ୍ତ୍ରଣ ପ୍ରତି କାହାର ନଜର ନାହିଁ । ଏଠାରେ ପ୍ରକାଶ ଥାଉକି ପ୍ରାୟ ପ୍ରତି ଗାଁରେ ଚୋରା ମଦ ଓ ଚୋରା ଗଞ୍ଜେଇ ବହୁଳ ପରିମାଣରେ ମଧ୍ୟ ମିଳିପାରୁଛି । ସାଧାରଣରେ ମିଳୁଥିବା ସୂଚନା ଅନୁସାରେ ଚୋରା ମଦ ଓ ଗଞ୍ଜେଇ ବେପାରୀ ମାନେ ପୋଲିସ ଓ ଅବକାରୀ ବିଭାଗକୁ ହାତ କରି ସେମାନଙ୍କର ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି । ଅନୁରୂପ ଭାବେ ଭୁବନେଶ୍ୱର, କଟକ, ପୁରୀ ଓ କେନ୍ଦ୍ରାପଡା ଜିଲ୍ଲାରୁ ଜଗତସିଂହପୁର ଜିଲ୍ଲାକୁ ବହୁଳ ଭାବେ ବ୍ରାଉନସୁଗାର ଯୋଗାଣ ହେଉଛି । ମହିଳା ଓ ଯୁବତୀ ମାନଙ୍କ ଦ୍ୱାରା ବ୍ରାଉନସୁଗାର ଯୋଗାଣ ହେଉଥିବା ବିଷୟ ଚର୍ଚ୍ଚାକୁ ଆସିଛି । ଏପରିକି ସହରରେ ଥିବା ଗାନ୍ଧୀଛକ, ଗୋପାଳସାଗର, କଲେଜଛକ, ଚାଟ୍ରା, ଜୟବଡ଼ ଓ ଚର୍ଚ୍ଚିକା ବଜାର ପ୍ରଭୃତି ଅଞ୍ଚଳରେ ବ୍ରାଉନସୁଗାର ଚୋରା ଚାଲାଣ ହେଉଥିବା ବିଷୟ ଚର୍ଚ୍ଚାକୁ ଆସିଛି । ମାତ୍ର ନିଶା ବ୍ୟବସାୟ ଉପରେ ନିୟନ୍ତ୍ରଣ ରାହୁନଥିବାରୁ ସାଧାରଣରେ ନିଶା ସେବନ କରୁଥିବା ଯୁବ ପିଢ଼ି ଓ ସାଧାରଣ ନିଶାଡି ଚୋରି, ଡକାୟତି, ରାହାଜାନି ଓ ଚେନ ଛିଣ୍ଡା ଭଳି ଅପରାଧରେ୍ୱସ୍ତ ରହୁଛନ୍ତି । ନିଶା ଯୋଗୁଁ ଗାଁ ଗହଳି ମାନଙ୍କରେ ଅପରାଧ ବଢି ଚାଲିଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଥିବା ବିଷୟ ଚର୍ଚ୍ଚାକୁ ଆସିଛି ।

# ଲୁହାପଥର ଚୋରାଚାଲାଣ ବେଳେ ଟ୍ରଲର୍ ଜବତ, ଡ୍ରାଇଭର ଗିରଫ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ତଥା ବାମେବାରି ଥାନା ଅନ୍ତର୍ଗତ ନୟାଗଡ଼ ସ୍ଥିତ ଶିବ ମନ୍ଦିର ସମ୍ମୁଖରେ ଗଚ୍ଛିତ ଥିବା ଗୁଣ୍ଡ ଲୁହାପଥରରୁ ଚୋରା ଚାଲାଣ କରୁଥିବା ଏକ ଟ୍ରଲର ନଂ ୟୁପି-୮୨ଏଟି-୪୮୬୦ ସହିତ ଡ୍ରାଇଭରକୁ ପୋଲିସ ଗିରଫ କରିଥିବା ଖବର ହସ୍ତଗତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଉକ୍ତ ଲୁହାପଥର ଡିପୋରୁ ଚୋର ମାନେ ଗାଡ଼ି ଲଗାଇ ଚୋରା ଚାଲାଣ ନିମନ୍ତେ ବୋଝେଇ କରୁଥିଲେ । ବୋଝେଇ ପରେ ସେଠାରୁ ଚାଲି ଯିବାକୁ ଚେଷ୍ଟା କରିବା ବେଳେ ପୋଲିସ ଅତର୍କିତ ଚଢ଼ାଉ କରିଥିଲା । ଚଢାଉ ଫଳରେ ଖଣିଜ ଚୋରମାନେ ଅନ୍ଧାରରେ ଫେରାର ହୋଇ ଯାଇଥିବାବେଳେ ପୋଲିସ ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ପୋଲିସ ସୂଚନା ଦେଇଛି । ଏ ନେଇ ସ୍ଥାନୀୟ କିଛି ଲୋକ ଜାଣିବା ପରେ ଟ୍ରଲର ଓ ଡ୍ରାଇଭରକୁ ଧରି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରଲର ଜବତ କରିବା ସହିତ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ପୋଲିସ ସୂଚନା ଦେଇଛି । ଉକ୍ତ ଟ୍ରଲରରେ ପ୍ରାୟ ୩୫ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ହୋଇଥିବା ସୂଚନା ରହିଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ କି,



ନୟାଗଡ଼ ରେଳ ସାଇଡ଼ିଂ ନିକଟସ୍ଥ ବିଭିନ୍ନ ବ୍ୟକ୍ତିଗତ ପ୍ଲଟରେ ପୂର୍ବରୁ ଲୁହାପଥର ପରିବହନ ହୋଇ ଗଚ୍ଛିତ ରହିଥିଲା । ଏହାର ଦାବିଦାର କେହି ନ ଥିବାରୁ ଖଣି ବିଭାଗ ଏହାକୁ ଜବତ କରିଥିଲା । ଏହାର ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ତଥା ରକ୍ଷଣା ବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ହୋଇ ପଡ଼ିରହିଛି । ଫଳରେ ଏହା ଉପରେ ଖଣିଜ ଚୋରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି । ଏହିପରି ବିଭିନ୍ନ ପ୍ଲଟରେ ଗଚ୍ଛିତ ଥିବା ଖଣିଜକୁ ଚୋର ମାନେ ମେସିନ ଓ ଟ୍ରକ୍ ଲଗାଇ ବୋହି ନେଉଛନ୍ତି । ଏବେ ଆଉ ଏକ ପ୍ଲଟ ଉପରେ ତାଙ୍କ ନଜର ପଡ଼ିଛି । ଏହି ଡ଼ିପୋରେ ପ୍ରାୟ ଲକ୍ଷାଧିକ ଟନ୍ ଲୁହାପଥର ପଡ଼ିରହିଛି । ଏତେ ପରିମାଣର ଖଣିଜ ପଡ଼ି ରହିଥିଲେ ହେଁ ଖଣି ବିଭାଗ ଏହାର ଦାୟିତ୍ୱ ନେଉ ନ ଥିବାରୁ ଏଠାରୁ ଖଣିଜ ଚୋରମାନେ ଅନାୟାସରେ ଚୋରି କରୁଛନ୍ତି । ପୋଲିସ ପୂର୍ବରୁ ଏହି ନୟାଗଡ଼ ରେଳ ସାଇଡ଼ିଂ ନିକଟରେ ଥିବା ପ୍ଲଟ ଗୁଡିକରେ ଚୋରାଚାଲାଣ ବେଳେ ଚଢାଉ କରି ଗାଡ଼ି,ମେସିନ ଓ ଖଣିଜ ଚୋରଙ୍କୁ ଗିରଫ କରିଛି । ତେଣେ ଖଣି ବିଭାଗ ଜବତ କରି ଅତୀତରେ ରଖିଥିବା ଲୁହାପଥରକୁ କାହିଁକି ଖଣି ନିଗମକୁ ହସ୍ତାନ୍ତର କରୁନାହିଁ ଏବଂ ନିଗମ ଏହାକୁ କାହିଁକି ନିଲାମ କରୁନାହିଁ, ଏହା ଏକ ବଡ ପ୍ରଶ୍ନ ସୃଷ୍ଟି କରିଛି । ନିଲାମ ହେଉ ନ ଥିବାରୁ ଅନ୍ତଃ ରାଜ୍ୟ ଖଣିଜ ଚୋରଙ୍କ ଲୋଲୁପ ଦୃଷ୍ଟି ପଡୁଛି । ସେମାନେ ଏହାକୁ ବୋହି ନେଇ ଯାଉଛନ୍ତି । ଏ ସମ୍ପର୍କରେ ଯୋଡା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଯେହେତୁ ପୋଲିସ ଧରିଛି, ପୋଲିସ ଏ ନେଇ ମାମଲା ରୁଜୁ କରିବ ।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ଟଙ୍କା ଚୋରି ଅଭିଯୋଗ

ଧର୍ମଶାଳା (ଭାସ୍କର ନ୍ୟୁଜ): ଧର୍ମଶାଳା ଥାନା ଅନ୍ତର୍ଗତ ମାନ୍ତିରୀ ଗାଁର ସୁବ୍ରତ କୁମାର ପଣ୍ଡାଙ୍କ ଘରୁ ଶୁକ୍ରବାର ରାତିରେ ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଓ ଦରକାରି କାଗଜପତ୍ର ଡ଼କାୟତି ହୋଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ ମାନ୍ତିରୀ ସୁବ୍ରତକୁମାର ପଣ୍ଡା, ତାଙ୍କ ସ୍ତ୍ରୀ ଓ ଝିଅ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଉକ୍ତ ଘରର ଅନ୍ୟ ଏକ ରୁମର ଝରକା ଭାଙ୍ଗି ଘରେ ପଶି ସୁନା ଅଳଙ୍କାର ସହ ନଗଦ ଟଙ୍କା ଓ ଦରକାରି କାଗଜପତ୍ର ନେଇଛନ୍ତି । ଆଜି ଭୋର ସମୟରେ ଘରର କବାଟ ନ ଖୋଲିବାରୁ ବାହାର ପଟରୁ ଯାଇ ଘରର ଝରକା ଭାଙ୍ଗି ଥିବା ଦେଖିବାକୁ ପାଇଥିଲେ । ଘର ଭିତରେ ଥିବା ଗଡରେଜ ଭାଙ୍ଗିବା ସହ ସବୁ ଜିନିଷପତ୍ର ଏଣେତେଣେ ପଡି ଥିବା ଦେଖିବାକୁ ପାଇଥିଲେ । ଗଡ଼ରେଜ୍‌ରେ ଥିବା ୧୫ ଭରିରୁ ଅଧିକ ସୁନା ଅଳଙ୍କାର ସହ ୭୦ ହଜାର ଟଙ୍କା ଓ ଦରକାରୀ କାଗଜ ପତ୍ର ଚୋରି ହୋଇଥିବା ଦେଖିବାକୁ ପାଇ ଥାନାରେ ଅଭିଯୋଗ କରିଛନ୍ତି । ଡ଼କାୟତି ହୋଇଥିବା ସୁନା ଅଳଙ୍କାର ଓ ନଗଦ ଟଙ୍କାର ମୂଲ୍ୟ ୧୪ଲକ୍ଷରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗ ପାଇବା ପରେ ଧର୍ମଶାଳା ପୋଲିସ ୪୧୭/୨୫ରେ ଏକ କେଶ ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁରର ସାହାଯ୍ୟରେ ତଦନ୍ତ କରିଥିଲେ ମଧ୍ୟ ଡ଼କାୟତଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ । ପାଖ ଘରର ସିସିଟିଭି ଫୁଟେଜରେ ତିନି ଜଣ ସନ୍ଦିଗ୍ଧ ରାତି ଅଧରେ ବୁଲୁଥିବା ଦେଖିବାକୁ ମିଳିଥିବା ବେଳେ ସେହିମାନେ ଚୋରି କରିଥିବା ସ୍ଥାନୀୟ ଲୋକ ସନ୍ଦେହ କରିଛନ୍ତି । ପୋଲିସ ସିସିଟିଭି ଆଧାରରେ ତଦନ୍ତ ଚଳାଇଥିବା ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ।

# ଶିବା ମେଟାଲିକ୍ସ କାରଖାନା ଉପରେ ଅନୁକମ୍ପା କାହିଁକି !

ବଣେଇ(ଭାସ୍କର ନ୍ୟୁଜ): ସୁନ୍ଦରଗଡ ଜିଲ୍ଲା ବଣେଇ ନିକଟସ୍ଥ ଗୁରୁଣ୍ଡିପଲ୍ଲୀ ସ୍ଥିତ ମେସର୍ସ ଶିବା ମେଟାଲିକ୍ସ କାରଖାନାର କନସେଣ୍ଟ ଟୁ ଅପରେଟ(ସିଟିଓ) ନବୀକରଣ ନ ଥାଇ ଚାଲୁଥିଲା । ଶିବା ମେଟାଲିକ୍ସ ପ୍ରାଇଭେଟ ଲିଃ ସିଟିଓ ୩୧/ ୦୩/୨୦୨୫ ମସିହା ପର୍ଯ୍ୟନ୍ତ ରହିଥିଲା । ପୂର୍ବ ସିଟିଓରେ ଥିବା ସର୍ତ୍ତ ପୂରଣ ହୋଇନଥିବାରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସିଟିଓ ନବୀକରଣ କରାଯାଇନଥିଲା । ସିଟିଓ ନବୀକରଣ ନ ହୋଇ କାରଖାନା ବେଡଧକ ଚାଲିଥିଲା । କୋଇଡା ଖଣି ସର୍କଲର ଏକ ସ୍କାର୍ଡରେ ଖଣି ଅଧିକାରୀ ଭଞ୍ଜ କିଶୋର ସା ଏବଂ ଜୁନିୟର ମାଇନିଂ ଅଫିସର ନଗେନ୍ଦ୍ର ମହାନ୍ତ ୩୦/୦୪/୨୦୨୫ରେ ସଞ୍ଜ କାରଖାନା ପରିଦର୍ଶନ ବେଳେ କମ୍ପାନୀର ସିଟିଓର ଅବଧି ୩୧/୦୩/୨୦୨୫ରେ ସରିଥିବା ଏବଂ ଏହାର ପୁନଃ ନବୀକରଣ ହୋଇନଥିବା ଜାଣିବାକୁ ପାଇଥିଲେ । ଯାଂଚବେଳେ ୦୧/୦୪/୨୦୨୫ ଠାରୁ ୩୦/୦୪/୨୦୫ ମଧ୍ୟରେ ୬୧୩୨ ମେଟ୍ରିକ ଟନ୍ ଆଇରନ ଓର,୩୩୬୭ ମେଟ୍ରିକ ଟନ କୋଇଲା ଏବଂ ୧୩୯ ମେଟ୍ରିକ ଟନ୍ ଡୋଲାମାଇଟ ବ୍ୟବହାର ହୋଇଥିବା ଜଣାପଡିଥିଲା । ଭ୍ୟାଲିଡ ସିଟିଓ ନ ଥାଇ କାରଖାନା ଚାଲୁଥିବାରୁ କୋଇଡା ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟର ଚିଠି ସଂଖ୍ୟା ୧୮୫୨ ତା ୦୧/୦୫/୨୦୨୫ରେ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ କରିଥିଲେ । ଖଣି ବିଭାଗ ପକ୍ଷରୁ ମିଳିଥିବା ଲାଇସେନ୍ସ ନିୟମ ଉଲ୍ଲଙ୍ଘନ ହୋଇଥିବାରୁ କାହିଁକି କମ୍ପାନୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହାର ଉତ୍ତର ୭ ଦିନ ମଧ୍ୟରେ ଦେବାକୁ କୁହାଯାଇଥିଲା । ଏହାର ଏକ କପି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟ, ରାଉଲକେଲାକୁ ଦିଆଯାଇଥିଲା । ସିଟିଓ ନବୀକରଣ ନ ଥାଇ ବେଆଇନ ଭାବେ ଖଣିଜ ପଥର ବ୍ୟବହାର ହୋଇଥିଲେ ମଧ୍ୟ ଖଣି ବିଭାଗ ପକ୍ଷରୁ ଅଦ୍ୟାବଧି କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଛି । ସିଟିଓ ନ ଥାଇ କାରଖାନା ଚାଲୁଥିବା ନେଇ ଖଣି ବିଭାଗ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ଆଂଚଳିକ କାର୍ଯ୍ୟାଳୟ ରାଉଲକେଲାକୁ ଅବଗତ କରିଥିଲେ ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଚୁପ ବସିଛି । ରାଉଲକେଲା ସ୍ଥିତ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଭୂମିକା ସନ୍ଦେହ ଘେରରେ ଥିବା ଏସ୍‌ପିସିବିର ସଦସ୍ୟ ସଚିବ ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଏବଂ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ୍ ଅଶୋକ ସାହୁ ଦାବି କରିଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟ, ରାଉଲକେଲା ବେଆଇନ ଭାବେ ସଞ୍ଜ କାରଖାନା ଚାଲିଥିବା ନେଇ ଅବଗତ ହେବା ପରେ ବିଭାଗ ପକ୍ଷରୁ ଯାଂଚ କରାଯାଇ ସଦସ୍ୟ ସଚିବଙ୍କୁ ଅବଗତ କରାଯାଇନଥିବା ଜଣାପଡିଛି । ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ପରିବେଶବିତ୍ ଅଶୋକ ସାହୁ ବାଧ୍ୟ ହୋଇ ପରିବେଶ ଜନିତ କ୍ଷୟକ୍ଷତି ନେଇ ଏନଜିଟିର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ।

## ॥ ସାମ୍ବାଦିକଙ୍କୁ ହତ୍ୟା ଘଟଣା ॥

# ଏସ୍‌ପିଙ୍କୁ ଦାବିପତ୍ର ଦେଲା ସାମ୍ବାଦିକ ସମନ୍ୱୟ କମିଟି

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ମୋଟୁ ଥାନା ଅଂଚଳ ମୁରଲିଗୁଡା ଠାରେ ଜଣେ ସାମ୍ବାଦିକଙ୍କ ଉପରେ ପାଞ୍ଚଜଣ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିବା ଫଳରେ ସାମ୍ବାଦିକଙ୍କ ମୃତ୍ୟୁ ଘଟିଥିବା ଘଟଣା ମାଲକାନଗିରି ଜିଲ୍ଲାରେ ଚାଂଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ମାଲକାନଗିରି ଜିଲ୍ଲା ର ସମସ୍ତ ସାମ୍ବାଦିକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଘଟଣାରୁ ପ୍ରକାଶ ମୋଟୁ ଗ୍ରାମର ୱେବ ଚ୍ୟାନେଲ ସାମ୍ବାଦିକ ସି.ଏଚ ନରେଶ ଗତକାଲି ସନ୍ଧ୍ୟା ସମୟରେ ତାଙ୍କ ସହିତ ଆଉ ଦୁଇଜଣ ମିଶି ଖବର ସଂଗ୍ରହ ନିମନ୍ତେ ନିକଟସ୍ଥ ମୁରଲିଗୁଡା ଗ୍ରାମକୁ ଯାଇଥିଲେ। ଖବର ସଂଗ୍ରହ କରୁଥିବା ସମୟରେ ଦୁଇଟି ମୋଟର ସାଇକଲରେ ପାଂଚଜଣ ଦୁର୍ବୃତ୍ତ ଏହି ତିନିଜଣଙ୍କ ଉପରେ ଏକ ଖଣ୍ଡା ସାହାଯ୍ୟରେ ଆକ୍ରମଣ କରିଥିବା ବେଳେ ତିନିଜଣଙ୍କ ମଧ୍ୟରୁ ଦୁଇଜଣ ଘଟଣା ସ୍ଥଳରୁ ଭୟରେ ପଳାଇଯାଇଥିଲେ। ଶ୍ରୀ ନରେଶଙ୍କ ହାତକୁ ଖଣ୍ଡାରେ ହାଣି ଦେଇ ଫେରାର ହୋଇ ଯାଇଥିଲେ। ଫଳରେ ନରେଶଙ୍କ ହାତର ଦୁଇଟି ଶିର କଟି ଯାଇଥିବାରୁ ଅଜସ୍ର ରକ୍ତ ଶ୍ରାବ ହୋଇଥିଲା। ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ପହଂଚି ଏ ସମ୍ବନ୍ଧରେ ପୋଲିସକୁ ଖବର ଦେବା ସହ ତୁରନ୍ତ ମୋଟୁ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମୁଖ୍ୟ ଚିକିତ୍ସାଳୟ ପ୍ରବେଶ ପଥରେ ପହଂଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ପ୍ରକାଶ କରିଥିଲେ। ତେବେ ଆଜି ଏହି ଘଟଣାକୁ ନେଇ ମାଲକାନଗିରି ଜିଲ୍ଲାର ଜିଲ୍ଲା ସାମ୍ବାଦିକ ସମନ୍ୱୟ କମିଟି ତରଫରୁ ୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଏସ୍‌ପି. ବିନୋଦ ପାଟିଲଙ୍କୁ ଦେଖାକରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଆସାମୀଙ୍କୁ ଗିରଫକରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ଦାବି କରିଛନ୍ତି। ଦୀର୍ଘ ବର୍ଷ ହେଲା ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ବିଭିନ୍ନ ସାମ୍ବାଦିକ ସଂଗଠନ ତରଫରୁ ରାଜ୍ୟ ସରକାରଙ୍କୁ ଦାବି କରି ଆସୁଥିଲେ ମଧ୍ୟ ସରକାର ଏହାକୁ କର୍ଣ୍ଣପାତ କରୁ ନଥିବାରୁ ରାଜ୍ୟରେ ଦିନକୁ ଦିନ ସାମ୍ବାଦିକ ମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ, ସାମ୍ବାଦିକଙ୍କୁ ହତ୍ୟା ବୃଦ୍ଧି ପାଉଛି। ସରକାର ତୁରନ୍ତ ମୃତ ସାମ୍ବାଦିକଙ୍କ ପରିବାରକୁ ଅନୁକମ୍ପା ମୂଳକ ଆର୍ଥିକ ସହାୟତା ଯୋଗାଇଦେବା ସହ ଏହି ଘଟଣାରେ ସମ୍ପୃକ୍ତ ଆସାମୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍‌ୟୁଜେ. ସଭାପତି ଦେବ ପ୍ରସାଦ ଦାସ, ଉତ୍କଳ ସାମ୍ବାଦିକ ସଂଘର ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ପାତ୍ର, ଏ. ଈଶ୍ୱର ରାଓ, ଶିବପ୍ରସାଦ କିର୍ତ୍ତନିଆ, ଅସୀମ ବିଶ୍ୱାସ, ସିମାଞ୍ଚଳ ପାଣିଗ୍ରାହୀ, ସତ୍ୟନାରାୟଣ ଦାସ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ଗୋବିନ୍ଦ ମଣ୍ଡଳ, ଚକ୍ରଧର ପଟ୍ଟନାୟକ, ରତ୍ନାକର ଦାସ, ପଂଚାନନ ଦାସଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଙ୍କୀ (ଭାସ୍କର ନ୍ୟୁଜ): କଟକ ଜିଲ୍ଲାର ଡମପଡା ବ୍ଲକର ପ୍ରିତମ କୁମାରୀ ବିଦ୍ୟା ମନ୍ଦିରର ପ୍ରଧାନଶିକ୍ଷକ ବୃନ୍ଦେଶ୍ୱର ବେହେରାଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ଓ ସହକାରୀ ଶିକ୍ଷୟିତ୍ରୀ ଛବିରାଣୀ ପଣ୍ଡାଙ୍କୁ ପଦୋନ୍ନତି ଜନିତ ସ୍ଥାନାନ୍ତର ପାଇଁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟା ମନ୍ଦିରର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡମ୍ବରୁଧର ମନ୍ତ୍ରୀଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ଡମପଡା ବି.ଇ.ଓ କାମରାଜ ସାହୁ, ସମ୍ମାନିତ ଅତିଥି ଭାବେ ସି.ଆର.ସି.ସି ଦେବଜ୍ୟୋତି ପଣ୍ଡା ,ପ୍ରକୃତି ବନ୍ଧୁ ଆଦର୍ଶ ଶିକ୍ଷକ ବଳରାମ ପାଇକରାୟ ,ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର କୁମାର ପରିଡା , ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବୀଣାପାଣି ଦେବୀ , ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସହିତ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ କରାଯାଇଥିଲା ଏହି ସମ୍ବର୍ଦ୍ଧନା ସଭା । ଉଭୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଅନୁପସ୍ଥିତି ସମସ୍ତେ ଅନୁଭବ କରିବା ସହିତ ସେମାନଙ୍କର ସ୍ଥାନ ଅପୂରଣୀୟ ହୋଇ ରହିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ । ଉଭୟଙ୍କୁ ବିଦ୍ୟାଳୟ ଓ ଅତିଥିମାନଙ୍କ ତରଫରୁ ଉପଢୌକନ,ଫୁଲତୋଡା ଓ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଦ୍ୟା ମନ୍ଦିରର ଶିକ୍ଷକ ସୁଧୀର କୁମାର ନାୟକ, ଦିପୁନା ମହାନ୍ତି , ଦାମନ ସୋରେନ , ଶିକ୍ଷୟିତ୍ରୀ ତୃପ୍ତିମୟୀ ମହାନ୍ତି , ଲକ୍ଷ୍ମୀପ୍ରୀୟା ସେଠୀ , ସଙ୍ଘମିତ୍ରା ମନ୍ତ୍ରୀ , ଶ୍ରଦ୍ଧାଞ୍ଜଳି ସେଠୀ , ଅଧକ୍ଷ ଜେନାମଣି ଓ ରଞ୍ଜନ କୁମାର ତ୍ରିପାଠୀ ସକ୍ରିୟ ସହଯୋଗ କରିଥିଲେ ।



# ନିର୍ବାଚିତ ପ୍ରତିନିଧିଙ୍କ ବୈଠକ: ନିର୍ଣ୍ଣାୟକ ମୋଡରେ ଦୁଇ ରାଜ୍ୟ ସରକାର

ଜଳେଶ୍ୱର (ଭାସ୍କର ନ୍ୟୁଜ): ଓଡିଶାର ଉତ୍ତର ବାଲେଶ୍ୱର ଓ ପଶ୍ଚିମବଂଗର ପଶ୍ଚିମ ମେଦିନୀପୁର ଦକ୍ଷିଣାଞ୍ଚଳକୁ ନେଇ ଏକ ପର୍ଯ୍ୟଟନ ବଳୟ ଘୋଷଣା ନେଇ ବେସରକାରୀଭାବେ ଉଭୟ ରାଜ୍ୟର ବିଧାୟକ, ସାରସ୍ୱତ ସାଧକ ଓ ଆଂଚଳିକ ସ୍ତରର ନେତା ମାନଙ୍କ ବୈଠକ ଶେଷ ହୋଇଛି । ଏ ସଂପର୍କରେ ଦୁଇ ରାଜ୍ୟର ସରକାରଙ୍କ ମତମତ ଲାଗି ଦୃଷ୍ଟି ଆକର୍ଷଣ ହୋଇଥିବା କୁହାଯାଇଛି । ପଶ୍ଚିମ ବଂଗର ଏକ ଟିମ୍ ସାରସ୍ୱତ ସାଧକ ବିପ୍ଲବ କୁମାର ଦେଙ୍କ ନେତୃତ୍ୱରେ ଝାଡଗ୍ରାମ ଜିଲାରୁ ଆସି ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ରଙ୍କ ସହ ସାକ୍ଷାତ ଆଲୋଚନା କରିଥିବା ଜଣାଯାଇଛି । ଦୁଇ ରାଜ୍ୟ ସୀମାରେ ଥିବା ପ୍ରସିଦ୍ଧ ସ୍ଥାନକୁ ନେଇ ଏକ ପର୍ଯ୍ୟଟନ ବଳୟ ସୃଷ୍ଟି ଲାଗି ପ୍ରୟାସ ଲାଗି ସେମାନେ ନିବେଦନ କରିଛନ୍ତି । ରାଇବଣିଆ ଅଂଚଳର ଐତିହାସିକ ରାଇବଣିଆ ଗଡ ଓ ୧୯୧୧ ମସିହାରେ ମୟୂରଭଂଜ ରାଜାଙ୍କ ଦ୍ୱାରା ଖନନ ହୋଇଥିବା ରଜାବନ୍ଧ ଛୋଟ ହ୍ରଦକୁ ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଂଗର ନେତୃବୃନ୍ଦ ଗ୍ରହଣ କରିଥିବା ବେଳେ ପଶ୍ଚିମବଂଗ



## ଦୁଇରାଜ୍ୟ ସୀମା ଅଞ୍ଚଳରେ ପର୍ଯ୍ୟଟନ ବଳୟ ପରିକଳ୍ପନା

ଟିମ୍ ଲିଡର ବିପ୍ଲବ କୁମାର ଦେ ମନହରପୁର ଅଂଚଳରେ ଖନନ ହେଉଥିବା ବୌଦ୍ଧ କୀର୍ତ୍ତି ଓ କାକ୍ରାଜିତ୍ ମହାପ୍ରଭୁଙ୍କୁ ନେଇ ପର୍ଯ୍ୟଟନ ବଳୟର ନକ୍ସା ତିଆରି କରି ପ୍ରଦର୍ଶିତ କରିଥିଲେ। ଜଳେଶ୍ୱରର ଅନ୍ୟ ନେତୃବୃନ୍ଦ ଦିଲ୍ଲିପ ସାମଲ, ଅଜୟ ମହାନ୍ତି, ଗିରିଜା ସାସମଲ, ବ୍ରିଜେଶ ରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ମୁଣ୍ଡୁତୁଣିଆସ୍ଥିତ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ଜନ୍ମ ପୀଠ, ଲକ୍ଷ୍ମଣନାଥର ରାୟମହାଶୟ ଗଡ ଓ ଶ୍ୟାମାଠାକୁରାଣୀ, ରାଇବଣିଆ ଗଡ ମଧ୍ୟରେ ଥିବା ଗଡଖାଇ ଓ ପୋଖରୀକୁ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି ପଶ୍ଚିମବଂଗର ପାଇକା ନିକଟବର୍ତ୍ତୀ ସୁବର୍ଣ୍ଣରେଖା ନଦୀରେ ନିର୍ମାଣ ହୋଇଥିବା ଜଂଗଲକନ୍ୟା ସେତୁ, ବାଘାଯତୀନ ଛକ, ଫରେଷ୍ଟ ପାର୍କ ସେଥିରେ ସାମିଲ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ । ତେଣୁ ଓଡିଶାର ଶିମୁଳିପାଳ ଜୈବମଣ୍ଡଳ ଠାରୁ ପଶ୍ଚିମବଂଗର ଧୁମସାହି-ଧରମତାଲା -ହଳଦିଆ-କୋଲକତା ରାସ୍ତା ନିର୍ମାଣ ଲାଗି ସେମାନେ ପ୍ରସ୍ତାବ ରଖିଥିବା ଜଣାଯାଇଛି । ଆଲୋଚନାରେ ନୟାଗ୍ରାମ ବିଧାୟକ ଦୁଲାଲ ମୁର୍ମୁ ଓ ଦାନ୍ତୁନର ବିଧାୟକ ବିକ୍ରମ ପ୍ରଧାନଙ୍କ ସହମତି ଥିବା ସଂପର୍କରେ ଏଠାରେ ଅଂଶଗ୍ରହଣ କରିଥିବା ପଶ୍ଚିମବଂଗ ଟିମ୍ ମୁଖ୍ୟ ପ୍ରକାଶ କରିଥିଲେ । ଏପରି ଏକ ପର୍ଯ୍ୟଟନ ବଳୟ ନିର୍ମାଣ ହେଲେ ଉଭୟ ରାଜ୍ୟର ପର୍ଯ୍ୟଟନର ବିକାଶ, ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ହେବା ସହିତ ଭାଇଚାରା ବୃଦ୍ଧି ପାଇବ ବୋଲି କୁହାଯାଇଛି ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କରୋନା, ଝାଡ଼ାବାନ୍ତି ଓ ଡେଙ୍ଗୁ ରୋଗ ଉପରେ ଏକ ସଚେତନତା ଶିବିର ସ୍ଥାନୀୟ ଧର୍ମବିହାର ବସ୍ତିରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଡା. ନିରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ (ଆଇଆଇଏଚ୍‌ପି) ଆନୁକୂଲ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା । ଏଥିରେ ଡାକ୍ତର ସନ୍ତୋଷ କୁମାର ଜେନା ଓ ଡ଼ାକ୍ତର କମଳ ସିଂଙ୍କ ଦ୍ୱାରା ତିନୋଟି ରୋଗର ପ୍ରମୁଖ କାରଣ, ଲକ୍ଷଣ, ନିରାକରଣ, ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ବସ୍ତିର ୫୦୦ ଲୋକଙ୍କୁ ଔଷଧ ବଣ୍ଟନ କରାଯିବା ସହିତ ମାସ୍କ, ସାନିଟାଇଜର ଆଦି ବିତରଣ କରାଯାଇଥିଲା । ଏହିଭଳି ଏକ ମହତ୍ କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଭୂୟସୀ ପ୍ରଶଂସା କରିବା ସହ ଏହା ସମାଜର ହିତ ଦିଗରେ ବେଶ୍ ସହାୟକ ହେବ । ଏଠାକୁ ପ୍ରତିଷେଧକ ପାଇଁ ଆସିଥିବା ଶହ ଶହ ମହିଳା ଓ ପୁରୁଷ ଡାକ୍ତରୀ ଟିମ୍‌କୁ ପ୍ରଶଂସା କରିଥିଲେ ।

## ଶ୍ରାବଣର ପ୍ରଥମ ସୋମବାର

# ସବୁଠି ଶୁଭୁଛି ଶିବନାମ ପଞ୍ଚାକ୍ଷରୀ



କଟକ/ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆରମ୍ଭ ହୋଇଛି ଧାରାଶ୍ରୀ ଶ୍ରାବଣର ପ୍ରଥମ ସୋମବାର । ଏହାର ଅବ୍ୟବହିତ ପୂର୍ବରୁ କାଉଡ଼ିଆମାନେ ଶିବନାମ ଜପି ଶୈବପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ରବିବାର ଦିନତମାମ କଟକର ଗଡ଼ଗଡ଼ିଆ, କାଠଯୋଡ଼ି, ରାଜଧାନୀର କୁଆଖାଇ ଏବଂ ଦୟା ନଦୀଘାଟରୁ ହଜାର ହଜାର ସଂଖ୍ୟାରେ କାଉଡ଼ିଆ ଭିଡ଼ ଜମାଇ ଜଳଭାର ଉଠାଇ ଶୈବପୀଠ ଅଭିମୁଖେ ଯାତ୍ରା କରିଛନ୍ତି । ସମସ୍ତଙ୍କ ମୁଖରେ ଶିବନାମ ପଞ୍ଚାକ୍ଷରୀ ଆରମ୍ଭକରି ବୋଲ୍‌ବମ୍ ହର ହର ବମ୍..., ଜଟାଧାରୀ ପାର କରେଗା, ଜଟିଆ ବାବା ପାର୍ କରେଗା, ପାର୍ବତୀ ପତି ପାର କରେଗା ଆଦି ଶିବନାମ ଜପି ଯାତ୍ରା ଆରମ୍ଭ କରିଛନ୍ତି । ସେହିପରି କଟକର ଐତିହ୍ୟସମ୍ପନ୍ନ ଶୈବପୀଠ ବାବା ଧବଳେଶ୍ୱରଙ୍କ ନିକଟରେ ଜଳଲାଗି ପାଇଁ ମଧ୍ୟ କାଉଡ଼ିଆମାନେ ଯାତ୍ରା କରିବା ସହ ସେହି ଘାଟରୁ ମଧ ଜଳ ଉଠାଇଛନ୍ତି । କଥାରେ ଅଛି ଶ୍ରାବଣର ପ୍ରଥମ ସୋମବାରରେ ମହାଦେବ ଶିବଙ୍କ ମସ୍ତକରେ ଜଳଲାଗି କଲେ କୋଟି ଜନ୍ମର ପୂଣ୍ୟଫଳ ମିଳିଥାଏ । ଏହି ମାସର ସୋମବାରରେ ଭଗବାନ ଶିବଙ୍କର ଜଳାଭିଷେକ ଲାଗି କଲେ ଅକ୍ଷୟ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ଶ୍ରାବଣ ମାସରେ ବିଶେଷ କରି ସୋମବାର ଗୁଡିକରେ କାଉଡିଆମୟ ହୋଇଯାଇଥାଏ ସମସ୍ତ ଶୈବ ପୀଠ । ଦେବ ଦେବ ମହାଦେବ, ଆମ ପୁରାଣ ତଥା ଧର୍ମ ଧାରଣାରେ ଏକ ଅଲୌକିକ ଶକ୍ତି । ସେ ସତ୍ୟ, ଶିବ ଓ ସୁନ୍ଦର । ଶ୍ରାବଣ ମାସରେ ଭଗବାନ ଶିବଙ୍କୁ ପୂଜା କରିବାର ପରମ୍ପରା କେଉଁ କାଳରୁ ରହି ଆସିଅଛି । ଶ୍ରଦ୍ଧାଳୁମାନେ ନିଜର ମାନସିକ ପୂରଣ ପାଇଁ ଶ୍ରାବଣ ମାସର ସୋମବାରରେ ଭଗବାନ ଶିବଙ୍କର ଜଳାଭିଷେକ ଲାଗି ବୋଲବମ୍ ଯାତ୍ରା କରିଥାନ୍ତି । କାଉଡିଆମାନେ ଶୈବପୀଠକୁ ଯାଇ ଶିବଙ୍କ ପ୍ରିୟ କେତକୀ, ଅରଖ, ଦୁଦୁରା ଫୁଲ, ଧୂପ, ଦୀପ, କ୍ଷୀର ଲାଗି କରି ମହାଦେବଙ୍କୁ ପୂଜା କରିଥାନ୍ତି । କାଉଡିଆଙ୍କ ଜଳଲାଗି ଓ ଶିବ ପୂଜା ନିମନ୍ତେ ଶୈବପୀଠଗୁଡିକରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । କଟକ ସହରର ବକ୍ସି ବଜାରର ଥିବା ଅମରେଶ୍ୱର ମନ୍ଦିର, ତେଲେଙ୍ଗା ବଜାରର ଚନ୍ଦ୍ରଶେଖର ମନ୍ଦିର, ଚହଟାଘାଟସ୍ଥିତ ଚହଟେଶ୍ୱର, ବାଦାମବାଡ଼ି ନ୍ୟୁ ଏଲଆଇସି କଲୋନୀସ୍ଥିତ ଆଖଣ୍ଡଳମଣୀ, ଦୋଳମୁଣ୍ଡାଇର ହଟକେଶ୍ୱର, ମଙ୍ଗଳାବାଗର ବୈଦେଶ୍ୱର, ଖପୁରିଆ ଘାଟକୂଳସ୍ଥିତ ବଟେଶ୍ୱର, ପିଠାପୁର କାଳୀୟ ଦଳନ ଶୈବ ପୀଠ, ରାଣୀହାଟ ବଜ୍ରକବାଟୀରୋଡ଼ ସ୍ଥିତ ଚନ୍ଦ୍ରଶେଖର, ସାଆନ୍ତସାହି ନିଳକଣ୍ଠେଶ୍ୱର, ପୁରୀଘାଟ ଖରାଖିଆ ମହାଦେବ, ଲକ୍ଷେଶ୍ୱର ମନ୍ଦିର, ତିନିଘରିଆର ବେଲେଶ୍ୱର ମନ୍ଦିର, ଯୋବ୍ରା ପାରେଶ୍ୱର ମନ୍ଦିର, ଗଙ୍ଗେଶ୍ୱର ମନ୍ଦିର, ଫ୍ରେଣ୍ଡସ କଲୋନୀର ସର୍ପେଶ୍ୱର ମନ୍ଦିର, ରିଙ୍ଗରୋଡର ଅଷ୍ଟଶମ୍ଭୁ ମନ୍ଦିର, ଖାନନଗରସ୍ଥିତ ଉତ୍ତରେଶ୍ୱର ମହାଦେବ, ବୟାଳିଶୀମୌଜ ଆଇତଳଙ୍ଗର ସ୍ୱପ୍ନେପଶ୍ୱର ମନ୍ଦିର, ତିନିଘରିଆ ବେଲେଶ୍ୱର ମନ୍ଦିର, ଶାରଦେଶ୍ୱର ମନ୍ଦିର, କୃଷ୍ଣେଶ୍ୱର ମନ୍ଦିର, ପରମହଂସ ମନ୍ଦିର, ବିଶ୍ୱେଶ୍ୱରାୟ ମନ୍ଦିର, ଦୁର୍ଗେଶ୍ୱରାୟ ମନ୍ଦିର, ବୈଦ୍ୟନାଥ, ମନ୍ଦିର ଓ କାମେଶ୍ୱର ମନ୍ଦିର ଆଦି ଶୈବପୀଠରେ ଏଥି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

### ବାବା ଗୁପ୍ତେଶ୍ୱର ବୋଲବମ କାଉଡ଼ିଆ ସେବା ଗ୍ରୁପର କୋରାପୁଟ ଯାତ୍ରା



କଟକ(ଭାସ୍କର ନ୍ୟୁଜ୍): ପ୍ରତ୍ୟେକ ବର୍ଷ ଭଳି ଚୌଧୁରୀ ବଜ଼ାରର ଯୁବକ ମାନଙ୍କ ଦ୍ୱାରା କୋରାପୁଟରେ ଥିବା ବାବା ଗୁପ୍ତେଶ୍ୱର ମନ୍ଦିରକୁ ପବିତ୍ର ଶ୍ରାବଣ ମାସରେ ଜଳ ଲାଗି କରିବାକୁ ଯାଉଥିବା ବୋଲବମ କାଉଡ଼ିଆ ଭକ୍ତ ମାନଙ୍କ ପାଇଁ ବିଭିନ୍ନ ପ୍ରକାର ସେବା କାର୍ଯ୍ୟ କରିବାକୁ ଗ୍ରୁପର ସଦସ୍ୟ ମାନେ କଟକ ଚୌଧୁରୀ ବଜ଼ାର ମାରୁତି ମଣ୍ଡପରୁ ଯାତ୍ରା ଆରମ୍ଭ କରିଛନ୍ତି । ଏହି ସମୟରେ ଗ୍ରୁପର ସଦସ୍ୟ ବିଜେପି ଯୁବ ନେତା କର୍ପୋରେଟର ଗଗନ ଓଝା, ସନ୍ତୋଷ ହାଲୱାସିଆ, ବିନୋଦ ଅଗ୍ରୱାଲ, ନିଲୁ ସେଠି, ହରିଶ୍ଚନ୍ଦ୍ର ବେହେରା, ସୁବାଷ ଅଗ୍ରୱାଲ, ପ୍ରକାଶ ହାଲୱାସିଆ, ପ୍ରଫୁଲ୍ଲ ମିର୍ଧା, ସରୋଜ ବେହେରା, ରାଜକୃଷ୍ଣ ମହାନ୍ତି, ନିତ୍ୟାନନ୍ଦ ବେହେରା, ଆଦିତ୍ୟ ଦାସ, ତ୍ରିନାଥ ସାହୁ, ବିଚିତ୍ରାନନ୍ଦ ଖଟେଇ, ଦିଲରାଜ ବେହେରା, ମୋହନ ବେହେରା, ବିବେକ ମିଶ୍ର, ଉମାକାନ୍ତ ବେହେରା, ଦିଲ୍ଲୀପ ନାୟକ, ମିଟୁ ବିଶ୍ୱାଳ ପ୍ରମୁଖ ବାବା ଗୁପ୍ତେଶ୍ୱର ବାବାଙ୍କ ନାମରେ ହରିବୋଲ ପକାଇ ଯାତ୍ରା ଆରମ୍ଭ କରିଥିଲେ ।

### ଜଳଲାଗି ଯାତ୍ରା ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ମୁକ୍ତ ପାଇଁ ଉଠିଲା ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ଶ୍ରାବଣ ମାସର ପ୍ରଥମ ସୋମବାର । ପ୍ରତିବର୍ଷ ଶ୍ରାବଣ ମାସର ପ୍ରତିଟି ସୋମବାର ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତମାନେ ଜଳ ନେଇ ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠକୁ ଆସିଥାନ୍ତି । ସେଥିମଧ୍ୟରୁ ଅନେକ ଭକ୍ତ ସାଥିରେ ପ୍ଲାଷ୍ଟିକ୍ କଳସ, ପଲିଥିନ୍ ଜରିରେ ଭୋଗ, ଶିକା କାଟିବା ପାଇଁ ଧାରୁଆ ବ୍ଲେଡ୍, ଛୁରୀ ଓ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଯଥା ଗଞ୍ଜେଇ, ଗୁଟ୍‌ଖା, ପାନ, ବିଡ଼ି, ସିଗାରେଟ୍ ଆଦିକୁ ଅଣ୍ଟାରେ ଖୋସି ମନ୍ଦିର ଭିତରକୁ ଅତି ସହଜରେ ପ୍ରବେଶ କରିଥାନ୍ତି । ପ୍ରତିବର୍ଷ ମନ୍ଦିର କର୍ତ୍ତୃପକ୍ଷ ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଥାନ୍ତି । ରାଜ୍ୟରେ ଏକକ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସରକାର କଟକଣା ଜାରି କରିଥିଲେ ସୁଦ୍ଧା ଧାର୍ମିକସ୍ଥଳରେ କଟକଣାକୁ ଅଧିକ କଡ଼ାକଡ଼ି କରନ୍ତୁ । ରାଜ୍ୟ ପ୍ରଦୂଷଣ ବୋର୍ଡ଼ ଏହା ଉପରେ ତୀକ୍ଷ୍ଣ ନଜର ରଖି ଉଲ୍ଲଙ୍ଘନକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପରିବେଶକର୍ମୀ ସୁଶାନ୍ତ ସାହୁ ପ୍ରେସ୍ ବିବୃତିରେ ଦାବି କରିଛନ୍ତି ।

## ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

### ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ସହରରେ ସ୍ଥିତ ଏଫଏମ ଅଟନମୋସ କଲେଜରେ ଛାତ୍ରୀଙ୍କ ଆତ୍ମହୁତି ଉଦ୍ୟମ ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ଭୂମିକା ମଧ ସନ୍ଦେହ ଘେରରେ ରହିଛି । ରାଜ୍ୟ ସରକାର କେବଳ କିଛି କାର୍ଯ୍ୟାନୁଷ୍ଠାନ ନେଇ ଘଟଣାକୁ ରଫା ଦଫା କରିବାକୁ ଅପଚେଷ୍ଟା କରୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି, ଛାତ୍ରୀ ଜଣକ ଜଣେ ଅଧାପକଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ ଏବଂ ଅଧାପକ ଜଣକ ତାଙ୍କଠାରୁ ଶାରୀରିକ ଅନୁଗ୍ରହ ଚାହୁଁଥିଲେ ବୋଲି ଅଧକ୍ଷଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ । ଏହା ବ୍ୟତୀତ, ଜୁଲାଇ ୧ ତାରିଖ ଦିନ ସେ ସାମାଜିକ ଗଣମାଧମ ଏକ୍ସ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ଅଭିଯୋଗ ବିଷୟରେ ଅବଗତ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏମାନଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । କିନ୍ତୁ, ଗତ କାଲି ସେ ଆତ୍ମହୁତି ଭଳି ଚରମ ପଦକ୍ଷେପ ନେବା ପର୍ଯ୍ୟନ୍ତ, କୌଣସି ଉତ୍ତର ପାଇ ନଥିଲେ । ଦୁଃଖ ଓ ପରିତାପର ବିଷୟ ପୀଡ଼ିତାଙ୍କ ଅଭିଯୋଗକୁ ଅଣଦେଖା କରି ଆସୁଥିବା ରାଜ୍ୟ ସରକାର, ଆତ୍ମହୁତି ଭଳି ଏକ ଦୁଖଃଦ ଘଟଣା ଘଟିଗଲା ପରେ ହଠାତ ତତ୍ପର ହୋଇ ଉଠିଛନ୍ତି । ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ଉପରେ ନିର୍ଯ୍ୟାତନା ଅହେତୁକ ବୃଦ୍ଧି ପାଇଥିବା ବେଳେ ପୀଡିତା ଛାତ୍ରୀଙ୍କ ଆତ୍ମହୁତି ଘଟଣା ସଦ୍ୟତମ ଉଦାହରଣ ଭାବେ ଲୋକଲୋଚନକୁ ଆସିଛି । ରାଜ୍ୟ ସରକାର ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ଦାୟୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଡ଼ଃ ମହାନ୍ତି ଦାବୀ କରିଛନ୍ତି ।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ର ଅସୁସ୍ଥ

### ଡାଇରିଆ ନୁହେଁ ଫୁଡ୍ ପଏଜନିଂ !

କଟକ(ଭାସ୍କର ନ୍ୟୁଜ୍): ଆଉ ଦିନକ ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ । ଏଥିପାଇଁ ବିଶ୍ୱବିଦ୍ୟାଳୟରେ ବ୍ୟାପକ ପ୍ରସ୍ତୁତି ଜାରି ରହିଥିବା ବେଳେ ବିଶ୍ୱବିଦ୍ୟାଳୟର ଦୁଇଟି ଛାତ୍ରାବାସରେ ଡାଇରିଆ ଖବର ସମାବର୍ତନ ଉତ୍ସବକୁ ଫିକା କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ବିଶ୍ୱବିଦ୍ୟାଳୟର ନ୍ୟୁ ପିଜି ଏବଂ ଧର୍ମପଦ ଛାତ୍ରାବାସରେ ୪୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ଗତକାଲି ରାତ୍ରି ଭୋଜନ ଖାଇବା ପରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ ଅନ୍ତେବାସୀ । ସେମାନଙ୍କ ମଧ୍ୟରୁ ୩୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀଙ୍କୁ ଏସସିବିରେ ଭର୍ତି କରାଯାଇଛି । ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସେପଟେ ଘଟଣା ସ୍ଥଳରେ ଜିଲ୍ଲା ପ୍ରଶାସନ ପହଁଚି ଅସୁସ୍ଥଙ୍କୁ ଚିକିତ୍ସା ପାଇଁ ବ୍ୟବସ୍ଥା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ ଯେ, ଗତ ଶନିବାର ଦିନ ରେଭେନ୍ସା ବିଶ୍ୱବିଦ୍ୟାଳୟର ୪୦ରୁ ଉର୍ଦ୍ଧ୍ୱ ଛାତ୍ର ହଷ୍ଟେଲ କ୍ୟାମ୍ପସରେ ଅସୁସ୍ଥ ହୋଇ ପଡ଼ିଥିଲେ । ଝାଡାବାନ୍ତି ହେବା ସହ ଶରୀର ନିସ୍ତେଜ ହୋଇ ପଡ଼ିଥିଲା । ଶନିବାର ବିଳମ୍ବିତ ରାତିରେ ସମସ୍ତଙ୍କୁ ଏସସିବି ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ମେଡ଼ିକାଲରେ ଚିକିତ୍ସିତ ହେଉଥିବା ସମସ୍ତ ଥିଲେ ନ୍ୟୁ ପିଜି ହଷ୍ଟେଲ ଓ ଧର୍ମପଦ ହଷ୍ଟେଲର । ତେବେ ଏହା ଡାଇରିଆ ନୁହଁ ବରଂ ଖାଦ୍ୟ ଜନିତ ତ୍ରୁଟି ବୋଲି ଅନୁମାନ କରାଯାଉଛି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦିଲ୍ଲୀରୁ ଫେରିବା ପରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସ୍ୱାଗତ କରୁଛନ୍ତି ଦଳୀୟ ନେତୃମଣ୍ଡଳୀ

# ଏକା ସାଙ୍ଗରେ ରାସ୍ତାକୁ ଓହ୍ଲାଇଲେ ବିରୋଧୀ ଛାତ୍ର ସଂଗଠନ






ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକା ସାଙ୍ଗରେ ରାସ୍ତାକୁ ଓଲହାଇଲେ ବିରୋଧୀ ଛାତ୍ର ସଂଗଠନ । ଯାହାକୁ ନେଇ ନାକେଦମ ପୋଲିସ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଘର ଘେରାଉ ବେଳେ ଛାତ୍ର କଂଗ୍ରେସ କର୍ମୀ ଓ ପୋଲିସ ମୁହାଁମୁହିଁ । ସେପଟେ ହଠାତ ୧୦୦ ରୁ ଅଧିକ ଛାତ୍ର ବିଜେଡି ନେତା ମାଡି ଆସି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲେ । ପୋଲିସ ଏଜି ଛକରେ ଅଟକାଇବା ବେଳେ ବ୍ୟାରିକେଡ ଭାଙ୍ଗି ପଶିଛନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବାସଭବନ ଆଗରୁ ୨୦ରୁ ଅଧିକ କଂଗ୍ରେସ କର୍ମୀଙ୍କୁ ଉଠାଇ ନେଇଛି ପୋଲିସ । ସେପଟେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ବିଜୁ ଛାତ୍ର ଜନତା ଦଳ ଓ ପୋଲିସ ମୁହାଁ ମୁହିଁ ହୋଇଛନ୍ତି । ବ୍ୟାରିକେଟ ଭାଙ୍ଗିବାକୁ ଉଦ୍ୟମ ବେଳେ ବିଜେଡି ଛାତ୍ର ନେତାଙ୍କୁ ଉଠାଇ ନେଇଛି ପୋଲିସ ।

### ବାଲେଶ୍ୱର ଗସ୍ତ କରିବ ପିସିସି ଅନୁଧ୍ୟାନ କମିଟି


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫକୀରମୋହନ ସଂୟଶାସିତ ମହାବିଦ୍ୟାଳୟ (ବାଲେଶ୍ୱର)ର ଇଣ୍ଟିଗ୍ରେଟେଡ ବିଏଡ୍ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତା ହୋଇ ମହାବିଦ୍ୟାଳୟର ଅଧକ୍ଷ, ସ୍ଥାନୀୟ ଥାନା ପ୍ରମୁଖଙ୍କ ପାଖରେ ନ୍ୟାୟଭିକ୍ଷା କରିବା ପରେ ନ୍ୟାୟ ନପାଇ ଶେଷରେ ଅଧକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ ଘଟଣାର ଅନୁଧ୍ୟାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ନିମ୍ନମତେ ଏକ ତଥ୍ୟ ଅନୁଧାନ କମିଟି ଗଠନ କରିଛନ୍ତି । ତଥ୍ୟ ଅନୁଧାନ କମିଟିରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଅଧକ୍ଷ ରହିଥିବା ବେଳେ ନାରୀ ନ୍ୟାୟ ବାହିନୀର ଆବହକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ବିଧାୟକ ସୋଫିଆ ପିର୍ଦୋଶ, ପିସିସି ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ, ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଣତୀମିଶ୍ର, ପିସିସି ମୁଖପାତ୍ର, ଜୟଶ୍ରୀ ପାତ୍ର, ପିସିସି ସମ୍ପାଦିକା, ଡା. ଦେବସ୍ମିତା ଶର୍ମା ଓ ମହିଳା କଂଗ୍ରେସ ନେତ୍ରୀ ସୁସ୍ମିତା ଘୋଷାଲ ପ୍ରମୁଖ ସଭ୍ୟ ଭାବରେ ରହିଛନ୍ତି । ଉକ୍ତ କମିଟି ବାଲେଶ୍ୱର ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାକୁ ପ୍ରଦେଶ କଂଗ୍ରେସ ମିଡିଆ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

## ୧୫ରେ ରେଭେନ୍ସା ସମାବର୍ତ୍ତନ ଉତ୍ସବ

### ସାଂସଦ ଭର୍ତ୍ତୃହରିଙ୍କୁ ମିଳିବ ଡିଲିଟ୍

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ୧୫ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତନ ଉତ୍ସବ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି ଅବସରରେ ବିଶେଷ ଅବଦାନ ନିମନ୍ତେ କଟକ ସାଂସଦ ଭର୍ତ୍ତୃହରି ମହତାବ, ପଦ୍ମଶ୍ରୀ ସାବରମତୀ ଓ ଦୃଷ୍ଟିହୀନ ସାମଜିକ କର୍ମୀ ତଥା ଓଡିଶାର ପ୍ରଥମ ବେଲ୍ ପ୍ରେସ୍‌ର ପ୍ରତିଷ୍ଠାତା ବିଜୟ କୁମାର ରଥ ପ୍ରମୁଖଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ଡି.ଲିଟ୍ (ଡକ୍ଟର୍ ଅଫ୍ ଲିଟରେଚର୍) ଉପାଧି ପ୍ରଦାନ କରାଯିବ । ସେହିପରି ଆଣବିକ ବୈଜ୍ଞାନିକ ତଥା ବିଏଆର୍‌ସିର ପୂର୍ବତନ ନିର୍ଦ୍ଦେଶକ, ପରମାଣୁ ଶକ୍ତି ବିଭାଗ ଓ ଅଧକ୍ଷ ପରମାଣୁ ଶକ୍ତି ଆୟୋଗ ଡ. ଅଜିତ୍ କୁମାର ମହାନ୍ତିଙ୍କୁ ଡି.ଏସ୍‌ସି (ଡକ୍ଟର୍ ଅଫ୍ ସାଇନ୍‌ସ) ଉପାଧି ପ୍ରଦାନ କରାଯିବ ।

### ନାରୀ ସୁରକ୍ଷା ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କୁ ଫେରାଦ ହେବ ମହିଳା ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଥିବା ବେଳେ ବିଜୁ ମହିଳା ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟି ରାଜ୍ୟରେ ଗତ ଏକ ବର୍ଷର ବିଜେପି ଶାସନରେ ନାରୀ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ପତ୍ର ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛି । ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ତଥା ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଶ୍ରୀମତୀ ଟୁକୁନି ସାହୁ, ବାଲେଶ୍ୱର ଏଫଏମ ଅଟୋନମୋସ କଲେଜର ଛାତ୍ରୀ ଆତ୍ମହୁତି ଉଦ୍ୟମ ଘଟଣା ରାଜ୍ୟରେ ମହିଳା, ଛାତ୍ରୀ ଅସୁରକ୍ଷିତ ହୋଇ ପଡ଼ିଥିବା ଘଟଣାର ସଦ୍ୟତମ ଉଦାହରଣ ବୋଲି କହିଥିଲେ । ପ୍ରମିଳା ମଲ୍ଲିକ କହିଥିଲେ, ଏହି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହ ଘେରରେ ରହିଛି । ପୀଡିତା ଛାତ୍ରୀ ନ୍ୟାୟ ପାଇଁ ବିଧିବଧ ଭାବେ କଲେଜ କର୍ତ୍ତୃପକ୍ଷଙ୍କ ପାଖରେ ଅଭିଯୋଗ କରିବା ବ୍ୟତୀତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ଏହା ଛଡା ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଭାବେ ଭେଟି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । କିନ୍ତୁ, ଦୁଃଖ ଓ ପରିତାପର ବିଷୟ ଯେ ଏମାନଙ୍କ ଭିତରୁ କେହି ଛାତ୍ରୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନଥିଲେ । ଛାତ୍ରୀ ଜଣକ ନ୍ୟାୟ ପାଇବାରେ ବିଫଳ ହେବା କାରଣରୁ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲା । ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ପୀଡିତା ଛାତ୍ରୀଙ୍କ ପରିବାର ସଦସ୍ୟଙ୍କ ସହିତ କଥାବାର୍ତ୍ତା କରି ଆମେ ଜାଣିବାକୁ ପାଇଲୁ ଯେ, କଲେଜର ଅଧକ୍ଷ ପୀଡିତା ଛାତ୍ରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ, ଅଭିଯୁକ୍ତ ଅଧାପକଙ୍କ ସମ୍ମୁଖରେ, ଛାତ୍ରୀଙ୍କୁ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରିବାକୁ କହିଥିଲେ । ଏହି ଘଟଣାରେ ପୀଡ଼ିତାକୁ ନ୍ୟାୟ ଦେବା ପରିବର୍ତ୍ତେ, ଘଟଣାକୁ ଲିପା ପୋତି କରିବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ଟୁକୁନି ସାହୁ କହିଥିଲେ, କେବଳ ଏହି ଘଟଣା ନୁହେଁ ବରଂ ରାଜ୍ୟରେ ଗତ ୧୩ ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡିଛନ୍ତି । ଓଡ଼ିଶାରେ ନାରୀ ସୁରକ୍ଷା ନେଇ ଆମେରିକାର ରାଷ୍ଟ୍ରପତିଙ୍କ ଟିପ୍ପଣୀ ଓଡିଶାକୁ ଦେଶ ବିଦେଶରେ ଲଜ୍ଜିତ ଓ ନିନ୍ଦିତ କରିଛି ।

# ଅଟଳ ପ୍ରତିଭା ସମ୍ମାନ ପାଇଁ ପ୍ରସ୍ତୁତି ବୈଠକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ପ୍ରେସ କ୍ଲବ ଅଫ ଭୁବନେଶ୍ୱର ଠାରେ ରବିବାର ଅଟଳ ଯୁବଶକ୍ତି ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସଂପାଦକ ପ୍ରବୀର ଶଙ୍କର ଦାସ ପ୍ରାରମ୍ଭିକ ସୂଚନା ସହ ମଞ୍ଚ ଆହ୍ୱାନ କ୍ରମେ ଅଟଳ ଯୁବ ଶକ୍ତିର ସଭାପତି ବିକାଶ ପାଢୀ, ଆବାହକ ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ମୁଖ୍ୟ ପୃଷ୍ଠପୋଷକ ପର୍ଶୁରାମ ବେହେରା ମୁଖ୍ୟ ପରାମର୍ଶ ଦାତା, ଅଶୋକ କୁମାର ପାଳିତ,ପରାମର୍ଶ ଦାତା ଉପେନ୍ଦ୍ର ଭଞ୍ଜ, ବାର୍ଷିକ ବିଶେଷାଙ୍କ 'ଯୁଗ ଜନ୍ମା'ର ସମ୍ପାଦକ ସର୍ବେଶ୍ୱର ଜେନା, ସରୋଜ କୁମାର ଦାସ ଉମେଶ କୁମାର ଚଇନି, ମାନସ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି କାର୍ଗିଲ ବିଜୟ ଦିବସ ଓ ଭାରତରତ୍ନ ଅଟଳବୀହାରୀ ବାଜପେୟୀଙ୍କ ଶହେତମ ଜନ୍ମ ଜୟନ୍ତୀ ଅବସରରେ ଓଡ଼ିଶାର ପ୍ରତ୍ୟକ କ୍ଷେତ୍ରରେ ପ୍ରତିଭାଙ୍କୁ ପ୍ରତିଭା ସମ୍ମାନ ନିମନ୍ତେ 'ପ୍ରତିଭା ସମ୍ମାନ ୨୦୨୫' ଆୟୋଜନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କବି ସମ୍ମିଳନୀ ଆୟୋଜିତ ନିମନ୍ତେ ସ୍ଥିର କୃତ ହୋଇ ଅଛି । ଅଟଳ ଯୁବ ଶକ୍ତି କେବଳ ସାମାଜିକ ସଂଗଠନ ନୁହେଁ ବରଂ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ନୀତି ଆଦର୍ଶ ପ୍ରଚାରର ଏକ ପ୍ରକାର ପଦାତିକ ବାହିନୀ ଯାହା ୧୦ବର୍ଷ ଧରି ଓଡ଼ିଶାର ବିଭିନ୍ନ ସ୍ଥାନରେ ଯୁବାଭିମୁଖି ପ୍ରତିଭା ମାନଙ୍କୁ ଚିହ୍ନଟ ତଥା ସେମାନଙ୍କ ବିକାଶ କ୍ଷେତ୍ରରେ କାର୍ଯ୍ୟ କରି ଆସୁଛି । ଆସନ୍ତା କାର୍ଗିଲ ବିଜୟ ଦିବସ ଅବସରରେ ଏହି ପ୍ରତିଭା ସମ୍ମାନ ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି ଏଥିରେ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ସମାଜସେବୀ ରାଜନୈତିକ ବ୍ୟକ୍ତି ସରକାରୀ, ବେସରକାରୀ ବ୍ୟକ୍ତି ବିଶେଷ କବି ସାହିତ୍ୟିକ ବିଭିନ୍ନ ଦିଗର ପ୍ରତିଭା ମାନେ ଯୋଗଦାନ ଦେଉ ଅଛନ୍ତି । ଏହି କାର୍ଯ୍ୟକ୍ରମକୁ ସମସ୍ତଙ୍କ ସାହାଯ୍ୟ ସହଯୋଗ କାମନା ସହ ସଫଳ କରାଇବା ନିମନ୍ତେ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ରୁପ ରେଖ ଦାୟିତ୍ୱ ବିଭିନ୍ନ ସଦସ୍ୟଙ୍କୁ ପ୍ରଦାନ ସହ ସଭିଙ୍କ ପୂର୍ବ ଭଳି ଯୋଗଦାନ ଦେଇ ସଫଳ କରାଇବା ନିମନ୍ତେ ଏହି ସାମ୍ବାଦିକ ସମ୍ମିଳନୀରେ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୋନାଲ ସଭାପତି ଧୀରଜ ମହାନ୍ତି, ଉପାଧ୍ୟକ୍ଷ ଡଃ ସିଦ୍ଧାର୍ଥ ପତି, ଯୁବ ସହ ଆବାହକ ଅଭିଷେକ ଆଚାର୍ଯ୍ୟ, ଡଃ ଅନୁଭାଲ୍ଲା ଜୀତେନ ମିଶ୍ର, କୋଷାଧ୍ୟକ୍ଷ ପ୍ରହ୍ଲାଦ କୁମାର ଦାସ, ଯୋନାଲ ସମ୍ପାଦକ ଅଜୟ ନାୟକ ପ୍ରଦ୍ୟୁମ୍ନ ପାଣିଗ୍ରାହୀ, ମହେଶ ସିଂହ, ସନ୍ତୋଷ ମାହାନ୍ତି, ପ୍ରମୋଦ ଦାଶ, ମନୋରଞ୍ଜନ ବେହେରା, ପ୍ରମୋଦ ବାରିକ, ନୀତେଶ ରଥ, ଆଦିତ୍ୟ ମିଶ୍ର, ସନ୍ଦୀପ ବାରିକ ଶୁଭକାନ୍ତ ସାହୁ,ପପୁଲ ପୁଷ୍ପକ ପୁହାନ, ନରୋତ୍ତମ ଦାସ, ସୁହାନୀ ସାଇ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



# ସାଇବର ଅପରାଧର ଊର୍ଦ୍ଧ୍ୱମୁଖୀ ଧାରା

## ସୁଚିନ୍ତିତ ରଣନୀତି ଏକାନ୍ତ ଜରୁରି

ଭାରତରେ ସାଇବର ଅପରାଧ ନେଇ କିଛିଦିନ ପୂର୍ବେ ପ୍ରକାଶ ପାଇଥିବା ଏକ ପରିସଂଖ୍ୟାନ ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ପରିସଂଖ୍ୟାନ ଅନୁଯାୟୀ ଆମ ଦେଶରେ ସାଇବର ଅପରାଧ ଏଭଳି ଦ୍ରୁତଗତିରେ ବୃଦ୍ଧି ପାଉଛି ଯେ ଆସନ୍ତା ୨୦୩୩ ମସିହା ସୁଦ୍ଧା ଏହି ସଂଖ୍ୟା ପ୍ରାୟ ଏକ ହଜାର ବିଲିୟନ୍‌ରେ ପହଞ୍ଚିବାର ସମ୍ଭାବନା ଦେଖାଦେଇଛି। ସେହିପରି ୨୦୪୭ମସିହା ସୁଦ୍ଧା ସାଇବର ଅପରାଧ ୧୭ ହଜାର ବିଲିୟନ୍‌କୁ ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ଏହାର ମୁକାବିଲା କରିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଦେଶର ଅନ୍ୟରାଜ୍ୟ ସହ ଆମ ଓଡ଼ିଶାରେ ମଧ୍ୟ ସାଇବର ଅପରାଧ କାୟା ବିସ୍ତାର କରି ମାଡ଼ି ଚାଲିଥିବାର ଲକ୍ଷ୍ୟ କରାଯାଉଛି। ସାଧାରଣ ଜନତା ବିଶେଷ କରି ବୈଷୟିକ ଜ୍ଞାନ ନଥିବା ଗରିବ, ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକ ତଥା ବରିଷ୍ଠ ନାଗରିକମାନେ ଅଧିକ ସଂଖ୍ୟାରେ ସାଇବର ଠକାମୀର ଶିକାର ହେଉଛନ୍ତି। ଅନ୍ୟ ସ୍ଥାନ ତ ଦୂରର କଥା, ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଗତ ଜାନୁଆରୀ ମାସରେ ୫କୋଟି ୨୦ଲକ୍ଷ ୬୩ ହଜାର ଟଙ୍କାର ସାଇବର ଠକେଇ ହୋଇଥିବା ବେଳେ ଫେବୃଆରୀ ମାସରେ ୪କୋଟି ୭୨ଲକ୍ଷ ୨୮ ହଜାର ଟଙ୍କା ଏବଂ ମାର୍ଚ୍ଚରେ ୫କୋଟି ୨୪ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଥିବା ଜଣାପଡିଛି। ବୈଷୟିକ ଜ୍ଞାନକୌଶଳର ବିକାଶ ସହ ତାଳ ଦେଇ ସାଇବର ଅପରାଧର ତରିକା ମଧ୍ୟ କ୍ରମଶଃ ବଦଳିବାରେ ଲାଗିଛି। ଏହି ଶ୍ରେଣୀର ଅପରାଧୀଙ୍କ ପ୍ରଲୋଭନର ଜାଲରେ ପଡ଼ି ବହୁ ଲୋକ ପ୍ରତିଦିନ ନିଜର କଷ୍ଟଲବ୍ଧ ଅର୍ଥ ହରାଉଛନ୍ତି। ଫେକ୍ ବା ନକଲି ମୋବାଇଲ୍ ଆପ୍ଲିକେସନ୍ (ଆପ୍) ଏବଂ ଅଜଣା ଲିଙ୍କ୍‌ର ଜାଲ ବିଛାଇ ଅପରାଧୀମାନେ ଅର୍ଥ ଲୁଟି ନେଉଛନ୍ତି। ପ୍ରାୟ ବର୍ଷକ ପୂର୍ବେ ଆମ ଦେଶରେ ସାଧାରଣ ନିର୍ବାଚନର ମହାପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସାଇବର୍ ଅପରାଧୀମାନେ ଖୁବ୍ ସକ୍ରିୟ ହୋଇ ଉଠିଥିଲେ। ନିର୍ବାଚନର ଅବ୍ୟବହିତ ପୂର୍ବରୁ ଭୋଟର ପରିଚୟପତ୍ର ସଂଶୋଧନ ତଥା ଭୋଟର ତାଲିକାରେ ନାମ ରଖିବା ପାଇଁ ବିଭିନ୍ନ ପ୍ଲାଟଫର୍ମରେ ଜାଲ ଲିଙ୍କ୍ ପଠାଉଥିଲେ। ଏହି ଲିଙ୍କରେ କ୍ଲିକ୍ କରିବା ପରେ ବିଭିନ୍ନ ତଥ୍ୟ ଦେବାକୁ କୁହାଯାଉଥିଲା। ଏହା ଜରିଆରେ ସାଇବର ଅପରାଧୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଗୋପନୀୟ ତଥ୍ୟ ସଂଗ୍ରହ କରି ଅର୍ଥ ଲୁଟ୍ କରିବାକୁ ସକ୍ଷମ ହେଉଥିଲେ। ସେହିପରି ବିଭିନ୍ନ ଅନ୍‌ଲାଇନ୍ ପ୍ରଚାରପତ୍ର ଡିଜାଇନ୍ କରିବା ନାମରେ ମଧ୍ୟ ଜାଲ୍ ମୋବାଇଲ୍ ଆପ୍ଲିକେସନ୍ ଜରିଆରେ ଠକାମୀ ହୋଇଥିବା ନଜରକୁ ଆସିଥିଲା। ଏହାକୁ ରୋକିବାକୁ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇ ଥିଲେ ମଧ୍ୟ ଓଡ଼ିଶା କ୍ରାଇମବ୍ରାଞ୍ଚ ପାଇଁ ନକଲି ୱେବସାଇଟ୍ ଓ ଲିଙ୍କ୍ ତଥା ମୋବାଇଲ୍ ଆପ୍ଲିକେସନ୍ ଦ୍ୱାରା ଠକେଇ ଧରିବା ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ବିଗତ ଦିନରେ ବିଭିନ୍ନ ସରକାରୀ ସଂସ୍ଥାର ୱେବ୍‌ସାଇଟ୍ ନକଲ କରି ଲୋକଙ୍କୁ ବିଭିନ୍ନ ଉପାୟରେ ଠକାଯିବାର ଏକାଧିକ ଦୃଷ୍ଟାନ୍ତ ରହିଛି। ପ୍ରାୟ ଦଶରୁ ଅଧିକ ୱେବସାଇଟ୍‌କୁ ନକଲ କରାଯାଇ ଠକେଇ କରାଯିବାର ଅଭିଯୋଗ ହୋଇଥିଲା। ମାତ୍ର ଏଭଳି ଅପରାଧର ମୂଳ ପର୍ଯ୍ୟନ୍ତ ପହଞ୍ଚିବାରେ କ୍ରାଇମବ୍ରାଞ୍ଚ ଏଯାବତ୍ ସକ୍ଷମ ହୋଇନାହିଁ। ସାଇବର ଅପରାଧର ଶିକାର ନହେବା ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବାର ଜରୁରି ଆବଶ୍ୟକତା ରହିଛି। ଏପରି ଅପରାଧୀଙ୍କୁ ଠାବ କରି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ବିଭାଗ ପକ୍ଷରୁ ସମନ୍ୱିତ ପ୍ରୟାସ ଜାରି ରହିବା ସମୟର ଆହ୍ୱାନ। ମିଳିଥିବା ସୂଚନା ଅନୁଯାୟୀ ସାରା ବିଶ୍ୱରେ ସାଇବର ଅପରାଧ ଦ୍ୱାରା ସର୍ବାଧିକ ପ୍ରଭାବିତ ଦେଶଗୁଡ଼ିକ ମଧ୍ୟରେ ଭାରତର ସ୍ଥାନ ରହିଛି ଏବଂ ଚଳିତ ବର୍ଷର ପ୍ରଥମ ଚାରିମାସରେ ଏଭଳି ଅପରାଧୀଙ୍କ ଦ୍ୱାରା ୧୭ଶହ ୫୦ କୋଟି ଟଙ୍କା ଲୁଟ୍ ହୋଇଛି। ସର୍ବଭାରତୀୟ ସ୍ତରରେ ବଢ଼ି ଚାଲିଥିବା ଏ ଧରଣର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଏକ ସୁଚିନ୍ତିତ ଜାତୀୟ ସାଇବର ସୁରକ୍ଷା ରଣନୀତିର ଜରୁରି ଆବଶ୍ୟକତା ଅନୁଭୂତ ହେଉଛି।

# ଡାକ୍ତରୀ ଶିକ୍ଷାର ବିବର୍ତ୍ତନରେ ସେବାର ମହନୀୟତା



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ଜୀବଦଶା ମଧ୍ୟରେ ପ୍ରତ୍ୟେକ ମଣିଷ ଅଳ୍ପ ବହୁତ ଔଷଧ ଓ ଡାକ୍ତରଙ୍କ ସଂସ୍ପର୍ଶରେ ଆସିଥାନ୍ତି ଯାହା ଜୀବନର ବଞ୍ଚିବାର ସ୍ଥିତିକୁ ନିର୍ଣ୍ଣୟ କରିଥାଏ। ସେଦୃଷ୍ଟିରୁ ଆଲୋକପାତ କଲେ ସମାଜରେ ଡାକ୍ତର ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଯେଉଁମାନେ ମଣିଷର ଜୀବନ ତଥା ସ୍ୱାସ୍ଥ୍ୟ ସହିତ ଜଡିତ ସେମାନଙ୍କର ସମାଜରେ ସ୍ଥିତି ଏକ ନିର୍ଦ୍ଦିଷ୍ଟ ବର୍ଗରେ ନିହିତ ଥାଏ ଓ ମଣିଷ ସମାଜ ଉକ୍ତ ଗୁରୁତ୍ୱକୁ ଉପଲବ୍ଧି କରି ଡାକ୍ତରଙ୍କ ଉପରେ ନିର୍ଭର ଓ ବିଶ୍ୱାସ କରିଥାନ୍ତି। କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ ଓ ଡାକ୍ତରଙ୍କୁ ଭଗବାନଙ୍କ ସ୍ୱରୂପ ବୋଲି ମଧ୍ୟ ଅଭିହିତ କରାଯାଏ କାରଣ ସେମାନଙ୍କ ନିଷ୍ଠା ଓ ସେବାରେ ବ୍ୟକ୍ତିର ଜୀବନ ନିର୍ଭର କରିଥାଏ। ଐତିହାସିକ ପୃଷ୍ଠଭୂମିକୁ ଅବଲୋକନ କଲେ ୧୮୨୬ ମସିହାରେ ପାଶ୍ଚାତ୍ୟ ଔଷଧ ଶିଖିବା ଓ ଅଭ୍ୟାସ କରିବା ପାଇଁ ଭାରତୀୟମାନଙ୍କୁ ସୁଯୋଗ ଦେବା ପାଇଁ ଦକ୍ଷିଣ ବମ୍ବେରେ ଏକ ଭାରତୀୟ ମେଡିକାଲ୍ ସ୍କୁଲ ଆରମ୍ଭ ହୋଇଥିଲା। ଭାରତର ଅଧିବାସୀ, ଜଳବାୟୁ ଓ ସେମାନଙ୍କ ଉପନିବେଶକାରୀ ଶାସକମାନଙ୍କ ମଧ୍ୟରେ ଭାରତରେ ଔଷଧ ଓ ଡାକ୍ତରୀ ଶିକ୍ଷା ଅନେକ ଉତ୍ଥାନ ଦେଇ ଗତି କରି ଆସିଅଛି। ଉପନିବେଶବାଦ ଓ ଶାସନର ପୃଷ୍ଠଭୂମିରେ ଭାରତୀୟ ଔଷଧ ନିଜର ପରିଚୟ ସୃଷ୍ଟି କରି ଚିକିତ୍ସା କ୍ଷେତ୍ରରେ ନିଜର ପାରଦର୍ଶିତା ରୋପଣ କରିପାରିଛି। ଉକ୍ତ ପାରଦର୍ଶିତା ପାଇଁ ଡାକ୍ତର ମାନଙ୍କର କର୍ତ୍ତବ୍ୟ ନିଷ୍ଠା ଓ ଜିଜ୍ଞାସୁ ମନୋବୃତ୍ତି ସହାୟକ ହୋଇଥାଏ। ଭାରତରେ ୧୬୦୦ ମସିହାରେ, ଇଷ୍ଟ ଇଣ୍ଡିଆ କମ୍ପାନୀର ଜାହାଜ ସହିତ ଆସିଥିବା ଡାକ୍ତରୀ ଅଧିକାରୀମାନେ ପାଶ୍ଚାତ୍ୟ ଔଷଧକୁ ଭାରତକୁ ଆଣିଥିଲେ। ସେଦୃଷ୍ଟିରୁ ପ୍ରାରମ୍ଭରେ, ଇଷ୍ଟ ଇଣ୍ଡିଆ କମ୍ପାନୀର ସୈନ୍ୟ ଓ କର୍ମଚାରୀଙ୍କୁ ଚିକିତ୍ସା ସହାୟତା ଯୋଗାଇବା ପାଇଁ ସର୍ଜନମାନଙ୍କ ସହିତ ଚିକିତ୍ସା ବିଭାଗ ଗଠନ କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୭୮୫ ମସିହାରେ ବଙ୍ଗଳା, ମାଡ୍ରାସ ଏବଂ ବମ୍ବେ ପ୍ରେସିଡେନ୍ସିରେ ମେଡିକାଲ ବିଭାଗ ସ୍ଥାପନ କରାଯାଇଥିଲା ଏବଂ ଏମାନେ ଉଭୟ ସାମରିକ କର୍ମଚାରୀ ଓ ବ୍ରିଟିଶ ନାଗରିକଙ୍କ ଯତ୍ନ ନେଉଥିଲେ। ୧୮୨୨ ମସିହାରେ କଲିକତାରେ ଭାରତୀୟ ମେଡିକାଲ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା ଓ ପ୍ରାୟ ୨୦ ଜଣ ଭାରତୀୟ ଛାତ୍ରଙ୍କୁ ଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଇଥିଲା। ୧୮୩୫ ମସିହାରେ କଲିକତା ମେଡିକାଲ୍ କଲେଜ ପ୍ରତିଷ୍ଠା ହୋଇଥିଲା ଓ ଏହା ଭାରତରେ ଡାକ୍ତରୀ ଶିକ୍ଷା ପାଇଁ ଏକ ନୂତନ ଦିଗ ଆରମ୍ଭ କରିଥିଲା। ୧୯୨୦ ଦଶକରେ ବାରାଣାସୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏକ ପାଠ୍ୟକ୍ରମ ବିକଶିତ କରିଥିଲା ଯେଉଁଥିରେ ଉଭୟ ଆୟୁର୍ବେଦ ଓ ପାଶ୍ଚାତ୍ୟ ଔଷଧର ବ୍ୟବହାର କରାଯାଇଥିଲା।

ବର୍ତ୍ତମାନର ସ୍ୱାଧୀନ ଭାରତରେ ଡାକ୍ତରୀ ଶିକ୍ଷା ଅନେକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ମଧ୍ୟ ଦେଇ ସମ୍ମୁଖୀନ ହେଉଅଛି। ଏଥିମଧ୍ୟରେ ଡାକ୍ତରୀ ବିଦ୍ୟାଳୟ ସଂଖ୍ୟାରେ ଦୃତ ତଥା ଅସୀମିତ ବୃଦ୍ଧି, ଛାତ୍ର ଚୟନ ନୀତିର ସନ୍ଦେହଜନକ ବୈଧତା, ଏକକ ପାଠ୍ୟକ୍ରମ ଯାହା ଜାତୀୟ ସ୍ୱାସ୍ଥ୍ୟସେବା ଆବଶ୍ୟକତା ଠାରୁ ବହୁ ଦୂରରେ ଓ ମେଡିକାଲ୍ ବିଦ୍ୟାଳୟରେ ଶିକ୍ଷାଦାନର ଗୁଣବତ୍ତା ଇତ୍ୟାଦି। ସ୍ୱାଧୀନତା ପରଠାରୁ ପାଠ୍ୟକ୍ରମ ସଂସ୍କାର ପାଇଁ ଅନେକ ଆହ୍ୱାନ କରାଯାଇଛି ଓ ଏଥିରେ ୧୯୭୫ ମସିହାର ଶ୍ରୀବାସ୍ତବ କମିଟି ଜାତୀୟ ପ୍ରାଥମିକତା ଓ ଆବଶ୍ୟକତା ଅନୁଯାୟୀ ଡାକ୍ତରୀ ଶିକ୍ଷାର ପୁନଃ ପରିବର୍ତ୍ତନକୁ ସମର୍ଥନ କରିଥିଲେ। ବ୍ରିଟିଶମାନେ ଭାରତରେ ପାଦ ଦେବା ପୂର୍ବରୁ ତକ୍ଷଶିଳା ଓ ନାଳନ୍ଦାର ଆବାସିକ ବିଶ୍ୱବିଦ୍ୟାଳୟଗୁଡ଼ିକ ଚିକିତ୍ସା କ୍ଷେତ୍ରରେ ସଂଗଠିତ ତାଲିମ ପ୍ରଦାନ କରିଥିଲେ। ଛାତ୍ରମାନଙ୍କୁ ଗୁରୁ କିମ୍ବା ଜଣେ ନିର୍ଦ୍ଦେଶକଙ୍କ ମାର୍ଗଦର୍ଶନରେ ଉଭୟ ତତ୍ତ୍ୱଗତ ଏବଂ ବ୍ୟବହାରିକ ଦିଗରେ ତାଲିମ ଦିଆଯାଉଥିଲା। ୧୯୯୫ରେ, ଇଣ୍ଡିଆନ୍ ସିଷ୍ଟମ୍ ଅଫ୍ ମେଡିସିନ୍ ଓ ହୋମିଓପାଥିର ଏକ ନୂତନ ସରକାରୀ ବିଭାଗ ସୃଷ୍ଟି କରାଯାଇଅଛି। ନଭେମ୍ବର ୨୦୦୩ରେ ଏହାକୁ ଆୟୁର୍ବେଦ, ଯୋଗ ଓ ନାଚୁରୋପାଥି, ୟୁନାନି, ସିଦ୍ଧ, ଏବଂ ହୋମିଓପାଥି ବିଭାଗ ଭାବରେ ନାମିତ କରାଯାଇଅଛି। ଏହି କ୍ଷେତ୍ରଗୁଡିକ ଗ୍ରାମାଞ୍ଚଳରେ ଡାକ୍ତରୀ କର୍ମଚାରୀଙ୍କ ଅଭାବ ପୂରଣ କରିବାକୁ ସହାୟକ ହୋଇଥାଏ। ଅନ୍ୟପକ୍ଷରେ, ଉପନିବେଶ ସମୟରୁ ଗ୍ରାମାଞ୍ଚଳର ଜନଜାତି ସେବା କରୁଥିବା ସ୍ୱଦେଶୀ ଔଷଧ ଅଭ୍ୟାସକାରୀଙ୍କ ପ୍ରତି ବର୍ତ୍ତମାନର ଡାକ୍ତରୀ ସେବା ଉଦାସୀନ ରହିଆସିଛି ବୋଲି ଅନୁମାନ କରାଯାଏ। କାରଣ ବର୍ତ୍ତମାନ ସହରାଞ୍ଚଳରେ ଯେଉଁ ପରିମାଣରେ ଡାକ୍ତରୀ ସେବା ଉପଲବ୍ଧ ସେ ତୁଳନାରେ ଗ୍ରାମାଞ୍ଚଳରେ ତାହା ଉପଲବ୍ଧ ହୋଇପାରିନାହିଁ। ଭାରତରେ ଚିକିତ୍ସା କ୍ଷେତ୍ରରେ ଜଣେ ଡାକ୍ତର ପାଇଁ ୧୦୦୦ ଜନସଂଖ୍ୟା ନିର୍ଦ୍ଧାରିତ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁମୋଦନ କରିଥିବା ବେଳେ ଭାରତରେ ପ୍ରତି ଜଣେ ଡାକ୍ତର ପାଇଁ ୧୪୫୬ ରୋଗୀ ଚିକିତ୍ସା ପାଇଁ ଅପେକ୍ଷା କରିଥାନ୍ତି। ଉକ୍ତ ସ୍ଥିତିକୁ ସୁଧାରିବା ପାଇଁ ଓ ଡାକ୍ତରଙ୍କ ଅଭାବକୁ ଦୂର କରିବା ପାଇଁ ସରକାର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ମଧ୍ୟ ଗ୍ରହଣୀୟ ହୋଇଥାଏ ଯେ ନିକଟରେ ଅନେକ ନୂତନ ମେଡିକାଲ କଲେଜକୁ ସରକାର ମଞ୍ଜୁର କରିଛନ୍ତି ଯାହା ଜନସଂଖ୍ୟା ଅନୁପାତରେ ଡାକ୍ତରଙ୍କ ସଂଖ୍ୟା ସମାନୁପାତିକ ହୋଇପାରିବ ବୋଲି ଆଶା କରାଯାଏ।

ମାତ୍ର ଡାକ୍ତର, ଡାକ୍ତରୀ ଶିକ୍ଷା ଓ ରୋଗୀ ସେବା ଏକ ସମ୍ବେଦନଶୀଳ ଓ ସ୍ପର୍ଶକାତର ଅନୁଶୀଳନ। ଜଣେ ଜ୍ଞାନ ଓ ଅର୍ଥର ପରିମାପକରେ ଡାକ୍ତର ହୋଇଯାଇପାରେ, ମାତ୍ର ଡାକ୍ତରର ରୋଗୀ ପ୍ରତି ସେବାର ଇଚ୍ଛା ତାହା କୌଣସି ଧନ ବା ଜ୍ଞାନ ସହ ସମ୍ପର୍କ ସହଜ ସାଧ କରିପାରେ ନାହିଁ। ସେଥିପାଇଁ ଆବଶ୍ୟକ ହୋଇଥାଏ ମନ ଯାହା ସେବା ପାଇଁ ପ୍ରତିବଦ୍ଧ ହୋଇଥାଏ। ବିଗତ ଦିନ ମାନଙ୍କରେ ଭାରତର ପ୍ରତ୍ୟେକ ପ୍ରାନ୍ତରେ ଡାକ୍ତର ଓ ରୋଗୀ ମଧ୍ୟରେ ଏକ ତିକ୍ତ ସମ୍ପର୍କ ବୃଦ୍ଧି ହୋଇ ଚାଲିଛି ଓ ତାହା ପୁଣି ରୋଗୀ ସେବାକୁ ପାଥେୟ କରି। ଏକବିଂଶ ଶତାବ୍ଦୀରେ ଆଧୁନିକ ଜ୍ଞାନ କୌଶଳ ଓ ଆଧୁନିକ ବୈଜ୍ଞାନିକ ଯନ୍ତ୍ରପାତି ଚିକିତ୍ସା କ୍ଷେତ୍ରକୁ ଅଧିକ ଉନ୍ନତ କରିଅଛି ବୋଲି ଗ୍ରହଣ କରାଯାଏ। ଯେତେବେଳେ ଉନ୍ନତ ଜ୍ଞାନ କୌଶଳ ଓ ଯନ୍ତ୍ରପାତି ଉପଲବ୍ଧ, ତଥା ଉନ୍ନତ ଜ୍ଞାନ ମଧ୍ୟ ଉପଲବ୍ଧ, ସେତେବେଳେ ଉନ୍ନତ ମାନସିକତା ଚିକିତ୍ସା କ୍ଷେତ୍ରରେ ବିରାଜମାନ କରିବା ଉଚିତ। ଅନେକ ସମୟରେ ଚିକିତ୍ସାଳୟରେ ଡାକ୍ତର ଓ ରୋଗୀ ମଧ୍ୟରେ ହିଂସା ତଥା ମାଡ଼ଗୋଳର ଘଟଣା ହୋଇଥାଏ ଓ ସେବାର ଅନ୍ତର୍ନିହିତ ଉଦ୍ଦେଶ୍ୟ ବାଧା ହୋଇଥାଏ। ଏପରିକି ଅନେକ ସମୟରେ ରୋଗୀ ମାନଙ୍କର ଶରୀରର ଅନ୍ତର୍ଭାଗ ଅଂଶ ଚୋରି ହୋଇଥାଏ, ଚିକିତ୍ସା ସମୟରେ ରୋଗୀର ଶରୀରରେ କିଛି ବାହ୍ୟ ଉପକରଣ ରହିଯାଇଥାଏ, ଶରୀରର ଗୋଟିଏ ଅଂଶ ଚିକିତ୍ସା ହେବାର ଥିବାବେଳେ ଭୁଲ ବଶତଃ ଅନ୍ୟ ଭାଗ ଚିକିତ୍ସା ହୋଇଥାଏ, ସାଧାରଣ ରୋଗ ହୋଇଥିଲେ ହେଁ ଅନେକ ସମୟରେ ନିର୍ଦ୍ଦିଷ୍ଟ କେତେକ ସ୍ଥାନରୁ ପରୀକ୍ଷା ନିରୀକ୍ଷା କରିବାକୁ ବାଧ୍ୟ କରାଯାଇଥାଏ ଓ ତାହା ଆର୍ଥିକ ମାନଦଣ୍ଡକୁ ସହନଶୀଳ ହୋଇନଥାଏ ଇତ୍ୟାଦି ଇତ୍ୟାଦି। ଫଳତଃ ଡାକ୍ତରୀ ଶିକ୍ଷା ଉପରୋକ୍ତ ଦୃଷ୍ଟିକୋଣରୁ ଆଉ ସେବା ମନୋବୃତ୍ତିରେ ନିହିତ ନହୋଇ କେବଳ ଅର୍ଥ ରୋଜଗାରରେ ନିହିତ ହେଉଅଛି ବୋଲି ସିଦ୍ଧ ହୋଇଥାଏ। ଅଧିକରୁ ଅଧିକ ଅର୍ଥ ପାଇଁ ବର୍ତ୍ତମାନ ଡାକ୍ତର, ଡାକ୍ତରଖାନା ଓ ପରୀକ୍ଷା ନିରୀକ୍ଷା କେନ୍ଦ୍ର ଗୁଡିକର ସହବନ୍ଧନରେ ରୋଗ ଓ ସେବା ଏକ ଅବାଞ୍ଛନୀୟ ପରିସ୍ଥିତି ମଧ୍ୟ ଦେଇ ଗତି କରୁଅଛି। ରୋଗରେ ଯନ୍ତ୍ରଣା ଅନୁଭବ କରୁଥିବା ଜଣେ ରୋଗୀ ଶରୀର ପୀଡାକୁ ପ୍ରଶମନ କରିବା ପାଇଁ ଯେତେବେଳେ ଜଣେ ଡାକ୍ତର ନିକଟକୁ ଯାଇଥାଏ କେତେ ଆଶା, ଭରସା ଓ ବିଶ୍ୱାସକୁ ପାଥେୟ କରି, ମାତ୍ର ଅର୍ଥର ପ୍ରାଚୀରରେ ଉପବେଶନ କରି କେତେକ ଡାକ୍ତର ଯଦି ଅର୍ଥକୁ ଆଧାର କରି ଡାକ୍ତରୀ ଶିକ୍ଷାକୁ ଉପଯୋଗ କରିଥାନ୍ତି ତେବେ ସେଠାରେ ସେବାର ସଂଜ୍ଞା କେତେଦୂର ଗ୍ରହଣ ଯୋଗ୍ୟ ହୋଇଥାଏ ତାହା ବିଚାର୍ଯ୍ୟ। ଅନେକ ଶିକ୍ଷା ମଧ୍ୟରୁ ଡାକ୍ତରୀ ଶିକ୍ଷା କେବଳ ଶିକ୍ଷା ଦେଇଥାଏ ସେବାର ଧାରଣା ଓ ସୁଯୋଗ, ମାତ୍ର ବର୍ତ୍ତମାନ ଅନେକ ରୋଗୀ ଡାକ୍ତରଙ୍କ ନିକଟରୁ ସେବା ପରିବର୍ତ୍ତେ ଶୋଷଣର ଶିକାର ହେଉଥିବାରୁ ଡାକ୍ତର ଓ ରୋଗୀ ମଧ୍ୟରେ ଏକ ପ୍ରାଚୀର ଦଣ୍ଡାୟମାନ ହେଉଅଛି ଯାହା ଭବିଷ୍ୟତରେ ଏକ ବୃହତ ବିଶୃଙ୍ଖଳା ସୃଷ୍ଟି କରିବାର ସନ୍ଦେହ କରାଯାଏ। ଏଇ ସମାଜରେ ଅନେକ ଡାକ୍ତର ବର୍ତ୍ତମାନ ଡାକ୍ତରୀ ପେସାକୁ ଏକ ନିଶା ବା ସେବାର ଉତ୍କର୍ଷ ଭାବରେ ପ୍ରତିପାଦନ କରି ଡାକ୍ତରୀ ଶିକ୍ଷାର ମହତ୍ତ୍ୱକୁ ପ୍ରତିପାଦନ କରୁଛନ୍ତି, ମାତ୍ର ବହୁଳ ପରିମାଣରେ ଡାକ୍ତରୀ ଶିକ୍ଷାର ସେବାର ମହନୀୟତାକୁ ପ୍ରତିପାଦନ ନକରି କେବଳ ଅର୍ଥର ବଶବର୍ତ୍ତୀ ହେଉଛନ୍ତି ଯାହା ସାମାଜିକ କ୍ଷେତ୍ରରେ ଗ୍ରହଣୀୟ ହୋଇପାରେନା। ତେଣୁ ମାନବ ସେବା ହିଁ ମାଧବ ସେବାର ମନବୃତ୍ତିକୁ ଆଲିଙ୍ଗନ କଲେ ଚିକିତ୍ସାର ଉପାଦେୟତା ଉପଲବ୍ଧି ହୋଇପାରିବ ଓ ଡାକ୍ତରୀ ଶିକ୍ଷାର ପ୍ରକୃତ ମହତ୍ତ୍ୱର ଉପଯୋଗ ସେବାରେ ନିହିତ ରହିଛି ବୋଲି ପ୍ରତୀୟମାନ ହୋଇପାରିବ।

# ଓଡ଼ିଶାରେ ସ୍ୱେଚ୍ଛାକୃତ ରକ୍ତଦାନ



ଦିଲ୍ଲୀପ ଦାଶଶର୍ମା
ପ୍ରତିଷ୍ଠାତା ସଭାପତି
ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ
ମୋ: ୯୯୩୮୫୩୭୬୦୦

ଚଳିତ ବର୍ଷ ମେ ମାସ ସାତ ତାରିଖ ଦିନ ଖବରକାଗଜରେ ରାଜ୍ୟ ରକ୍ତ ନିରାପତ୍ତା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ପାତ୍ରଙ୍କର ଏକ ଖବର ପଢିବାକୁ ପାଇଲି। ଡାକ୍ତର ପାତ୍ର ଏଥିରେ କହିଥିଲେ ଯେ, ଏଣିକି ପ୍ରତିମାସର ଦ୍ୱିତୀୟ ମଙ୍ଗଳବାର ସାରା ରାଜ୍ୟରେ ସାମୂହିକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଆସନ୍ତା ଦୁଇ ତିନିଦିନ ମଧ୍ୟରେ ରାଜ୍ୟରେ ଥିବା ସମସ୍ତ ରକ୍ତ ଭଣ୍ଡାର ଅଧିକାରୀଙ୍କ ସହିତ ଆଭାସି ଜରିଆରେ ଆଲୋଚନା କରାଯାଇ ଦାୟିତ୍ୱ ଦିଆଯିବ, ସେମାନେ ଶିବିର ଆୟୋଜନ କରିବେ। ଏଥିରେ ବେସରକାରୀ ଅନୁଷ୍ଠାନ, ବିଭିନ୍ନ ସମାଜସେବୀ ଅନୁଷ୍ଠାନ, ମହାବିଦ୍ୟାଳୟ ଏବଂ ସ୍ୱେଚ୍ଛାକୃତ ରକ୍ତଦାତା ସାମିଲ ହୋଇପାରିବେ। ଏହାର ରୂପରେଖ ପ୍ରସ୍ତୁତ ହେବା ପରେ ଅନୁମୋଦନ ଅପେକ୍ଷାରେ ରହିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସାର୍କୁଲାର ଜାରି କରାଯିବ। ଏହା ବର୍ଷ ସାରା ଜାରି ରହିବ। ସ୍ୱେଚ୍ଛାକୃତ ରକ୍ତଦାନର ଇତିହାସ ଦେଖିଲେ ଜଣାଯିବ ୨୦୦୧ ମସିହା ପର୍ଯ୍ୟନ୍ତ ଆମ ରାଜ୍ୟରେ ୧୦ ରୁ ୧୩ ପ୍ରତିଶତ ମଧ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ହାର ସୀମିତ ଥିଲା। ୨୦୦୨ ମସିହାରେ ଆଜିର ଦିନରେ "ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ" ଗଠନ ସହିତ ବିଭିନ୍ନ ଜିଲ୍ଲାରେ ଏହାର ଶାଖା ଗଠନ ପରେ ସ୍ୱେଚ୍ଛାକୃତ ରକ୍ତଦାନର ହାର ବଢିଚାଲିଲା। ଏହାର ଫଳ ସ୍ୱରୂପ ୨୦୦୨ ମସିହାରେ ଏହା ବଢି ୨୪.୪୭ ପ୍ରତିଶତ, ୨୦୦୩ ରେ ୩୪.୩ ପ୍ରତିଶତ, ୨୦୦୪ ରେ ୪୨.୪୫ ପ୍ରତିଶତ, ୨୦୦୫ ମସିହାରେ ରକ୍ତଦାନର ହାର ବଢି ୫୭.୧ ପ୍ରତିଶତ, ୨୦୦୬ ମସିହାରେ ୬୨ ପ୍ରତିଶତ, ୨୦୦୭ ରେ ୬୯.୪ ପ୍ରତିଶତ, ଏହିପରି ଏହା ବଢି ବଢି ୨୦୧୧ ମସିହାରେ ୭୫.୬୫ ପ୍ରତିଶତ ହୋଇଥିଲା। ତା'ପରଠାରୁ ଏହା କମି ଆସି ୨୦୨୩ ମସିହା ପର୍ଯ୍ୟନ୍ତ ୬୯.୬୮ ପ୍ରତିଶତ ଓ ୨୦୨୪ ମସିହାରେ ଅଳ୍ପ ବଢି ୭୨ ପ୍ରତିଶତ ହୋଇଛି। ଆମ ରାଜ୍ୟରେ ଶତ ପ୍ରତିଶତ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଲକ୍ଷ୍ୟ ଥିଲେ ମଧ୍ୟ ଆମେ ସଫଳ ହୋଇପାରି ନାହୁଁ।

ଆମ ରାଜ୍ୟରେ ଶତ ପ୍ରତିଶତ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆମର ଲକ୍ଷ୍ୟ ଥିଲା। କିନ୍ତୁ ଏହା ପୂରଣ ହୋଇପାରି ନାହିଁ। ୨୦୧୨ ମସିହାରୁ ୨୦୨୪ ମସିହା ଭିତରେ ଆମେ ୭୦ ପ୍ରତିଶତ ପାଖରେ ଅଟକି ରହିଛୁ। ଆମେ କାହିଁକି ସଫଳ ହୋଇପାରିନାହୁଁ ତାକୁ ଖୋଜିଲେ ଏହାର କାରଣ ଗୁଡିକ ଆମେ ଜାଣି ପାରିବା। ଏଥିପାଇଁ ବହୁ କାରଣ ରହିଛି, ଯେମିତିକି - ୧. କେବଳ ସରକାରୀ ଓ ରେଡକ୍ରସ୍ ରକ୍ତ ଭଣ୍ଡାରଗୁଡ଼ିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ରକ୍ତ ସଂଗ୍ରହ କରିବା ପାଇଁ ନିୟମ ଥିଲେ ମଧ୍ୟ ଭୁବନେଶ୍ୱରରେ ଥିବା ଏମ୍ସର ରକ୍ତ ଭଣ୍ଡାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ରକ୍ତ ସଂଗ୍ରହ କରୁନାହିଁ । ୨. ଏବେ ବିଜୁ ସ୍ୱାସ୍ଥ୍ୟ କାର୍ଡ ହେଉ କିମ୍ବା ଆୟୁଷ୍ମାନ କାର୍ଡ କିମ୍ବା ସ୍ୱାସ୍ଥ୍ୟବୀମା ପାଇଁ ବହୁ ଲୋକ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି, ଘରୋଇ ଡାକ୍ତରଖାନାରେ ରକ୍ତ ଆବଶ୍ୟକ ହେଲେ ସେମାନେ ସରକାରୀ ଓ ରେଡକ୍ରସ୍ ରକ୍ତ ଭଣ୍ଡାରରୁ ରକ୍ତ ନେଉ ନାହାଁନ୍ତି, ରୋଗୀଙ୍କୁ ବଦଳ ରକ୍ତଦାତା ଆଣିବା ପାଇଁ ବାଧ୍ୟ କରୁଛନ୍ତି। ୩. ସରକାରୀ ଓ ରେଡକ୍ରସ୍ ରକ୍ତ ଭଣ୍ଡାରଗୁଡ଼ିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ରକ୍ତ ସଂଗ୍ରହ କରିଥିଲେ ମଧ୍ୟ ଶିବିର ଆୟୋଜକ ଓ ରକ୍ତଦାତାଙ୍କୁ ଦରକାର ବେଳେ ରକ୍ତ ଦେଇନପାରିବା ଯୋଗୁଁ ଆୟୋଜକ ଓ ରକ୍ତଦାତା ମାନଙ୍କର ଆଗ୍ରହ କମି କମି ଯାଉଛି। ଏହି ତିନୋଟି ପ୍ରମୁଖ କାରଣ ପାଇଁ ଓଡ଼ିଶାରେ ସ୍ୱେଚ୍ଛାକୃତ ରକ୍ତଦାନର ହାର ୧୦୦ ପ୍ରତିଶତରେ ପହଞ୍ଚିପାରୁ ନାହିଁ । ଏହା ପରେ ମଧ୍ୟ ପ୍ରଶାସନିକ ଦୁର୍ବଳତା ବହୁତ ରହିଛି। ଆଜି ପର୍ଯ୍ୟନ୍ତ ରକ୍ତ କୌଣସି କାରଖାନାରେ ତିଆରି ହୋଇପାରି ନାହିଁ କି ବଜାରରେ ମିଳୁନାହିଁ । ଏଥିପାଇଁ ଜଣେ ରକ୍ତଦାତା ରକ୍ତଦାନ କରିବା ଆବଶ୍ୟକ। ତେଣୁ ରକ୍ତଦାନ ସହିତ ସମ୍ପୃକ୍ତ ଥିବା ଅନୁଷ୍ଠାନ ଗୁଡିକ ଯେମିତିକି, ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା, ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ, ଓଡ଼ିଶା ଓ ରକ୍ତ ଭଣ୍ଡାରଗୁଡ଼ିକ ରକ୍ତଦାତାମାନଙ୍କ ସହିତ ସୁ-ସମ୍ପର୍କ ରଖିବା ଆବଶ୍ୟକ। ଏଥିପାଇଁ ମଧ୍ୟ ଅନୁଷ୍ଠାନର ନିୟମାବଳୀରେ ବ୍ୟବସ୍ଥା ଅଛି। କିନ୍ତୁ ତାହା ପାଳନ କରାଯାଉ ନାହିଁ । ଯେମିତିକି, ରାଜ୍ୟ ରେଡକ୍ରସ୍ ସୋସାଇଟିର ଏକ କାର୍ଯ୍ୟନିର୍ବାହୀ ସମିତି ଅଛି, ସେଥିରେ ବିଭିନ୍ନ ଶ୍ରେଣୀର ସଦସ୍ୟ ଥିଲେ ମଧ୍ୟ ରେଡକ୍ରସ୍ ଉପରେ କିମ୍ବା ରକ୍ତଦାନ ଉପରେ ଅଭିଜ୍ଞତା ଥିବା ଲୋକଙ୍କୁ ଗ୍ରହଣ କରିବାରେ ନଜର ଆସିନାହିଁ। ସେଥିରେ ଏପରି ସଦସ୍ୟ ନିଆଯାଉଛି ଯେଉଁମାନେ କାର୍ଯ୍ୟନିର୍ବାହୀ ସମିତିର ସଦସ୍ୟ ହେବା ପରେ ରେଡକ୍ରସ୍ ବିଷୟରେ ଜାଣୁଛନ୍ତି ଓ ଆଜୀବନ ସଦସ୍ୟ ହେଉଛନ୍ତି। ସେହିଭଳି ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ, ଓଡ଼ିଶା ଏକ ସୋସାଇଟି ଓ ଏହାର ଏକ ପରିଷଦ ଅଛି। ସେହି ପରିଷଦରେ ରକ୍ତ କ୍ଷେତ୍ରରେ ଦକ୍ଷତା ଥିବା, ସଞ୍ଚାରଣ ଔଷଧ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରୁ ଦୁଇ ଜଣ ଓ ରକ୍ତଦାନ କ୍ଷେତ୍ରରେ ସକ୍ରୀୟ ଥିବା ଅନୁଷ୍ଠାନରୁ ପ୍ରତିନିଧିତ୍ୱ ଥିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା ଠିକ୍‌ରେ କାର୍ଯ୍ୟକାରୀ ହେଲା ଭଳି ଲାଗୁନାହିଁ। ଏପରି କି ପ୍ରତି ରକ୍ତଭଣ୍ଡାରରେ ଏକ କମିଟି ଅଛି ଯେଉଁଥିରେ ରକ୍ତଦାତା ଓ ପ୍ରବର୍ତ୍ତକ ମାନେ ସଦସ୍ୟ ଭାବରେ ରହିବାର ବ୍ୟବସ୍ଥା ଅଛି। କିନ୍ତୁ ବାସ୍ତବରେ ତାହା ରୂପାନ୍ତରିତ ହୋଇ ପାରୁନାହିଁ। କମିଟିରେ ବେଳେ ବେଳେ ଠିକ୍ ସଦସ୍ୟ ଗ୍ରହଣ କରିଥିଲେ ମଧ୍ୟ କମିଟିର ବୈଠକ ଠିକ୍ ସମୟରେ ହେଉନାହିଁ। ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ, ଓଡ଼ିଶା ୨୦୦୨ ମସିହାରୁ ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନର ହାର ବଢାଇବା ସହିତ ସ୍ୱଚ୍ଛ ରକ୍ତ ସଞ୍ଚାରଣ ପାଇଁ ରକ୍ତଦାତା ଓ ପ୍ରବର୍ତ୍ତକ ମାନଙ୍କର ପ୍ରଶିକ୍ଷଣ ଶିବିର ଆୟୋଜନ କରୁଥିଲା। ଏବେ ପ୍ରଶିକ୍ଷଣ ଶିବିରକୁ ବନ୍ଦ କରି ଦିଆଯାଇଛି। ଅନ୍ୟପକ୍ଷରେ ଯେଉଁମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ସେମାନଙ୍କୁ ଏହି ଅନୁଷ୍ଠାନଗୁଡ଼ିକ ଭୁଲି ଯାଇଛନ୍ତି। ସେମାନେ ନିଜ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ କିଛି କଲେ ଖୁସି, କିଛି ନକଲେ ମଧ୍ୟ ଏହି ଅନୁଷ୍ଠାନମାନଙ୍କର କିଛି ଯା-ଆସ ନାହିଁ। ୧୯୯୯ ମସିହାରୁ ଗତ ୨୫ ବର୍ଷ ଧରି ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାରେ ସକ୍ରିୟ ଆଜୀବନ ସଦସ୍ୟ ଭାବେ କାମ କରୁଥିବା ବେଳେ, ୨୦୦୨ ମସିହା ଜୁନ ମାସରେ ଅନୁଷ୍ଠିତ ହୋଇଥିବା ପ୍ରଥମ ପ୍ରଶିକ୍ଷଣ ଶିବିରରେ ମୁଁ ତାଲିମ ପାଇ ନିଜସ୍ୱ ଉଦ୍ୟମରେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ କାମ କରିବା ସହିତ ନିଜେ ମଧ୍ୟ ରକ୍ତଦାନ କରୁଛି, ତେଣୁ ନିଜର ଅଭିଜ୍ଞତାରୁ ଲେଖୁଛି। ଆମ ରାଜ୍ୟରେ ଶତ ପ୍ରତିଶତ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଏହିସବୁ କାରଣ ଗୁଡିକୁ ଧ୍ୟାନ ଦେବା ଆବଶ୍ୟକ।

# ଲୋକ ସଂସ୍କୃତିର ବାର୍ତ୍ତାବହ 'ଦାସକାଠି'

ଡ଼ ଚନ୍ଦ୍ରକଳା ନାୟକ
ଛତିଆ, ଯାଜପୁର
ମୋ:୯୪୩୭୯୫୭୬୧୭

ସଂସ୍କୃତି ଏକ ପ୍ରବହମାନ ଧାରା। ସଂସ୍କୃତି ହିଁ ବ୍ୟକ୍ତି ମନରେ ଆତ୍ମ ବିଶ୍ୱାସ ସୃଷ୍ଟି କରିଥାଏ। ଏହା ତ୍ୟାଗ ଓ ସଂଯମର ବିଭୂତି। ଲୋକ ସଂସ୍କୃତିର ଜନ୍ମ ସଭ୍ୟତାର ଉଷା କାଳରୁ ଘଟିଥିଲା। ଲୋକ ସଂସ୍କୃତିର ପରିସର ଅତ୍ୟନ୍ତ ବ୍ୟାପକ। ଏହାରି ଭିତରେ ରହିଛି ଲୋକନୃତ୍ୟ, ଲୋକ ନାଟକ, ଲୋକ କଳା, ଲୋକ ଗୀତ, ଲୋକ କଥା, ଲୋକ ସାହିତ୍ୟ ପରି ଅନେକ ବିଭାଗ। ତନ୍ମଧ୍ୟରୁ 'ଦାସକାଠି' ଆମ ଲୋକ ସଂସ୍କୃତିର ଏକ ବାର୍ତ୍ତାବହ। ଦାସକାଠି ନୃତ୍ୟରେ ଅଂଶ ଗ୍ରହଣକାରୀ କଳାକାର ମାତ୍ର ଦୁଇଜଣ। ଜଣେ ପାଳିଆ ଓ ଅନ୍ୟଜଣେ ଗାହାଣ। ଏହା ବ୍ୟୟ ବହୁଳ ଲୋକନୃତ୍ୟ ନୁହେଁ। ଚରିତ୍ର ସଂଖ୍ୟା ସ୍ୱଳ୍ପ ଥିବାରୁ ଏହା ଖୁବ ଲୋକପ୍ରିୟ କଳା। ଶ୍ରୋତା ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂକେତିକ ଚରିତ୍ରଗତ ଭୂମିକାରେ ସାମୟିକ ଭାବେ ଏହି ଦୁଇ ଜଣ ଅବତୀର୍ଣ୍ଣ ହୁଅନ୍ତି। ଏମାନଙ୍କ ବାଦ୍ୟ ଉପକରଣ ମଧ୍ୟ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରେ। ଦାସକାଠି ଗାୟକ ସାଧାରଣତ ସଭ୍ୟ, ଶିକ୍ଷିତ ଓ ସାହିତ୍ୟ ବିଶାରଦ ହୋଇଥାନ୍ତି। କେବଳ ମାତ୍ର ଦୁଇଜଣଙ୍କୁ ନେଇ ଏହି ପରମ୍ପରାଶୀଳ ଲୋକନୃତ୍ୟଟି ବର୍ଷ ସାରା ଅନୁଷ୍ଠିତ ହୋଇଥାଏ। ବିଶେଷତଃ ଏଥିରେ ଧାର୍ମିକ ଆବେଦନ ରହିଥିବାରୁ ସମାଜର ସମସ୍ତ ବର୍ଗର ବ୍ୟକ୍ତି ଏହାକୁ ଉତ୍ସାହର ସହ ଆୟୋଜନ କରିଥାନ୍ତି। ଲୋକନୃତ୍ୟ ପରମ୍ପରାରେ ଏକମାତ୍ର ଦାସକାଠି ନୃତ୍ୟ ବିଦଗ୍ଧ ଶିକ୍ଷିତ ଓ ଅଶିକ୍ଷିତ ବର୍ଗଙ୍କୁ ବହୁ ଭାବରେ ପ୍ରଭାବିତ କରିଥାଏ। ଆଧୁନିକ ସମୟରେ ଅନେକ ପରିବର୍ତ୍ତନ ହୋଇଥିଲେ ବି ଦାସକାଠି ତା'ର ସଂଘର୍ଷ ଜାରି ରଖିଛି। ଦାସକାଠି ଲୋକଚିତ୍ତରେ ପୌରାଣିକ ଭାବଧାରା ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଛାନ୍ଦ, ଚୌତିଶା ଆଦି ପାଇଁ ଆଗ୍ରହ ସୃଷ୍ଟି କରାଇ ଥାଏ। ଏହା ଲୋକନାଟ୍ୟ ହେଲେ ବି ଏଥିରେ ଅଶ୍ଳୀଳ ହାସ୍ୟରସ ଆଦୌ ନଥାଏ। ଦାସକାଠି ପରିବେଷଣ କୌଶଳ ଏବଂ ଶୈଳୀ ମନମୁଗ୍ଧକର ସରସ ସୁନ୍ଦର ଓ ଲାଳିତ୍ୟପୂର୍ଣ୍ଣ। ଦାସକାଠିରେ ପାଳିଆ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ତା'ର ଉପସ୍ଥିତ ବୁଦ୍ଧି ବଳରେ ନାନା ପ୍ରକାର ହାସ୍ୟରସ ସୃଷ୍ଟି ହୁଏ। ଧରାବନ୍ଧା କୌତୁକପୂର୍ଣ୍ଣ କାହାଣୀ ସ୍ୱତନ୍ତ୍ର ରୀତିରେ ପରିବେଷଣ କରୁଥିବା କାରଣରୁ ଅନ୍ୟାନ୍ୟ ଲୋକନୃତ୍ୟ ଅପେକ୍ଷା ସମାଜରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଦାସକାଠି ମୁଖ୍ୟତଃ ଗଞ୍ଜାମ ଜିଲ୍ଲାରୁ ଜନ୍ମ ହୋଇ ଓଡ଼ିଶା ସାରା ପରିବ୍ୟାପ୍ତ। ଲୋକମୁଖରେ ଶୁଣାଯାଏ, ଆଧାତ୍ମିକ ସଂଘର୍ଷ ମଧ୍ୟରୁ ଏହାର ଜନ୍ମ। ଏହା ବିଦଗ୍ଧ ଲୋକକଳା ହୋଇଥିବାରୁ ଏହାର ଗ୍ରାହକ ସବୁ ଶ୍ରେଣୀରେ। ବୈଷ୍ଣବ ଧର୍ମର ସମୃଦ୍ଧି କାଳରେ ହିଁ ଏହା ଆତ୍ମ ପ୍ରକାଶିତ। କୃଷ୍ଣ ଭକ୍ତି ପରମ୍ପରା ଅପେକ୍ଷା ରାମ ଉପାସନା ହେଉଛି ପ୍ରାଚୀନ। ସେଥିପାଇଁ କୁହାଯାଏ- ଏହା ରାମଲୀଳାର ପ୍ରଚାର ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିଲା। ଲୋକ ପ୍ରଚଳିତ ଭାଷାରେ ଏମାନେ ରାମ, ଲକ୍ଷ୍ମଣ, ଲବକୁଶ ଅଭିନୟରେ ଏକାତ୍ମ ଓ ଅଭିନ୍ନ ଭାବରେ କାର୍ଯ୍ୟ କରିଥାନ୍ତି। ସର୍ବୋପରି ରାମାୟଣର କାର୍ଯ୍ୟାବଳୀ ଓ ପୃଷ୍ଠଭୂମି ଏମାନଙ୍କ ଠାରେ ପ୍ରତିଫଳିତ। ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଅଭିନ୍ନ ଯୋଡି ଏମାନଙ୍କ ଆଦର୍ଶ। ରାମଲୀଳାର ଗାୟକଙ୍କ ଦ୍ୱାରା ଏମାନେ ପ୍ରଭାବିତ। ଦକ୍ଷୀଣ ଓଡ଼ିଶାର 'ବାସିରି' ସଂପ୍ରଦାୟ ଦ୍ୱାରା ଏହା ସୃଷ୍ଟ। ଗାୟକ ମାନଙ୍କ ଦେହରେ ଜରିଲଗା ପୋଷାକ, ମୁଣ୍ଡରେ ପଗଡି, ହାତରେ ବଳାଖଡୁ, କାନରେ ଗୋଖରା ଶୋଭା ପାଇଥାଏ। ଏହି କଳାକାରମାନେ ଧୋତିକୁ କୁଞ୍ଚ ପକାଇ କଳାକୋର୍ଟ ପରିଧାନ କରୁଥିଲେ। ସେମାନେ ବେକରୁ ପାଦ ପର୍ଯ୍ୟନ୍ତ ସରୁ ଓଢଣୀ, ଅଣ୍ଟାରେ ଅଣ୍ଟା ପାଟିଆ, କପାଳରେ ବୈଷ୍ଣବ ଧର୍ମୀ ତିଳକ, କାନରେ ନୋଳି, ମସ୍ତକରେ ପଗଡି ଧାରଣ କରୁଥିଲେ। ସାତ୍ତ୍ୱିକ ଗୁଣକୁ ଅନୁସରଣ କରୁଥିବା ଯୋଗୁ ଉଭୟ ଗାୟକ ଏବଂ ପାଳିଆ ସାତ୍ତ୍ୱିକ ଭାବ ଜାଗ୍ରତ ପାଇଁ ପ୍ରତ୍ୟେକ ଦିନ ଉତ୍ତମ ଖାଦ୍ୟ ଗ୍ରହଣ କରିଥାନ୍ତି। କାଠି ସଙ୍ଗୀତ ଏକ ସଂପୂର୍ଣ୍ଣ ନୂଆ ରୂପ ନେଇ ଦାସକାଠି ହୋଇଛି। ଗାୟକ ଓ ପଳିଆ ସାଧାରଣତଃ ରାମ ଉପାସକ। ଏଥିରେ ପାଳିଆ ମଝିରେ ମଝିରେ 'ରାମ ଯେ, ହରିରାମ ଯେ, ନବୀନ ସୁନ୍ଦର ରାମ ଯେ' ଘୋଷା ପଦଟିଏ ବାରମ୍ବାର ଉଚ୍ଚାରଣ କରିଥାନ୍ତି। ଭାରତୀୟ ସଙ୍ଗୀତ ଶାସ୍ତ୍ର ଅନୁଯାୟୀ 'ଆନନ୍ଧ' ବାଦ୍ୟଯନ୍ତ୍ର ମଧ୍ୟରେ ଦାସକାଠି ଅନ୍ତର୍ଭୁକ୍ତ। ଓଡ଼ିଶାର ଏହା ଏକ ପ୍ରାଚୀନ ଲୋକବାଦ୍ୟ। ଏହି ବାଦ୍ୟଯନ୍ତ୍ର ଦୁଇ ପ୍ରକାରର ବ୍ୟବହୃତ ହୁଏ। ଯଥା ରାମତାଳ ଓ ଲକ୍ଷ୍ମଣ ତାଳ। ଗାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟ ରାମ ତାଳ ଓ ଚାରି ଫାଳିଆ କାଠକୁ ଯାହା ପାଳିଆ ବ୍ୟବହାର କରିଥାଏ, ତାହା ଲକ୍ଷ୍ମଣତାଳ। ସାଧାରଣତ ଏହା ଶିଶୁ କାଠରୁ ପ୍ରସ୍ତୁତ ହୋଇଥାଏ। ଦାସକାଠି ବାଦ୍ୟଯନ୍ତ୍ରର ଆକୃତି ଓ ବ୍ୟବହାରିକ ଦୃଷ୍ଟିରୁ ଜଣାଯାଏ, ଏହା ବହୁ ବର୍ଷ ତଳର ନୃତ୍ୟକଳା। ଶିଶୁକାଠରୁ ନିର୍ମିତ ଏହି ବାଦ୍ୟ ବିଶ୍ୱକର୍ମାଙ୍କ ପ୍ରସ୍ତୁତ ପୌରାଣିକ ଯୁଗରୁ ପରମ୍ପରା କ୍ରମେ ଆସିଛି ବୋଲି କୁହାଯାଉଛି। ଦାସକାଠିର କଳାକାର ଭ୍ରମଣପ୍ରିୟ। ଗ୍ରାମରୁ ଗ୍ରାମ ଓ ସହରାଦିରେ ପୁରାଣର ସଂଗୃହିତ ଓ କାଳ୍ପନିକ ବିଷୟବସ୍ତୁ ପରିବେଷଣ କରିଥାନ୍ତି। ଯେପରି ଚନ୍ଦ୍ରାବତୀ ହରଣ, ନିଳାଦ୍ରୀ ହରଣ, କାମକଳା ହରଣ, ସୁଲୋଚନା ପରିଣୟ, ଚିତ୍ରସେନ ହରଣ, ସୁଭଦ୍ରା ହରଣ, କୀଚକ ବଦ୍ଧ, କର୍ଣ୍ଣ ବଦ୍ଧ, ଅଭିମନ୍ୟୁ ବଦ୍ଧ ପ୍ରଭୃତି ଏହାର ବହୁ ଜନାଦୃତ ଆଲୋଚିତ ବିଷୟ। ଦାସକାଠିର କେତେକ ବିଷୟ ପାଳିଆ ପରିବେଷଣ କରେ, ଯାହାର ସମ୍ପର୍କ ମୂଳ ବିଷୟ ସହ ନଥାଏ। କିନ୍ତୁ ଦର୍ଶକର ମନୋରଞ୍ଜନ ହୋଇଥାଏ ଓ କେତେକ ସାମାଜିକ ଶିକ୍ଷା ମଧ୍ୟ ମିଳିଥାଏ। ଯେପରି ଗାୟକ ଆଗରେ ବୋଲେ - 'ସମ୍ମୁଖ ସମର ଅଟେ ଧର୍ମଯୁଦ୍ଧ ନୀତି, ପୃଷ୍ଠଦେଶୁ ଯୁଦ୍ଧ କେବେ ନକରଇ କ୍ଷତ୍ରୀ'। ପାଳିଆ ପଛରେ ବୋଲେ - 'ମଧୁପରିଡାଙ୍କ ଝିଅ ଚତୁର ସୁନ୍ଦରୀ, ଆସିଛି କଟକରୁ ଏମ.ଏ ପାସ୍ କରି'। ଅଭିମନ୍ୟୁ ବଦ୍ଧ ବିଷୟ ପରିବେଷଣ କଲାବେଳେ ପାଳିଆ ଆଧୁନିକ ସମାଜର ଏକ ସାମାଜିକ ଚିତ୍ର ପରିବେଷଣ କରିଥାଏ। ଦାସକାଠି ଅଭିନୟ ମୁକ୍ତ ମଞ୍ଚରେ ହୋଇଥାଏ। ଆବାହମାନ କାଳରୁ ଉତ୍ତର ରାମଚରିତର ଶେଷ ଅଙ୍କ ପାଠ କଲେ ମନେହୁଏ ଲବକୁଶ ଏହିପରି ମୁକ୍ତ ମଞ୍ଚରେ ରାମାୟଣର ନାଟ୍ୟ ରୂପ ପରିବେଷଣ କରିଥିଲେ। ମୁକ୍ତ ଆକାଶ ବା ଚାନ୍ଦୁଆ ତଳେ ହିଁ ଏହା ପ୍ରଦର୍ଶିତ ହୁଏ। ଅଭିନୟ ସ୍ଥାନର ଚାରି ପାର୍ଶ୍ୱରେ ଦର୍ଶକଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଏ। ଏହି ଅଭିନୟ କ୍ଷେତ୍ରକୁ ମଣ୍ଡଳ କୁହାଯାଏ। ସଙ୍ଗୀତ ନୃତ୍ୟ ଓ ଅଭିନୟର ଏକ ମିଶ୍ରିତ କଳା ହେଉଛି ଦାସକାଠି। ଦାସକାଠି ଆମ ପରମ୍ପରାରେ ଏକ ଗୀତିମୟ ସାହିତ୍ୟିକ କହିଲେ ଭୁଲ୍ ହେବ ନାହିଁ। ଏହା ରାମଭକ୍ତି ମାର୍ଗର ଲୋକ ନାଟକ। ଦାସକାଠିର ଅନ୍ୟ ନାମ ହେଉଛି- ରାମତାଳି। କାହିଁ କେଉଁ ଶତାବ୍ଦୀରୁ ସୃଷ୍ଟି ହୋଇଥିବା ଏହି ବିଦଗ୍ଧ କଳାକୁ ଆମ ପରମ୍ପରାର କାର୍ତ୍ତାବହ ଭାବରେ ଗ୍ରହଣ କରାଯାଇଛି। ଆମ ସାଂସ୍କୃତିକ ତଥା ସାହିତ୍ୟିକ ଶ୍ରୋତସ୍ୱିନୀକୁ ମୁଖରିତ କରି ଗଢି ତୋଳିବାରେ ଦାସକାଠି ଗୁରୁତ୍ୱପୂର୍ଣ୍ଣ ଭୂମିକା ଉଲ୍ଲେଖଯୋଗ୍ୟ। ଆଜିର ଅତ୍ୟାଧୁନିକ ବସ୍ତୁବାଦୀ ଯୁଗରେ ଏହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ।

# ଦୀକ୍ଷା କାହିଁକି ନେବାକୁ ହୁଏ ?



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଭାରତବର୍ଷରେ ହିନ୍ଦୁତ୍ୱରେ ହିନ୍ଦୁତ୍ୱ ଯେତିକି ପ୍ରାଚୀନ, ଗୁରୁ ପରମ୍ପରାରେ 'ଦୀକ୍ଷା' ବା 'ଗୁରୁଦୀକ୍ଷା' ସେତିକି ପୁରାତନ। ଏହା ଏକ ଆଧାତ୍ମିକ ପ୍ରକ୍ରିୟା, ଯେଉଁ ପ୍ରକ୍ରିୟାରେ ଗୁରୁ ଜଣେ ଭଗବତ ପ୍ରେମୀଙ୍କୁ ନିଜର ଶିଷ୍ୟ ରୂପରେ ଗ୍ରହଣ କରନ୍ତି। ଏହି ଶିଷ୍ୟ ଗ୍ରହଣ ବିଧି ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ଭାବରେ ସଂପନ୍ନ ହୁଏ। ସାଧାରଣତଃ ଏହି ଦୀକ୍ଷା ଗ୍ରହଣକୁ ଏକ ଭଗବତ ଉତ୍ସବ ଭାବେ ବିଚାର କରାଯାଏ। ଏହି ପ୍ରକ୍ରିୟାରେ ଶିଷ୍ୟ ତା'ର ଗୁରୁ ନିର୍ଦ୍ଦେଶିତ ପଥ ଓ ନୀତି, ଆଦର୍ଶ ଆଦିକୁ ଅନୁସରଣ କରିବାକୁ ସମ୍ମତ ହୁଏ। ଗୁରୁ ମଧ୍ୟ ଶିଷ୍ୟର ଦାୟିତ୍ୱ ବହନ କରି ଆଧାତ୍ମିକ ମାର୍ଗରେ ଅଗ୍ରଗତି କରିବା ପାଇଁ ତାକୁ ସାଧନ ଭଜନର ସୂତ୍ର ବତାଇ ଦେବାକୁ ସମ୍ମତ ହୁଅନ୍ତି। ଏହି ଦୀକ୍ଷା ପାଇଁ ଏକ ନିର୍ଦ୍ଦିଷ୍ଟ ନୀତି ଅନୁସୃତ ହୁଏ। ତାକୁ ଦୀକ୍ଷାଉତ୍ସବ କୁହାଯାଏ। ଏହି ଦୀକ୍ଷା ଉଭୟ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଭାଗବତ ସଂପର୍କକୁ ସୁଦୃଢ଼ କରେ।

ଜଣେ ଦାଦା ଏବେ ବି ଦୀକ୍ଷା ନେଇ ନାହାନ୍ତି। ସେହି ସମ୍ପର୍କରେ ସେ କହିଲେ ଆଜି ପର୍ଯ୍ୟନ୍ତେ ମୁଁ ସମାଧାନ ପାଇ ନାହିଁ। ତେଣୁ ଜିଜ୍ଞାସା କରୁଛି, ମୋର କରଣୀୟ କ'ଣ ? ଶ୍ରୀ ଶ୍ରୀ ଠାକୁର - ଶୁଣ୍ଢି ଦୋକାନକୁ ଯାଇ ଯଦି ଜିଜ୍ଞାସା କର, ମଦ ଖାଇବି କି ନାହିଁ, ସେ ତ ନିଶ୍ଚୟ କହିବି ଗୋଟିଏ ଗ୍ଲାସ ଖାଅ। ମୁଁ ତ ଜାଣେ ଏହା ହିଁ ହେଲା ମହାମଙ୍ଗଳ। ମୁଁ ପ୍ରତ୍ୟୟଦୀପ୍ତ, ଏହାଛଡ଼ା ପଥ ନାହିଁ। ତେଣୁ ମୋତେ ଜିଜ୍ଞାସା କରି ଲାଭ ନାହିଁ। ତୁମକୁ ସମାଧାନ ଭିତରକୁ ଆସିବାକୁ ହେବ। ନାନା ପ୍ରକାର ପ୍ରବୃତ୍ତି ଆମ୍ଭମାନଙ୍କୁ ଅଟକାଇ ରଖେ। ସମାଧାନ କରିବାକୁ ଦିଏ ନାହିଁ। କିନ୍ତୁ ଜୀବନ ତ ଅଟକି ରହେ ନାହିଁ। ସେ ତ ଚାଲିବ ହିଁ। ଏହି ଚାଲିବାଟା ଯେପରି ସୁସ୍ଥ ସୁନ୍ଦର ହୁଏ, ତାହା ହିଁ କରିବା ଦରକାର। ପ୍ରବୃତ୍ତିର କାରଣରୁ ଯେତେ ପ୍ରତିରୋଧ ଆସୁ, ତାକୁ ଜୟକରି ଆଗେଇବା ଦରକାର। କୂଅ ଖୋଳିବା ସମୟରେ କେତେ ପଥର କାଟିବାକୁ ହୁଏ। ଠାକୁର କହନ୍ତି ତା'ର କାରଣ, ସେ ବୃତ୍ତି ଗୁଡ଼ିକରେ ଠକ୍କର ଦିଅନ୍ତି। ଠକ ଠକ କରି ଲାଗେ। କିନ୍ତୁ ଅନୁରାଗ ନେଇ ତାଙ୍କ ପଥରେ ଚାଲିଲେ ସେ ଗୁଡ଼ିକ ନିୟନ୍ତ୍ରିତ ହୁଏ। ଦୁନିଆର ଯାହା କିଛି ଛାପ ଆମ୍ଭ ମାନଙ୍କ ମଥାରେ ଛାପ ପକାଏ। ବହୁ ବିଚ୍ଛିନ୍ନ ଛାପର ସୃଷ୍ଟି ହୋଇ ବିଚ୍ଛିନ୍ନ ଭାବର ସୃଷ୍ଟି କରେ। ସେ ଗୁଡ଼ିକ କେତେ ବାଟରେ ଯେ ଟାଣେ, ତା'ର ଇୟତ୍ତା ନାହିଁ। ଇଷ୍ଟଙ୍କୁ ଗ୍ରହଣ କଲେ ଏଗୁଡ଼ିକ ପୁନର୍ବିନ୍ୟାସ ହୋଇଥାଏ। ଏହାକୁ କୁହାଯାଏ ଦ୍ୱିଜତ୍ୱ, ଦ୍ୱିତୀୟ ଜନ୍ମ। ବାଇବେଲରେ ପୁନର୍ଜନ୍ମର କଥା ଅଛି। ଆମ୍ଭେମାନେ ଯେ ଶ୍ରେୟଙ୍କୁ ଗ୍ରହଣ କରିବାକୁ ଚାହୁଁନା, ଏହା କିନ୍ତୁ ଗୋଟିଏ ଅରିଷ୍ଟର ଲକ୍ଷଣ। (ଆ:ପ୍ର: ୨୧/୧୦.୫.୧୯୫୨)।

ଗୁରୁ ଶିଷ୍ୟକୁ ଯେଉଁ ଦୀକ୍ଷା ଦାନ କରନ୍ତି, ତାହା ବିଭିନ୍ନ ଧର୍ମମତ ଓ ଧର୍ମ ସଂପ୍ରଦାୟ ଯଥା ବୈଷ୍ଣବ, ଶୈବ, ଶାକ୍ତ, ଯୋଗୀ ତାନ୍ତ୍ରିକ ଆଦି ହିନ୍ଦୁ ଧର୍ମାବଲମ୍ବୀମାନେ ଭିନ୍ନ ଭିନ୍ନ ଭାବରେ ସଂପନ୍ନ କରିଥାନ୍ତି। ଅନ୍ୟ ସଦ୍‌ଗୁରୁ ଏବଂ ଗୁରୁମାନେ ନିଜର ଅନୁସୃତ ଧାରା ଅନୁସାରେ ଦୀକ୍ଷା ଦାନ କରିଥାନ୍ତି। ଉଦାହରଣ ସ୍ୱରୂପ ଗୋରଖ ନାଥଙ୍କ ଦୀକ୍ଷାଦାନ ହଠଯୋଗ ସାଧନା ପାଇଁ ଅନୁକୂଳ ହୋଇଥିବା ବେଳେ ଶ୍ରୀ ରାମକୃଷ୍ଣ ପରମହଂସ ତାନ୍ତ୍ରିକ ପଦ୍ଧତିରେ ଦୀକ୍ଷାଦାନ କରୁଥିଲେ। ହିନ୍ଦୁ ଧର୍ମର ପ୍ରତିଷ୍ଠିତ ପରମ୍ପରା ଅନୁସାରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ପବିତ୍ର ଆଧାତ୍ମିକ ସଂପର୍କ ସ୍ଥାପନ ପାଇଁ ଦୀକ୍ଷା ଏକାନ୍ତ ଅପରିହାର୍ଯ୍ୟ।




ଆସିକା(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ନଗର ଉନ୍ନୟନ ଓ ଗୃହ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ(୨୦୨୪-୨୦୨୫) ଅଧୀନରେ ସ୍ୱଚ୍ଛ ସର୍ବେକ୍ଷଣରେ ସୁପର ସ୍ୱଚ୍ଛ ଲିଗ୍ ସହର ରୂପେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଥମ ସ୍ଥାନ ଅଧିକାର ହାସଲ କରି ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି । ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କ ପ୍ରଚେଷ୍ଟା ଏବଂ ବିଜ୍ଞାପିତ ଅଂଚଳ ପରିଷଦର ୧୮ ଗୋଟି ୱାର୍ଡର ୨୫ ହଜାରରୁ ଊର୍ଦ୍ଧ ଜନସଂଖ୍ୟା, ଏନ୍‌ଏସିର କାର୍ଯ୍ୟରତ ୫୦ରୁ ଊର୍ଦ୍ଧ ଝାଡୁଦାର, ୩ରୁ ଊର୍ଦ୍ଧ ଜାମେଦାର, ଜଣେ ସାନିଟେସନ ସୁପର ଭାଇଜର, ଜଣେ ଜଣେ ସାନିଟେସନ ନିରୀକ୍ଷକଙ୍କ ସହଯୋଗରେ ଏହି ସଫଳତା ଲାଭ କରିଛି ବୋଲି ଅଧକ୍ଷା ପ୍ରକାଶ କରିଛନ୍ତି । ଏହି ପୁରସ୍କାରକୁ ଆସନ୍ତା ୧୭ରେ ବିଜ୍ଞାନ ଭବନ ନୂଆ ଦିଲ୍ଲୀରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ପାଇବା ପାଇଁ ଚୂଡାନ୍ତ ହୋଇଛି । ଏଣୁ ସମସ୍ତ ସ୍ୱଚ୍ଛକର୍ମୀ ଯଥା ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ସାନିଟେସନ ନିରୀକ୍ଷକ ଅଜିତ କୁମାର ପଟ୍ଟନାୟକ, ସାନିଟାରୀ ଏକ୍ସପାର୍ଟ ଦୀପ୍ତିମୟ ସାହୁ, ଅଣୁ ଜୈବ କେନ୍ଦ୍ର, ସ୍ୱଚ୍ଛସାଥୀ ଓ ସମସ୍ତ ସଫେଇ କର୍ମଚାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର ତଥା ଆସିକା ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି ପୁରସ୍କାର ର ଶ୍ରେୟ ଏହି କର୍ମଚାରୀଙ୍କ ପାଇଁ ଯୋଗ୍ୟ ଥିଲା ବୋଲି ଅଧକ୍ଷା ବିନେତା ସ୍ୱାଇଁ ପ୍ରକାଶ କରିଛନ୍ତି

# କଂଗ୍ରେସ ନେତୃମଣ୍ଡଳୀଙ୍କ କ୍ଷତିଗ୍ରସ୍ତ ବେଲେଶ୍ୱର ସେତୁ ପରିଦର୍ଶନ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ବ୍ଲକ ପଣସା ପଞ୍ଚାୟତର ବେଲେଶ୍ୱରରେ ମାତ୍ର ୧୦ ବର୍ଷର ବିଜୁ ସେତୁ ଭାଙ୍ଗିବା ଘଟଣା ପରେ ସାରା ଜିଲ୍ଲାରେ ପୂର୍ବ ସରକାରଙ୍କ ନିମ୍ନମାନର କାମ ଓ ବର୍ତ୍ତମାନ ସରକାରଙ୍କ ବାଲି ଚୋରି ପ୍ରୀତି ଧରାପଡିଛି । ଉଭୟ ନିଜ ନିଜ ସ୍ୱାର୍ଥରେ ରହି କାର୍ଯ୍ୟ କରୁଥିବା ବେଳେ ଯାହାର ପରିଣାମ ସ୍ୱରୂପ ଶହଶହ ଜନତାଙ୍କ ଜୀବନ ରେଖା କୁହାଯାଉଥିବା ଦୁଇ ପଞ୍ଚାୟତ ପଣସା ଓ ଚଇନପୁରର ଯୋଗାଯୋଗର ମାଧ୍ୟମ ବିଜୁ ସେତୁ ଅନିର୍ଦ୍ଧିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ ହୋଇଯାଇଛି । ତେବେ ଏହା ଉପରେ ଦୈନିକ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ସହ ଅନ୍ୟାନ୍ୟ କାର୍ଯ୍ୟ କରୁଥିବା ଜନତା ଏବେ ନିରୁପାୟ ହୋଇଯାଇଛନ୍ତି । ପଣସା ପଞ୍ଚାୟତର ଅନେକ ଲୋକ ଦୁଇ କିମି ରାସ୍ତା ବଦଳରେ ଏବେ ୧୦ କିମି ରାସ୍ତା ପାର ହେବାକୁ ପଡିବ । ତେବେ ଏହି ଘଟଣା ଜାଣିବା ପରେ କଂଗ୍ରେସର ଏକ ପ୍ରତିନିଧି ଦଳ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ଭାସ୍କର ମହାନ୍ତି, ଅକ୍ଷୟ ଶତପଥୀ, ସଂଗ୍ରାମ ସାହାଣୀ, ଅନିଲ ମହାନ୍ତି, ନକୁଳଦେବ ସାହୁ, ଦେବାଶିଷ ସାମନ୍ତ, ଘନଶ୍ୟାମ ପଣ୍ଡା, ଜୟନ୍ତ ସ୍ୱାଇଁ, ରମେଶ ପଣ୍ଡା ପ୍ରମୁଖ ସ୍ଥାନୀୟ ଜନସାଧାରଣଙ୍କ ସହ କ୍ଷତିଗ୍ରସ୍ତ ହୋଇଥିବା ବ୍ରିଜ ବୁଲି ସ୍ଥିତି ଦେଖିବା ସହ ଲୋକଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ନିମ୍ନମାନର କାମ ଯୋଗୁ ପୋଲର ଏପରି ଅବସ୍ଥା ହୋଇଥିବା ବେଳେ ଏହାର ନିକଟରୁ ଅହରହ ବାଲି ଲୁଟ ପୋଲ ଦୁର୍ବଳର ଅନ୍ୟ ଏକ କାରଣ ହୋଇଛି । ତେବେ ଏହି ନିମ୍ନମାନର ନିର୍ମାଣରେ ସଂପୃକ୍ତ ଥିବା ଯନ୍ତ୍ରୀ, ଠିକାଦାର, ବିଭାଗୀୟ ମୁଖ୍ୟ ଅଧିକାରୀ ସମସ୍ତଙ୍କ ହରିଲୁଟ ଭିତରେ ପୋଲର ଭାଗ୍ୟ ବଳି ପଡିଯାଇଛି । ଯାହାକି ଏକ ବିଜୁ ସେତୁର ଆୟୁଷ ୧୦ ବର୍ଷରେ ଶେଷ ହୋଇଯାଇଛି । ତେଣୁ ଏହାକୁ ନିର୍ମାଣ କରିଥିବା ସଂସ୍ଥା ସହ ଦାୟିତ୍ୱରେ ଥିବା ତତକାଳୀନ ଅଧିକାରୀଙ୍କୁ ଯାଞ୍ଚ ପରିସର ଭୁକ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଦାବି କରିଛି । ଏପରି ଘଟଣାକୁ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ ଓ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ନିନ୍ଦା କରିଛନ୍ତି । ଅଞ୍ଚଳବାସୀଙ୍କ ତୁରନ୍ତ ସୁବିଧା ପାଇଁ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି ।

# ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଯାତ୍ରୀ ବାହୀ ବସ୍‌କୁ ପଛପଟୁ ଧକ୍କା ଦେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଲା ଯାତ୍ରିବାହୀ ବସ୍ । ଗିତାଞ୍ଜଳି ନାମକ ଏକ ଘରୋଇ ବସ୍ ଭୋଗରାଇରୁ ଜଳେଶ୍ୱର ଦେଇ ବାରିପଦା ଯିବା ସମୟରେ ୬୦ ନମ୍ବର ଜାତୀୟ ରାଜପଥ ଚାଳନ୍ତି ଛକ ନିକଟରେ ୟୁଟର୍ନ ମାରିବା ସମୟରେ ପଛପଟୁ ଟ୍ରକ ଧକ୍କା ଦେଇଥିଲା । ଭାରସାମ୍ୟ ହରାଇ ବସ୍‌ଟି ଓଲଟି ପଡିଥିଲା । ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ୨୯ରୁ ଅଧିକ ଗୁରୁତରଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଅଧିକ ଗୁରୁତ୍ୱର ଥିବାରୁ ଫକୀର ମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇ ଥିବାବେଳେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖରିଦା ଗ୍ରାମର ମଳୟ ମହାନ୍ତି(୪୨)ଙ୍କ ମୃତ୍ୟୁ ହୋଇଛି । ଅନ୍ୟ ଗୁରୁତର ହେଲେ ଜଳେଶ୍ୱର ଖୁଲୁଡ଼ା ଗ୍ରାମର ଆଦିତ୍ୟ ପାଲ, ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗ୍ରାମର ସନ୍ଧ୍ୟାରାଣୀ ସେଠୀ, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁରର ଆରତି ମହାନ୍ତି, ଜଳେଶ୍ୱର ରାଜପୁର ଗ୍ରାମର ସବିତା ବିନ୍ଧାଣି । ଘଟଣା ସ୍ଥଳରେ ଜଳେଶ୍ୱର ପୋଲିସ ଓ ରାଜପଥ କର୍ମଚାରୀ ସହଯୋଗ କରୁଥିବା ବେଳେ ପୋଲିସ ଦୁର୍ଘଟଣା ଘଟେଇ ଥିବା ଟ୍ରକକୁ ଅଟକ ରଖିଛି ।

# ଜମିବାଡି ବିବାଦରୁ ଦଳିତଙ୍କୁ ଆକ୍ରମଣ ଅଭିଯୋଗ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ଜଲାରପୁର ପଂଚାୟତ କୁଳ ଜଲାରପୁର ଗ୍ରାମରେ ଜମି ବାଡି ବିବାଦକୁ ନେଇ ଦଳିତ ପରିବାରକୁ ଆକ୍ରମଣ ଓ ଅସଭ୍ୟ ଭାଷାରେ ଗାଳି ଗୁଲଜକୁ ନେଇ ଆକ୍ରମଣର ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାଇ ଉକ୍ତ ଗ୍ରାମର ବଂଶୀଧର ସେଠି ଓ



ସେହି ଗ୍ରାମର ଶିବ ନାଏକ ଓ ଠୁକୁରା ନାୟକଙ୍କ ମଧ୍ୟରେ ଜମିବାଡି ବିବାଦ ଲାଗିରହିଥିଲା । ଆଜି ରବିବାର ଶିବ ଓ ଠୁକୁରା ମରଣାନ୍ତକ ଆକ୍ରମଣ କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜକୁ ନେଇ ବଂଶୀଧର ସେଠି ନିଆଳି ଥାନାରେ ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗ ଆଧାରରେ ନିଆଳି ଥାନା ପୋଲିସ ତଦନ୍ତ ଚାଲୁ ରଖିଛି । ଏ ନେଇ ଶିବ ନାୟକଙ୍କୁ ପଚାରିବାରୁ ଏହା ସମ୍ପୂର୍ଣ୍ଣ ଭିତ୍ତି ହୀନ ଏବଂ ଏହି ଘଟଣାର କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି ।

# ଗୋଦାମ ବାରଣ୍ଡାରୁ ୨୯ ବସ୍ତା ଧାନ ଲୁଟ୍

ନିମାପଡ଼ା(ଭାସ୍କର ନ୍ୟୁଜ): ବଳଙ୍ଗା ଥାନା ଅନ୍ତର୍ଗତ କୁଆଁରପୁର ଠାରେ ଥିବା ଗୋଦାମ ଗୃହ ବାରଣ୍ଡାରୁ ଜଣେ ଧାନ ଚାଷୀଙ୍କ ୨୯ ବସ୍ତା ଧାନକୁ ଦୁର୍ବୃତମାନେ ଶୁକ୍ରବାର ବିଳମ୍ବିତ ରାତ୍ରରେ ଚୋରୀ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ସୂଚନା ମୁତାବକ କୁଆଁରପୁର ଗ୍ରାମର ପ୍ରସନ୍ନ ସ୍ୱାଇଁ ଚଳିତ ବର୍ଷ ଖରାଦିନିଆ ଧାନ କରିଥିବା ବେଳେ ସେ ୧୬୮ ବସ୍ତା ଧାନ ଅମଳ କରି ଗୋଦାମ ବାରଣ୍ଡାରେ ପାଲ ଘୋଡ଼ାଇ ରଖିଥିଲେ । ତେବେ ଗତକାଲି ସଂଧ୍ୟାରେ ଆସି ଦେଖିବାରେ ଉକ୍ତ ଧାନବସ୍ତାରୁ ୨୯ ବସ୍ତା ଧାନ ନଥିବା ଦେଖି ଏହି ଧାନ ବସ୍ତାକୁ ଦୁର୍ବୃତମାନେ ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ । ତେବେ ଚୋରି ପଛରେ ସ୍ଥାନୀୟ ଭଗବତପୁର ଗ୍ରାମର ଜଣେ ବିଜେଡି ଯୁବ ନେତାଙ୍କ ହାତ ରହିଥିବା ନେଇ ପ୍ରସନ୍ନ ଥାନାରେ ଅଭିଯୋଗ କରିଛନ୍ତି । ଏହି ଧାନ ଚୋରୀ ଘଟଣା ଏବେ ପଂଚାୟତରେ ଚର୍ଚ୍ଚାର ଖୋରାକ ଯୋଗାଉଛି । ଧାନ ଚୋରୀ ଘଟଣାକୁ ନେଇ ଦୁଇ ରାଜନୈତିକ ଦଳ ମୁହାଁମୁହିଁ ହୋଇଛନ୍ତି । ଗତବର୍ଷ ମଧ୍ୟ ଏହିପରି ପ୍ରସନ୍ନ ଙ୍କର ଧାନ ଚୋରି ହୋଇଥିବା ଘଟଣାକୁ ନେଇ ବିବାଦ ଉପୁଜି ଥିଲା । କେତେକ ବ୍ୟକ୍ତି ବାଇକ୍‌ରେ ଧାନବସ୍ତା ନେଉଥିବା ବେଳେ ଚାଷୀଙ୍କ ହାତ୍‌ରେ ପଡ଼ି ସେକା ଖାଇଥିଲେ ।

# ସମ୍ମିଳିତ କାର୍ଯ୍ୟରତ ସାମ୍ବାଦିକ ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ ଆଲୋଚନାଚକ୍ର



ଜଳେଶ୍ୱର(ଭାସ୍କର ନ୍ୟୁଜ): ସମ୍ମିଳିତ କାର୍ଯ୍ୟରତ ସାମ୍ବାଦିକ ସଙ୍ଘ (ଓୟୁଡବ୍ଲୁଜେ)ର ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ ଆଲୋଚନାଚକ୍ର ଶିର୍ଷକ, ଆଜିର ସମାଜ ଅବକ୍ଷୟ ମୁଖୀ ଏଥିରେ ପ୍ରଶାସନିକ ଅଧିକାରୀ, ରାଜନୈତିକ ପୃଷ୍ଠପୋଷକ ଓ ଗଣମାଧ୍ୟମର ଭୂମିକା ଜଳେଶ୍ୱର ଭଞ୍ଜ ଭବନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଅପର୍ଣ୍ଣା ପଣ୍ଡାଙ୍କ ସଭାପତିତ୍ୱ ଓ ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ନାଥ ସେନାପତିଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଏସଡିପିଓ ମାନସ କୁମାର ଦେଓ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ରାଜ୍ୟ ସମ୍ପାଦକ ତପନ ମହାରଣ୍ୟ ଶର୍ମା, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଶ୍ୟାମାଚରଣ ଦାସ, ଜଳେଶ୍ୱର ପୂର୍ବତନ ବାର ସଭାପତି ତଥା ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପରିଡା, ଚିନ୍ମୟ କୁମାର ଦାସ ପ୍ରମୁଖ ଯୋଗଦେଇ ଶିର୍ଷକ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦେବୀ ପ୍ରଶନ୍ନ ଚନ୍ଦ, ବଣିକ ସଂଘର ସଭାପତି ସୁଧିର ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଜିତାରାମ ଦେ, ଶିକ୍ଷକ ନେତା ଖଗେନ୍ଦ୍ର ନାଥ ସାହୁ, ଶିକ୍ଷାବିତ କପିଳେଶ୍ୱର ମହାନ୍ତି, ବିଶିଷ୍ଟ ବ୍ୟବସାୟୀ ଅରୁଣ କୁମାର ରାଠୀ, ବାମପନ୍ଥୀ ନେତା ବିଲ୍ଲପ କୁମାର ଗିରି, ସମାଜସେବୀ ଅଶୋକ କୁମାର ଜେନା ପ୍ରମୁଖ ଯୋଗଦେଇ ନିଜମଧ୍ୟରେ ଚେତନାର ଉଦ୍ଦେଶକୁ ଜାଗ୍ରତ କରିବା ସହ ବିଭିନ୍ନ ଘଟଣାରେ ଶିକ୍ଷିତ ବୁଦ୍ଧିଜୀବି ମାନେ ନିଷ୍କ୍ରିୟ ନ ରହି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ଯାଇ ଏକ ସୁନ୍ଦର ସୁସ୍ଥ ସମାଜ ଗଠନ କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହାସହିତ ଭାରତ ଏକ ଗଣତାନ୍ତ୍ରୀକ ଦେଶ ହୋଇଥିବା ବେଳେ ସମ୍ବିଧାନ ରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ ସମତୁଲ ରକ୍ଷା କରିବା ପାଇଁ ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମକୁ ରଖାଯାଇଛି । ତେଣୁ ଗଣମାଧ୍ୟମର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖୁବା ଓ ସାମ୍ବାଦିକଙ୍କ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ଆଇନର ପ୍ରଣୟନ କରିବାକୁ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶେଷରେ ଜିଲ୍ଲା ସମ୍ପାଦକ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲିଟୀର ନୂତନ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ରବିନ୍ଦ୍ର ନାଥ ସେନାପତି, ଉପସଭାପତି ଭାବେ ରାମକୃଷ୍ଣ ନାୟକ, ସମ୍ପାଦକ ଭାବେ ପ୍ରତାପ କୁମାର ଜେନା, ସହ ସମ୍ପାଦକ ଭାବେ ଚିନ୍ମୟ ଦାସ, କୋଷାଧକ୍ଷ ଭାବେ ଗୌରହରୀ ମହାନ୍ତି ପ୍ରମୂଖ ମନୋନିତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ସୁଶାନ୍ତ କୁମାର ପ୍ରଧାନ ଓ ଅଜିତ କୁମାର ଦାସଙ୍କୁ ମନୋନୀତ କରାଯାଇ ଏକ କମିଟି ଗଠନ କରା ଯାଇଥିଲା ।

# ସଚେତନ ନାଗରିକ ମଞ୍ଚର ପ୍ରତିଭା ସମ୍ମାନ ଉତ୍ସବ




ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ସଚେତନ ନାଗରିକ ମଞ୍ଚ ଆନୁକୁଲ୍ୟରେ ଡା. ଦେବେନ୍ଦ୍ର ପ୍ରଧାନ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମଞ୍ଚ କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଗାନ୍ଧିଛକସ୍ଥିତ ପୌର ଟାଉନ୍ ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନର ସମସ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସଫଳତା ହାସଲ ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପିଲାର ସଫଳତା ପାଇଁ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ତଥା ସମାଜର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମହତାବ ମତବ୍ୟକ୍ତ କରିଥିଲେ । ବିଜେପି ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା ମଞ୍ଚର ଉପଦେଷ୍ଟା ଜ୍ଞାନେନ୍ଦ୍ର ସ୍ୱାଇଁ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ମଞ୍ଚ ସଭାପତି ଅକ୍ଷୟ କୁମାର ଭୂୟାଁ ଅତିଥି ଭାବେ ଯୋଗ ଦେଇଥିଲେ । ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ଼ରେ ପାସ୍ କରିଥିବା ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର କୃତି ଛାତ୍ରଛାତ୍ରୀଙ୍କୁ ସାଂସଦ ଶ୍ରୀ ମହତାବ ସମ୍ମାନିତ କରିଥିଲେ । ଏହି ଅବସରରେ ଟେଟ୍ରାହେଡ୍ରନ୍ ଅଧ୍ୟକ୍ଷ ଡ.ତ୍ରିଦେବ ବେହେରା, ଉତ୍କଳ ଇଣ୍ଟରନେସନାଲ ସ୍କୁଲ ଚେୟାରମ୍ୟାନ୍ ଗଣେଶ ପ୍ରସାଦ ବେହେରା, ଡାଏନ୍ ଡେନ୍ସ ସ୍କୁଲର ମୁଖ୍ୟ ଶୁଭମ୍ ସରିତା କର, ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ସନ୍ଥ ଦୂର୍ଗା ପ୍ରସାଦ ପ୍ରମୁଖଙ୍କୁ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଜିତ୍ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ ଏବଂ ଧିରଞ୍ଜନ ସିଂହ, ସଂଜୟ ମହାରଣା, ତନ୍ମୟ ସାହୁ, ସଂଜୀବ ତିୱାରୀ, ପ୍ରକାଶ ନାୟକ, ପ୍ରକାଶ ସାହୁ, ଭିକି ଦାସ ପ୍ରମୁଖ ସହଯୋଗ କରିଥିଲେ । କାଉନସିଲର ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ଶାଖାର ସାଙ୍ଗଠନିକ ଆଲୋଚନା ଓ ଚାରାରୋପଣ



ଯାଜପୁର(ଭାସ୍କର ନ୍ୟୁଜ): ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଙ୍ଗଠନ ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ରବିବାର ସ୍ଥାନୀୟ ଯାଜପୁର ପୌରପରିଷଦ ଅନ୍ତର୍ଗତ କୋଦଣ୍ଡପୁର ଦେବେଶ୍ୱର କଲ୍ପରାଲ ଏକାଡେମୀ ପରିସରରେ ସାଙ୍ଗଠନିକ ଆଲୋଚନା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଙ୍ଘ ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପୂର୍ବ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ହିସାବ, ସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ବିଷଦ ଆଲୋଚନା କରାଯାଇଥିଲା । ଏହି ଅବସରରେ ସର୍ବସମ୍ମତିକ୍ରମେ ଯାଜପୁର ବ୍ଲକ ସଂଯୋଜକ ଭାବେ ବିଦ୍ୟାଧର ବେହେରାଙ୍କୁ ମନୋନୀତ କରାଯାଇଛି । ଏହି ଅବସରରେ ସଂଘ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ପ୍ରକାରର ଫଳ ଏବଂ ଫୁଲ ବୃକ୍ଷ ରୋପଣ କରାଯାଇ ପରିବେଶ ସନ୍ତୁଳନତା ଦିଗରେ ସମାଜକୁ ଏକ ମହତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ସଭାପତି ହରିହର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଉପ ସଭାପତି ପବିତ୍ର ରଂଜନ ମହାନ୍ତି, ପ୍ରଦୀପ କୁମାର ଜେନା, ଜିଲ୍ଲା ସମ୍ପାଦକ ଶୁଭାଶିଷ ରାଉତ, ଜିଲ୍ଲା କୋଷାଧକ୍ଷ ସଞ୍ଜୟ କର, ଯାଜପୁର ମୁନିସିପାଲିଟି ସଂଯୋଜକ ଦିବ୍ୟକାନ୍ତ କର, ବ୍ୟାସନଗର ସଂଯୋଜକ ଯଜ୍ଞଦତ୍ତ ତ୍ରିପାଠୀ, ଅବିନାଶ ସ୍ୱାଇଁ, ଅଜୟ ବେହେରା, ଭରତ ନାୟକ, ସୁରେଶ କର, ପ୍ରକାଶ ସାହୁ, ଦର୍ଶନୀ ବେହେରା, ଅଶୋକ ଦାସ, ସତ୍ୟବ୍ରତ ନାୟକ, ଅଜୟ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ସଭ୍ୟ ସତ୍ୟବ୍ରତ ନାୟକ ଧନ୍ୟବାଦ ପ୍ରସ୍ତାବ ଦେବା ପରେ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା ।


# ହଷ୍ଟେଲ ଛାତରୁ ଡେଇଁ ଛାତ୍ର ମୃତ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଏକ ଘରୋଇ ସ୍କୁଲର ହଷ୍ଟେଲରୁ ଡେଇଁ ଜଣେ ୧୦ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି । ସମଗ୍ର ଘଟଣା ସିସିଟିଭିରେ କଏଦ ହୋଇଥିବା ବେଳେ ପୋଲିସ



ତରଫରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଚମ୍ପୁଆ ଅଞ୍ଚଳରେ ଥିବା କେରଳା ଇଂଲିଶ ମେଡିୟମ ସ୍କୁଲରେ ଏପରି ହୃଦୟ ବିଦାରକ ଘଟଣା ଘଟିଥିବା ବେଳେ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ତଥା ଶୋକର ପରିବେଶ ସୃଷ୍ଟି କରିଛି । ମୃତ ଛାତ୍ରଙ୍କ ନାମ କ୍ରିଷ୍ଣା ପ୍ରଧାନ ବୋଲି ଜଣାପଡ଼ିଥିବା ବେଳେ ସେ କେରଳା ଇଂଲିଶ ମେଡିୟମ ସ୍କୁଲ ହଷ୍ଟେଲରେ ରହୁଥିଲେ । ଶନିବାର ସକାଳେ ସେ ହଠାତ୍ ହଷ୍ଟେଲର ଚତୁର୍ଥ ମହଲା ଝରକାରୁ ତଳକୁ ଡେଇଁ ପଡ଼ିଥିଲେ । ଯାହାଦ୍ୱାରା ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଖବର ପାଇ ମୃତ ଛାତ୍ରଙ୍କ ବାପା-ମା' ସ୍କୁଲରେ ପହଞ୍ଚିବା ପରେ କନ୍ଦାକଟା କରିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହଷ୍ଟେଲର ସିସିଟିଭି ଯାଞ୍ଚ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି । ପୋଲିସ ହଷ୍ଟେଲର କର୍ମଚାରୀ ଓ ଅନ୍ତେବାସୀ ଛାତ୍ରଙ୍କୁ ପଚରାଉଚରା କରିବା ସହ ଛାତ୍ରଙ୍କ ମୃତ୍ୟୁର କାରଣ ଖୋଜିବାରେ ଲାଗିଛି । ପୋଲିସ ମୃତ ଛାତ୍ରଙ୍କ ମାନସିକ ସ୍ଥିତି କିପରି ଥିଲା ଓ କାହିଁକି ସେ ଏପରି ଏକ ଚରମ ପଦକ୍ଷେପ ଗ୍ରହଣ କଲେ ସେ ନେଇ ଅନୁସନ୍ଧାନ ଜାରି ରଖିଛନ୍ତି ।

# ପଚା ଆମ୍ବ ଖାଇ ଗୋରୁଗାଈ ରୋଗରେ ଆକ୍ରାନ୍ତ, ପ୍ରଶାସନର ଦୃଷ୍ଟି ପଡୁ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଷାକ୍ତ ସଢ଼ା ଆମ୍ବ ଖାଇ ଅନେକ ବ୍ୟକ୍ତି ହଇଜାରେ ଆକ୍ରାନ୍ତ ହେଉଥିବା ବେଳେ ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ଯୋଗାଣ ବିଭାଗ ଚଢ଼ଉ ନ କରିବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଭୁବନେଶ୍ୱରରୁ ପୋକରା ଆମ୍ବକୁ ଆଣି ନାଳବନ୍ଧ ରାସ୍ତାରେ କେତେକ ବ୍ୟବସାୟୀ ବିକ୍ରି କରୁଛନ୍ତି । କମ୍ ଦାମ ହେତୁ ଅନେକ ବ୍ୟକ୍ତି ସେହି ଆମ୍ବକୁ ନେଇ ଖାଇବା ଦ୍ୱାରା ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ପଚା ଆମ୍ବ ରାସ୍ତାରେ ଗଡୁଛି । ସେହି ପଚା ଆମ୍ବକୁ ଖାଇ ୧୦ଟିରୁ ଉର୍ଦ୍ଧ୍ୱ କୁକୁର ମୃତ୍ୟୁବରଣ କରିଥିବା ବେଳେ ଅନେକ ବୁଲା ଗୋରୁ ଏହାକୁ ଖାଇ ପେଟ ଫୁଲିଯିବା ସହ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏପରି ଘଟଣା ଦିବାଲୋକରେ ଚାଲୁଥିବା ବେଳେ ପ୍ରଶାସନ କ'ଣ ପାଇଁ ଏହି ପଚା ଆମ୍ବ ଉପରେ ଗୁରୁତ୍ୱ ଦେଉ ନାହିଁ ତାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ତ୍ରିନାଥ ମାର୍ଗ ଠାରୁ ଡ଼େଙ୍ଗୁଆଁ ନଈବନ୍ଧ ରାସ୍ତାରେ ଅନେକ ପଚା ଆମ୍ବକୁ କେତେଜଣ ବ୍ୟବସାୟୀ ଖୁବ୍ କମ୍ ଦାମ୍‌ରେ ବିକ୍ରି କରୁଥିବା ବେଳେ ଲୋକମାନେ ଶସ୍ତା ଆମ୍ବ କିଣି ହିନସ୍ତା ହୋଇଛନ୍ତି । ଏହି ଆମ୍ବ ଖାଇବା ଦ୍ୱାରା ଲୋକମାନେ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହେଉଛନ୍ତି । ଆମ୍ବକୁ ଏକ କେମିକାଲ ଦ୍ୱାରା ସ୍ପ୍ରେ କରାଯାଇ ସତେଜ କରାଯାଉଥିବା ବେଳେ ସେହି ଆମ୍ବ ଚିକ୍କଣ ଦେଖା ଯାଉଛି । ଏହି ଆମ୍ବ ଦେହରେ ମୃତ ମଣିଷକୁ ସତେଜ ରଖିବା ପାଇଁ ଯେଉଁ କେମିକାଲ ବ୍ୟବହାର କରାଯାଏ ସେହି କେମିକାଲ ବ୍ୟବହାର କରାଯାଉଛି ବୋଲି ଅନୁମାନ କରାଯାଉଛି । ଆମ୍ବ ସତେଜ ଦେଖା ଯାଉଥିବା ବେଳେ ଆମ୍ବ ଭିତର ସଂପୂର୍ଣ୍ଣ ପଚି ଯାଇଅଛି । ଏପରି ଘଟଣାକୁ କେତେଜଣ ବ୍ୟକ୍ତି ପ୍ରତିବାଦ କରିବାରୁ ଆମ୍ବ ବ୍ୟବସାୟ କରୁଥିବା ବ୍ୟକ୍ତି ହତ୍ୟା ଧମକ ଦେଉଛି । ସେହିପରି ଡ଼େଙ୍ଗୁଆଁ ନିମାପଡ଼ା ନାଳବନ୍ଧ ରାସ୍ତା, ଗୋଲେଇ ଛକ ଠାରୁ ସିଦ୍ଧେଶ୍ୱର ମନ୍ଦିରକୁ ଯିବା ନଈବନ୍ଧ ରାସ୍ତା ଆଦି ବିଭିନ୍ନ ସ୍ଥାନରେ ପଚା ଆମ୍ବ ବିକ୍ରି ହେଉଥିବା ବେଳେ ରାସ୍ତା ଉପରେ ଗଦା ଗଦା ସଢ଼ା ଆମ୍ବ ପଡ଼ି ରହିଛି । ଏହି ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ନିମାପଡ଼ା ଅଂଚଳରେ ମଣିଷ ଠାରୁ ଆରମ୍ଭ କରି ପଶୁ ପର୍ଯ୍ୟନ୍ତ ମହାମାରୀରେ ଆକ୍ରାନ୍ତ ହେବେ ବୋଲି ଆଶଙ୍କା କରାଯାଉଛି ।

# ମା' ପାଇଁ ଗଛଟିଏ ପକ୍ଷରୁ ବୃକ୍ଷରୋପଣ




ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ସୁରପ୍ରତାପପୁର ପଞ୍ଚାୟତ ନୂଆ ଟିପିଲେଇ ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ (ମା' ପାଇଁ ଗଛଟିଏ ) ବିଶ୍ୱ ପର୍ଯ୍ୟାବରଣ ଦିବସ ଜୁନ ୫ ତାରିଖ ଠାରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଥିବା ବେଳେ ସ୍ୱେଚ୍ଛାସେବୀ ପ୍ରସନ୍ନ କୁମାର ପାଳଙ୍କ ତତ୍ତ୍ୱାବଧାନରେ ନୂଆ ଟିପିଲେଇ ଗ୍ରାମର ପବନସୁତ ପୂଜା କମିଟିର ସଦସ୍ୟ ମାନଙ୍କ ଦ୍ୱାରା ମନ୍ଦିର ପରିସର ଓ ଗ୍ରାମ ର ବିଭିନ୍ନ ସ୍ଥାନରେ ଶହେରୁ ଅଧିକ ବିଭିନ୍ନ ଫୁଲ, ଫଳ ଗଛ ଲଗାଯାଇଥିଲା । ପବନସୁତ ପୂଜା କମିଟିର ସମସ୍ତ ସଦସ୍ୟ କାଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଡ୍ରେସ୍ ଓ ଗ୍ରୋସରୀ ଦୋକାନରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ପେଟାଘାଇ ରାସ୍ତାରେ ଚୋରଙ୍କ ଆତଙ୍କ ଦେଖା ଦେଇଥିବା ବେଳେ ଚୋରମାନେ ବିଭିନ୍ନ ଦୋକାନରୁ କଳାକନା ବୁଲାଇ ଦେଇଥିବା ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଚୋରଙ୍କର ସନ୍ଧାନ ମିଳିପାରି ନାହିଁ । ସିସିଟିଭିରେ ଚୋରଙ୍କ କାରନାମା କଏଦ ହୋଇ ରହିଥିବା ବ୍ୟବସାୟୀ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ପେଟାଘାଇ ରାସ୍ତାରେ ଅଳନ୍ଧା ଗ୍ରାମର ତପନ କୁମାର ସ୍ୱାଇଁଙ୍କର ଗ୍ରୋସରୀ ଦୋକାନ ସହିତ ଏକ ଡ୍ରେସ୍ ଦୋକାନ ରହିଅଛି । ଚୋରମାନେ ଶୁକ୍ରବାର ବିଳମ୍ବିତ ରାତ୍ରରେ ତାଲା କାଟି ଦୋକାନ ଘରେ ପଶି ଡ୍ରେସ୍, ଟଙ୍କା ଓ ସ୍ପୋର୍ଟସ୍ ସାମଗ୍ରୀ, ଗ୍ରୋସରୀ ସାମଗ୍ରୀ ଚୋରାଇ ନେଇଛନ୍ତି । ଶନିବାର ସକାଳୁ ଦୋକାନର ମାଲିକ ତପନ ଦୋକାନ ଖୋଲିବାକୁ ଆସି ଜାଣିବାକୁ ପାଇଲେ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି । ଏ ସଂପର୍କରେ ତପନ କୁମାର ସ୍ୱାଇଁ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଯାଂଚ କରିବା ସହ ଚୋରମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । କେତେକ ବାଂଲାଦେଶୀ ନିମାପଡ଼ା ଅଂଚଳରେ ଘରଭଡ଼ା କରି ନେଇ ରହି ଦିନରେ ମିସ୍ତ୍ରୀ କାମ କରିବା ସହ ରାତିରେ ଚୋରୀ କରୁଥିବା ଶୁଣିବାକୁ ମିଳୁଛି । ଏହି ଚୋରୀରେ ଯେଉଁମାନେ ସଂପୃକ୍ତ ତୁରନ୍ତ ସେମାନଙ୍କୁ ଗିରଫ କରିବା ପାଇଁ ଦୋକାନୀ ତପନ କୁମାର ସ୍ୱାଇଁ ଦାବୀ କରିଛନ୍ତି । ପ୍ରକାଶ ଥାଉକି, ଗ୍ରୋସରୀ ଓ ଡ୍ରେସ୍ ଦୋକାନରେ ଥିବା ୧୧ ହଜାର ୫ଶହ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରୀ ହୋଇଥିବା ଜଣାପଡ଼ିଛି ।

# ୫୦ ୟୁନିଟ୍ ରକ୍ତ ସଂଗୃହୀତ




ବାଲେଶ୍ୱର(ଭାସ୍କର ନ୍ୟୁଜ): ମନହର ଲାଲ୍ ପାଲା କେବଳ ନାରୀମାନଙ୍କର ସୌନ୍ଦର୍ଯ୍ୟ ଉପରେ ଗୁରୁତ୍ୱ ଦିଏ ନାହିଁ ବରଂ ସଭିଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ ବୋଲି ଆୟୋଜିତ ରକ୍ତ ଦାନ ଶିବିରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ମନହର ଲାଲ୍ ପାଲାର ଯୁଗ୍ମ ମୁଖ୍ୟ ପରିଚାଳକ କମଳେଶ ପାଲା ଓ ରାକେଶ ପାଲା ଗତକାଲି ମୁଖ୍ୟ ଚିକିତ୍ସାଳୟରେ ରେଡକ୍ରସ ସହ ମିଳିତ ଆନୁକୂଲ୍ୟରେ ପ୍ରଥମଥର ଏକ ରକ୍ତଦାନ ଶିବିର ଆୟୋଜିତ କରିଥିଲେ । ଶିବିରକୁ ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ ଉଦ୍ଘାଟନ କରିଥିବା ବେଳେ ବାଲେଶ୍ୱର ରୋଟରୀ କ୍ଲବର ଅନ ସି ସଭାପତି ମୁକ୍ତାର ଅହମଦ, ବାଲେଶ୍ୱର ଲାୟନ୍ସ କ୍ଲବର ଜେଡ଼ ସି ଆନନ୍ଦ ମହାଜ୍ଞା, ଗୁଜୁରାଟି ସମାଜରୁ ସତୀଶ ଜଟାନିଆ, ମିତେଶ ମେହେତା ଏବଂ ରାଜୀବ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଅତିଥିମାନେ ରକ୍ତ ଅଭାବ ଦ୍ୱାରା ନାହିଁ ନଥିବା ଅସୁବିଧା ସମ୍ବନ୍ଧରେ ରକ୍ତଦାତାଙ୍କୁ ସୂଚାଇଥିଲେ । ରକ୍ତଦାନ କରିବା ଦ୍ୱାରା ନିଜେ ଆରୋଗ୍ୟ ରହିବା ସହ ଅନ୍ୟର ଜୀବନକୁ ବଞ୍ଚାଇବାରେ ଆମେ ସହାୟ ହୋଇପାରିବା ବୋଲି ଆଲୋକପାତ କରିଥିଲେ । ଏଥି ସହିତ ନିଜେ ମଧ୍ୟ ରକ୍ତଦାତା ହେବାର ସୌଭାଗ୍ୟକୁ ହାତ ଛଡା କରିବା ଉଚିତ ନୁହଁ ବୋଲି କହି ନିଜେ ମଧ୍ୟ ଅତିଥିମାନେ ରକ୍ତ ଦାନ କରିଥିଲେ । ଏହା ପ୍ରତିବର୍ଷ କିପରି ସୁଚାରୁ ରୂପେ ଆୟୋଜନ ହୋଇପାରିବ ଏବଂ ଅଧିକରୁ ଅଧିକ ରକ୍ତ ଦାତା ଏଥିରେ ସାମିଲ ହୋଇପାରିବେ ସଂସ୍ଥାର ମୁଖ୍ୟ ଆଶା ପ୍ରକାଶ କରିଥିଲେ । ପ୍ରଥମ ବର୍ଷ ଆୟୋଜନ କରି ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରିପାରିଥିବାରୁ ଅନୁଷ୍ଠାନର ସମସ୍ତ କର୍ମ କର୍ତ୍ତା ଏବଂ ରକ୍ତଦାତାଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ହେମନ୍ତ ମଣ୍ଡଳ, ଦୀପ୍ତି ଶର୍ମା ଏବଂ ଅବିନାଶ ସ ଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅରବିନ୍ଦ ସେନାପତି, ରବୀନ୍ଦ୍ର ଭୂୟାଁ, ପୁଷ୍ପିତା ପରିଡା ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

# ୧୫ ଗୋରୁ ସହ ପିକ୍‌ଅପ୍ ଜବତ, ୨ ଅଟକ

ବଡ଼ଚଣା(ଭାସ୍କର ନ୍ୟୁଜ): ବଡ଼ଚଣା ଥାନା ଅଧିକାରି ମଧୁସ୍ମିତା ବେହେରା କୌଣସି ସୂତ୍ରରୁ ଗୋ ଚାଲାଣ ହେଉଥିବା ଖବର ପାଇ କୁନ୍ଦଳ ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ ପିକଅପ୍-ଓଆର୦୫ଆର-୫୭୪୨ ଗାଡ଼ ରେ ୧୫ ଗୋରୁ ଭର୍ତ୍ତି ହୋଇ ଯାଉଥିବା ବେଳେ ପୋଲିସ ଅଟକାଇ ଥାନାକୁ ଆଣିଥିଲା । ଚାଳକ ଶତ୍ରୁଘ୍ନ ମଲ୍ଲିକ (୩୦) ବାଉଜଙ୍ଗ, ଖଲାସି ଶେଖ୍ ଜାକିର (୫୦) ଚାରି ନଙ୍ଗଳ ଦୁଇ ଜଣଙ୍କୁ ଅଟକ ରଖିଛି । ତଦନ୍ତ ଅଧିକାରୀ କଳ୍ପନା ନାଏକ ଥାନା କେଶ୍ ନମ୍ବର ୨୨୬/୨୫ ମାମଲା ରୁଜୁ କରି ଅଟକ ରଖି ଅଧିକା ପଚରାଉଚରା ଜାରି ରଖିଛଇ । ଜବତ ଗୋରୁଙ୍କୁ ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ଗୋଶାଳାକୁ ପଠାଯାଇଛି ।

# ଏଚଆଇଭି/ ଏଡସ୍ ସମ୍ପର୍କିତ ସଚେତନତା ପାଇଁ ଓସାକ୍ସର ଅଭିନବ ପ୍ରୟାସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳରେ ଏଚ.ଆଇ.ଭି/ଏଡସ୍ ସମ୍ପର୍କିତ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି ପକ୍ଷରୁ ଦୁଇ ଦିବସୀୟ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହେଉଛି । କର୍ମଶାଳାକୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ ସବୁ କ୍ଷେତ୍ରରେ ସଚେତନତା ହିଁ ଜୀବନକୁ ସୁରକ୍ଷିତ ଓ ସୁଗମ କରିପାରିବ । ଏହି ଦୁଇଦିନିଆ କର୍ମଶାଳାରେ ଯୋଗଦେଇଥିବା କଳାକାର ହେଉଛନ୍ତି ଜଣେ ଜଣେ ସଚେତନତାର ବାର୍ତ୍ତାବହ । ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ସେମାନଙ୍କ ଜରିଆରେ ଏଚଆଇଭି/ଏଡସ୍‌ର ସଚେତନତାର ବାର୍ତ୍ତା ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର କରାଯିବ । ଯୋଗ ଦେଇଥିବା ଅତିଥିମାନେ ଏଚଆଇଭି/ ଏଡସ୍ କ୍ଷେତ୍ରରେ ସଚେତନତାର ମହତ୍ୱ ଏବଂ ପାରମ୍ପରିକ ଲୋକନୃତ୍ୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସ୍ୱୀକୃତିପ୍ରାପ୍ତ କଳାକାରଙ୍କୁ ନେଇ ଏଚଆଇଭି/ ଏଡସ୍ ସଚେତନତାକୁ ଅଧିକ ପ୍ରଚାର ପ୍ରସାର କରିବା ନେଇ ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଛି । ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଏଡସ୍ ପ୍ରବଣ ଖୋର୍ଦ୍ଧା, ଗଞ୍ଜାମ, ନବରଙ୍ଗପୁର, କଟକ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ମୟୂରଭଞ୍ଜ, କଳାହାଣ୍ଡି ଏବଂ ସୁନ୍ଦରଗଡ ଜିଲ୍ଲାରେ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । କାର୍ଯ୍ୟକ୍ରମରେ ପାଲା, ଦାସକାଠିଆ, ଘୋଡ଼ାନାଚ, ପପେଟ, ପଥପ୍ରାନ୍ତ ନାଟକ ଆଦି ଲୋକନୃତ୍ୟ ଦଳଙ୍କୁ ସାମିଲ କରାଯାଇଛି । ଏଚଆଇଭି/ ଏଡସ୍ ଓ ଯୌନ ସଂକ୍ରମଣର ନିରାକରଣ ପାଇଁ ଆସନ୍ତା ୧୨ ତାରିଖ ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଦେଶବ୍ୟାପୀ ସଚେତନତା ଅଭିଯାନର ଶୁଭାରମ୍ଭ ହେବାକୁ ଯାଉଛି । ଅଗଷ୍ଟ ୧୨ରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଦୁଇମାସ ଧରି ଏହି କାର୍ଯ୍ୟକ୍ରମ ଚାଲିବ । ରାଜ୍ୟରେ ଗ୍ରାମାଞ୍ଚଳ, ସ୍କୁଲ ଓ କଲେଜରେ ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମ ସହ ଲୋକନୃତ୍ୟ ଜରିଆରେ ସଚେତନତା କରାଯିବ । ସମସ୍ତଙ୍କୁ ସଚେତନ କରାଇବା ସହ ୨୦୩୦ ସୁଦ୍ଧା ଏଚଆଇଭି/ ଏଡସ୍‌କୁ ସମାପ୍ତ କରିବା ମିଳିତ ଜାତିସଂଘର ଲକ୍ଷ୍ୟ ହାସଲ କ୍ଷେତ୍ରରେ ଓସାକ୍ସ ଉଦ୍ୟମ ଜାରିରଖିଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ଜଳେଶ୍ୱର(ଭାସ୍କର ନ୍ୟୁଜ): ଦୀନକୃଷ୍ଣ ମହାବିଦ୍ୟାଳୟ, ଧାନସିମୁଳିଆ, ଜଳେଶ୍ୱର ଆନୁକୁଲ୍ୟରେ ଏକ ରାଜ୍ୟସ୍ତରୀୟ ନାକ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାଟି ମହାବିଦ୍ୟାଳୟର ଅଧକ୍ଷ ସୁକାନ୍ତ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣିଜ୍ୟ ବିଭାଗର ନାକ ପରାମର୍ଶଦାତା,ପ୍ରାକ୍ତନ ପ୍ରଫେସର ଡକ୍ଟର ଜୟନ୍ତ କୁମାର ପରିଡା ଏବଂ ଦୁଇ ବରିଷ୍ଠ ବିଷୟ ବିଶାରଦ ଭାବେ ପ୍ରାକ୍ତନ ପ୍ରଫେସର ବାଣିଜ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟର ନାକ ପରାମର୍ଶଦାତା ପ୍ରଫେସର ମହେଶ୍ୱର ସାହୁ ଏବଂ ପ୍ରାକ୍ତନ ପ୍ରଫେସର ପ୍ରଦ୍ୟୁତ ପ୍ରଧାନ ଯୋଗ ଦେଇ ସାମ୍ପ୍ରତିକ ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ସ୍ତରରେ ନାକ ଗ୍ରେଡର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଏହି କର୍ମଶାଳାରେ ବିବିଧ ମହାବିଦ୍ୟାଳୟର ନାକ ସଂଯୋଜକ ସମେତ ସିଦ୍ଧେଶ୍ୱର ମହାବିଦ୍ୟାଳୟ ଅମର୍ଦା କଲେଜର ଅଧକ୍ଷ ଡକ୍ଟର ବେଣୁଧର ବେହେରା, କାମର୍ଦା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସୁବ୍ରତ କୁମାର ପ୍ରଧାନ, ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଭୋଗରାଇର ଅଧକ୍ଷ ଡକ୍ଟର ଅନୁପ କୁମାର ସାମଲ, ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ବିଲ୍ଲିପ କୁମାର ଘୋଷ ଏବଂ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଅଧକ୍ଷ ଗୌରାଙ୍ଗ ରାଉତ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ସୁଶାନ୍ତ କୁମାର ଗିରି ମହୋଦୟ ଧନ୍ୟବାଦ ଅର୍ପଣ କରିଥିଲେ।



# କେନାଲ ଗାର୍ଡୱାଲ ଓ ଲାଇନିଂ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

## ଆଶଙ୍କାରେ ଚାଷୀ, ବିନା ସୂଚନା ଫଳକରେ ଚାଲିଛି କାମ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଘଂନ କରାଯାଇ ଜଳ ସମ୍ପଦ ବିଭାଗ ତରଫରୁ ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର ଗାର୍ଡୱାଲ ଓ ଲାଇନିଂ ନିର୍ମାଣ କାର୍ଯ୍ୟ ଚାଲିଥିବାର ଅଭିଯୋଗ ହୋଇଛି। ଠିକାଦାରଙ୍କ ମର୍ଜିରେ ଓ ମନ୍ଥର ଗତିରେ ବର୍ଷା ଋତୁରେ ନିର୍ମାଣ କାର୍ଯ୍ୟ ଚାଲିଥିବା କାରଣରୁ କେନାଲରେ ପାଣି ଆସିବାକୁ ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏହାର ତଦନ୍ତ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଓ ଛତା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା କେନାଲ ଗୁଡିକରେ ଗାର୍ଡୱାଲ ଓ ଲାଇନିଂ ନିର୍ମାଣ କାର୍ଯ୍ୟ ଠିକାଦାରଙ୍କ ମର୍ଜିରେ ଓ ମନ୍ଥର ଗତିରେ ଚାଲିଥିବାର ଅଭିଯୋଗ ହୋଇଛି। ତେବେ କୋଟି କୋଟି ଟଙ୍କାର ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ ପ୍ରଶାସନ ତରଫରୁ ସରକାରଙ୍କ ସମସ୍ତ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଘଂନ କରାଯାଇ କୌଣସି ସ୍ଥାନରେ ସୂଚନା



ଫଳକ ଦିଆଯାଇନଥିବାର ଅଭିଯୋଗ ହୋଇଛି। ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ପ୍ରକଳ୍ପ ସମ୍ବନ୍ଧରେ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି। କେଉଁ ପ୍ରକଳ୍ପରେ କେତେଟଙ୍କା ମଞ୍ଜୁର ହୋଇଛି ସେ ସମ୍ପର୍କରେ ଲୋକେ କିଛି ଜାଣି ପାରୁନାହାନ୍ତି। ତେବେ ଜୁନ ୧୪ ତାରିଖ ଠାରୁ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବା ନିମନ୍ତେ ସରକାରୀ କଟକଣା ଜାରି ହୋଇଥିଲା ବେଳେ ଜଳ ସମ୍ପଦ ବିଭାଗ ତରଫରୁ ଏହି ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଘଂନ କରାଯାଇ ମାର ତାଳି ଉଠା ଥାଳି ନ୍ୟାୟରେ ବର୍ଷା ଋତୁରେ ନିର୍ମାଣ କାର୍ଯ୍ୟ ଚାଲିଥିବାର ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଟକଳ ଅନୁଯାୟୀ କରାଯାଉ ନଥିବାର ଅଭିଯୋଗ ହୋଇଛି । ପ୍ରକଳ୍ପ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ପ୍ରକଳ୍ପ ଗୁଡିକରେ ନିର୍ମାଣ କରାଯାଇଥିବା ଗାର୍ଡୱାଲରେ କୌଣସି ସୋଠ ରଖାଯାଉନଥିବା କାରଣରୁ ଚାଷୀର ବିଲକୁ ପାଣି ଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ଏହି ପ୍ରକଳ୍ପରେ ଗାର୍ଡୱାଲ ଉପରେ କୌଣସି ସ୍ଲାପ ପକାଯାଉନଥିବା କାରଣରୁ ଭବିଷ୍ୟତରେ ବଡ ଧରଣର ଅଘଟଣ ଘଟିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସେହିପରି ଭାବେ କେନାଲର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଉଥିବା କାରଣରୁ ଚାଷୀ ତାର ବିଲକୁ ହଳ ଲଙ୍ଗଳ,ଟ୍ରାକ୍ଟର କିମ୍ବା ପାୱାର ଟିଲର ନେବା ନିମନ୍ତେ ନାହିଁ ନଥିବା ଅସୁବିଧା ସୃଷ୍ଟି ହେବ ବୋଲି ବହୁ ଚାଷୀ ଖୋଲାଖୋଲି ଭାବେ ଅଭିଯୋଗ କରିଛନ୍ତି। ତେବେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଠିକାଦାରଙ୍କ ମର୍ଜିରେ ଓ ମନ୍ଥର ଗତିରେ ଚାଲୁଥିବା କାରଣରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସୂଚନା ଥାଉକି ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳ ଦେଇ ପ୍ରବାହିତ କେନାଲ ଗୁଡିକରେ ଜୁଲାଇ ୨୦ତାରିଖ ସୁଧା ପାଣି ଆସିଥାଏ। କିନ୍ତୁ ଜୁଲାଇ ଦ୍ୱିତୀୟ ସପ୍ତାହ ଶେଷ ହେବାକୁ ବସିଥିଲା ବେଳେ କେନାଲ ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବା କାରଣରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କେନାଲରେ ପାଣି ଆସିବା ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଅପର ପକ୍ଷରେ ସ୍ଥାନୀୟ ଅଞ୍ଚଳର କେନାଲ ଗୁଡିକରେ ଧର୍ମକୁ ଆଖିଠାର ସଦୃଶ ସଫେଇ କାର୍ଯ୍ୟ ଚାଲୁଥିବାର ଜଣାଯାଇଛି। ତେବେ କୌଣସି ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟର ତଦାରଖ କରୁନଥିବା କାରଣରୁ ଠିକାଦାର ମନମୁଖି ଭାବେ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ସୂଚନା ଥାଉକି ଏହି ଅଞ୍ଚଳର ଲୋକମାନେ ମୁଖ୍ୟତ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଚାଷ ତରତର ବଣିଜ ମଠ ନ୍ୟାୟରେ ନିର୍ଦ୍ଧାରିତ ସମୟରେ କେନାଲରେ ପାଣି ନଆସିଲେ ଧାନ ଚାଷ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

# ରେଲୱେ ଷ୍ଟେସନ ରାସ୍ତା କାଦୁଅ ସର ସର

ବୋଲଗଡ଼(ଭାସ୍କର ନ୍ୟୁଜ): ରାଜ୍ୟରେ ଏକ ବର୍ଷ ହେବ ସରକାର ବଦଳିବା ସହ ସ୍ଥାନୀୟ ନିର୍ବାଚନ ମଣ୍ଡଳୀର ମଧ ନେତୃତ୍ୱ ବଦଳିଛି। ମାତ୍ର ବଦଳୁନି ବୋଲଗଡ଼ ବିକାଶର ଚିତ୍ର। ବୋଲଗଡ଼ ରେଲୱେ ଷ୍ଟେସନ ଓ ମା ଭୂଇଁଆଣୀ



## ପକ୍କା ରାସ୍ତା ନିର୍ମାଣ କେବେ!

ପୀଠ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବା ବେଳେ ଏହାକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ ମଧ କୌଣସି ସୁଫଳ ମିଳିପାରୁନାହିଁ । ଫଳରେ ଯାତାୟତ ପାଇଁ ଲୋକେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଠାରୁ ପ୍ରାୟ ଏକ କିମି ଦୂରରେ ରହିଛି ମା' ଭୂଇଁଆଣୀଙ୍କ ପୀଠ ଏବଂ ରେଲୱେ ଷ୍ଟେସନ। ଏହି ରାସ୍ତାପାର୍ଶ୍ୱରେ ମଧ ବୋଲଗଡ଼ ଅଗ୍ନିଶମ କେନ୍ଦ୍ର ରହିଛି। ତେବେ ଏଭଳି ଗୁରୁତ୍ୱପୂର୍ଣ୍ଣ ତିନୋଟି ସ୍ଥାନକୁ ସଂଯୋଗ ଥିବା ରାସ୍ତାଟିର ଅବସ୍ଥା ବର୍ଷ ବର୍ଷ ଧରି ଶୋଚନୀୟ ହୋଇ ପଡ଼ିଥିଲେ ମଧ ଏହା ପକ୍କା ରାସ୍ତା ନିର୍ମାଣ ହେଉନି। ଏହି ଦୁଇଟି ସ୍ଥାନକୁ ଥିବା ରାସ୍ତାଟି ମାଟିମେଟାଲ ର କଚ୍ଛା ରାସ୍ତା ଭାବରେ ରହିଛି। କେଉଁଠାରେ ବର୍ଷା ଦିନରେ କର୍ଦ୍ଦମାକ୍ତ ପାଲଟିଛି ତ ଆଉ କେଉଁ ଠାରେ ମରାମତି ଅଭାବରୁ ଖାଲଖମା ହୋଇ ବର୍ଷାଜଳ ଜମି ରହିବା ଫଳରେ ଯାତାୟତ ପାଇଁ ଅସୁବିଧା ଉପୁଜିଛି । ରାସ୍ତାଟି ବ୍ଲକ କାର୍ଯ୍ୟାଳୟର ପଶ୍ଚିମ ପାର୍ଶ୍ୱରୁ ୫୭ନଂ ଜାତୀୟ ରାଜପଥରୁ ବାହାରି ଅଗ୍ନିଶମ କେନ୍ଦ୍ର ଦେଇ ରେଲୱେ ଷ୍ଟେସନ ଏବଂ ସେଠାରୁ ମା 'ଭୂଇଁଆଣୀ ଙ୍କ ପୀଠ ଅଭିମୁଖେ ଯାଇଛି। ଏଥିନେଇ ଉକ୍ତ ରାସ୍ତାଟି ପ୍ରତ୍ୟହ ଚଳଚଞ୍ଚଳ ରହୁଛି। ଉଲ୍ଲେଖ ଥାଉକି ରେଲୱେ ଷ୍ଟେସନକୁ ଯାତାୟତ ପାଇଁ ଯାତ୍ରୀମାନେ ହଇରାଣ ହରକତ ହେଉଛନ୍ତି। ସେହିପରି ପ୍ରାକୃତିକ ଶୋଭାରାଜୀ ମଧ୍ୟରେ ପାହାଡ଼ ପାଦଦେଶରେ ଥିବା ମା 'ଭୂଇଁଆଣୀଙ୍କର ପୀଠରେ ବର୍ଷ ସାରା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଯଥା ସଭାସମିତି, ବିବାହବ୍ରତ ଏବଂ ପର୍ବପର୍ବାଣିମାନ ଅନୁଷ୍ଠିତ ହେଉଛି। ଏଥିନେଇ ଏଠାକୁ ଯିବାଆସିବା ପାଇଁ ଲୋକେ ଏହି ରାସ୍ତା ରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁତ୍ୱବହନ କରୁଥିବା ଏହି ରାସ୍ତାଟି ରାଜପଥ ଠାରୁ ପ୍ରାୟ ଏକ କିମି ହେଉଥିବାବେଳେ ରାସ୍ତାସାରା ଖାଲଖମାହୋଇ ରହିଛି। ଏଥି ସହିତ ବର୍ଷାଜଳରେ ଧୋଇ ମେଟାଲ ବୋଲଡର ବାହାରି ଗଲାଣି। ଏଥିନେଇ ସ୍ଥାନୀୟ ସରପଞ୍ଚ ଗିତାଞ୍ଜଳି ସାହୁ ଓ ସମିତିସଭ୍ୟା ନିର୍ମଳା ପ୍ରଧାନ ବହୁବାର ପଞ୍ଚାୟତ ସମିତି ବୈଠକ ଓ ଜିଲ୍ଲା ପ୍ରଶାସନ ନିକଟରେ ପକ୍କା ସଡ଼କ ନିର୍ମାଣ ଦାବି କରୁଥିଲେ ବି କିଛି ସୁଫଳ ମିଳୁନାହିଁ। ତେବେ ଏହି ରାସ୍ତାଟିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପକ୍କାରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରୁଛନ୍ତି। ଏଥିନେଇ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ରବିନ୍ଦ୍ର ସ୍ୱାଇଁ କହିଛନ୍ତିଯେ ପୂର୍ବରୁ ଏହି ରାସ୍ତାଟି ପଞ୍ଚାୟତ ସମିତି ଅଧିନରେ ଥିଲା ବେଳେ ଏହାକୁ ସମିତି ବୈଠକରେ ରିଜୋଲ୍ୟୁସନ କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଛି। ଜିଲ୍ଲାପାଳଙ୍କ ନେତୃତ୍ୱରେ ଅନୁଷ୍ଠିତ କ୍ଷମତାପ୍ରାପ୍ତ କମିଟି ଦ୍ୱାରା ଆଲୋଚନା ହୋଇ ଜାତୀୟ ରାଜପଥର ବ୍ଲକ ଛକ ଠାରୁ ନନ୍ଦପଲ୍ଲୀ ଗ୍ରାମ ବାଘୁଆ ପୋଖରୀ ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ଭାୟା ବୁଢ଼ୀ ଭୂୟାଁଣି ମନ୍ଦିର ଦେଇ ପକ୍କା ସଡ଼କ ନିର୍ମାଣ ପାଇଁ ଆକ୍ସନ ପ୍ଲାନରେ ଭର୍ତ୍ତି କରାଯାଇଛି। ପର୍ଯ୍ୟବେକ୍ଷଣ ଓ ଏଥିପାଇଁ ଅର୍ଥ ଅନୁମୋଦନ ହେବାପରେ ରାସ୍ତା ପାଇଁ ଟେଣ୍ଡର ବିଜ୍ଞପ୍ତି ଶୀଘ୍ର ଡକାଯିବ।

# ୧୩ ଶିକ୍ଷକଙ୍କ ବଦଳି ପାଇଁ କାମ ଦେଲାନି ରଣକୌଶଳ

## ବଦଳି ଟଙ୍କା ଫେରି ପାଇବାକୁ ନେଇ ଆଶା ଆଶଙ୍କାରେ ଶିକ୍ଷକ !

ନିଆଳି (ଭାସ୍କର ନ୍ୟୁଜ): ଅନୁଗତଙ୍କ ଉଦ୍ୟମ ଫସର ଫାଟିଛି । ଧରାପଡିଛି ଦଲାଲି ରଣନୀତି । ରାଜ୍ୟ ସରକାର ଗତ କିଛି ଦିନ ତଳେ ବିଧାୟକମାନେ ନିଜ ନିର୍ବାଚନ ମଣ୍ଡଳୀର ୧୫ ଜଣ ଶିକ୍ଷକଙ୍କ ବଦଳି କରିବେ ବୋଲି ବିଜ୍ଞପ୍ତି ପ୍ରକାଶ କଲେ । ଏହି ବିଜ୍ଞପ୍ତି ପରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ନିଜ ମନ ମୁତାବକ ବିଦ୍ୟାଳୟକୁ ଯିବା ପାଇଁ ନିଜ ନିଜ ନିର୍ବାଚନ ମଣ୍ଡଳୀର ବିଧାୟକଙ୍କ ନିକଟରେ ଲବି ଆରମ୍ଭ କଲେ । କିନ୍ତୁ କଟକ ଜିଲ୍ଲା ନିଆଳି ନିର୍ବାଚନ ମଣ୍ଡଳୀରେ ଜଣେ ଅନୁଗତଙ୍କ ଶିକ୍ଷକ ବଦଳି ରଣକୌଶଳ ନୀତି ଧରାପଡିବା ନିଆଳିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମିଳିଥିବା ସୂଚନା ଓ ଅଞ୍ଚଳରେ ଆଲୋଚନାରୁ ଜଣାପଡ଼ିଛି ନିଆଳି ନିର୍ବାଚନ ମଣ୍ଡଳୀରେ ୧୩ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ଅନୁଗତ ଜଣଙ୍କ ମୋଟା ଅଙ୍କର ଅର୍ଥ ଆଦାୟ କରିଥିବା ନେଇ ଆଲୋଚନା ହେଉଛି । ଏହି ଅର୍ଥ କାରବାରରେ ଅନ୍ୟ ଦଳରୁ ଆସି ଅନୁଗତ ପାଲଟିଥିବା ଯୁବକଙ୍କ ସହିତ ବିଧାୟକଙ୍କ ପୂର୍ବତନ ଗୁମାସ୍ତା ଶିକ୍ଷକ ବଦଳି କରିବା ପାଇଁ ମୋଟା ଅଙ୍କର ଟଙ୍କା ଆଦାୟ କରିଥିବା ନେଇ କଟକ ଜିଲ୍ଲା ଶିକ୍ଷା ବିଭାଗରେ ଆଲୋଚନା ଜୋରସୋର ଚାଲିଛି । ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ କୌଣସି କଥା ଜାଣିନଥିବା ନେଇ ସୂଚନା ମିଳିଛି। ବିଧାୟକଙ୍କ ଅତି ନିକଟତମ ପାଲଟିଥିବା ଅନୁଗତ ଶିକ୍ଷକ ବଦଳି ପାଇଁ ମୋଟା ଅଙ୍କର ଟଙ୍କା ଆଦାୟ କରିଥିବା ନେଇ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ଶେଷ ମୁହୂର୍ତ୍ତରେ ୧୩ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ଉପରେ ସ୍ଥଗିତାଦେଶ ରହିବା ପରେ ଅନୁଗତ ଏବେ କାନ ମୁଣ୍ଡା ଆଉଁସିବା ଆରମ୍ଭ କରିଛନ୍ତି । ସେପଟେ ଯେଉଁ ଶିକ୍ଷକ ମାନେ ଟଙ୍କା ଦେଇଥିଲେ ସେମାନେ କିଭଳି ଟଙ୍କା ପାଇବେ ଏ ନେଇ ଆଶଙ୍କାରେ ରହିଛନ୍ତି। ଶିକ୍ଷକ ବଦଳି ନାଁରେ ବଡ ଧରଣର ଅର୍ଥ ରୋଜଗାର ଚକ୍କରରେ ଥିବା ଅନୁଗତଙ୍କୁ ଲାଗିଛି ବଡ ଝଟକା ବୋଲି ନିଆଳିରେ ଚର୍ଚ୍ଚା ହେଉଛି ।

# ପରିବା ଦର ଆକାଶଛୁଆଁ, ଖାଉଟି ହନ୍ତସନ୍ତ

ଧର୍ମଶାଳା (ଭାସ୍କର ନ୍ୟୁଜ): ରାଜ୍ୟରେ ପନିପରିବା ଉତ୍ପାଦନରେ ଧର୍ମଶାଳା ଓ ରସୁଲପୁର ବ୍ଲକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି । ବାରବାଟି ହାଟରୁ ପ୍ରତ୍ୟେହ ରାଜ୍ୟର ବିଭିନ୍ନ ସ୍ଥାନକୁ ପନିପରିବା ରପ୍ତାନୀ ହୋଇଥାଏ । ଲଗାଣ ବର୍ଷ ଓ ବନ୍ୟା ଯୋଗୁଁ ପନିପରିବା ନଷ୍ଟ ହୋଇଯିବାରୁ ପରିବା ଦର ଆକାଶ ଛୁଆଁହୋଇଛି । ଓଡ଼ିଶା ଡ୍ରାଇଭର ଆସୋସିଏସନ୍ ପକ୍ଷରୁ ୫ଦିନ ହେବ ଧର୍ମଘଟ ଅବ୍ୟାହତ ରହିଥିବାରୁ ବାହାର ଜିଲ୍ଲାରୁ ଏଠାକୁ ପନିପରିବା ଟ୍ରକ୍ ଯୋଗ ଆସିପାରୁନାହିଁ । ଫଳରେ ପରିବା ଦର ପୂର୍ବ ଦର ଅପେକ୍ଷା ୨ଗୁଣ ଦାମ୍‌ରେ ବିକ୍ରିହେଉଛି। ପରିବା ଦର କିଲୋ ପ୍ରତି ପୋଟଳ ୮୦ ଟଙ୍କା, ବାଇଗଣ ୮୦ ଟଙ୍କା, ଟମାଟୋ ୬୦ ଟଙ୍କା, ଅମୃତଭଣ୍ଡା ୪୦ଟଙ୍କା, ଜହ୍ନି ୭୦ ଟଙ୍କା, କଖାରୁ ୩୦ଟଙ୍କା, କଞ୍ଚା ଲଙ୍କା



୧୫୦ଟଙ୍କା, ଫୁଲକୋବି ୧୦୦ଟଙ୍କା, କୁନ୍ଦୁରି ୪୦ ଟଙ୍କା, ଗାଜର ୭୦ଟଙ୍କା, କ୍ୟାପ୍‌ସିକମ୍ ୧୮୦ଟଙ୍କା, ଝୁଡୁଙ୍ଗ ୬୦ ଟଙ୍କା, ବିମ୍‌ସ୮୦ ଟଙ୍କା, କଲରା ୬୦ଟଙ୍କା, କାକୁଡ଼ି ୫୦ଟଙ୍କା, ଧଣିଆପତ୍ର କିଲୋ ପ୍ରତି ୪୦୦ଟଙ୍କା ଦର୍‌ରେ ବିକ୍ରି ହେଉଛି । ଫଳରେ ସାଧାରଣ ଖାଉଟି ଟିଏ ପନିପରିବା କିଣିବା ପାଇଁ ହନ୍ତସନ୍ତ ହେଉଛି।

# ଆଦର୍ଶ ଶିକ୍ଷକଙ୍କ ଜୟନ୍ତୀରେ ପୂଜ୍ୟପୂଜା ଉତ୍ସବ

ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ପତିତପାବନ ହାଇସ୍କୁଲର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଅବଦୂତ୍ ପରିଡ଼ାଙ୍କ ୮୦ତମ ଜୟନ୍ତୀ ଉତ୍ସବ ଅବସରରେ ଗୁରୁବାର ସଂଧ୍ୟାରେ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପୂଜ୍ୟପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବଦୂତ ପରିଡ଼ା ପତିତପାବନ ହାଇସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରି ଅବସରଗ୍ରହଣ କରିଥିଲେ । ଏହି ଅବସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ରମେଶ ସ୍ୱାଇଁ, ଦିଲିପ୍ ଜେନା, ହୃଷିକେଶ ସାମଲ, ସଦାଶିବ ନାସ, ପ୍ରଦିପ୍ତ କୁମାର ପତି, ନରେନ୍ଦ୍ର ବେହେରା ପ୍ରମୁଖ ଶ୍ରୀ ପରିଡ଼ାଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ପରିବାର ପକ୍ଷରୁ ଅକ୍ଷୟ ପରିଡ଼ା, ଯଜାତିକେଶରୀ ପରିଡ଼ା, ଆରୋହନ୍ ପରିଡ଼ା, ଅଭନ୍ ପରିଡ଼ା, ଦିନିକା ଜେନା ପ୍ରମୁଖ ଶ୍ରୀପରିଡ଼ାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଆତ୍ମୀୟସ୍ୱଜନମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ପୁରାତନ ଛାତ୍ର ସଂସଦ ପକ୍ଷରୁ ଦେବବ୍ରତ ରାଉତ ମଞ୍ଚ ପରିଚାଳନା କରିଥିଲେ । ବଡ଼ପୁଅ ଅନ୍ତରୀକ୍ଷ ପରିଡ଼ା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସକାଳେ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଅବଦୂତ ପରିଡ଼ାଙ୍କ ପରିବାର ପକ୍ଷରୁ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରାଯିବା ସହମନ୍ଦିର ପରିସରରେ ଚାରାରୋପଣ କରାଯାଇଥିଲା ।

# ଯୁବକଙ୍କ ମୃତ୍ୟୁ ସନ୍ଦେହଜନକ

ମାଲକାନାଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଅଧୀନସ୍ଥ ପୁରୁଣା ଚିତାପାରି ଗ୍ରାମର ଜୟରାମ ଖରାଙ୍କ ପୁଅ ଶରତ ଖରା (୨୪ ବର୍ଷ)ଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଶନିବାର ସକାଳେ ଉଦ୍ଧାର ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସାପ କାମୁଡି ଥିବା ଯୋଗୁଁ ଶରତଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରି ପରିବାର ଲୋକେ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ୧୧/୨୦୨୫ ରୁଜୁ କରିଛି ଓ ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ପ୍ରଦୀପ କୁମାର ଖିଲଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶରତଙ୍କ ମୃତଦେହକୁ ଜବତ କରି ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ଶନିବାର ସକାଳୁ ଶରତ ଅଚେତ ଅବସ୍ଥାରେ ଏକ ଗଛମୂଳେ ଶୋଇଥିବା ଓ ତାଙ୍କ ପାଟିରୁ ଫେଣ ବାହାରୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଗ୍ରାମବାସୀଙ୍କ ସାହାଯ୍ୟରେ ଚିକିତ୍ସା ନିମନ୍ତେ ତାଙ୍କୁ ବାଲିମେଳା ମେଡିକାଲକୁ ନିଆଯାଇଥିଲା। ସେଠାରେ ଶରତଙ୍କ ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଶ୍ରୀ ବାରିକ କହିଛନ୍ତି।

# ବଢୁଛି ସଂକ୍ରାମକ ରୋଗ, ଲୋକେ ଅତିଷ୍ଠ !

ବଡ଼ଚଣା (ଭାସ୍କର ନ୍ୟୁଜ୍) : ସାରା ରାଜ୍ୟ ଏବଂ ବଡ଼ଚଣାରେ ମଇ ମାସ ଶେଷ ଭାଗରୁ ଯାହା ଅଦିନିଆ ବର୍ଷା ସାଙ୍ଗକୁ ହୁତୁ ହୁତିଆ ପ୍ରଚଣ୍ଡ ଗୁଳୁଗୁଳି ଆଜି ପର୍ଯ୍ୟନ୍ତ ଥମିବାର କୌଣସି ପ୍ରଶ୍ନ ନାହିଁ। ଏହି ଦୈନିକ ବର୍ଷା ଗୁଳୁଗୁଳି ଯୋଗୁଁ ଲୋକମାନେ ଅତିଷ୍ଠ ହୋଇ ସାରିଲେଣି। ଖାଲଖମା ପୋଖରୀ ନଦୀ ନାଳ ନର୍ଦ୍ଦମା ବର୍ଷା ପାଣି ପଶି ଭର୍ତ୍ତି ହେବାର ଅବସ୍ଥା ହେଲାଣି। ବର୍ଷା ପାଣି ପଶିବା ଦ୍ୱାରା ଆବର୍ଜନା ପଚି ସଢ଼ି ଗନ୍ଧ ଆରମ୍ଭ ହୋଇ ଏଥିରୁ ରୋଗ ଜନୀତ ବ୍ୟାକ୍ଟେରିଆ, ମଶା, ମାଛି ଜନ୍ମ ଯୋଗୁଁ ଲୋକମାନଙ୍କୁ ରୋଗରେ ସଂକ୍ରମିତ କରି ପୀଡ଼ିତ ହେବାକୁ ଲାଗିଲେଣି। ବଡ଼ଚଣାରେ ଥିବା ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଦଶଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆକସ୍ମିକ ଦୁର୍ଘଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ଭର୍ତ୍ତି ହୋଇ ଚିକିତ୍ସା କରାଉଥିବା ଭିଡ ଦେଖିବାକୁ ମିଳିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ସହିତ ଅଭିଜ୍ଞ ନଥିବାରୁ ରୋଗୀମାନେ ନାହିଁ ନଥିବା ଅବସ୍ଥା ଭୋଗୁଛନ୍ତି। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ୧୬ ନମ୍ବର ଜାତୀୟ ରାଜପଥରୁ ମାତ୍ର ଅଧ କିଲୋମିଟର ଦୂରରେ ଅବସ୍ଥିତ। ଯିବା ଆସିବାର କମ୍ୟୁନିକେସନ ଥିବା ଯୋଗୁଁ ପାଖାପାଖି ଲାଗିଥିବା ଢେଙ୍କାନାଳ, କଟକ ଏବଂ କେନ୍ଦ୍ରାପଡ଼ା ସ୍ଥାନୀୟ ଅଞ୍ଚଳର ସଂକ୍ରମିତ ରୋଗୀମାନେ ଏଠାକୁ ଆସି ଚିକିତ୍ସା ହୋଇଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଛୋଟ ଛୋଟ କ୍ଲିନିକ୍ ଓ ଔଷଧ ଦୋକାନରେ ଭିଡ ଜମିଥିବାର ନଜରକୁ ଆସିଛି। ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ଯଦି ଜନସାଧାରଣଙ୍କୁ ସଚେତନ ନ କରାଏ ତେବେ ଆଗାମୀ ଦିନରେ ଏହିଭଳି ପରିସ୍ଥିତି ଲାଗି ରହିଲେ ବହୁ ଜନଜୀବନ ପ୍ରଭାବିତ ଏବଂ ନଷ୍ଟ ହେବା ଆଶଙ୍କା କରାଯାଉଛି।

# ପର୍ଯ୍ୟଟନ ବିଭାଗ ସଚିବଙ୍କ କୋରାପୁଟ ଗସ୍ତ



କୋରାପୁଟ (ଭାସ୍କର ନ୍ୟୁଜ୍) : ପର୍ଯ୍ୟଟନ ବିଭାଗର ସଚିବ ବଳବନ୍ତ ସିଂ କୋରାପୁଟ ଗସ୍ତରେ ଆସି ପଟାଙ୍ଗି ବ୍ଲକରେ ଥିବା ଓଡିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ଗସ୍ତ କରିଛନ୍ତି । ତାଙ୍କ ସହ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ପ୍ରୋବେସନାରି ଆଇଏସ୍ ମଧ୍ୟ ଗସ୍ତ କରି ଦେଓମାଳିରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିଥିଲେ। ଦେଓମାଳିକୁ କିପରି ଆଉ ପାଦେ ଆଗକୁ ବଢାଇବେ ଏଥିପ୍ରତି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ମାତଲାମ୍ବ ଗ୍ରାମକୁ ଯାଇ ସେଠାରେ ନିର୍ମାଣ ହୋଇଥିବା ଆଦର୍ଶ ଗାଈଗୁହାଳ ଦେଖିବା ସହିତ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ବିବାଦୀୟ କୋଟିଆ ଯାଇ ଅଚଂଳବାସୀଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ଗାଲିଗାବଡର ଜଳ ପ୍ରପାତ ବୁଲି ଦେଖିଥିଲେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଆଉ କ'ଣ କରାଯାଇପାରିବ ତା'ର ନକ୍ସା ପ୍ରସ୍ତୁତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଓ ବେଣୁଧର ଶବର, ଡିଏଫଓ କେ ବି ରାଓ, ପଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଉପସ୍ଥିତ ଥିଲେ। ଦେଓମାଳିରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଗଛ ଲଗାଇଥିଲେ। କିପରି ପର୍ଯ୍ୟଟନ ସ୍ଥଳିଗୁଡକର ବିକାଶ ହୋଇପାରିବ ଏହା ତାଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିବା ଜଣାପଡିଛି।

# ବିବାହ ପାଇଁ ଡାକିନେଇ ଅଧାବାଟରେ ପ୍ରେମିକ ଛୁ

## ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ପ୍ରେମିକା

ବାରିପଦା (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ପଥୁରୀ ଗ୍ରାମ ପଞ୍ଚାୟତ ଭାଲିଆଡହର ଗ୍ରାମର ସାନଶ୍ୟାମ ସୋରେନଙ୍କ ପୁଅ ଶ୍ରୀ ସୁଶାନ୍ତ ସୋରେନ ଦୀର୍ଘ ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ ହେବ ଝାରପୋଖରୀଆ ଥାନା ଅନ୍ତର୍ଗତ ଡାକାଡିହି ଗ୍ରାମର ଜଣେ ଝିଅଙ୍କୁ ଭଲପାଇ ବାହା ହେବାର ପ୍ରତିଶ୍ରୁତି ଦେଇ ପ୍ରେମ ସମ୍ପର୍କ ରଖିଥିଲେ ଏବଂ ଅନୁଗୋଳକୁ ଡ଼ାକିନେଇ ସେଠାରେ କିଛିଦିନ ରହିଲା ପରେ ସୁଖରେ ସଂସାର ଗଢିତୋଳିବା ପାଇଁ ସମାଜର ପରମ୍ପରା ଅନୁସାରେ ବିବାହ କାର୍ଯ୍ୟ କରିବା ପାଇଁ ଗତ ୧୧ ତାରିଖ ଶୁକ୍ରବାର ଦିନ ଦୁହେଁ ଘରକୁ ଆସୁଥିଲେ। କିନ୍ତୁ କୁଲିଅଣା ନିକଟ ବାଲିମୁଣ୍ଡୁଳି ଛକରେ ଅପେକ୍ଷାରେ ଥିବା ପୁଅର ପରିବାର ଲୋକେ ଝିଅକୁ ଧରି ଅଟକାଇ ଥିଲେ ଏବଂ ସେଠାରୁ ସୁଖର ସଂସାର ଗଢିବାର ସ୍ୱପ୍ନ ଭାଙ୍ଗି ଦେଇ ପୁଅ ଫେରାର ହୋଇଯାଇଥିଲା। ତାପରେ ପୁଅର ପରିବାର ଲୋକେ ସେହି ଝିଅକୁ ତାଙ୍କ ଘରକୁ ନେଇଯାଇ ମାରପିଟ୍ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ଝିଅଟି ସେଠାରୁ ଖସି ଆସି ଏନେଇ ଶନିବାର ନ୍ୟାୟ ପାଇଁ ବାଙ୍ଗିରିପୋଷି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାଙ୍ଗିରିପୋଷି ଥାନା ଅଧିକାରୀ ତତ୍ପରତା ଦେଖାଇ ଫେରାର ହୋଇଥିବା ପୁଅଙ୍କ ନାମରେ ଜିରୋ ଏଫଆଇଆର ନଂ ୦୦୧ ରେ ଭାରତୀୟ ନ୍ୟାୟ ସଂହିତା ୨୯୬, ୩ (୫), ୩୫୧ (୨), ୬୯ ଦଫାରେ ମୋକଦ୍ଦମା ରୁଜୁ କରାଯାଇଛି।

# ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନଥିବାରୁ ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ୨୧ବର୍ଷ ଧରି ଜିଲ୍ଲା ହସ୍ପିଟାଲ ସମେତ ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯୫ଜଣ ଓ ବିଭିନ୍ନ ବିଭାଗର ୪୭ ଜଣ ବିଶେଷଜ୍ଞ ଡାକ୍ତର ପଦ ଖାଲି ପଡ଼ିଛି। ରୋଗୀମାନେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ତଥା ହାଇଦ୍ରାବାଦ୍‌ର ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ଗ୍ରାମାଞ୍ଚଳର ଗରିବ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଅନଭିଜ୍ଞ କ୍ୱାକ୍, ବିଶାରୀ ଓ ଗୁଣିଆ। ଜିଲ୍ଲାରେ ମୋଟ ୩୨୪ଜଣ ଡାକ୍ତର ରହିବା କଥା। ସେଥିରୁ ମାତ୍ର ୧୨୯ଜଣ ଅଛନ୍ତି। ୧୯୫ ଡାକ୍ତର ପଦ ଖାଲି ପଡିଛି। ସେହିପରି ବିଭିନ୍ନ ବିଭାଗରେ ୫୮ଜଣ ବିଶେଷଜ୍ଞ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୧୧ଜଣ ଅଛନ୍ତି। ବହୁ ବର୍ଷ ହେଲା ୪୭ଟି ବିଶେଷଜ୍ଞ ଡାକ୍ତର ପଦ ଖାଲିପଡ଼ିଛି। ସେହିପରି ୮ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆନାନ୍ଥେସିଆ, ସର୍ଜରୀ, ଶିଶୁ ବିଭାଗ, ନାଶା ଓ କର୍ଣ୍ଣ ବିଭାଗ, ଟିବି ବିଭାଗ, ସାଇକେଟ୍ରିଆ ବିଭାଗ, ରେଡିଓଲୋଜି ବିଭାଗ, ପାଥୋଲିଜ ବିଭାଗ ପାଇଁ ଜଣେ ହେଲେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଗ୍ରାମାଞ୍ଚଳରେ ୩୨ଟି ବିଶେଷଜ୍ଞ ଡାକ୍ତର ପଦ ଖାଲିପଡିଛି। ସେହିପରି ଜିଲ୍ଲା ହସ୍ପିଟାଲ୍‌ରେ ୨୬ଜଣ ବିଶେଷଜ୍ଞ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୧୧ଜଣ ଅଛନ୍ତି। ୧୫ଟି ପଦ ଖାଲିପଡ଼ିଛି। ୩୯୧ ଜେଣ୍ଟଲ ସର୍ଜନଙ୍କ ସ୍ଥାନରେ ମାତ୍ର ୧୪୫ଜଣ ଅଛନ୍ତି। ଏଠାରେ ୨୪୬ ପଦ ଖାଲି ପଡ଼ିଛି । ନର୍ସ ସୁପରିଣ୍ଟେଣ୍ଡେଣ୍ଟ ପଦ ଖାଲି ପଡ଼ିଛି। ୪୨୫ଜଣ ନର୍ସିଂ ଅଫିସରଙ୍କ ସ୍ଥାନରେ ଅଛନ୍ତି ମାତ୍ର ୨୦୨ , ୨୨୩ ପଦ ଖାଲିପଡ଼ିଛି । ଷ୍ଟାଫନର୍ସ ପଦ ଦୀର୍ଘ ବର୍ଷ ଧରି ଖାଲି ପଡ଼ିଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ଜିଲ୍ଲା ବହୁ ପଛରେ ପଡ଼ିରହିଛି। ଡାକ୍ତର ଅଭାବରୁ ଶିଶୁ ଓ ମାତୃ ମୃତ୍ୟୁହାର ବଢିଚାଲିଛି। ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁ ନଥିବାରୁ ଜିଲ୍ଲାବାସୀ ସରକାରୀ ଡାକ୍ତରଖାନା ଉପରେ ଭରସା ତୁଟାଇ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଦିଶାରି, ଗୁଣିଆ ଓ କ୍ୱାକ୍‌ଙ୍କ ଶରଣ ପଶୁଛନ୍ତି । କୁକୁଡା, ଛେଳି, ବଳି ପକାଇ ଡୁମା ଦେବତାଙ୍କୁ ପୂଜା କରୁଛନ୍ତି ଏ ସମ୍ପର୍କରେ ଆମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବ୍ରଜବନ୍ଧୁ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲ୍ଲାରେ ଏବେ ବି ୧୯୫ଟି ଡାକ୍ତର ଓ ୪୭ଟି ବିଶେଷଜ୍ଞ ଡାକ୍ତର ଏବଂ ୮୬୫ ସ୍ୱାସ୍ଥ୍ୟ କର୍ମଚାରୀ ପଦ ଖାଲିପଡିଛି ଏବଂ ୯୮ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଦୁର୍ଗମ ଅଞ୍ଚଳରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କରାଯାଉଛି । ଜିଲ୍ଲାରେ ଖାଲି ପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦଗୁଡିକ ପୂରଣ କରିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗକୁ ଚିଠି କରାଯାଇଛି। ଜିଲ୍ଲାରେ ସ୍ୱଳ୍ପ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସତ୍ତ୍ୱେ ଉତ୍ତମ ସ୍ୱାସ୍ଥ୍ୟସେବା ରାଜ୍ୟସ୍ତରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୁଇ ଦୁଇଥର ପୁରସ୍କୃତ ହୋଇଛି। ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ଅଧିକାଂଶ ମେଡିକାଲ୍‌ରେ ଡାକ୍ତର ନଥିବାରୁ ଏହାର ସୁଯୋଗ ଉଠାଉଛନ୍ତି କେତେକ ଅନଭିଜ୍ଞ କ୍ୱାକ୍, ଦିଶାରୀ, ଗୁଣିଆମାନେ। ରୋଗୀସେବା ନାଁରେ ସେମାନଙ୍କୁ ଶୋଷଣ କରୁଛନ୍ତି । ଉପଯୁକ୍ତ ଚିକିତ୍ସା ନପାଇ ଗରିବ ରୋଗୀଙ୍କ ମୃତ୍ୟୁ ହେଉଥିବା ବେଳେ ଆର୍ଥିକ ସ୍ୱଚ୍ଛଳ ଥିବା ରୋଗୀ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଠାରେ ଚିକିତ୍ସିତ ହେଉଛନ୍ତି।

# ବାବା ବିଶ୍ୱନାଥ ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳିତ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ବ୍ୟାସନଗର ପୌରାଞ୍ଚଳ ୱାର୍ଡ ନମ୍ବର -୧୬ ଅନ୍ତର୍ଗତ ଉମାପଦା, ହାଉସିଂ ବୋର୍ଡ କଲୋନୀ ଠାରେ ବିରାଜମାନ 'ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିର'ର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ତେବେ ବାବା ବିଶ୍ୱନାଥ ପରିଚାଳନା କମିଟି ପକ୍ଷରୁ ପ୍ରତାପ ନାୟକ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଆସନ ଗ୍ରହଣ କରିଥିବା ବେଳେ ଉକ୍ତ ପ୍ରତିଷ୍ଠା ଉତ୍ସବରେ ସାମିଲ୍ ହୋଇଥିବା ଜ୍ଞାନିପଣ୍ଡିତ, ବ୍ରାହ୍ମଣ ଶ୍ରୀ ଶ୍ରୀ ରଞ୍ଜିତ ପଣ୍ଡା, ଅମିତ୍ ଦାଶ, କାଳିନ୍ଦୀ ଚରଣ ଦାଶ ଓ ବଳରାମ ଦାଶ ପ୍ରମୁଖଙ୍କ ଦ୍ୱାରା ଠାକୁରଙ୍କ ନିତିକାନ୍ତି, ପୂଜାବିଧି, ମନ୍ତ୍ରପାଠ, ଯଜ୍ଞ, ପୂଜାପାଠ କାର୍ଯ୍ୟ ସମାପନ ହୋଇଥିଲା। ଏହି ଅବସରରେ କୀର୍ତ୍ତନ, ଭକ୍ତି କୈବଲ୍ୟ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ମନ୍ଦିର



ପରିଚାଳନା କମିଟିର ସଭାପତି କୁଳମଣି ଧଳଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ ବିନୟ କୁମାର ରାଉତ, ମୁନା ଧଳ, ହରିହର କରଣ, ତାରାକାନ୍ତ ପୁହାଣ, ସମିର ପଡିଙ୍କ ସମେତ ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସହଯୋଗ ପ୍ରଦାନ କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ, ଅଜୟ କୁମାର ନାୟକ, ରବିନ୍ଦ୍ର କୁମାର ନାୟକ ଏବଂ ୱାର୍ଡ ନମ୍ବର - ୧୬ କାଉନସିଲର ଶିବାନନ୍ଦ ନାୟକ ଓ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କମିଟିର କାର୍ଯ୍ୟକର୍ତ୍ତା, ସଦସ୍ୟମାନଙ୍କୁ ଉତ୍ସାହିତ କରିବା ସହ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ହଜାର ହଜାର ଭକ୍ତ ମାନଙ୍କ ଲାଗି ଅନୁଷ୍ଠାନ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶେଷରେ ମୁଖ୍ୟ ଉପଦେଷ୍ଟା ଶ୍ରୀ ବିନୋଦ ବିହାରୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଂଚାୟତର ଦୋହଳି ସ୍ଥିତ ମିନିଷ୍ଟାଡ଼ିୟମ ପଛରେ ଥିବା ଏକ ପରିତ୍ୟକ୍ତ ପାଇଖାନା ଘରୁ ଏହି ପଂଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ପ୍ରମୋଦ କୁମାର ସେଠୀ (୬୫)ଙ୍କ ବୀଭତ୍ସ ମୃତଦେହକୁ ଶୁକ୍ରବାର ଅପରାହ୍ନରେ ପୋଲିସ୍ ଉଦ୍ଧାର କରିଥିଲା । ଏହି ଘଟଣାଟିକୁ ପୋଲିସ ହତ୍ୟାକାଣ୍ଡ ଭାବେ ବିବେଚନା କରି ସମ୍ପୂର୍ଣ୍ଣ ଘଟଣାସ୍ଥଳଟିକୁ ସିଲ୍ କରିବା ସହ ପୋଲିସ୍ ଘେରାବନ୍ଦୀରେ ରଖିଥିଲା । ଗତକାଲି ତଦନ୍ତ କରିବା ଓ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ସନ୍ଧ୍ୟା ହୋଇଯାଇଥିଲା । ଫଳରେ ଆଜି ସକାଳୁ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ସୁଭେନ୍ଦୁ କୁମାର ସାହୁ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ ଘଟଣା ସ୍ଥଳକୁ ପୋଲିସ୍‌ର ଡଗ୍ ସ୍କ୍ୱାର୍ଡ଼ ଓ ସାଇଂଟିଫିକ୍ ଟିମ୍‌କୁ ଡକାଇ ତଦନ୍ତ ଆରମ୍ଭ କରିଥିଲେ । ତେବେ ଡଗ୍ ସ୍କ୍ୱାର୍ଡ଼ ଦ୍ୱାରା କିଛି ସୁଫଳ ମିଳିନଥିବା ବେଳେ ସାଇଂଟିଫିକ୍ ଟିମ୍ ହତ୍ୟାରେ ବ୍ୟବହୃତ ଠେଙ୍ଗା ଓ ଅନ୍ୟାନ୍ୟ ଜିନିଷକୁ ନିଜ ହେପାଜତକୁ ନେଇ ଫରେନ୍‌ସିକ୍ ଲ୍ୟାବକୁ ପଠାଇଥିବା ଜଣାପଡ଼ିଛି । ତେବେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ୍ ପ୍ରମୋଦଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ଆଜି ଏକ ଶୋକାକୂଳ ପରିବେଶରେ ପ୍ରମୋଦଙ୍କର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । କେନ୍ଦ୍ରାପଡ଼ା ସଦର ଥାନାରେ ୨୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ହତ୍ୟାକାଣ୍ଡର କାରଣ ଓ ହତ୍ୟାକାରୀଙ୍କୁ ଖୋଜିବା ନିମନ୍ତେ ଉଦ୍ୟମ ଜାରି ରଖିଛି ।

# ଉଜୁଡ଼ିଲା ଫସଲ, ପରିବା ଦର ଆକାଶଛୁଆଁ



କଣାସ (ଭାସ୍କର ନ୍ୟୁଜ୍): ହୀରାକୁଦର ବନ୍ୟା ଜଳ ବିଭିନ୍ନ ନଦୀରେ ପ୍ରବାହିତ ହେଉଥିବାରୁ ଫସଲ ଜମିରେ ଏବେ ଅଣ୍ଟାଏ ଉଚ୍ଚର ପାଣି ଲହଡ଼ି ଭାଙ୍ଗୁଛି। ଫଳରେ ପନିପରିବା ଫସଲ ସମ୍ପୂର୍ଣ୍ଣ ମାତ୍ରାରେ ନଷ୍ଟ ହୋଇଯାଇଛି। ସେପଟେ ପରିବା ଦର ଏବେ ଆକାଶଛୁଆଁ ହୋଇଛି। ଲୋକମାନେ ହାଟ ଭିତରେ ପଶିବାକୁ ଡରୁଛନ୍ତି। କଣାସ ବ୍ଲକର ବିଜିପୁର, ବାଲିପଡା, କଣାସ, ଜଙ୍କିଆ, ଗଡସାହି, ଗଡିଶାଗୋଦା, କରମଳା ଆଦି ବଜାରରେ ଆଳୁ ପିଆଜକୁ ଛାଡ଼ିଦେଲେ ସବୁଜ ପରିବା କିଲୋ ପିଛା ୫୦ଟଙ୍କା ଉପରେ ରହିଛି। ଟମାଟୋ କେଜି ପ୍ରତି ୫୦ ଟଙ୍କା , ପୋଟଳ ୬୦, ବାଇଗଣ କିଲୋ ପିଛା ୮୦, କଲରା ୬୦ ରହିଥିବା ବେଳେ ଜହ୍ନି ୬୦, ଭେଣ୍ଡି ୬୦ ଟଙ୍କା ରହିଛି। ଆଳୁ କିଲୋ ପିଛା ୨୦ ଟଙ୍କା ଓ ପିଆଜ କେଜି ୨୦ରୁ ୨୫ ଟଙ୍କା ରହିଥିବା ହେତୁ ସବୁଜ ପରିବାରରେ ହାତ ମାରୁନାହାନ୍ତି ଗ୍ରାହକ। ଅନେକ ଲୋକେ ଆଳୁ ପିଆଜ କିଣି କାମ ଚଳାଉଛନ୍ତି। ସବୁଜ ପରିବା ଦର ଆକାଶ ଛୁଆଁ ରହିଥିବା ବେଳେ ଗରିବ ଶ୍ରେଣୀର ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ଷା ଦିନ ଆରମ୍ଭରୁ ପରିବା ଦର ଏଭଳି ବଢିବା ଯୋଗୁଁ ଲୋକମାନେ ମନରେ ଛନକା ପଶିଛି। ପ୍ରତିଦିନ ସବୁଜ ପନିପରିବା ଉପରେ ଲୋକଙ୍କ ଚାହିଦା ଅଧିକ ଥିବାରୁ ଦର ହୁ ହୁ ହୋଇ ଦ୍ରୁତ ଗତିରେ ବଢିଚାଲିଛି। କମିବାର ନାଁ ଧରୁନି। କଣାସ ଅଞ୍ଚଳରେ ଏହି ସମୟରେ ପନିପରିବା ଫସଲ ଅମଳ ଭଲ ହୋଇଥାଏ ହେଲେ ଚଳିତ ବର୍ଷ ବନ୍ୟା ପାଣି ଆସିବା ଯୋଗୁଁ ପନିପରିବା ଫସଲ ସମ୍ପୂର୍ଣ୍ଣ ମାତ୍ରାରେ ଉଜୁଡ଼ି ଯାଇଛି। ଧାର କରଜ କରି ଚାଷ କରିଥିବା ଚାଷୀ ଏବେ କିଭଳି କରଜ ସୁଝିବ ସେ ନେଇ ମୁଣ୍ଡରେ ହାତ ଦେଇ ବସିଛି।

## ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ବିଜେପିର ମହାମିଶ୍ରଣ ପର୍ବ

# ଲୋକଙ୍କ ଯୋଗଦାନ ବିକଶିତ ଓଡ଼ିଶା ଗଠନ ଦିଗରେ ସହାୟକ ହେବ : ସମ୍ପଦ



ପାରାଦ୍ୱୀପ (ଭାସ୍କର ନ୍ୟୁଜ୍) : ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ପାରାଦ୍ୱୀପ ପୌରପରିଷଦ ଅନ୍ତର୍ଗତ ପାଞ୍ଚ ନମ୍ବର ୱାର୍ଡ ସ୍ଥିତ ରାଇସମିଲ ଠାରେ ବିଜେପି ଦଳର ଏକ ମହାମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ଶନିବାର ଦିନ ଆୟୋଜିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ପାରାଦ୍ୱୀପର ଲୋକପ୍ରିୟ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦକ୍ଷ କାର୍ଯ୍ୟଶୈଳୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଦକ୍ଷତା, ବିଧାୟକଙ୍କ ବିକାଶମୂଳକ କାମରେ ଅନୁପ୍ରାଣିତ ହୋଇ ପାରାଦ୍ୱୀପ ପୌରପରିଷଦ ଅନ୍ତର୍ଗତ ପାଞ୍ଚ ନମ୍ବର ୱାର୍ଡ ସ୍ଥିତ ରାଇସମିଲ ଠାରେ ବିଜେଡି ଓ କଂଗ୍ରେସ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଭାରତୀୟ ଜନତା ପାର୍ଟିରେ ଯୋଗଦେଇଛନ୍ତି। ତେବେ ଏହି ମିଶ୍ରଣ ପର୍ବ ପ୍ରମାଣ କରେ ଯେ, ରାଜ୍ୟରେ ବିଜେପି ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ବୃଦ୍ଧି ପାଇବାରେ ଲାଗିଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ, ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିବା ସହ ସେମାନଙ୍କ ଯୋଗଦାନ ତୃଣମୂଳସ୍ତରରେ ଦଳର ସଂଗଠନକୁ ଆହୁରି ମଜବୁତ କରିବ ବୋଲି କହିଥିଲେ। ଶେଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମିଶ୍ରଣ ପର୍ବ ଦ୍ୱାରା ନିଶ୍ଚିତ ଭାବେ ଆମ ଦଳ ତୃଣମୂଳ ସ୍ତରରେ ଶକ୍ତିଶାଳୀ ହେବା ସହିତ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ହୋଇପାରିବ, ସରକାରଙ୍କ ର ଏକ ବର୍ଷର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ ସମାଜର ଶେଷ ଭାଗରେ ବାସ କରୁଥିବା ଲୋକଙ୍କର ବିକାଶ ନିମନ୍ତେ ସରକାର ସବୁବେଳେ ପ୍ରଚେଷ୍ଟା ଜାରି ରଖିବା, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ କାମ ସମ୍ପର୍କରେ ସୂଚନା ଦେଇଥିଲେ। ସେବା, ସୁଶାସନ ଓ ଗରିବ କଲ୍ୟାଣ ନିମନ୍ତେ ଡବଲ ଇଞ୍ଜିନ ଲୋକଙ୍କ ସରକାର "ସବକା ସାଥ, ସବକା ବିକାଶ" ମନ୍ତ୍ରକୁ ପାଥେୟ କରି ଗତ ଏକ ବର୍ଷ ମଧ୍ୟରେ କୃଷକ, ମହିଳା, ଜନଜାତି, ଯୁବଶକ୍ତି, ଭିନ୍ନକ୍ଷମ, ଗରିବ, ପଛୁଆବର୍ଗ, ଦଳିତ ଆଦି ସମସ୍ତ ବର୍ଗର ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା ସହ ଓଡ଼ିଆ ଅସ୍ମିତାର ସୁରକ୍ଷା କରିପାରିଛନ୍ତି। ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ସେବା, ସୁଶାସନ ଓ ବିକାଶ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୁଡ଼ିକୁ ବାସ୍ତବତାରେ ପରିଣତ କରିପାରିଛୁ । ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଲୋକଙ୍କ ସରକାର ଦୃଢ଼ ସଂକଳ୍ପ ନେଇଛନ୍ତି। ରାଜ୍ୟକୁ ସମୃଦ୍ଧ ତଥା ବିକଶିତ ଭାବେ ଗଢି ତୋଳିବାକୁ ହେଲେ ଜିଲ୍ଲା ଗୁଡ଼ିକୁ ମଧ୍ୟ ସମୃଦ୍ଧ ତଥା ବିକଶିତ କରିବାକୁ ହେବ। ଏହାଛଡ଼ା ରାଜ୍ୟର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୫୦୦ ବିଲିଅନ୍ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ୍ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି। ଆଜି ଲୋକମାନେ ସରକାରଙ୍କ ଖୁବ ନିକଟତର ହୋଇପାରିଛନ୍ତି। ନିଜର ସୁବିଧା, ଅସୁବିଧା ସରକାରଙ୍କ ନିକଟରେ ଜଣାଇପାରୁଛନ୍ତି, ସେଗୁଡ଼ିକର ସ୍ଥାୟୀ ସମାଧାନ ନିମନ୍ତେ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଲୋକଙ୍କ ସରକାରରେ ଲୋକମାନେ ହିଁ ସର୍ବେସର୍ବା ବୋଲି ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ। ଏହି ମିଶ୍ରଣ ପର୍ବରେ ପାରାଦ୍ୱୀପ ନଗର ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ସାଧାରଣ ସମ୍ପାଦକ ବଜରଙ୍ଗ ପ୍ରସାଦ ସ୍ୱାଇଁ, ଯୋଲେନାନ ରାଜ୍, ଯୁବମୋର୍ଚ୍ଚା ସଭାପତି ଦିଲ୍ଲୀପ ବଳିୟାରସିଂହ, ସମ୍ପାଦକ ଜିତେନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପାରାଦ୍ୱୀପ ନଗର ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, କାର୍ଯ୍ୟକାରୀ ଉଗ୍ରସେନ ବେହେରା, ଶରତ ଚନ୍ଦ୍ର ନାୟକ, ଭକ୍ତବନ୍ଧୁ ପରିଡା, ବସନ୍ତ ବେହେରା, ପବିତ୍ର ବେହେରା, ବିରଞ୍ଚି ନାରାୟଣ ସୁନ୍ଦରାୟ, ନନ୍ଦିନୀ ପରିଡ଼ା, ଅଧିକାରୀ ବେହେରା, ବଟକୃଷ୍ଣ ପ୍ରଧାନ, ଅମୀୟ ଦାସ, ଗୌତମ ଜେନା, ଦୁର୍ଯ୍ୟୋଧନ ରାଉତ, ପ୍ରତାପ ଚନ୍ଦ୍ର ନାୟକ, ଗୌତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବାଙ୍ଗୀନ, ସର୍ବସ୍ପର୍ଶୀ ଓ ସର୍ବସମାବେଶୀ ସରକାରର କାର୍ଯ୍ୟରେ ପ୍ରଭାବିତ ହୋଇ ଦଳରେ ମିଶିଥିବାରୁ ସମସ୍ତଙ୍କୁ ଧନ୍ୟବାଦ।

# ଧର୍ମପ୍ରାଣାଙ୍କ ପରଲୋକ



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଚଣ୍ଡିତଳ ଗ୍ରାମର ଧର୍ମ ପରାୟଣ ମହିଳା ନିର୍ମଳାବାଳା ମହାନ୍ତିଙ୍କ ପରଲୋକ ଘଟିଛି। ସେ ହେଉଛନ୍ତି ଚଣ୍ଡିତଳ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଚିନ୍ମୟ ମହାନ୍ତିଙ୍କ ମାତା। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତାରେ ଶଯ୍ୟାଶାୟୀ ଥିଲେ। ଶନିବାର ଦିବା ୩ ଘଟିକା ସମୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ମୃତ୍ୟୁରେ ବଡ଼ଚଣାର ବିଧାୟକ ଅମର କୁମାର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରାକ୍ତନ ପଞ୍ଚାୟତ ସମିତିର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପଞ୍ଚାୟତ ସମିତିର ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ବେହେରା ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ନିର୍ମଳ ମିଶ୍ର, ପଳିମଙ୍ଗଲ ସଭାପତି ସଞ୍ଜୟ କୁମାର ସ୍ୱାଇଁ, ବଡ଼ଚଣା ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା ପ୍ରମୁଖ ଶୋକ ବ୍ୟକ୍ତ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନି ପୁତ୍ର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସାନପୁଅ ତନ୍ମୟ ମୁଖାଗ୍ନି ଦେଇଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା।

# ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ଅଧ୍ୟାପକ ଡ. ଅଜୟ ରାଉତ ସମ୍ବର୍ଦ୍ଧିତ



ଗରଦପୁର (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡାର ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ଅଧ୍ୟାପକ ଅଜୟ କୁମାର ରାଉତଙ୍କୁ ଗତ ୧ ତାରିଖ ଦିନ କେନେଡି ୟୁନିଭରସିଟି ତରଫରୁ ଡକ୍ଟରେଟ୍ ଉପାଧି ମିଳିଥିବା ବେଳେ ଶୁକ୍ରବାର ଅନ୍ଧବର ସାଂସ୍କୃତିକ ପରିଷଦ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ଡ. ରାଉତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋଲଖ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ତଳକୁସୁମା ଗ୍ରାମ ପଞ୍ଚାୟତର ସରପଂଚ ପ୍ରଭାତ ନଳିନୀ ଜେନା, ମୁଖ୍ୟବକ୍ତା ଭାବେ ପ୍ରକ୍ତନ ପ୍ରଧାନଶିକ୍ଷକ ମାଧବାନନ୍ଦ ନାୟକ, ସମ୍ମାନୀୟ ଅତିଥି ଭାବେ ମହେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ଅଶୋକ କୁମାର ଜେନା, ପ୍ରତାପ ଜେନା, ଆଦିକନ୍ଦ ଲେଙ୍କା, ଭୁବନ ମୋହନ ଜେନା, ଜ୍ୟୋତିଷ ପରିଜା ନରୋତ୍ତମ ପରିଡା ପ୍ରମୁଖ ଯୋଗଦାନ କରି ଶିକ୍ଷା, ସମାଜସେବା ତଥା ଅନ୍ଧବର ସାଂସ୍କୃତିକ ପରିଷଦ ପ୍ରତି ତାଙ୍କର ଥିବା ଅବଦାନ ଉପରେ ଆଲୋକପାତ କରିବା ସହିତ ଅଧ୍ୟାପକ ରାଉତଙ୍କୁ ବିଦେଶ ମାଟିରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମିଳିବା ଆମ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଅନ୍ଧବର ସାଂସ୍କୃତିକ ପରିଷଦର ସମସ୍ତ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିବା ବେଳେ ପୂର୍ବତନ ସମିତି ସଭ୍ୟ ତଥା ସାଂସ୍କୃତିକ ପରିଷଦର ଚଳିତ ବର୍ଷର ସଭାପତି ପ୍ରହ୍ଲାଦ ସାହୁ ସମ୍ବର୍ଦ୍ଧନା ସଭାକୁ ପରିଚାଳନା କରିଥିଲେ।

# କୋଟିଏ ଟଙ୍କାର ରାସନ ଠକେଇ

କୋରାପୁଟ (ଭାସ୍କର ନ୍ୟୁଜ୍) : କୋଟିଏରୁ ଅଧିକ ଟଙ୍କାର ରାସନ ଠକେଇ। ନକଲି ଟେଣ୍ଡର ପେପର ଦେଖାଇ ୧୬ବ୍ୟବସାୟୀଙ୍କୁ ଚୂନ ଲଗାଇଛନ୍ତି କୋରାପୁଟ ପୂଜାରିପୁଟ ଅଞ୍ଚଳର ଜଗନ୍ନାଥ ପାତ୍ର। ସାମଗ୍ରୀ ନେଇ ଫେରାର ହୋଇଯାଇଥିବା ଠକାମିର ଶିକାର ହୋଲସେଲ୍ ବ୍ୟବସାୟୀ ଏବଂ କୋରାପୁଟ ଚାମ୍ବର ଅଫ କମର୍ସ ପକ୍ଷରୁ କୋରାପୁଟ ଟାଉନ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁସାରେ, ଜଗନ୍ନାଥ ପାତ୍ର ସ୍ଥାନୀୟ ବ୍ୟବସାୟୀଙ୍କୁ ଗୋଟିଏ ନକଲି ଟେଣ୍ଡର ପେପର ଦେଖାଇଥିଲେ। ସେଥିରେ ଗଞ୍ଜାମ ଜିଲ୍ଲାର ୩ହଜାର ସ୍କୁଲ ପିଲାଙ୍କ ନିମନ୍ତେ ରାସନ ସହ ଅନ୍ୟ ସାମଗ୍ରୀ ଯୋଗାଇବାକୁ ଉଲ୍ଲେଖ ହୋଇଥିଲା। ଜିନିଷ ଦେବାର ୧୫ରୁ ୩୦ଦିନ ମଧ୍ୟରେ ବିଲ୍ ହୋଇଯିବ। ଏହାପରେ ଟଙ୍କା ବ୍ୟବସାୟୀଙ୍କୁ ଦେଇଦେବେ ବୋଲି କହି ଜଗନ୍ନାଥ ପ୍ରଲୋଭିତ କରିଥିଲେ। ଜଗନ୍ନାଥ ନିଜେ ଜଣେ ବ୍ୟବସାୟୀ ହୋଇଥିବାରୁ ତାଙ୍କ କଥାକୁ ଅନ୍ୟମାନେ ବିଶ୍ୱାସ କରିଥିଲେ। ଏହାପରେ ଚାଉଳ, ଚିନି, ତେଲ, ଡାଲି , ସାବୁନ, ସର୍ଫ, ପ୍ଲାଷ୍ଟିକ ଜିନିଷ ଆଦି ପ୍ରାୟ ୧.୦୨ କୋଟି ଟଙ୍କାର ଜିନିଷ ନେଇଥିଲେ। ଏହାପରେ ଜଗନ୍ନାଥ ଧରାଛୁଆଁ ଦେଉନାହାନ୍ତି । ହଠାତ୍ ଦୋକାନ ବନ୍ଦ କରି କେଉଁଆଡେ ଚାଲିଯାଇଛନ୍ତି। ଫୋନ କଲେ ସୁଦ୍ଧା ଉଠାଉ ନାହାନ୍ତି। ବ୍ୟବସାୟୀ ନାରାୟଣ ସାହୁ ୯ଟି ଗାଡିରେ ଚାଉଳ, ଡାଲି, ଚିନି, ତେଲ ଆଦି ପ୍ରାୟ ୨୭ଲକ୍ଷ ଟଙ୍କାର ଜିନିଷ ଦେଇଥିବା କହିଛନ୍ତି। କେବଳ ଏହି ୧୬ଜଣ ନୁହନ୍ତି ଅନ୍ୟ ବ୍ୟବସାୟୀଙ୍କ ଠାରୁ ବି ଏପରି ଜିନିଷ ନେଇଥିବା ଅଭିଯୋଗ ହୋଇଛି । ଏନେଇ ଚାମ୍ବର ଅଫ କମର୍ସ ଏବଂ ଠକାମିର ଶିକାର ହୋଇଥିବା ବ୍ୟବସାୟୀ ଟାଉନ ଥାନା ଆଇଆଇସି ସତ୍ୟାନନ୍ଦ ପାତ୍ରଙ୍କୁ ସାକ୍ଷାତ କରି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଉକ୍ତ ବ୍ୟବସାୟୀଙ୍କୁ ଠାବ କରି ଅର୍ଥ ଫେରାଇ ଆଣିବାକୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି। ଥାନା ଅଧିକାରୀ ଶ୍ରୀପାତ୍ର ତଦନ୍ତ ଆରମ୍ଭ ହୋଇଛି ବୋଲି କହିଛନ୍ତି।

# ଲକ୍ଷାଧିକ ଟଙ୍କାର ଚୋରା ମଦ ଜବତ, ୨ ଗିରଫ

ମାହାଙ୍ଗା (ଭାସ୍କର ନ୍ୟୁଜ୍): ମାହାଙ୍ଗା ପୋଲିସକୁ ମିଳିଛି ବଡ଼ ସଫଳତା। ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପେଟି ପେଟି ବିଦେଶୀ ମଦ ସହ ୨ଜଣ ଗିରଫ। କଟକ ଜିଲ୍ଲା ମାହାଙ୍ଗା ଥାନା ଜୟପୁର ଫାଣ୍ଡି ଅଧୀନ ଯସରାଜପୁର ଗ୍ରାମରେ ଚୋରା ମଦ କାରବାର ନେଇ ବିଶେଷ ସୂତ୍ରରୁ ଖବର ପାଇ ମହଙ୍ଗା ଥାନା ଆଇଆଇସି ତପନ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଜଗଦୀପ ସିଂହଙ୍କ ଘର ଉପରେ ଚଢାଉ କରାଯାଇଥିଲା। ସେଠାରୁ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଏଥିରେ ସଂପୃକ୍ତ ଥିବା ଜଗଦୀପ ସିଂହ, ସାଲେପୁରର ଅଞ୍ଚଳର ନୃସିଂହ ନାୟକଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଫେରାର ହୋଇଯାଇଥିଲେ। ଜବତ ମଦର ଆନୁମାନିକ ମୂଲ୍ୟ ୨ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଟ୍ରକ-ସ୍କୁଟି ଧକ୍କା, ସ୍କୁଟି ଚାଳକ ଗୁରୁତର

ଆଳି, (ଭାସ୍କର ନ୍ୟୁଜ)କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ରାଇସରପୁର ପେଟ୍ରୋଲ ପମ୍ପ ଛକ ନିକଟରେ ଆଜି ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ଅଜଣା ଟ୍ରକ ଧକ୍କା ଦେବା ଫଳରେ ଜଣେ ବ୍ୟକ୍ତି ଛିଟକି ତଳେ ପଡିଯାଇ ଗୁରୁତର ଆହତ



ହୋଇଛନ୍ତି । ସୂଚନା ସୂତ୍ରରୁ ପ୍ରକାଶ ଆହତ ବ୍ୟକ୍ତି ଜଣକ ଆଳି ଥାନା ପତ୍ତପୁର ପଞ୍ଚାୟତ ବିଲିକଣା ଗ୍ରାମର ଭଗବାନ ଦାଶଙ୍କ ପୁଅ କୈଳାସ(୫୪)। ସେ ଆଳି ସିଙ୍ଗିରିରୁ ତାଙ୍କ ଦୋକାନ ସାମଗ୍ରୀ ନେଇ ତାଙ୍କ ଗ୍ରାମ ଛକରେ ଥିବା ନିଜସ୍ୱ ଏକ ଭେରାଇଟି ଷ୍ଟୋର ଦୋକାନ ଅଭିମୁଖେ ସ୍କୁଟିରେ ଯାଉଥିବା ସମୟରେ ଏକ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେବା ଫଳରେ ତାଙ୍କ ହାତ, ଛାତି, ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା କୈଳାସଙ୍କୁ ପଟାମୁଣ୍ଡାଇରୁ ଆଳି ଫେରୁଥିବା ସଡ଼କ ବନ୍ଧୁ ସୁଶାନ୍ତ ତରାଇ ପହଞ୍ଚି ସେଠାରେ ତାଙ୍କର ବ୍ୟାଣ୍ଡେଜ କରାଇଥିଲେ। ଶ୍ରୀ ତରାଇ ଦମକଳ ବାହିନୀକୁ ଖବର ଦେବା ପରେ ଦମକଳ ବାହିନୀ ପହଞ୍ଚି ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କର କିଛି ଦାନ୍ତ ମଧ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଫଳରେ ମୁଣ୍ଡରୁ ଓ ମୁହଁରୁ ରକ୍ତସ୍ରାବ ବନ୍ଦ ନହେବାରୁ ତାଙ୍କୁ ପ୍ରଥମେ ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ପଠାଇ ଦିଆଯାଇଛି। ଦୁର୍ଘଟଣାସ୍ଥଳରୁ କୈଳାସଙ୍କ ମୋବାଇଲ ଓ ତାଙ୍କ ଟଙ୍କାକୁ ଶ୍ରୀ ତରାଇ ତାଙ୍କ ବାପା ଭଗବାନ ଦାଶଙ୍କୁ ହସ୍ତାନ୍ତର କରାଇଥିଲେ।

# ଚିନ୍ମୟ ମିଶନ ପକ୍ଷରୁ ଗୁରୁପୂର୍ଣ୍ଣିମା ଉପଲକ୍ଷେ ରକ୍ତଦାନ ଶିବିର




ବାରିପଦା (ଭାସ୍କର ନ୍ୟୁଜ୍) : ବାରିପଦା ଚିନ୍ମୟ ଆନୁକୂଲ୍ୟରେ ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଅନୁଷ୍ଠିତ ହୋଇଯାଇଛି । ସଭାପତି ବିଜୟ ଲେଙ୍କା, ଶିକ୍ଷାବିତ ତରୁଣ ଓଝା, ସୋମନାଥ ସିଂହ, ହୃଦାନନ୍ଦ ଆଚାର୍ଯ୍ୟ, ଉପଦେଷ୍ଟା ଶ୍ରୀଧର ପରିଡ଼ା ଦୀପ, ଶକୁନ୍ତଳା ପାଲ ପ୍ରଜ୍ଜଳନ କରି ଶିବିର ଉଦ୍ଘାଟନ କରିଥଲେ। ଜିଲ୍ଲା ପରିଷଦର ଅଧ୍ୟକ୍ଷ ଭାରିତି ହାଁସଦା, ଅବସରପ୍ରାପ୍ତ ନର୍ସିଂ ନିର୍ଦ୍ଦେଶକ ଡା ପ୍ରାଣକୃଷ୍ଣ ବେହେରା, ଅବସରପ୍ରାପ୍ତ ଆୟକର ଅଧିକାରୀ ତପନ ପଟ୍ଟନାୟକ, ସାମ୍ବାଦିକ ସଞ୍ଜୟ ଚୌଧୁରୀ, ସମାଜସେବୀ ନିରୋଜ ପୁଥାଲ, ରେଡକ୍ରସର ଆଜୀବନ ସଦସ୍ୟ ଅମର ସେଠୀ, କେଡିପି ବ୍ୟବସାୟ ଅନୁଷ୍ଠାନର ସୌରବ ମୋଦି, ବିକ୍ରମ କେଶରୀ ଜେନା, ବଶିଷ୍ଠ ଆଇନଜୀବୀ ବିଶ୍ୱଜିତ୍ ମହାନ୍ତି, ପ୍ରଦୀପ ଭଞ୍ଜ ସମ୍ପଦ ଦାସ, ଯୋଗଗୁରୁ ରାକେଶ ମହାନ୍ତ, ନିମ୍ ଫାଉଣ୍ଡେସନ ପ୍ରତିଷ୍ଠାତା ବିଦ୍ୟାଧର ସାହୁ, ମା' ତୁଳସୀ ଫାଉଣ୍ଡେସନ ପ୍ରତିଷ୍ଠାତା ରଞ୍ଜିତା ଦଳେଇ, ଡା ସୁନନ୍ଦନ ମିଶ୍ର ତାପସ ଦଳେଇ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାମୀ ବିବେକାନନ୍ଦ ସ୍କୁଲର ଅଧ୍ୟକ୍ଷ ଶିକ୍ଷାବିତ ବୀଣା ଦାସ, ସାମ୍ବାଦିକ ତଥା ସମାଜସେବୀ ଦୀପକ ନାୟକ, ପିପିପି ଟ୍ରଷ୍ଟର ପ୍ରତିଷ୍ଠାତା ଡା ଅକ୍ଷୟ ମହାନ୍ତି, ଭାସ୍କର ଖବରକାଗଜର ଜିଲ୍ଲା ପ୍ରତିନିଧି ପ୍ରତିମା ବାରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ବୃକ୍ଷରୋପଣ କରଯାଇଥିଲା। ଚିନ୍ମୟ ମିଶନର ସମ୍ପାଦକ ଅଜିତ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ଆଇଜୀବୀ ସତ୍ୟବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଷ୍ଣୁପଦ ବେରା, ସବ୍ୟସାଚୀ ପଲେଇ, ଦେବରାଜ ବାସ୍କେ, ସୁରଜ ପାଣି, ରବିରାମ ପ୍ରଜାପତି, ରାମେଶ୍ୱର ପୁଥାଲ୍ , ବିଶ୍ୱକର୍ମା ଡାକୁଆ, ମମତା ରାଣୀ ତ୍ରିପାଠୀ, ଦିବ୍ୟଜ୍ୟୋତି ତ୍ରିପାଠୀ, କଲ୍ୟାଣୀ ଆଚାର୍ଯ୍ୟ, ରଞ୍ଜନ କୁମାର ମୁଖି, , ଜ୍ୟୋତିପ୍ରଭା ମହାନ୍ତି, ପ୍ରଭାତ ସାହୁ, ସଂଜିତ କୁମାର ଦାଶଙ୍କ ସମେତ ୩୫ଜଣ ରକ୍ତଦାନ କରିଥିଲେ। ସୁରେଶ୍ୱରୀ ମହାନ୍ତି, କ୍ରିଷ୍ଣା ଘୋଷ, ଜୟନ୍ତୀ ଲେଙ୍କା, ଇନ୍ଦିରା ଜେନା, ପଙ୍କଜିନୀ ଦାଶଙ୍କ ସମେତ ସଚ୍ଚିଦାନନ୍ଦ ଗୁରୁକୁଳର ଛାତ୍ରଛାତ୍ରୀମାନେ ଶିବିର ପରିଚାଳନା କରିଥିଲେ।


# ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା ଓ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ




ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀ ସଂଘ, ଜଗତସିଂହପୁର ଜିଲ୍ଲା କୃଷକ ସଙ୍ଗଠନ ଓ ବିଷୁବ ସଂସଦ ମିଳିତ ଆନୁକୂଲ୍ୟରେ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାସ୍ଥ୍ୟ ସଚେତନତା ଓ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ବିଶ୍ୱଜିତ ଓଝା ପୌରୋହିତ୍ୟ କରିଥିଲେ। ଏଥିରେ ଅବସରପ୍ରାପ୍ତ ବନବିଭାଗ ଅଧିକାରୀ ନିରଞ୍ଜନ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସାରା ବିଶ୍ୱରେ ପରିବେଶ ଅସନ୍ତୁଳନକୁ ନେଇ ଦେଖାଦେଇଥିବା ବିପଦ ପ୍ରତି ସତର୍କ କରାଇବା ସହ କେବଳ ବୃକ୍ଷ ହିଁ ଆମ ଜୀବନକୁ ବଞ୍ଚାଇ ପାରିବ ବୋଲି ପ୍ରକାଶ କରିଥିଲେ। କାରଣ ମନୁଷ୍ୟର ଜୀବନ ଧାରଣ ପାଇଁ ଆବଶ୍ୟକ ଅମ୍ଳଜାନ କେବଳ ବୃକ୍ଷ ହିଁ ଦେଇଥାଏ। ଗୋଟିଏ ବୃକ୍ଷ ତାର ଜୀବନକାଳ ମଧ୍ୟରେ ୬.୫ ଲକ୍ଷ ଟଙ୍କାର ଅମ୍ଳଜାନ ପ୍ରଦାନ କରିଥାଏ ବୋଲି ସାହୁ ମତବ୍ୟକ୍ତ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ସ୍ୱର୍ଣ୍ଣପଦକ ପ୍ରାପ୍ତ ବରିଷ୍ଠ ଶିଶୁ ବିଶେଷଜ୍ଞ ଡ଼ା ରାଜକିଶୋର ବରାଳ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନନ୍ଦିନ ଶରିରଚର୍ଯ୍ୟାରେ ଖାଦ୍ୟପେୟ, ପ୍ରାଣାୟମ ଓ ଖେଳକୁଦ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହାଛଡା ମୁକ୍ତବାୟୁ ସେବନ ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ମା ଓ ଧରିତ୍ରୀ ମାତାକୁ ସମ୍ମାନ ଜଣାଇ ଗଛଟିଏ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଲୁମିନି ସଭାପତି ବିନୋଦ ବିହାରୀ ମହାନ୍ତି ପିଲାଙ୍କୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରି ବିଭିନ୍ନ ପ୍ରକାର ପ୍ରାଣାୟମ ଶିଖାଇଥିଲେ। ଆଲୁମିନୀ ଉପସଭାପତି ଚନ୍ଦ୍ରଶେଖର ସିଂହ, ଶିକ୍ଷକ ସୁଜିତ କୁମାର ବେହେରା ଓ ପ୍ରମୋଦ କୁମାର ଭୋଇ ଅନୁରୂପ ଭାବେ ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ପରିସରରେ ଅତିଥିଙ୍କ ପକ୍ଷରୁ ଚାରାରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ମୌସୁମୀ ରଥ ସଭା ସଞ୍ଚାଳନ, ଶକୁନ୍ତଳା ସେଠି ସ୍ୱାଗତ ପର୍ବ ଓ ରଞ୍ଜିତା ବେହେରା ଧନ୍ୟବାଦ ଦେଇଥିଲେ। ଗୀତାରାଣୀ ବିଶ୍ୱାଳ ଓ କର୍ମଚାରୀ ହରେକୃଷ୍ଣ ସାହୁ ଏଥିରେ ସହଯୋଗ କରିଥିଲେ। ଅନୁରୂପ ଭାବେ ଡ଼ା ବରାଳଙ୍କ ତତ୍ତ୍ୱାବଧାନରେ ଶୀର୍ଲୋ ନବଗ୍ରାମ ହାଇସ୍କୁଲ ଓ ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରରେ ବନ ମହୋତ୍ସବ ପାଳନ ଅବସରରେ ଚାରା ରୋପଣ କାର୍ଯ୍ୟ ସମାପନ ହୋଇଛି।

# ରାଶିଫଳ

**ସୋମବାର, ୧୪ ଜୁଲାଇ ୨୦୨୫**



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ । ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକ୍କାପଣ ଏବଂ ଅଳସୁଆପଣ ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ । ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ।




**ମିଥୁନ :** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ । ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ । ସ୍ୱାସ୍ଥ୍ୟ ଭଲ ହେବ । ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ । ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ । ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ । ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ । ମିଠା ଖାଦ୍ୟ ମିଳିପାରିବ ।




**ତୁଳା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ଶକ୍ତିର ଅଭାବ ରହିବ । ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ ।



**କନ୍ୟା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ । ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ ।




**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ । ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ । ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ । ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ । ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ। ନୂତନ କାର୍ଯ୍ୟ ଆରମ୍ଭ ପାଇଁ ଏହା ଏକ ଶୁଭ ଦିନ ।




**ଧନୁ :** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ । ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ ।




**ମକର :** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ । ପରିବାରରେ ଖୁସିର ପରିବେଶ ରହିବ



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରି ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ । ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କନ୍ଧମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ସଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡକ୍ରସ ଆନୁକୂଲ୍ୟରେ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ କୁମାର ପ୍ରଧାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବିପତ୍ତି ଓ ବିପର୍ଯ୍ୟୟ ପରିଚାଳନା ସାଧନ କର୍ମୀ ବନମାଳୀ ମେହେର ତାଲିମଦାତା ଭାବେ ଯୋଗଦେଇଥିଲେ।ପ୍ରାଥମିକ ଚିକିତ୍ସା ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ବୁଝାଇବା ସହ ଡେମୋଷ୍ଟ୍ରେସନ ମାଧ୍ୟମରେ ରିକଭରି ପୋଜିସନ,ସକ୍ ,ମୁର୍ଚ୍ଛା, ରକ୍ତସ୍ରାବ, ଏପିଲେପସି,ବ୍ୟାଣ୍ଡେଜିଙ୍ଗ,ଆହତ ବ୍ୟକ୍ତିଙ୍କୁ ସ୍ଥାନାନ୍ତରିତ କୌଶଳ,ଅଗ୍ନିରୁ ସୁରକ୍ଷା ପାଇବା ଉପାୟ ତଥା ଗୁଡସମରିଟାନର ଭୂମିକା ଭଳି ବିଭିନ୍ନ କୌଶଳ ତାଲିମ ଦେଇଥିଲେ। ଗତ ୮ତାରିଖରୁ ଆରମ୍ଭ ହେଇଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଷ୍କାର ପରିଚ୍ଛନ୍ନ ରହିବା ସହ,ବିଭିନ୍ନ ବିପତ୍ତି ଆଶଙ୍କା ଥିବା ସ୍ଥାନ ଚିହ୍ନଟ କରି ମରାମତି କରାଯାଇଥିଲା ଓ ଅଗ୍ନି ନିରାପତ୍ତା ରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଏମ. ମାଧୁରୀ ଦୋରା ସଂଯୋଜନା କରିଥିବାବେଳେ ଶିକ୍ଷକ ଦୁଷ୍ମନ୍ତ ବିଶ୍ୱାଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ହେମବନ୍ତି ବାଘ, ଶିକ୍ଷକ ସୁଜିତ୍ କୁମାର ତରିଆ,ଆଲୋକ ପରଡିଆ, ସତ୍ୟଜିତ ପଣ୍ଡା, ସରୋଜ କୁମାର ସାହୁ,ଶିକ୍ଷୟତ୍ରୀ ମୀରାବାଇ ଧାରୁଆ, ସୁପ୍ରିୟା ପ୍ରିୟଦର୍ଶିନୀ, ଶିକ୍ଷକ ଦେବସ୍ମିତ ପ୍ରଧାନ, ବୀରଭଦ୍ର ମିଶ୍ର ତଥା କର୍ମଚାରୀ ନୀଳିମା ପ୍ରଧାନ, ମନୋଜ୍ ବନଛୋର ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ପରିଶେଷରେ ଶିକ୍ଷକ ମନୋରଞ୍ଜନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ପେଦାଅଲଡ଼ା ପଞ୍ଚାୟତବାସୀ

- ୬ଟି ବସୁଧା ପାଣି ଟାଙ୍କି ଅଚଳ
- ଦୁଇ ଗାଁକୁ ଯିବା ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ବନ୍ଧୁଗାଁ ବ୍ଲକ ପେଦାଅଲଡ଼ା ପଞ୍ଚାୟତର ୬ ଟି ଗାଁରେ ନିର୍ମିତ ନୂତନ ବସୁଧା ପାଣି ଟାଙ୍କି ଅଚଳ । ଦୁଇ ଗାଁ କୁ ସଂଯୋଗ କରୁଥିବା ପିଚୁ ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ଶେଖର କଣ୍ଡାଗୋରି ନିଜ ପେଦାଅଲଡ଼ା ପଞ୍ଚାୟତରେ ଥିବା ୧୨ ଗୋଟି ଗାଁରୁ ରାଜ୍ୟ ସରକାରଙ୍କ ତରଫରୁ ୧୦ ଟି ଗାଁ ରେ ପିଇବା ପାଣି ସମସ୍ୟାକୁ ସମାଧାନ କରିବା ପାଇଁ ବସୁଧା ପାଣି ଟାଙ୍କି ନିର୍ମାଣ ହୋଇଥିଲା। ବସୁଧା ପାଣି ଟାଙ୍କି ନିର୍ମାଣ କାମ ୨ ବର୍ଷ ହେଲା ଶେଷ ହୋଇ ଥିବାବେଳେ ୬ ଟି ଗାଁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ୪ ଟି ଗାଁରେ ବସୁଧା ପାଣି ଟାଙ୍କି ଠିକ ଭାବେ ଚାଲୁ ଥିବାବେଳେ ଆଜି ପର୍ଯ୍ୟନ୍ତ ପୁତୁକିବାଲସା , ଲୋକାର୍ଲୀ, ଚିନାଅଲଡ଼ା, ଚେକାବାଲସା, କିନ୍ତାଲଭଦ୍ରା ଓ ବାର୍ଲାମଣ୍ଡା ନିର୍ମାଣ କାର୍ଯ୍ୟ ଶେଷ ହୋଇ ଥିଲେ ମଧ କିଛି ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫର୍ମର ବସି



ନାହିଁ, ବୋରୱେଲ ଖନନ ହୋଇ ନାହିଁ, ପାଣି ପମ୍ପ ନାହିଁ, କିଛି ବସୁଧା ପାଣି ଟାଙ୍କି ଗୁଡ଼ିକରେ ପାଇପ ଗୁଡିକ ଖସି ପଡିଛି । କିଛି ପମ୍ପ ହାଉସ ଗୁଡ଼ିକରେ ଛେଳି ରହୁ ଛନ୍ତି ଏବଂ କିଛି ପାଣି ଟାଙ୍କି ଭାଙ୍ଗିବାକୁ ବସିଲାଣି ଭଳି ସମସ୍ୟା ରହିଛି। ଗାଁରେ ବସୁଧା ପାଣି ଟ୍ୟାଙ୍କି ହେବ, ଗାଁର ପିଇବା ପାଣି ସମସ୍ୟା ସମାଧାନ ହେବାକୁ ନେଇ ଲୋକେ ଅତ୍ୟନ୍ତ ଖୁସି ହେଇଥିଲେ । ଏହି ପଞ୍ଚାୟତରେ ଠିକାଦାର ପ୍ରଭାକର ପ୍ରଧାନ ୧୦ ଟି ବସୁଧା ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ କରିବା ପାଇଁ ପ୍ରାୟ ୪ କୋଟି ଟଙ୍କା ଟେଣ୍ଡର ପାଇଥିଲେ। ସେଥିମଧ୍ୟରୁ ୪ ଟି ବସୁଧା ପାଣି ଠିକ ଭାବେ ଚାଲୁ ଥିବା ବେଳେ ୬ ଟି ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଥିଲେ ମଧ ଲୋକେ ପାଣି ପାଇ ପାରି ନାହାନ୍ତି। ଫଳରେ ଉପାନ୍ତ ଗାଁ ଗୁଡ଼ିକରେ ପିଇବା ପାଣି ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥି ସହିତ ଲୋକାର୍ଲୀରୁ ଚିଡିବାଲସା ଗାଁକୁ ଯିବା ରାସ୍ତା ଓ ବିକ୍ରମପୁର ରୁ ଝାଙ୍କରକାର୍ଲି ଦେଇ ଚିନାଅଲଡ଼ା ଗାଁ କୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇ ପାରୁନାହିଁ। ସରପଞ୍ଚ ଶେଖର କଣ୍ଡାଗୋରୀ ନିଜ ପଞ୍ଚାୟତର ପିଇବା ପାଣି ସମସ୍ୟା ସମାଧାନ ଓ ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ପେଟଫୁଲା ନଦୀ ଉପରେ ଅସ୍ଥାୟୀ ପୋଲ ନିର୍ମାଣ



ପାପଡାହାଣ୍ଡି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଲାଇଫ ଲାଇନ କୁହାଯାଉଥିବା ୪୦ ନଂ ରାଜ୍ୟ ରାଜପଥର ନବରଙ୍ଗପୁର ରୁ ଉମରକୋଟ ମଧ୍ୟରେ ସଂଯୋଗ କରୁଥିବା ଜଟାବାଲ ନିକଟରେ ପେଟଫୁଲା ନଦୀ ଉପରେ ନିର୍ମାଣଧିନ ହାଇଲେବଲ ବ୍ରିଜ ନିର୍ମାଣ ଅବଧି ସରିଥିଲେ ମଧ କାମ ଶେଷ ହୋଇ ପାରିନାହିଁ, କାରଣ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତରଣ ଏବଂ ଡିଜାଇନ ଅନୁମୋଦନରେ ବିଳମ୍ୱ। ଯାତାୟତ ପାଇଁ କେବଳ ଅସ୍ଥାୟୀ ପୋଲ ଯାହା ଗତ ଦୁଇ ସପ୍ତାହ ପୂର୍ବରୁ ଲଗାଣ ବର୍ଷାରେ ଧୋଇ ହୋଇ ଯାଇଥିଲା।ହାଲୁକା ଯାନବାହନ ଜାମ୍ବାଗୁଡା, ପାତ୍ରୀ ଦେଇ ଜଟାବାଲ ଏବଂ ଘାଟଗୁଡା, ଏକରୀ ଦେଇ ବାରୀଗୁଡା ଛକକୁ ବାହାରୁଛନ୍ତି। ଭାରିଯାନ ଏବଂ ବସ୍ ପାଇଁ ପାପଡାହାଣ୍ଡି ଠାରୁ ମୈଦଲପୁର ଦେଇ ଡାବୁଗାଁ ଠାରେ ବାହାରୁଛି, ବର୍ତ୍ତମାନ ପାଗ ଶୁଖିଲା ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ପୋଲର କାମ ଚାଲିଛି, ବର୍ତ୍ତମାନ ବାଇକ ଏବଂ ଛୋଟ ଗାଡି ଚଳାଚଳ କରୁଛି, ଦିନେ ଦୁଇଦିନ ମଧ୍ୟରେ ବଡ଼ଗାଡି ମଧ ଚଳାଚଳ କରିବ ବୋଲି ପୂର୍ତ୍ତବିଭାଗର ଯନ୍ତ୍ରୀ ହୋରେକୃଷ୍ଣ ରାଉତ କହିଛନ୍ତି।

# ଖପ୍ରାଖୋଲ-ଜୁରିଆ ରାସ୍ତା ପାଲଟିଛି ମରଣଯନ୍ତା



## ମରାମତି ଦାବି

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ସଦର ମହକୁମାରୁ ଜୁରିଆ ରାସ୍ତା ପାଲଟିଛି ମରଣଯନ୍ତା । ରାସ୍ତାର ପାଟିମାଳ,ବାଞ୍ଜିପାଲି, ମାଲପଡ଼ା,କନଗାଁ,ଦମେଇପାଲି ନିକଟରେ ରାସ୍ତାରେ ଖାଲ ହୋଇଥିବାରୁ ଗାଡି ଚଳାଇବାକୁ ଅସୁବିଧା ହେଉଛି। ସେହିପରି ମୋଟର ସାଇକେଲ ଚଳାଚଳରେ ମଧ ଅନେକ ସମସ୍ୟା ହେଉଥିବାବେଳେ ଦୁର୍ଘଟଣାମାନ ଘଟୁଛି। ରାସ୍ତାଟି ଗ୍ରାମ ଉନ୍ନୟନ ବିଭାଗ ଅଧିନରେ ଥିବା ବେଳେ ଏହି ରାସ୍ତା ଟି ବରଗଡ଼ ଜିଲ୍ଲାର ପଦ୍ମପୁର ସହରକୁ ସଂଯୋଗ କରୁଛି। ପ୍ରତିଦିନ ବସ ଚଳାଚଳ ହେଉଥିବାବେଳେ ସ୍କୁଲ ଛାତ୍ର ଛାତ୍ରୀ ମଧ ଯା' ଆସ କରିଥାନ୍ତି। ପୁଣି ଏହି ରାସ୍ତାଟି ପଶ୍ଚିମ ଓଡ଼ିଶାର ପ୍ରମୁଖ ଶୈବପୀଠ ହରିଶଙ୍କରକୁ ସଂଯୋଗ କରୁଥିବାରୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ତୁରନ୍ତ ରାସ୍ତା ମରାମତି ପାଇଁ ସାଧାରଣ ରେ ଦାବି ହେଉଛି।

# ଚାନ୍ଦା ଆଦାୟ କରି ୨ ନକଲି ମାଓବାଦୀଙ୍କ ସହ ଜଣେ ନାବାଳକ ଗିରଫ



ରାୟଗଡା(ଭାସ୍କର ନ୍ୟୁଜ୍)): ନିୟମଗିରି ମାଓବାଦୀ ସଂଗଠନ ନାଁରେ ଧମକ ଦେଇ ଚାନ୍ଦା ମାଗୁଥିବା ଦୁଇ ଜଣ ଯୁବକ ଓ ଜଣେ ନାବାଳକଙ୍କୁ ଗିରଫ କରିଛି ଦୋରାଗୁଡ଼ା ପୋଲିସ । ତେବେ ପୋଲିସ ତଦନ୍ତରୁ ଉକ୍ତ ତିନି ଜଣ ନକଲି ମାଓବାଦୀ ନାଁରେ ଲୋକଙ୍କୁ ଧମକ ଦେଉଥିବା ଜଣାପଡ଼ିଛି । ଗିରଫ ମଧ୍ୟରେ ଦୁଇଜଣ ଯୁବକ କୁପାଖାଲ ଗ୍ରାମର ବିନୋଦ ବାଗ ଓ ମାଳିଗୁଡ଼ା ଗ୍ରାମର ନରେଶ ନାଏକ ଓ ଅନ୍ୟଜଣେ ନାବାଳକ ରହିଛି । ଦୋରାଗୁଡ଼ା ଥାନା ଅର୍ନ୍ତଗତରୟା ହାତୀମୁଣ୍ଡା ଟିକିରି ଗ୍ରାମର ଚନ୍ଦ୍ରଶେଖର ବିଶୋଇଙ୍କୁ ଉକ୍ତ ୩ଜଣ ନିୟମଗିରି ଅଂଚଳର ମାଓବାଦୀ ବୋଲି ପରିଚୟ ଦେଇ ଚନ୍ଦ୍ରଙ୍କୁ ଚିଠି ଓ ଫୋନ୍ କଲ କରି ୫୦ଲକ୍ଷ ଟଙ୍କା ଚାନ୍ଦା ମାଗିଥିଲେ । ତେବେ ଏନେଇ ଚନ୍ଦ୍ରଶେଖର ଦୋରାଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତି କରି ଦୋରାଗୁଡ଼ା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତରୁ ବିନୋଦ ଓ ନରେଶଙ୍କ ସହିତ ଜଣେ ନାବାଳକ ସାମିଲ ଥିବା ଜଣାପଡ଼ିବା ପରେ ପୋଲିସ ୩ଜଣଙ୍କୁ ଗିରଫ କରିଥିଲା । ବିନୋଦ ଓ ନରେଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଛି ।

# ନୂତନ ଗ୍ରୀଡ଼ ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ

## କୃତଜ୍ଞତା ଜଣାଇଲା ଓକିଲ ସଂଘ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବାରମ୍ବାର ବିଦ୍ୟୁତ କାଟର ସ୍ଥାୟୀ ସମାଧାନ ପାଇଁ କନ୍ଧମାଳ ଠାରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ନୂତନ ବିଦ୍ୟୁତ ଗ୍ରୀଡ଼ ସ୍ଥାପନ ପାଇଁ ପୂର୍ବତନ ବିଧାୟକ ମହୀଧର ରଣା ପୂର୍ବ ସରକାର ସମୟରେ ଦେଇଥିବା ପ୍ରସ୍ତାବକୁ ସରକାରୀ ଅନୁମୋଦନ ମିଳିଛି ।ଉକ୍ତ ଗ୍ରୀଡ଼ ସ୍ଥାପନ ପାଇଁ ସରକାର ମଞ୍ଜୁରୀ ପ୍ରଦାନ କରିଥିବାରୁ ସରକାରଙ୍କ ଏହି ପଦକ୍ଷେପ ପାଇଁ କନ୍ଧମାଳ ଓକିଲ ସଂଘ ପକ୍ଷରୁ ସଂଘ ସଭାପତି ଦୂତିଆ ଚରଣ ସାହୁ ସମେତ ଆଇନଜୀବି ରାଧବଲ୍ଲଭ ପ୍ରଧାନ, ସୁରେଶ ଚନ୍ଦ୍ର ରଣା ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଅଶେଷ ଧନ୍ୟବାଦ ଜଣାଇଛନ୍ତି ।

# ଚୋରା ମଦ କାରବାରରେ ୨ ଗିରଫ




ବେଲପାହାଡ,( ଭାସ୍କର ନ୍ୟୁଜ): ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ପୋଲିସ ଚୋରା ଦେଶି ମଦ କାରବାରରେ ସମ୍ପୃକ୍ତ ଅଭିଯୋଗରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ରେମତା ଗ୍ରାମର ଚତୁର୍ଭୁଜ ସା ଓ ବସନ୍ତ ମିଶ୍ର । ଏମାନଙ୍କ ଠାରୁ ପୋଲିସ୍ ୫୪ ଲିଟର ଦେଶି ମଦ ଜବତ କରିଛି।

# ୧୨୨ ପିଲାକୁ ୩ ଶିକ୍ଷକ, ଶିକ୍ଷାଦାନ ବିପର୍ଯ୍ୟସ୍ତ




କନ୍ଧମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଅନ୍ତର୍ଗତ ଗୁଡଭେଲିପଦର ର ସର୍ବପୁରାତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ଉକ୍ତ ବିଦ୍ୟାଳୟରେ ୧୨୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କୁ ବର୍ତ୍ତମାନ ମାତ୍ର ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି ।ପୂର୍ବରୁ ଥିବା ୫ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକ ଅବସର ନେବା ପରେ ଆଉ ଜଣେ ଶିକ୍ଷୟତ୍ରୀ ପଦୋନ୍ନତି ପାଇ ଥିବାବେଳେ ବର୍ତ୍ତମାନ ମାତ୍ର ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୨୨ ଜଣ ପିଲାଙ୍କୁ ମାତ୍ର ୩ଜଣ ଶିକ୍ଷକ ଥିବାରୁ ପାଠ ପଢାଉ ଥିବାରୁ ପାଠ ପଢ଼ାରେ ସମସ୍ୟା ଦେଖାଦେଉଛି ।ଏପରିକି ପିଲାଙ୍କୁ ଠିକ ସମୟରେ କ୍ଲାସ କରାଯାଇ ପାରୁ ନ ଥିବାରୁ ପିଲାଙ୍କ ମଧ୍ୟରେ ବିଶୃଙ୍ଖଳା ଦେଖାଦେଉଛି । ହେଲେ ଛାତ୍ରଛାତ୍ରୀଙ୍କ ଅନୁପାତରେ ଆବଶ୍ୟକୀୟ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି । ୧୨୨ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୩ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପାଠ ପଢାଉଛନ୍ତି । ଉକ୍ତ ବିଦ୍ୟାଳୟ ୧୯୦୪ ମସିହାରେ ପ୍ରତିଷ୍ଠା ହୋଇଥିବା ବେଳେ ୨୧ବର୍ଷ ପୂର୍ବରୁ ସୁବର୍ଣ୍ଣ ଜୟନ୍ତୀ ପାଳନ କରି ସାରିଛି । ହେଲେ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟର ସ୍ଥିତିରେ ସେଭଳି କୌଣସି ସୁଧାର ଆସିନାହିଁ । ପ୍ରଧାନ ଶିକ୍ଷକ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ଅନ୍ୟ ୨ଜଣ ଶିକ୍ଷକ ପିଲାଙ୍କୁ ପାଠ ପଢ଼ାଇବା ତ ଦୂରର କଥା ନିୟନ୍ତ୍ରଣ କରିବାରେ ଅସମର୍ଥ ହେଉଥିବା ଦେଖିବାକୁ ମିଳିଛି ।ଉକ୍ତ ବିଦ୍ୟାଳୟରେ ଆଉ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସହ ଅଭିଭାବକ ମାନେ ଦାବି କରିଛନ୍ତି ।

# ଶିବ ମନ୍ଦିରରେ କାଉଡ଼ିଆଙ୍କ ଭିଡ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଶ୍ରାବଣ ମାସରେ ରାମଲିଙ୍ଗେଶ୍ୱର ମନ୍ଦିରରେ ଭକ୍ତଙ୍କ ସମାଗମ ସହ କାଉଡିଆଙ୍କ ଭିଡ଼ ଜମୁଛି । ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠ ରେ ଥିବା ରାମ ଲିଙ୍ଗେଶ୍ୱର ମନ୍ଦିର ରେ ଶ୍ରାବଣ ମାସରେ ଭକ୍ତଙ୍କ ଗହଳି ସହ କାଉଡିଆଙ୍କ ସମାଗମ ଦେଖିବାକୁ ମିଳିଛି । ଶ୍ରାବଣ ମାସ ରେ ଶିବଙ୍କୁ ଜଳଭିସେକ କଲେ ମନସ୍କାମନା ପୁରଣ ହୋଇଥାଏ । ପୁଣ୍ୟ ଅର୍ଜନ କରିବା ସକାଶେ ବିଭିନ୍ନ ସ୍ଥାନରୁ କାଉଡ଼ିଆ ମାନେ ଜଳ ଧରି ଚାଲି ଚାଲି ଶିବଙ୍କ ନାମ ଧରି ଶିବ ମନ୍ଦିର ରେ ପହଞ୍ଚି ଜଳ ଅଭିଷେକ କରିଥାନ୍ତି ।

# ୬ ମାସ ହେଲା ଷ୍ଟ୍ରିଟ୍ ଲାଇଟ୍ ଜଳୁନି



କାଲିମେଳା(ଭାସ୍କର ନିଉଜ); ବ୍ଲକ ସଦର ପଡ଼ିଆ ମୂଖ୍ୟ ଛୋକରେ ଆଜିକୁ ପ୍ରାୟ ୬ ମାସ ହେବ ଷ୍ଟ୍ରିଟ ଲାଇଟ୍ ଜଳୁନଥିବା ଅଭିଯୋଗ ହୋଇଛି । ପଡ଼ିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗୁହାରି କରାଯାଇଥିଲେ ସୁଦ୍ଧା ଏ ଯାଏଁ ଲାଇଟ୍ ର ବ୍ୟବସ୍ଥା କରାଯାଇନାହିଁ । ଫଳରେ ସଂପୃକ୍ତ ସ୍ଥଳ ୬ ମାସ ହେବ ରାତ୍ରିରେ ଅନ୍ଧାର ହୋଇ ରହୁଛି । ବର୍ଷା ଋତୁ ଆରମ୍ଭ ହୋଇଥିବା ରୁ ବିଭିନ୍ନ ସରିସୃପ ଭୟ, ଅସାମାଜିକ କାର୍ଯ୍ୟକଳାପ ,ଚୋର ଭୋଳି ବାତାବରଣ ଉପୁଜିବା ଆଶଙ୍କା ରହିଛି । ଏବଂ ବିଶେଷ କରି ଛାତ୍ରୀ ମାନେ ଅନ୍ଧାର ରେ ଟିଉସରୁ ଘରକୁ ଫେରୁଥିବା ଜଣାପଡିଛି । ଏ ସବୁକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ଲାଇଟ୍ ଲଗାଇବାକୁ ଦାବି କରିଛନ୍ତି ।

# ପୃଥ୍ୱୀରାଜ ହୋଟେଲରୁ ବସ୍ଷ୍ଟାଣ୍ଡ ରାସ୍ତା ଅତି ଶୋଚନୀୟ



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ପରିଚୟ ଦେଉଛି ଏହି ରାସ୍ତା। ୩୫୩ ନମ୍ବର ଜାତୀୟ ରାଜପଥ ପୃଥ୍ୱୀରାଜ ହୋଟେଲ ଠାରୁ ବସଷ୍ଟାଣ୍ଡ ରାସ୍ତାର ଅବସ୍ଥା ଅତି ଶୋଚନୀୟ। ଏହି ରାସ୍ତା ଦେଇ ଶହ ଶହ ପିଲା ଖଡ଼ିଆଳ ପବ୍ଲିକ ସ୍କୁଲ, ଓଏଭିବାଦୀ ସହ ବିଭିନ୍ନ ସ୍କୁଲ ଗୁଡିକୁ ପଢିବାକୁ ଯାଇଥାନ୍ତି। ପିଲାମାନେ ଏହି ରାସ୍ତାରେ ବିଭିନ୍ନ ସମୟରେ ଦୁର୍ଘଟଣା ର ଶିକାର ହୋଇଥାନ୍ତି। ଦୈନିକ ଚୋଟ ବଡ ଦୁର୍ଘଟଣା ଘଟୁଛି। ହେଲେ ନଜର ନାହିଁ ଏନଏସି କର୍ତ୍ତୃପକ୍ଷଙ୍କର ।ରାସ୍ତା ଏମିତିଯେ ଲୋକେ ଚାଲିକି ଯିବାକୁ ବି ଡରୁଛନ୍ତି। ତେଣୁ ଏହି ବସ ଷ୍ଟାଣ୍ଡ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି। ଏନେଇ ଖଡ଼ିଆଳ ଏନ ଏସିଇଓ ସ୍ୱାଧୀନ କେତନ ମହାରଣାଙ୍କୁ ପଚାରି ବୁଝିବାରୁ ଠିକ ଅଛି ଆମେ ଦେଖି ତାର ତଦନ୍ତ କରୁଛୁ ବୋଲି ପ୍ରକାଶ କରି ଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରକ୍ଷା ସପ୍ତାହ ପାଳିତ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ସଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡକ୍ରସ ଆନୁକୂଲ୍ୟରେ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ କୁମାର ପ୍ରଧାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବିପତ୍ତି ଓ ବିପର୍ଯ୍ୟୟ ପରିଚାଳନା ସାଧନ କର୍ମୀ ବନମାଳୀ ମେହେର ତାଲିମଦାତା ଭାବେ ଯୋଗଦେଇ ଥିଲେ। ପ୍ରାଥମିକ ଚିକିତ୍ସା ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ବୁଝାଇବା ସହ ଡେମୋଷ୍ଟ୍ରେସନ ମାଧ୍ୟମରେ ରିକୋଭରି ପୋଜିସନ, ସକ୍ ,ମୂର୍ଚ୍ଛା, ରକ୍ତସ୍ରାବ, ଏପିଲେପସି,ବ୍ୟାଣ୍ଡେଜିଙ୍ଗ, ଆହତ ବ୍ୟକ୍ତିଙ୍କୁ ସ୍ଥାନାନ୍ତରିତ କୌଶଳ, ଅଗ୍ନିରୁ ସୁରକ୍ଷା ପାଇବା ଉପାୟ ତଥା ଗୁଡସମରିଟାନର ଭୂମିକା ଭଳି ବିଭିନ୍ନ କୌଶଳ ତାଲିମ ଦେଇଥିଲେ। ଗତ ୮ତାରିଖରୁ ଆରମ୍ଭ ହେଇଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଷ୍କାର ପରିଚ୍ଛନ୍ନ ରହିବା ସହ,ବିଭିନ୍ନ ବିପତ୍ତି ଆଶଙ୍କା ଥିବା ସ୍ଥାନ ଚିହ୍ନଟ କରି ମରାମତି କରାଯାଇଥିଲା ଓ ଅଗ୍ନି ନିରାପତ୍ତା ରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଏମ. ମାଧୁରୀ ଦୋରା ସଂଯୋଜନା କରିଥିବାବେଳେ ଶିକ୍ଷକ ଦୁଷ୍ମନ୍ତ ବିଶ୍ୱାଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ହେମବନ୍ତି ବାଘ, ଶିକ୍ଷକ ସୁଜିତ୍ କୁମାର ତରିଆ, ଆଲୋକ ପରଡିଆ, ସତ୍ୟଜିତ ପଣ୍ଡା,ସରୋଜ କୁମାର ସାହୁ,ଶିକ୍ଷୟିତ୍ରୀ ମୀରାବାଇ ଧାରୁଆ, ସୁପ୍ରିୟା ପ୍ରିୟଦର୍ଶିନୀ,ଶିକ୍ଷକ ଦେବସ୍ମିତ ପ୍ରଧାନ, ବୀରଭଦ୍ର ମିଶ୍ର ତଥା କର୍ମଚାରୀ ନୀଳିମା ପ୍ରଧାନ, ମନୋଜ୍ ବନଛୋର ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ପରିଶେଷରେ ଶିକ୍ଷକ ମନୋରଞ୍ଜନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମନ୍ତ୍ରୀଙ୍କ ଦ୍ୱାରା ୧୮ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଓଡ଼ିଶା ସରକାର ଙ୍କ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ କରକମଳରେ ବିଭିନ୍ନ ସ୍ଥାନରେ ୧୮ ଗୋଟି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ରାଇଘର ପେଣ୍ଡ୍ରାଣି ମନ୍ଦିର , କଳସି ଗୁଡ଼ି ମନ୍ଦିର, ଡି ଏନ କେ ଶିବ ମନ୍ଦିରରେ ଭୋଗ ମଣ୍ଡପ, ମିନି ଷ୍ଟାଡିୟମ ଠାରେ ଜିମ୍ ସେଣ୍ଟର, ପାରୁଆ ଭୋଗ ମଣ୍ଡପ , କୋଦଭାଟା ରାସ୍ତା, ଚଉରିଆ ସାହି ରାସ୍ତା, କାଳୀ ସୁନ୍ଦରୀ ସାହି ରାସ୍ତା , ପତ୍ରକୋଟି ରାସ୍ତା, ପତ୍ରକୋଟି ସ୍କୁଲଗୃହ, କୁମ୍ଭାରପାର ରାସ୍ତା ଆଦି ଉନ୍ନୟନ କାର୍ଯ୍ୟ ସହ ସମସ୍ତ ଚକ ଠାରେ ସୋଲାର ଲାଇଟ୍ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଗଣ ଶିକ୍ଷା ମନ୍ତ୍ରୀଙ୍କ ସହ ସାଂସଦ ପ୍ରତିନିଧି ପ୍ରୀତିସ୍ନିଧା ମହାପାତ୍ର, ମନ୍ତ୍ରୀ ପ୍ରତିନିଧି ଶିବନାଥ ବାନାର୍ଜୀ, ମଣ୍ଡଳ ସଭାପତି ସୁଶାନ୍ତ ସାମନ୍ତରାୟ, ଜଗନ୍ନାଥ ନାୟକ, ରାଜ୍ୟ ଯୁବ କୋଷାଧକ୍ଷ ସନ୍ତୋଷ ମହାପାତ୍ର, ମନୋହର ଦଣ୍ଡସେନା, ସୁଦର୍ଶନ ମାଝୀ ଙ୍କ ସମେତ ବହୁ ବିଜେପି କର୍ମୀ ଓ ସମର୍ଥିତ ସରପଞ୍ଚ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରାଇଭର ଆନ୍ଦୋଳନକୁ ନେଇ ବିଧାୟକଙ୍କ ପରାମର୍ଶ

ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ୭ ଦଫା ଦାବି ନେଇ ରାଜ୍ୟ ବ୍ୟାପୀ ଓଡ଼ିଶା ଡ୍ରାଇଭର ମହାସଂଘର ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଗତ ସାତ ତାରିଖରୁ ଆରମ୍ଭ ହୋଇଛି। ଏହି ଆନ୍ଦୋଳନକୁ ସମର୍ଥନ କରି ନବରଙ୍ଗପୁର ଜିଲ୍ଲା ସଦରମହକୁମାର ହିର୍ଲିସ୍ଥିତ କାର୍ଯ୍ୟାଳୟ ଠାରେ ସମସ୍ତ ଡ୍ରାଇଭର ମହାସଂଘ ସଦସ୍ୟମାନେ ଷ୍ଟିଅରିଂ ଛାଡ କରି ଆନ୍ଦୋଳନରେ ୪ର୍ଥ ଦିନ ସାମିଲ ହୋଇଛନ୍ତି। ତେବେ ଏହାରି ମଧ୍ୟରେ ରାହୁଲଗାନ୍ଧୀଙ୍କ ଗସ୍ତ ସମୟରେ ସଂଘ ପକ୍ଷରୁ ସାମାନ୍ୟ କୋହଳ କରାଯିବା ସହ ବସ ଚଳାଚଳ କରିଥିଲା। ତେବେ ଏହାକୁ ନେଇ ରାଜନୈତିକ ଉଷ୍ମତା ଦେଖାଦେଇଛି। ରାଜ୍ୟସରକାର ଡ୍ରାଇଭର ମହାସଂଘର ସବୁ ଦାବି ମାନିବାକୁ ପ୍ରସ୍ତୁତ। ଆଲୋଚନା ପାଇଁ ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୁଆର ସମ୍ପୂର୍ଣ୍ଣ ରୁପେ ଖୋଲା। ଆନ୍ଦୋଳନକୁ ବନ୍ଦ କରିବାକୁ ଘୋଷଣା କରି ପୁଣି ବିଜେଡି ଓ କଂଗ୍ରେସର ପ୍ରରୋଚନାରେ ପଡ଼ି ରାଜରାସ୍ତାକୁ ଓହ୍ଲାଇବା ନିଶ୍ଚିତ ରୁପେ ଦୁର୍ଭାଗ୍ୟଜନକ। ଜିଲ୍ଲା ଭାରତୀୟ ଜନତା ପର୍ଟି (ବିଜେପି) ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏପରି କହିଛନ୍ତି ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ। ସରକାରଙ୍କ ଅନୁରୋଧ, ଜନସାଧାରଣଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଘରୋଇ ବସ ଚଳାଚଳ ଆରମ୍ଭ କରିଛି। କିଛି କିଛି ଟ୍ରକ ଚଳାଚଳ କରୁଛି। ତେବେ ସବୁ ଡ୍ରାଇଭର ହେଉଛନ୍ତି ରାଜ୍ୟ ବିକାଶର ଗୁରୁତ୍ୱପୁର୍ଣ୍ଣ ଅଙ୍ଗ। ତାଙ୍କୁ ଛାଡି ରାଜ୍ୟର ସାମଗ୍ରୀକ ବିକାଶ ହୋଇପାରିବ ନାହିଁ। ଅନ୍ୟ ଦୁଇ



ରାଜନେ?ତିକ ଦଳ, ୧୩ମାସ ଶାସନ ସମ୍ଭାଳିଥିବା ଦଳ ବିଜେପିର ଲୋକପ୍ରିୟତା କୁ ଦେଖି ଅସିହିଷ୍ଣୁ ମନୋଭାବ ସହ ଉସୁକାଇ ଏପରି ଆନ୍ଦୋଳନ କରାଉଛନ୍ତି। ଏହା ପୂର୍ବରୁ ବି ଏମବିକେଓ୍ୱାଇ, ସିଆରପି ଆଦିଙ୍କୁ ଉସୁକାଇ ଏଭଳି ଆନ୍ଦୋଳନ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ପରିବହନ ମନ୍ତ୍ରୀ ମହାସଂଘର ସଭାପତି ଓ ଅନ୍ୟ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ତେବେ ଉଭୟ ରାଜନେ?ତିକ ଦଳ ନିଜ ଫାଇଦା ପାଇଁ ଡ୍ରାଇଭର ସଂଘର ସଦସ୍ୟଙ୍କୁ ଭୁଆଁ ବୁଲାଇ ଆନ୍ଦୋଳନକୁ ବଢ଼ାଉଛନ୍ତି। ଆନ୍ଦୋଳନ ଚାଲିବା ଦ୍ୱାରା ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଅଣ୍ଡା, ମାଛ, କ୍ଷୀର, ଆଳୁ , ପିଆଜ ଆଦି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସହ ଡିଜେଲ ଓ ପେଟ୍ରୋଲ , ଗ୍ୟାସ ଆଦି ଆସିବା ବନ୍ଦ ହୋଇଛି। ସରକାର ଆଲୋଚନା ପାଇଁ ରାଜି, ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ନିଜେ ଭିଡିଓ ଜାରୀ କରି ବି ମହାସଂଘର କର୍ମକର୍ତ୍ତାଙ୍କୁ ଡାକୁଛନ୍ତି। ଏହା ବାଦେ ବି ଆନ୍ଦୋଳନ ଜାରୀ ରହିବା କେତେ ଦୂର ଯୁକ୍ତିଯୁକ୍ତ। ଡ୍ରାଇଭର ମହାସଂଘର ନ୍ୟାର୍ଯ୍ୟଦାବି ପୁରଣ କରିବାକୁ ସରକାର ପ୍ରସ୍ତୁତ ତେବେ ଆଲୋଚନା ପରେ ଆନ୍ଦୋଳନକୁ ବି ସଂଘ ପ୍ରତ୍ୟାହାର କରିବା କଥା ବୋଲି କହିଛନ୍ତି ବିଧାୟକ ଶ୍ରୀ ମାଝୀ, ଓ ଜିଲ୍ଲା ସଭାପତି କୁଂଜ ବିହାରୀ ଦାଶ। ସାମ୍ବଦିକ ସମ୍ମିଳନୀକୁ ଜିଲ୍ଲା ସମ୍ପାଦକ ଦେବଦାସ ମହାଙ୍କୁଡ ସଂଯୋଜନା କରିଥିବା ବେଳେ ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ଅନନ୍ତ ପଣ୍ଡା ଉପସ୍ଥିତ ଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କ ବିବେକାନନ୍ଦ ସ୍କୁଲ ପରିଦର୍ଶନ

ଉମରକୋଟ(ଭାସ୍କର ନ୍ୟୁଜ୍): ଦିନେ ନବରଙ୍ଗପୁର ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଥିଲା ଉମରକୋଟ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର। ଜିଲ୍ଲାକୁ କେନ୍ଦ୍ରୀୟ ଟିମ ହେଉକି ରାଜ୍ୟ ସରକାରଙ୍କ ଉଚ୍ଚ ସ୍ତରୀୟ ଟିମ୍, ଜିଲ୍ଲା ପ୍ରଶାସନ ଏହି ସ୍କୁଲକୁ ପରିଦର୍ଶନରେ ଆଣି ଦେଖାଉଥିଲେ। ଆଜି ଅଚାନକ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଚାନକ ସ୍କୁଲର ପରିଦର୍ଶନ ରେ ଯାଇଥିଲେ। ଗଣଶିକ୍ଷା ମନ୍ତ୍ରୀ ପିଏମଶ୍ରୀ ଯୋଜନାରେ ସାମିଲ ହେଇଥିବା ଏହି ସ୍କୁଲ ଭିତରେ ପ୍ରବେଶ କରୁ କରୁ ସ୍କୁଲର ଅଳିଆ ଆବର୍ଜନା ଦେଖି ପ୍ରବଳ ରାଗି ଯାଇଥିଲେ। ସ୍କୁଲ ବାହାରେ ଯେମିତି ପରିସ୍ଥିତି ଶ୍ରେଣୀ ଗୃହରେ ଠିକ୍ ସେପରି। ପ୍ରତ୍ୟେକ ଡେସ୍କ ତଳେ କୁଢ଼ କୁଢ଼ ଅଳିଆ। ଅଳିଆ ଆବର୍ଜନା ଉପରେ ବସି ଛାତ୍ରଛାତ୍ରୀମାନେ ପାଠ ପଢୁଥିଲେ। ଗଣଶିକ୍ଷା ମନ୍ତ୍ରୀ ଏହା ଦେଖିକି ବିରକ୍ତି ପ୍ରକାଶ କରିବା ସହ ରାଗି ଯାଇଥିଲେ। ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ଉପରେ ଭୀଷଣ ବର୍ଷୀ ଥିଲେ। ତୁରନ୍ତ ସ୍କୁଲର ଅଳିଆ ଆବର୍ଜନା ସଫା କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଆଉ ଥରେ ଏପରି ଦେଖିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ ଚେତାବନୀ ଦେଇଥିଲେ। ତାଙ୍କ ସହ ରାଜ୍ୟ ବିଜେପି ସଂପାଦକ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ବିଯେପି ଏସ ସି ମୋର୍ଚ୍ଚା ର ଉପ ସଭାପତି ରମେଶ ଦାସ ଓ ମୁନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।





ପୁରୀ (ଭାସ୍କର ନ୍ୟୁଜ) : ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବାନ୍ଧିବୁନ୍ଧି ପକାଇଛନ୍ତି । ଏମିତି ରହିଛି ଠାକୁରଙ୍କ ପ୍ରତି ଭାବ ଓ ପରିଚାଳନାକାରୀଙ୍କ ଦାୟିତ୍ୱବୋଧ । ଥାକ ଥାକ ହୋଇ ବନ୍ଧାପଡ଼ିଛନ୍ତି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ । କୌଣସି ଡେକୋରେଟରଙ୍କ ଗୋଦାମଘର ନୁହେଁ, ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ମହାପ୍ରଭୁଙ୍କ ଚିତ୍ତବିନୋଦନ ଉଦ୍ୟାନ ଜଗନ୍ନାଥବଲ୍ଲଭରେ ।ବହୁତଳ ଗାଡ଼ି ପାର୍କିଂରେ ଖୋଦ୍ ଶ୍ରୀମନ୍ଦିର ପ୍ରଶାସନ ଦେବଦେବୀଙ୍କୁ ଏଭଳି ସ୍ଥିତିରେ ରଖିଛି । ପଡ଼ି ପଡ଼ି ଖତ ଖାଉଛି ମହାପ୍ରଭୁଙ୍କ ୨୫ ବେଶ ସାମଗ୍ରୀ । ଲୋକଙ୍କ କଷ୍ଟ ଲବ୍ଧ ଧନରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ସରକାର ଏସବୁ ତିଆରି ଅଲୋଡ଼ା କରି ପାଣିରେ ପକାଇଦେଲେ । ଜଗନ୍ନାଥ ପ୍ରେମୀ ଠାକୁରଙ୍କ ଏଭଳି ସ୍ଥିତି ଦେଖି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।୨୦୨୪ ମସିହା ଆରମ୍ଭରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍ଘାଟନ ସମୟରେ ସରକାରଙ୍କ ପକ୍ଷରୁ ଭବ୍ୟ ପ୍ରସ୍ତୁତି ହୋଇଥିଲା । ଜଗନ୍ନାଥ ବଲ୍ଲଭ ପରିସରରେ ଶୀତତାପ ନିୟନ୍ତ୍ରିତ କୋଠରିରେ ମହାପ୍ରଭୁଙ୍କ ୨୫ ପ୍ରକାର ବେଶ ପ୍ରଦର୍ଶିତ ହୋଇଥିଲା । ଠାକୁରଙ୍କ ନିକଟରେ ମହାଲକ୍ଷ୍ମୀ ଓ ସରସ୍ୱତୀ ଅଧିଷ୍ଠିତ ହୋଇଥିଲେ । ଅବକାଶ ବେଶ ଠାରୁ ବଡ଼ସିଂହାର ବେଶ ତଥା ୧୨ ମାସରେ ଶ୍ରୀଜିଉଙ୍କ ଯେତେ ବେଶ ରହିଛି ସବୁକୁ ଖୋଦ୍ ପ୍ରଶାସନ ପ୍ରସ୍ତୁତ କରିଥିଲା । ଅନେକ ଦିନରୁ ହେଉ ନଥିବା ରଘୁନାଥ ବେଶ ମଧ୍ୟ ସେଥିରେ ସ୍ଥାନ ପାଇଥିଲା । ଶ୍ରୀମନ୍ଦିର ସିଂହଦ୍ୱାର ଭଳି ଦୁଇଟି ବିଶାଳ ସିଂହ ଶୋଭା ପାଉଥିଲେ । ଦର୍ଶନାର୍ଥୀମାନେ ଶ୍ରୀଜଗନ୍ନାଥଙ୍କ ନିକଟକୁ ଆସି ଗୋଟିଏ ସ୍ଥାନରେ ଏସବୁ ବେଶ ଦେଖି କୃତ୍ୟକୃତ୍ୟ ହେଉଥିଲେ । ଶ୍ରୀମନ୍ଦିରକୁ ଯାଇ ପାରୁ ନଥିବା ଭକ୍ତମାନେ ମଧ୍ୟ ଜଗନ୍ନାଥ ବଲ୍ଲଭରେ ଆସି ଠାକୁରଙ୍କ ଆଭୂଷଣ ଦେଖି ଧନ୍ୟ ହୋଇ ଯାଉଥିଲେ । ବେଶ୍ କିଛି ଦିନ ଜଗନ୍ନାଥ ପ୍ରେମୀଙ୍କୁ ପ୍ରଶାସନ ପକ୍ଷରୁ ଏଭଳି ସୁଯୋଗ ଯୋଗାଗଲା । ପରେ ସରକାର ବଦଳିଲେ । ସ୍ଥିତି ବଦଳିଗଲା । ଏପରିକି ଠାକୁରମାନଙ୍କୁ ମଧ୍ୟ ଅଲୋଡ଼ା କରି ଛାଡ଼ି ଦିଆଗଲା । ବେଶ ସାମଗ୍ରୀ ମଧ୍ୟ ନଷ୍ଟ ହେଉଛି ।

# ବାର୍ଡ ଫ୍ଲୁ ଅଞ୍ଚଳ ପରିଦର୍ଶନ ସହ ବିଭାଗୀୟ ମନ୍ତ୍ରୀଙ୍କ ସମୀକ୍ଷା



ପୁରୀ/ଡେଲାଙ୍ଗ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ବଡ଼ ଆଙ୍କୁଲା ଗାଁରେ କୁକୁଡ଼ାମାନଙ୍କୁ ବାର୍ଡ ଫ୍ଲୁ ରୋଗ ଲାଗିଥିବା ଜାତୀୟ ଉଚ୍ଚ ସୁରକ୍ଷା ପ୍ରାଣିରୋଗ ପ୍ରତିଷ୍ଠାନ, ଭୋପାଳ ଜୁଲାଇ ୧୧ ତାରିଖ ଦିନ ନିଶ୍ଚିତ କରିଛି । ଖବର ପାଇବା କ୍ଷଣି ରାଜ୍ୟ ସରକାର ଏହି ରୋଗ କିପରି ଅନ୍ୟ ଅଞ୍ଚଳକୁ ବ୍ୟାପିବ ନାହିଁ ଓ ରୋଗର ନିରାକରଣ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଜି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ଅଞ୍ଚଳକୁ ଗସ୍ତ କରି ରୋଗ ଲାଗିଥିବା ଅଞ୍ଚଳର ସ୍ଥିତି ସମୀକ୍ଷା କରିଛନ୍ତି । ଶ୍ରୀ ମଲ୍ଲିକ ରୋଗ ନିୟନ୍ତ୍ରଣ ବିଷୟରେ ସମୀକ୍ଷା କରି କ୍ଷେତ୍ର ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ଶ୍ରୀ ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି ଯେ, ରୋଗ ଲାଗିଥିବା ଅଞ୍ଚଳରେ କୁକୁଡ଼ା ମରା, ବିଶୋଧନ, ପରିଷ୍କାର ପରିଚ୍ଛନ୍ନତା ଓ ରୋଗ ନିୟନ୍ତ୍ରଣ ପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ତରଫରୁ ୭ ଗୋଟି ରାପିଡ ରେସପନ୍ସ ଦଳ ଗଠନ କରାଯାଇଛି । ୧୨ ଜୁଲାଇ ୨୦୨୫ ଠାରୁ କୁକୁଡ଼ା ମରା ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ରାପିଡ ରେସପନ୍ସ ଦଳ ଗୁଡିକୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି ଏବଂ ବିଶେଷଜ୍ଞ ପ୍ରାଣିଚିକିତ୍ସକ ମାନେ ଏହାର ତଦାରଖ କରୁଛନ୍ତି । ୧୨ ଓ ୧୩ ଜୁଲାଇ ଦୁଇ ଦିନ ଧରି ରୋଗ ଲାଗିଥିବା ସ୍ଥାନର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ୬,୭୫୬ କୁକୁଡ଼ାଙ୍କୁ ମାନବୀୟ ପଦ୍ଧତିରେ ମରାଯାଇଛି। ଏହି କାର୍ଯ୍ୟ ଅତି ଶୀଘ୍ର ସମାପନ କରାଯାଇ ଜୈବ ସୁରକ୍ଷା ନିୟମ ଅନୁଯାୟୀ ମରାଯାଇଥିବା କୁକୁଡାଙ୍କୁ ବୈଜ୍ଞାନିକ ପଦ୍ଧତିରେ ଗଭୀର ଗାତ ଖୋଳି ଚୂନ ଦେଇ ପୋତି ଦିଆଯାଇଛି । ଭାରତ ସରକାରଙ୍କ ତରଫରୁ ଜାରି ନିୟମାବଳୀ ଅନୁଯାୟୀ କୁକୁଡ଼ା ମରା ଯାଇଥିବା କୁକୁଡାପାଳକଙ୍କ ଜୀବିକା ଓ ରୋଜଗାର ନିଶ୍ଚିତ କରିବାକୁ ଦୁଇ ଦିନ ମଧ୍ୟରେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ । ରୋଗ ଲାଗିଥିବା ସ୍ଥାନର ୧୦ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ଜୈବ-ସୁରକ୍ଷା ପଦକ୍ଷେପ କଡାକଡି ଗ୍ରହଣ କରାଯାଇଛି । ଏହି ଅଞ୍ଚଳରେ ବାର୍ଡ ଫ୍ଲୁ ଭୂତାଣୁ ସଂକ୍ରମଣ ରୋକିବାକୁ କୁକୁଡ଼ା ଫାର୍ମ ଗୁଡିକରେ ଯାନବାହାନ ଯିବାଆସିବାକୁ ନିୟନ୍ତ୍ରଣ କରାଯାଇଛି ଓ ବିଶୋଧନ ପ୍ରକ୍ରିୟା ଜାରି ରହିଛି। କୁକୁଡ଼ାପାଳନ କ୍ଷେତ୍ରକୁ ଆବଶ୍ୟକୀୟ ଗୁରୁତ୍ୱ ପ୍ରଦାନ, କୁକୁଡ଼ା ପାଳକଙ୍କ ସ୍ୱାର୍ଥ ଓ ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି ।ମନ୍ତ୍ରୀଙ୍କ ଗସ୍ତ ସମୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏବଂ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ପ୍ରାଣିସମ୍ପଦ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏମସିଏଲ ସାଇଲୋରୁ ଚୋରି, ୪ କୋର୍ଟଚାଲାଣ

କଣିହାଁ (ଭାସ୍କର ନ୍ୟୁଜ): ଏମସିଏଲ କଣିହାଁ ସ୍ଥିତ ସାଇଲୋରୁ ଓଲ୍ଡିଙ୍ଗ ମେସିନ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି ଅଭିଯୋଗରେ କଣିହାଁ ପୁଲିସ ୪ଜଣକୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି ପୁଲିସ କ୍ଷ ଅଭିଯୁକ୍ତ ୪ଜଣ ହେଲେ ସମଲ ଥାନା କଟରପଡା ଗ୍ରାମର ଲୋକନାଥ ଦେହୁରୀ (୩୪), ବୃନ୍ଦାବନ ଦେହୁରୀ (୩୨), ଜକା ଗ୍ରାମର ଦୀପକ ବେହେରା (୨୮) ଓ କଣିହାଁ ଥାନା ବଡତ୍ରିବିଡା ଗ୍ରାମର ଧରଣୀଧର ବେହେରା (୪୩) । ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ପୁଲିସ ସୁତ୍ରରୁ ପ୍ରକାଶ ଯେ, ସମସ୍ତ ଅଭିଯୁକ୍ତ ମାନେ ଏମସିଏଲ ସାଇଲୋ କମ୍ପାନୀରେ ସିକ୍ୟୁରୁଟି ଗାର୍ଡ ଭାବରେ କାମ କରୁଥିଲେ । ଗତ ୧୨/୭/୨୦୨୫ ରିଖ ଶୁକ୍ରବାର ରାତି ପ୍ରାୟ ୧୨ଟା ସମୟ ରେ ସାଇଲୋ ରୁ ଯନ୍ତ୍ରାଂଶ ଚୋରି ଯାଇଥିବା ନେଇ କଣିହାଁ ଥାନାରେ ଅଭିଯୋଗ ହୋଇଥିଲା କ୍ଷ ପୁଲିସ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା । କଣିହାଁ ପୁଲିସ ଏଥି ସହିତ ଏକ ଅପହରଣ ମୋକଦ୍ଦମାରେ ସଂପୃକ୍ତ ଅଭିଯୁକ୍ତ ଗୋବିନ୍ଦ ନାଏକ (୨୦) କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ତାର ଘର କଣିହାଁ ଥାନା ବୋଲ ଗ୍ରାମରେ।

## ଶ୍ରୀମଦ୍ ଭାଗବତ ଆଲୋଚନା ଚକ୍ର

ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜୀବନାନନ୍ଦ ପାଣିଗ୍ରାହୀଙ୍କ ଆବାହକତ୍ୱ ଓ ଶିକ୍ଷାବିତ୍ ନନ୍ଦକିଶୋର ଶୁକ୍ଳଙ୍କ ଅଧ୍ୟକ୍ଷତାରେ ଶ୍ରୀମଭାଗବତସଭାରେ ଭାଗବତର ପ୍ରଥମ ସ୍କନ୍ଧର ଦ୍ୱିତୀୟ ଅଧ୍ୟାୟ (ଭଗବତ୍କଥା ଓ ଭଗବତ୍ ଭକ୍ତିର ମାହାତ୍ମ୍ୟ) ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡିତ ବାନାମ୍ବର ପଣ୍ଡା, ଗୌରାଙ୍ଗ ଚରଣ ପଣ୍ଡା, ଗୋପୀନାଥ ପଣ୍ଡା, ପୀତବାସ ଶୁକ୍ଳ ଭାଗବତ ପଠନ କରିଥିବା ବେଳେ ଭାଗବତ ପ୍ରଚାର ପ୍ରସାର ସମିତିର ସଭାପତି ଡଃ ଅଖିଳେଶ ପ୍ରସାଦ ପଣ୍ଡା ପଣ୍ଡିତ ତପନ କୁମାର ପଣ୍ଡା, ଶ୍ରୀକାନ୍ତ କୁମାର ଦାଶ ଓ ବାବା ରାମ ନିରଞ୍ଜନ ରାମ ବ୍ୟାସକୃତ ଶ୍ରୀମଭାଗବତର ବ୍ୟାଖ୍ୟା କରିଥିଲେ। ସଭାରେ ସମିତିର ବିଭିନ୍ନ କାର୍ଯ୍ୟକର୍ତ୍ତାଙ୍କ ସମେତ ଶତାଧିକ ଭାଗବତ ପ୍ରେମୀ ଯୋଗ ଦେଇଥିଲେ।

## ନାକଟିଦେଉଳ ଜଙ୍ଗଲରେ ହାତୀ ମୃତ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ରେଢ଼ାଖୋଲ (ଭାସ୍କର ନ୍ୟୁଜ): ସମ୍ବଲପୁର ରେଢ଼ାଖୋଲ ଫରେଷ୍ଟ ଡିଭିଜନର ନାକଟିଦେଉଳ ଅଞ୍ଚଳର ସରପାଲି ଗାଁରେ ଏକ ବ୍ୟକ୍ତିଙ୍କ ହୁକ ପକା ଘଟଣା ଯୋଗୁ ରବିବାର ପ୍ରତ୍ୟୁଷରେ ଗୋଟିଏ ୫ ବର୍ଷର ମାଈ ହାତୀର ମୃତ୍ୟୁ ହୋଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହିତ ଘଟଣାରେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଛଡ଼ା ଯିବ ନାହିଁ ଓ କଠୋର ଦଣ୍ଡ ବିଧାନ କରାଯିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏ ଘଟଣାର ତଦନ୍ତ ପାଇଁ ଚିଫ୍ ଫରେଷ୍ଟ କଞ୍ଜରଭେଟର ମନୋଜ ନାୟାରଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱରରୁ ନାକଟିଦେଉଳ ଅଭିମୁଖେ ଗସ୍ତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଞ୍ଚଳର ଉଚ୍ଚ ପଦସ୍ଥ ବନ ବିଭାଗ ଅଧିକାରୀ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ମାନେ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରୁଛନ୍ତି।

## ବିଦ୍ୟୁତ ଆଘାତରେ ଯୁବକ ମୃତ ଶବ ରଖି ରାସ୍ତା ଅବରୋଧ



ଧର୍ମଗଡ଼ (ଭାସ୍କର ନ୍ୟୁଜ)ବିଦ୍ୟୁତ ଆଘାତ ରେ ଜଣେ ଯୁବକ ଙ୍କ ମୃତ୍ୟୁ ପରେ ପରିବାର ଲୋକେ ଓ ଗ୍ରାମବାସୀ ମାନେ ଜାତୀୟ ରାଜ ପଥ ଅବରୋଧ କରି ଆନ୍ଦୋଳନ କରିଛନ୍ତି। କୋକସରା ଥାନା ଅନ୍ତର୍ଗତ କୁସୁମଖୁଣ୍ଟି ନିକଟରେ ଜାତୀୟ ରାଜପଥ ୨୬କୁ ସନ୍ଧ୍ୟା ୬ଟା ଠାରୁ ଅବରୋଧ କରିବା ସହ ମୃତକ ଯୁବକଙ୍କପରିବାରକୁ କ୍ଷତିପୂରଣ ପ୍ରଦାନ ଦାବି କରିଛନ୍ତି। ସୂଚନା ମତେ କୁସୁମଖୁଣ୍ଟି ଗ୍ରାମର ଦୁଃଖିଧନ ବେହେରା (୩୨) ଜଣେ ଲୋକଙ୍କ ଘର ବିଦ୍ୟୁତ ସଂଯୋଗ ସଜାଡ଼ିବାକୁ ଆସି ବିଦ୍ୟୁତ ପୋଲ ନିକଟରେ ସଂଯୋଗ କରୁଥିବା ବେଳେ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। କ୍ଷତିପୂରଣ ଦାବି ରେ ପରିବାର ଓ ସ୍ଥାନୀୟ ଲୋକ ଜାତୀୟ ରାଜପଥ ଅବରୋଧ କରିବା ଫଳରେ ଯାତାୟତ ଠପ ହୋଇ ପଡିଛି। ରାସ୍ତା ଅବରୋଧ ଖବର ପାଇ ଘଟଣାସ୍ଥଳରେ କୋକସରା ପୋଲିସ ଆଇଆଇସି ସ୍ନିଗ୍ଧା ରାଣି ସୁନା ପୋଲିସ ଟିମ ସହ ପହଞ୍ଚି ପରିଜନଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ତେବେ କ୍ଷତିପୂରଣ ଜିଦ ରେ ପରିବାର ଲୋକେ ରାସ୍ତା ଅବରୋଧ ଜାରି ରଖିଛନ୍ତି। ଫଳରେ ଭବାନୀପାଟଣା ଜୟପୁର ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରାସ୍ତା ଦୁଇ କଡରେ ଯାତ୍ରୀବାହୀ ବସ ଓ ଅନ୍ୟ ଗାଡିମୋଟର ଅଟକି ରହିଛି। ଖବର ଲେଖା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ବେଳେ ବର୍ତ୍ତମାନ ମଧ ପୋଲିସ ଲୋକଙ୍କୁ ବୁଝାସୁଝା ଜାରି ରଖିଛି।

## ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ୫ ମିନିଟ୍ ସମୟ ମାଗିଲେ ଭକ୍ତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୂତି ଘଟଣାରେ ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ୫ ମିନିଟ୍ ସମୟ ଚାହିଁଛନ୍ତି ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ। ସେ ରାଷ୍ଟ୍ରପତିଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ମହିଳାମାନଙ୍କ ଉପରେ ନିର୍ଯାତନା ବୃଦ୍ଧି ପାଇଛି। ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହେବା ପରେ ସେ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣିନଥିଲେ। ଶେଷରେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମାହୂତି ଦେଇଥିଲେ। ପିସିସିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ଶ୍ରୀ ଦାସ ରାଷ୍ଟ୍ରପତିଙ୍କୁ ଭେଟିବାକୁ ଚାହୁଁଥିବା ଉଲ୍ଲେଖ କରିଛନ୍ତି।

## ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ମହିଳା କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱର ଏଫଏମ୍ ଶିକ୍ଷାବିଭାଗ ଛାତ୍ରୀଙ୍କ ଆତ୍ମାହୂତି ଘଟଣାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ସେ କହିଛନ୍ତି, ଏହି ଘଟଣା ଓଡ଼ିଶାର ଶିକ୍ଷା, ପ୍ରଶାସନ ଓ ନାରୀ ସୁରକ୍ଷା ବ୍ୟବସ୍ଥାର ସଂପୂର୍ଣ୍ଣ ବିଫଳତା ପ୍ରମାଣ କରୁଛି। ପୀଡ଼ିତାଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସଂପୂର୍ଣ୍ଣଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପୋଲିସ ପ୍ରଶାସନ ଦାୟୀ। ତେଣୁ କଂଗ୍ରେସ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଗିରଫ ଦାବି ଏବଂ ଅଭିଜ୍ଞ ମହିଳା ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଡବଲ ଇଞ୍ଜିନ ସରକାରରେ ମହିଳାମାନେ ଆଦୌ ସୁରକ୍ଷିତ ନୁହନ୍ତି। ଯେଉଁମାନେ ନ୍ୟାୟ ଦାବି କରନ୍ତି ସେମାନେ ଦମନର ଶିକାର ହୁଅନ୍ତି ବୋଲି ମହିଳା କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟସଭା ପାଇଁ...

ସରକାରଙ୍କ ପକ୍ଷରୁ ଦୃଢଭାବେ ପ୍ରତିନିଧିତ୍ୱ କରିଥିଲେ। ସେହିପରି ଡକ୍ଟର ମିନାକ୍ଷୀ ଜୈନ ମଧ୍ୟଯୁଗୀୟ ଏବଂ ଉପନିବେଶବାଦୀ ଭାରତର ଜଣେ ପ୍ରସିଦ୍ଧ ଐତିହାସିକ ଭାବେ ବିବେଚିତ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଗାର୍ଗୀ କଲେଜର ଇତିହାସର ପୂର୍ବତନ ସହକାରୀ ପ୍ରଫେସର ଓ ଭାରତୀୟ ଐତିହାସିକ ଗବେଷଣା ପରିଷଦର ପୂର୍ବତନ ସଦସ୍ୟ। ସେହିପରି ସଦାନନ୍ଦ ମାଷ୍ଟର ଦଶନ୍ଧି ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛନ୍ତି। ସମ୍ବିଧାନର ଧାରା ୮୦ (୧)(ବ)ର ଧାରା (୩) ଦ୍ୱାରା ତାଙ୍କୁ ଦିଆଯାଇଥିବା କ୍ଷମତା ଅନୁଯାୟୀ ରାଷ୍ଟ୍ରପତି ଏହି ବ୍ୟକ୍ତିମାନଙ୍କୁ ମନୋନୀତ କରିଛନ୍ତି।

### ଚଳିତ ମାସରେ...

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। କମିଟି ରିପୋର୍ଟ ଦେବା ପରେ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ଆଗାମୀ ଦିନରେ ଯେଭଳି କୌଣସି ଶିକ୍ଷାନୁଷ୍ଠାନରେ ଏଭଳି ଘଟଣା ନଘଟେ ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ଏଥି ସହିତ ମୁଖ୍ୟମନ୍ତ୍ରୀ ଏୟାରପୋର୍ଟରୁ ଏମ୍ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଏମ୍ସର ନିର୍ଦ୍ଦେଶକ ଏବଂ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହିତ ଆଲୋଚନା କରି ଥିଲେ । ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ବାପା ମା ଙ୍କୁ ଭେଟି ଶାନ୍ତ୍ୱନା ଦେବାସହିତ ସ୍ୱାସ୍ଥ୍ୟବସ୍ଥାରେ ଟିକେ ଉନ୍ନତି ଆସିଲେ ଆବଶ୍ୟକ ହେଲେ ବିମାନ ଯୋଗେ ଛାତ୍ରୀ ଜଣଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯିବ ବୋଲି କହିଛନ୍ତି ।

### ପ୍ରେମୀଯୁଗଳଙ୍କ...

ହଳଲଙ୍ଗଳ ଲଗାଇ ଗାଁର ୭ ଇଷ୍ଟଦେବୀ ଆଗରେ ବଳଦ ଭଳି ବୁଲାଇଥିଲେ। ଶେଷରେ ଯୁବକ ଜଣକ ତା'ର ପ୍ରେମିକାକୁ ଧରି ନିଜ ଘରକୁ ଫେରିଥିଲେ। ସୂଚନାଯୋଗ୍ୟ ଯେ କୋରାପୁଟ ଜିଲ୍ଲାରେ ଆଦିବାସୀଙ୍କ ଏକ ପରମ୍ପରା ରହିଛି, ଗୋଟିଏ ଜାତିରେ ପୁଅ-ଝିଅ ପ୍ରେମ ବିବାହ କଲେ ଫସଲ ନଷ୍ଟହେବ ଏବଂ ବର୍ଷା ବି ହେବ ନାହିଁ। ଗାଁରେ ରୋଗବ୍ୟାଧି ବ୍ୟାପିବ। ତେଣୁ ଭଲ ଫସଲ ଉତ୍ପାଦନ ପାଇଁ ପ୍ରେମିକ-ପ୍ରେମିକାଙ୍କୁ ବଳଦ ଭଳି ବୁଲାଇଥିଲେ।

### ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା...

ରହିଥିଲା କି, ତଦନ୍ତ ସମୟରେ ଅନ୍ୟ କୌଣସି ଘଟଣା ସାମ୍ନାକୁ ଆସୁଛି କି? ଏ ସବୁର ଛାନଭିନ ଚଳାଇଛି ଟିମ୍। ସେପଟେ ପୀଡ଼ିତାଙ୍କ ଆତ୍ମାହୂତି ଉଦ୍ୟମ ଘଟଣାରେ ଜାତୀୟ ମହିଳା କମିଶନ ହସ୍ତକ୍ଷେପ କରିଛନ୍ତି। ନିଜଆଡୁ ଏକ ମାମଲା ରୁଜୁ କରି ତିନିଦିନ ମଧ୍ୟରେ ଅନୁସନ୍ଧାନ କରି ରିପୋର୍ଟ ଦେବାକୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧ୍ୟକ୍ଷା ବିଜୟା ରାହତକର ଏହି ଘଟଣାକୁ ଦୃଢ ନିନ୍ଦା ମଧ୍ୟ କରିବା ସହ ପୀଡ଼ିତାଙ୍କୁ ସବୁପ୍ରକାର ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି କହିଛନ୍ତି ଯେ ଏହି ଘଟଣା ଅତ୍ୟନ୍ତ ନିନ୍ଦନୀୟ। ତେବେ ଉଚ୍ଚଶିକ୍ଷା ବିଭାଗ ଯେଉଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାକୁ ସେ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀରୁ ଫେରିବା ପରେ ଏମ୍ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆବଶ୍ୟକ ହେଲେ ଦିଲ୍ଲୀ ଏୟାରଲିଫ୍ଟ କରାଯିବ ବୋଲି କହିଛନ୍ତି। ସେ କହିଛନ୍ତି, ଏହି ଘଟଣାରେ ଯିଏ ବି ଦୋଷୀ ଥାଉନା କାହିଁକି ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସେ ପୀଡ଼ିତାଙ୍କ ବାପା-ମାଆଙ୍କ ସହ ମଧ୍ୟ କଥା ହୋଇଛନ୍ତି। ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ଏଥିରେ ହସ୍ତକ୍ଷେପ କରିବା ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ଅନୁରୋଧ କରିଛନ୍ତି। ନବୀନ କହିଛନ୍ତି ଯେ କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ ଜଣାଇବା ସତ୍ତ୍ୱେ ଛାତ୍ରୀଙ୍କୁ ନ୍ୟାୟ ମିଳିପାରି ନଥିଲା। ଜଣେ ଛାତ୍ରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ନିଜ ଜୀବନ ନେବାକୁ ଉଦ୍ୟମ କରିବା ଆଶ୍ଚର୍ଯ୍ୟଜନକ ଓ ଗଭୀର ଦୁଃଖଦାୟକ ବୋଲି ନବୀନ କହିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ନିଜଆଡୁ ଏହି ଘଟଣାର ଅନୁଧ୍ୟାନ ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚର ଜଣେ ଅତିରିକ୍ତ ଏସ୍‌ପି ଓ ଡିଏସପି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଶେଷ ଖବର ଅନୁଯାୟୀ ପୀଡ଼ିତାଙ୍କର ପରିଶ୍ରା ହେଉନଥିବାରୁ ତାଙ୍କର ଡାଏଲିସିସ୍ ଆରମ୍ଭ କରାଯାଇଛି।

## ମହାନଦୀରେ ଭାସିଆସିଲେ ୮ଟିକିଆ ହାତୀପଲ ଅଟକିଛନ୍ତି କୁଳାରୀକୁଦ ଦ୍ୱୀପରେ



ବୌଦ୍ଧ(ଭାସ୍କର ନ୍ୟୁଜ): ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଏଭଳି ଭରାନଦୀରେ ପହଁରି ଆସିଛନ୍ତି ଏକ ୮ଟିକିଆ ହାତୀପଲ । ସେମାନଙ୍କ ମଧ୍ୟରେ ୩ଟି ହାତୀଛୁଆ ମଧ୍ୟ ରହିଛନ୍ତି । ଏହି ହାତୀପଲ ମଝି ନଦୀରେ ଥିବା କୁଳାରୀକୁଦ ଦ୍ୱୀପରେ ପହଁଚି ସେଠାରେ ଥିବା ମନ୍ଦିର ନିକଟରେ ବିଶ୍ରାମ ନେଇଛନ୍ତି । ଖବରପାଇ ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ ମହାନଦୀ କୂଳରେ ପହଁଚିଥିଲେ । ଡ୍ରୋନ କ୍ୟାମେରା ମାଧ୍ୟମରେ ହାତୀମାନଙ୍କ ଗତିବିଧି ଉପରେ ସେମାନେ ନଜର ରଖିଛନ୍ତି । ବୌଦ୍ଧ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଦେବପ୍ରିୟ କମ୍ପଙ୍କୁ ଏନେଇ ପଚାରିବାରୁ ସେ କହିଥିଲେ, କୁଳାରିକୁଦ ଦ୍ୱୀପକୁ ଆସିଥିବା ହାତୀପଲଙ୍କ ମଧ୍ୟରେ ଗୋଟିଏ ଦନ୍ତା, ୩ଟି ଛୁଆ ହାତୀ ଏବଂ ଅନ୍ୟ ୪ଟି ମାଈ ହାତୀ ଅଛନ୍ତି । ଏହି ହାତୀ ପଲ ଏବେବି ସେଠାରେ ଅଟକି ରହିଛନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ ହାତୀ ଜଗି ରହିଥିବା ବେଳେ ଅନ୍ୟମାନେ ବିଶ୍ରାମ ନେଉଛନ୍ତି । ସେମାନଙ୍କ ଉପରେ ବନ ବିଭାଗ ଏବେବି ତୀକ୍ଷ୍ଣ ନଜର ରଖିଛି । ଏହି ହାତୀପଲ କେଉଁଆଡେ ଯିବେ ତାହା କହିହେବ ନାହିଁ । ପୁନଃ ଆଠମଲିକ ଅଭିମୁଖେ ଫେରିପାରନ୍ତି, ଅବା ବୌଦ୍ଧ ଅଭିମୁଖେ ଆସିପାରନ୍ତି । ତେଣୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନିଆଯାଇଛି । ଆଖପାଖ ଅଂଚଳର ବିଦ୍ୟୁତ୍ ସରରବରାହ ବନ୍ଦ କରିଦିଆଯାଇଛି । ବୌଦ୍ଧ ଏସିଏଫ୍ ଆଶିଷ କୁମାର କହଁରଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରସନ୍ନ କୁମାର ପ୍ରଧାନ, ବନକର୍ମଚାରୀ ପ୍ରଦ୍ୟୁମ୍ନ ବାଘ, ମନୋରଞ୍ଜନ ନାୟକଙ୍କ ସମେତ ବହୁ ବନକର୍ମଚାରୀ ମର୍ଜାକୁଦ ଲାଞ୍ଜିରେ ଥିବା କୁଳାରୀକୁଦ ଇକୋ ଟୁରିଜମ ଠାରେ ରହି ଡ୍ରୋନ ସାହାଯ୍ୟରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି ।

## ମୂଳସାହି ବାସୁଦେବ କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା



ଆଳି, (ଭାସ୍କର ନ୍ୟୁଜ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଦେମାଳ ପଞ୍ଚାୟତସ୍ଥିତ ମୂଳସାହି ଗ୍ରାମର ମୂଳସାହି ବାସୁଦେବ କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଆଜିର ଏହି ସଭା ରେ ମୂଳସାହି ଗ୍ରାମ ର ମଦନ ମୋହନ ସାମଲ ଓ ସୁଲୋଚନା ସାମଲଙ୍କ ଝିଅ ସସ୍ମିତାଙ୍କୁ ବ୍ରହ୍ମପୁର, ଗଞ୍ଜାମ ଠାରେ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ଦଣ୍ଡାଧିକାରୀ ଭାବେ ଯୋଗ ଦେଇ କୃତିତ୍ୱ ହାସଲ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାରୁ ପ୍ରକାଶ ଯେ ସସ୍ମିତା ସାମଲ ଯୋବ୍ରା ମୁନିସିପାଲିଟି ଉଚ୍ଚ ବିଦ୍ୟାଳୟ, ରେଭେନ୍ସା ମହାବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ରେ ସ୍ନାତକ ଶିକ୍ଷା ସମାପ୍ତି ପରେ ସର୍ବପୁରାତନ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ସଫଳତା ର ସହ ଉତ୍ତୀର୍ଣ୍ଣ ହୋଇ ୨୦୨୨ ମସିହାରେ ଓଡିଶା ଆଇନ ସେବା ପରୀକ୍ଷା ରେ କୃତିତ୍ୱ ଲାଭ କରିଥିଲେ । ପରେ ସେ ୨୦୨୪ ମସିହା ମାର୍ଚ୍ଚ ୨୭ ତାରିଖ ରେ ବ୍ରହ୍ମପୁର ଠାରେ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ଦଣ୍ଡାଧିକାରୀ ଭାବେ ଯୋଗ ଦେଇଥିଲେ । ଆଜି ମୂଳସାହି ବାସୁଦେବ କମିଟି ପକ୍ଷରୁ ସଭାପତି ଗଣେଶ୍ୱର ପାତ୍ର, ଉପସଭାପତି କରୁଣାକର ବେହେରା, ମଧୁସୂଦନ ରାଉତ, ସଂଗ୍ରାମ ସାମଲ, ପ୍ରଫୁଲ୍ଲ ପାତ୍ର, ଗଗନ ସାମଲ, ଅଜୟ ବେହେରା, ପ୍ରଶାନ୍ତ ବେହେରା, ସନ୍ତୋଷ ବେହେରା, ଧୀରେନ୍ଦ୍ର ବେହେରା, ପ୍ରଫୁଲ୍ଲ ବେହେରା ମାନଙ୍କ ସହ ଗ୍ରାମବାସୀ ମାନେ ଏକାଠି ହୋଇ ସସ୍ମିତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ସ୍ୱର୍ଗତ ବିଶ୍ୱନାଥ ନାୟକଙ୍କ ସ୍ମୃତି ଚାରଣ ସଭା

ଆଳି (ଭାସ୍କର ନ୍ୟୂଜ):ରାଜକନିକା ବ୍ଲକ କଳା ସଂସ୍କୃତି ସଂଘର ପୂର୍ବତନ ଉପସଭାପତି ତଥା ବରିଷ୍ଠ ପାଲା ଗାୟକ ସ୍ୱର୍ଗତ ବିଶ୍ୱନାଥ ନାୟକଙ୍କ ଏକାଦଶାହ ଉପଲକ୍ଷେ ଏକ ' ସ୍ମୃତି ଚାରଣ ' ସଭା ତା ୧୩/୭/୨୫ରିଖ ରବିବାର ଦିନ ୧୧ ଟା ସମୟରେ କାଟଣାସ୍ଥିତ ଝାଡମାଳ ଗ୍ରାମରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ବ୍ଲକ୍ କଳା ସଂସ୍କୃତି ସଂଘର ମୁଖ୍ୟ ଉପଦେଷ୍ଟା ଶ୍ରୀନିବାସ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅଶୋକ କୁମାର ଗିରି ସଂଯୋଜନା ଏବଂ ସୁରେନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ପ୍ରଥମେ ପ୍ରଦୀପ ପ୍ରଜ୍ୱୋଳନ , ନୀରବ ପ୍ରାର୍ଥନା , ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସହିତ ଭଜନ ଆସର ଅନୁଷ୍ଠିତ ହୋଇଥିଲା । ଆଳି, ପଟ୍ଟାମୁଣ୍ଡାଇ , ରାଜନଗର , ମହାକାଳପଡ଼ା , ଡେରାବିଶ , ଗରଦପୁର ଏବଂ କେନ୍ଦ୍ରାପଡ଼ାର ବହୁ ବିଶିଷ୍ଟ କଳାକାର ମାନେ ଯୋଗ ଦେଇଥିଲେ । ବିଶିଷ୍ଟ ପାଲା ଗାୟକ ସୁରେନ୍ଦ୍ର ଶତପଥୀ , ବିଶ୍ୱମ୍ଭର ରଣା , ବସନ୍ତ ବେହେରା , ଭାଗବତ ବେହେରା , ବିଷ୍ଣୁ ଚରଣ ଆଚାର୍ଯ୍ୟ , ପ୍ରତାପ ରଥ , ଅଲେଖ ଦାସ , ପ୍ରମୋଦ ନାଥ , ସଦାନନ୍ଦ ଶତପଥୀ , ସବିତା ଜେନା , ଲକ୍ଷ୍ମୀପ୍ରିୟା ସ୍ୱାଇଁ , ଉଷାରାଣୀ ନାୟକ , ରଞ୍ଜିତା ବେହେରା , ସୁଲେଖା ନାୟକ ଇତ୍ୟାଦି ବହୁ ପାଲାକାର ମାନେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ରାଜକନିକା ବ୍ଲକ୍ କଳା ସଂସ୍କୃତି ସଂଘର ବରିଷ୍ଠ କଳାକାର ଯତୀନ୍ଦ୍ର ପାଣ୍ଡବ , ଭାଗବତ ବେହେରା , କଳାକାର ପଣ୍ଡା , ନିରଞ୍ଜନ ପଣ୍ଡା , ବସନ୍ତ ରାୟ , ଗଗନ ପାତ୍ର , ସୁବଳ ଦାସ , ସୁରେଶ ମାହୁନ୍ତ , ବ୍ରହ୍ମାନନ୍ଦ ସାମଲ , ହରିଶ୍ଚନ୍ଦ୍ର ବଳ , କୃଷ୍ଣଚନ୍ଦ୍ର ଧଳ, ମଦନ ମଲିକ, ସୁକାନ୍ତ ପ୍ରଧାନ , ଇନ୍ଦ୍ରମଣି ବେହେରା , ବିଜୟ ଦାସ , ଅଭିମନ୍ୟୁ ଶତପଥୀ , ଅକ୍ଷୟ ନାଥ , ଗଙ୍ଗାଧର ଦାସ , ବସନ୍ତ ବେହେରା ଇତ୍ୟାଦି ବହୁ କଳାକାର ମାନେ ଅଂଶ ଗ୍ରହଣ କରିଥିଲେ।

## ପୁରୀରେ ବଢୁଛି ହଇଜା ଆକ୍ରାନ୍ତଙ୍କ ସଂଖ୍ୟା




ପୁରୀ (ଭାସ୍କର ନ୍ୟୁଜ) : ରାଜ୍ୟରେ ଅଣାୟତ ହଇଜା । ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଉଁଛି ଝାଡାବାନ୍ତି ଓ ହଇଜା ରୋଗ । ପୁରୀରେ ଏବେ ହଇଜା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରଥମେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ହଇଜା ସଂକ୍ରମଣ ଆରମ୍ଭ ହୋଇଥିଲା । ପରେ କଣାସ ବ୍ଲକ ଓ ଏବେ ଜିଲ୍ଲାରେ ଝାଡ଼ାବାନ୍ତି ସଂଖ୍ୟା ମାଡ଼ିଗଲାଣି । ପୁରୀରେ ହଇଜା ଆକ୍ରାନ୍ତଙ୍କ ପାଇଁ ମୋଟ ୩୫୧ ବେଡ୍ ମହଜୁଦ ଅଛି । ମିଳିଥିବା ସୂଚନା ମୁତାବକ, ପୁରୀ ଟି.ବି ଓ ଆଇ.ଡ଼ି ହସ୍ପିଟାଲରେ ଗତ ୧୦ ତାରିଖ ଗୁରୁବାର ଦିନ ମୋଟ ୪୭ ଜଣ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ହସ୍ପିଟାଲକୁ ଆସିଥିଲେ । ସେଥି ମଧ୍ୟରୁ ୪୪ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଥିଲେ । ସେହିପରି ଗତ ୧୧ ତାରିଖ ଶୁକ୍ରବାର ଦିନ ୪୮ ଜଣ ଆକ୍ରାନ୍ତ ହସ୍ପିଟାଲକୁ ଆସିଥିବା ବେଳେ ୪୬ ଜଣ ସୁସ୍ଥ ହୋଇ ଘରକୁ ଫେରିଥିଲେ । ଅନ୍ୟପଟେ ଶନିବାର ଦିନ ସକାଳ ୮ରୁ ସନ୍ଧ୍ୟା ୪ଟା ମଧ୍ୟରେ ୨୫ଜଣ ରୋଗୀ ଆସିଥିବା ବେଳେ ୧୧ ଜଣ ସୁସ୍ଥ ହୋଇ ଘରକୁ ଫେରିଥିଲେ । ବାକି ୧୪ ଜଣ ପୁରୀ ଟି.ବି ଓ ଆଇ.ଡ଼ି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ । ଅନ୍ୟପଟେ ସହରରେ ଥିବା ବସ୍ତି ମାନଙ୍କରେ ପିଇବା ପାଣି ସମସ୍ୟା ଦେଖିବାକୁ ମିଳିଛି । ଡ଼ାଇରିଆ ପରିସ୍ଥିତିର ସଫଳ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସଚେତନତା ମୂଳକ ପଦକ୍ଷେପମାନ ଗ୍ରହଣ କରାଯାଉନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଗତ କିଛି ଦିନ ହେବ ସାରିଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା । ରଥଯାତ୍ରା ସମୟରେ ଅନେକ ଅନୁଷ୍ଠାନ ଖାଦ୍ୟ ବଣ୍ଟନ କରୁଥିଲେ । କିନ୍ତୁ ଖାଦ୍ୟର ମାନ କେତେ ଠିକ ଥିଲା ତାହା ଉପରେ ସାଧାରଣରେ ପ୍ରଶ୍ନ ଉଠିଛି । ରଥଯାତ୍ରା ସମୟରେ ଅସ୍ୱାସ୍ଥକର ଖାଦ୍ୟ ଖାଇ ପୁରୀରେ ଡ଼ାଇରିଆ ବ୍ୟାପୁଛି ବୋଲି ଚର୍ଚ୍ଚା ହେଉଛି ।ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ଅକ୍ଷୟ କୁମାର ଶତପଥୀ କହିଛନ୍ତି ଯେ, ଡାଇରିଆ ପାଇଁ ବେଡ୍ ମହଜୁଦ ଅଛି। ଏପର୍ଯ୍ୟନ୍ତ ଅନେକ ରୋଗୀ ସେମାନେ ସୁସ୍ଥ ଅଛନ୍ତି। ଆମର ମୋଟ ୩୫୧ ବେଡ୍ ରହିଛି। ଭଲରେ ହାତ ଧୋଇବାକୁ, ଅପରିଷ୍କାର ପାଣି ନ ପାଇବାକୁ, ବାସି ଖାଦ୍ୟ, ବାହାର ଖାଦ୍ୟ ନ ଖାଇବାକୁ ସଚେତନ କରାଯାଉଛି। ସହରର ଯେଉଁ ଅଞ୍ଚଳରେ ଜଣେ ହେଲା ରୋଗୀ ଆକ୍ରାନ୍ତ ହେଉଛନ୍ତି, ଡାକ୍ତର ଅଶୋକ ମିଶ୍ର ସେହି ଅଞ୍ଚଳକୁ ଯାଇ କ୍ଲୋରିନେସନ କରି ସଚେତନ କରିବା ସହ ହଲୋଜିନ ବାଟିକା, ଓଆରଏସ ଦେଉଛନ୍ତି। ନିମାପଡ଼ା, ବ୍ରହ୍ମଗିରି, ଗୋପ, ସତ୍ୟବାଦୀରୁ କିଛି ରୋଗୀ ଆସି ଏଠି ଚିକିତ୍ସିତ ହୋଇଛନ୍ତି। ବେଶୀ ରୋଗୀ ନାହାନ୍ତି। ରୋଗୀମାନଙ୍କ ପାଇଁ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ ରଖାଯାଇଛି। ଶେ ?ଚ ହୋଇ ଆସିବା ପରେ ଭଲ ଭାବେ ହାତ ସଫା ରଖନ୍ତୁ। ଗରମ ଖାଦ୍ୟ ଖାଆନ୍ତୁ। ହଇଜା ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ତଥାପି ସତର୍କ ରହିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପରାମର୍ଶ ଦେଇଛନ୍ତି।



ହାଇଦ୍ରାବାଦ : ପ୍ରଖ୍ୟାତ ତେଲୁଗୁ ଅଭିନେତା ତଥା ପୂର୍ବତନ ଭାଜପା ବିଧାୟକ କୋଟା ଶ୍ରୀନିବାସ ରାଓଙ୍କର ୮୩ ବର୍ଷ ବୟସରେ ପରଲୋକ ହୋଇଛି। ରବିବାର ସକାଳେ ହାଇଦ୍ରାବାଦର ଫିଲ୍ମନଗର ସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ ନେଇଛନ୍ତି। ଦୀର୍ଘ ଦିନରୁ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ମୃତ୍ୟୁ ତେଲୁଗୁ ଚଳଚ୍ଚିତ୍ର ଓ ରଙ୍ଗମଞ୍ଚ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଆନ୍ଧ୍ରପ୍ରଦେଶର କୃଷ୍ଣା ଜିଲାର କଙ୍କିପାଡୁରେ ୧୯୪୨ ମସିହା ଜୁଲାଇ ୧୦ରେ ଜନ୍ମଗ୍ରହଣ କରିଥିବା କୋଟା ଶ୍ରୀନିବାସ ରାଓ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ ରଙ୍ଗମଞ୍ଚରୁ। ୧୯୭୮ ମସିହାରେ ତେଲୁଗୁ ଚଳଚ୍ଚିତ୍ର 'ପ୍ରାଣମ ଖରିଦୁ' ମାଧ୍ୟମରେ ସେ ଫିଲ୍ମ ଜଗତରେ ପାଦ ଦେଇଥିଲେ। ଚାରି ଦଶନ୍ଧିରୁ ଅଧିକ ସମୟ ଧରି ସେ ୭୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ, ଯେଉଁଥିରେ ତେଲୁଗୁ ସହିତ ତାମିଲ, ହିନ୍ଦୀ, କନ୍ନଡ଼ ଓ ମାଲାୟାଲମ ଚଳଚ୍ଚିତ୍ର ମଧ୍ୟ ରହିଛି। ଏହି ଖରବ ପ୍ରଚାର ହେବାପରେ ସମ୍ପୂର୍ଣ୍ଣ ମନୋରଞ୍ଜନ ଜଗତରେ ଶୋକର ଛାୟା ଖେଳିଯାଇଛି।

# ଆର୍‌ପିଏଫର ପ୍ରଥମ ମହିଳା ମହାନିର୍ଦ୍ଦେଶକ ନିଯୁକ୍ତ



ନୂଆଦିଲ୍ଲୀ: ରେଳ ସୁରକ୍ଷା ବାହିନୀ (ଆରପିଏଫ) ଇତିହାସରେ ପ୍ରଥମ ଥର ପାଇଁ, ଜଣେ ମହିଳା ଅଧିକାରୀଙ୍କୁ ସର୍ବୋଚ୍ଚ ପଦବୀର କମାଣ୍ଡ ଦିଆଯାଇଛି । ବରିଷ୍ଠ ଆଇପିଏସ ଅଧିକାରୀ ସୋନାଲି ମିଶ୍ରଙ୍କୁ ରେଳ ସୁରକ୍ଷା ବାହିନୀର ପ୍ରଥମ ମହିଳା ମହାନିର୍ଦ୍ଦେଶକ (ଡିଜି) ଭାବରେ ନିଯୁକ୍ତ କରାଯାଇଛି। ୧୯୯୩ ବ୍ୟାଚ୍‌ର ମଧ୍ୟପ୍ରଦେଶ କ୍ୟାଡରର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ସୋନାଲି ମିଶ୍ର, ଅକ୍ଟୋବର ୩୧, ୨୦୨୬ରେ ଅବସର ନେବା ପର୍ଯ୍ୟନ୍ତ ଆରପିଏଫ୍‌ର ମହାନିର୍ଦ୍ଦେଶକ ପଦରେ ରହିବେ । କାର୍ମିକ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ଆଦେଶ ଅନୁଯାୟୀ, କ୍ୟାବିନେଟ୍ ?ର ନିଯୁକ୍ତି କମିଟି ସୋନାଲି ମିଶ୍ରଙ୍କୁ ଏହି ପଦବୀରେ ନିଯୁକ୍ତି ଦେବାକୁ ଅନୁମୋଦନ କରିଛି। ସେ ୩୧ ଜୁଲାଇରେ ଅବସର ନେବାକୁ ଥିବା ମହାନିର୍ଦ୍ଦେଶକ ମନୋଜ ଯାଦବଙ୍କ ସ୍ଥାନ ନେବେ । ଆଉ ଏହି ପଦବୀ ପାଇଁ ସୋନାଲି ମିଶ୍ର ପ୍ରଥମ ମହିଳା ଅଧିକାରୀ ହେବେ । ଆରପିଏଫ୍ ?କୁ ଅନ୍ୟାନ୍ୟ ଦାୟିତ୍ୱ ସହିତ ରେଳ ସମ୍ପତ୍ତି ଏବଂ ଯାତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ, ସୋନାଲି ମିଶ୍ର ମଧ୍ୟପ୍ରଦେଶ ପୋଲିସରେ ଅତିରିକ୍ତ ମହାନିର୍ଦ୍ଦେଶକ (ନିର୍ବାଚନ) ଭାବରେ ନିଯୁକ୍ତ ଅଛନ୍ତି। ତେବେ ସୋନାଲି ମିଶ୍ର ତାଙ୍କ ଆଇପିଏସ କ୍ୟାରିଅର ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ କାର୍ଯ୍ୟ କରିଛନ୍ତି। ଜୁଲାଇ ୨୦୨୧ରେ, ତାଙ୍କୁ ପଞ୍ଜାବରେ ଭାରତ-ପାକିସ୍ତାନ ସୀମାରେ ସୀମା ସୁରକ୍ଷା ବାହିନୀ (ବିଏସଏଫ) ଗଠନର ନେତୃତ୍ୱ ନେବା ପାଇଁ ପ୍ରଥମ ମହିଳା କମାଣ୍ଡର ଭାବରେ ନିଯୁକ୍ତ କରାଯାଇଥିଲା। ସୋନାଲି କାଶ୍ମୀର ଘାଟିରେ ଇନ୍ସପେକ୍ଟର ଜେନେରାଲ (ଆଇଜି) ଭାବରେ ବାହିନୀ ଗଠନର ନେତୃତ୍ୱ ନେଇଥିଲେ। ସେ ବିଏସଏଫର ଗୁପ୍ତଚର ଶାଖାର ମଧ୍ୟ ନେତୃତ୍ୱ ନେଇଥିଲେ। ସେ ବିଏସଏଫରେ ଏଡିଜି ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସୋନାଲି ପିପିଏମଡିଏସ (ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପୋଲିସ ପଦକ) ଏବଂ ପିଏମଏମସ (ମେରିଟୋରିଆସ୍ ସେବା ପାଇଁ ପୋଲିସ ପଦକ) ମଧ୍ୟ ପ୍ରାପ୍ତ କରିଛନ୍ତି। ଯଦି ଆରପିଏଫ କଥା କହିବା ତେବେ ୧୯୫୭ରେ ରେଳ ସମ୍ପତ୍ତିର ସୁରକ୍ଷା ପ୍ରଦାନ କରିବା ପାଇଁ ସଂସଦର ଏକ ଆଇନ ଦ୍ୱାରା ଆରପିଏଫ୍ ? ଗଠନ କରାଯାଇଥିଲା। ପରେ, ୧୯୬୬ରେ, ରେଳ ସମ୍ପତ୍ତିର ଅବୈଧ ଦଖଲରେ ସମ୍ପୃକ୍ତ ଅପରାଧୀଙ୍କୁ ତଦନ୍ତ, ଗିରଫ ଏବଂ ଦଣ୍ଡବିଧାନ କରିବା ପାଇଁ ଏହି ବାହିନୀକୁ କ୍ଷମତା ଦିଆଯାଇଥିଲା। ସେପ୍ଟେମ୍ବର ୨୦, ୧୯୮୫ରେ ଏହାକୁ 'ସଂଘର ଏକ ସଶସ୍ତ୍ର ବାହିନୀ'ର ମାନ୍ୟତା ଦିଆଯାଇଥିଲା।

# ହୁତୁହୁତୁ ହୋଇ ଜଳିଗଲା ଟ୍ରେନ୍



ଚେନ୍ନାଇ : ତାମିଲନାଡୁର ତିରୁଭଲ୍ଲୁର ନିକଟରେ ଏକ ମାଲବାହୀ ଟ୍ରେନରେ ନିଆଁ ଲାଗିବା ପରେ ଆରାକ୍କୋନମ ଏବଂ ଚେନ୍ନାଇ ମଧ୍ୟରେ ଟ୍ରେନ ସେବା ବନ୍ଦ ରହିଛି। ସୂଚନା ଅନୁଯାୟୀ, ନିଆଁ ମାଲବାହୀ ଟ୍ରେନର ପାଞ୍ଚଟି କୋଚକୁ ବ୍ୟାପିଯାଇଥିଲା। ଯଦିଓ ଏଥିରେ କୌଣସି ଜୀବନହାନି କିମ୍ବା ଆହତ ହେବାର କୌଣସି ଖବର ନାହିଁ। ତଥାପି ଦକ୍ଷିଣ ରେଳବାଇ ଯାତ୍ରୀମାନଙ୍କ ସୁବିଧା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କରିଛି। ସେଗୁଡ଼ିକ ହେଲା- ୦୪୪-୨୫୩୫୪୧୫୧, ୦୪୪-୨୪୩୫୪୯୯୫ । ଦକ୍ଷିଣ ରେଳବାଇ ଅଗ୍ନିକାଣ୍ଡ ସମ୍ପର୍କରେ କହିଛି ଯେ ଚେନ୍ନାଇରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସିଏଲ୍)ର ଏକ ଇନ୍ଧନ ଭର୍ତ୍ତି ମାଲବାହୀ ଟ୍ରେନର ଏକ କୋଚରେ ନିଆଁ ଲାଗିଯିବାରୁ ଏହି ଘଟଣା ଘଟିଥିଲା। ପ୍ରାଥମିକ ରିପୋର୍ଟ ଅନୁଯାୟୀ। ମାଲବାହୀ ଟ୍ରେନର ତିନୋଟି କୋଚ ଲାଇନଚ୍ୟୁତ ହୋଇଥିଲା। ଯାହା ଫଳରେ ଇନ୍ଧନ ଲିକେଜ୍ ହେବା ସହ ନିଆଁ ଲାଗିଯାଇଥିଲା। ଏହି ଘଟଣା ତିରୁଭଲ୍ଲୁର ରୁଟ୍ ଦେଇ ଯାଉଥିବା ସମସ୍ତ ଟ୍ରେନର ପରିଚାଳନାକୁ ପ୍ରଭାବିତ କରିଛି। ତେବେ ଦକ୍ଷିଣ ରେଳବାଇ ଅନୁଯାୟୀ, ଏକ୍ସପ୍ରେସ୍ ଟ୍ରେନଗୁଡ଼ିକର ସେବା ବାଧାପ୍ରାପ୍ତ ହୋଇନାହିଁ, ଏବଂ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କେବଳ କିଛି ଟ୍ରେନକୁ ବିଭିନ୍ନ ଷ୍ଟେସନରେ ଅଟକାଯାଇଛି।

## ରାଜ୍ୟ ସରକାରଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶ

# 'ନିମ୍ନମାନର ସାର ବିରୁଦ୍ଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନିଅ'



ନୂଆଦିଲ୍ଲୀ: କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ନକଲି ଏବଂ ନିମ୍ନମାନର ସାର ସମସ୍ୟାକୁ ଗମ୍ଭୀରତାର ସହ ନେଇ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନଙ୍କୁ ଏକ ଚିଠି ଲେଖିଛନ୍ତି ଏବଂ ଏହା ଉପରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାରା ଦେଶରେ ନକଲି ସାର ବିକ୍ରୟ ଏବଂ ସବସିଡିଯୁକ୍ତ ସାରର କଳାବଜାରୀ ଏବଂ ବାଧ୍ୟତାମୂଳକ ଟ୍ୟାଗିଂ ଭଳି ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବା ଲକ୍ଷ୍ୟରେ ଏହି ଚିଠି ଲେଖାଯାଇଛି। କେନ୍ଦ୍ରମନ୍ତ୍ରୀ ଚିଠିରେ କହିଛନ୍ତି ଯେ କୃଷି ହେଉଛି ଭାରତର ଅର୍ଥନୀତିର ମେରୁଦଣ୍ଡ ଏବଂ କୃଷକଙ୍କ ଆୟରେ ସ୍ଥିରତା ବଜାୟ ରଖିବା ପାଇଁ, ସେମାନଙ୍କୁ ସଠିକ ସମୟରେ, ସୁଲଭ ମୂଲ୍ୟରେ ଏବଂ ମାନକ ଗୁଣବତ୍ତା ସହିତ ଗୁଣାତ୍ମକ ସାର ଯୋଗାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ, ୧୯୫୫ ଅଧୀନରେ ଆସୁଥିବା ସାର ନିୟନ୍ତ୍ରଣ ଆଦେଶ, ୧୯୮୫ ଅନୁଯାୟୀ ନକଲି କିମ୍ବା ନିମ୍ନମାନର ସାର ବିକ୍ରୟ ନିଷିଦ୍ଧ। କୃଷକମାନଙ୍କୁ ଉଚିତ ଅଂଚଳ ଓ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇବା ରାଜ୍ୟଗୁଡ଼ିକର ଦାୟିତ୍ୱ। ତେଣୁ, ରାଜ୍ୟଗୁଡ଼ିକ କଳାବଜାରୀ, ଅଧିକ ମୂଲ୍ୟରେ ବିକ୍ରୟ ଏବଂ ସବସିଡିଯୁକ୍ତ ସାରର ବିକ୍ରୟ ଭଳି କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ନିୟମିତ ଭାବେ ସାର ଉତ୍ପାଦନ ଓ ବିକ୍ରୟର ତଦାରଖ କରାଯିବା ଆବଶ୍ୟକ, ତାସହିତ ନକଲି ଓ ନିମ୍ନମାନର ଉତ୍ପାଦଗୁଡ଼ିକର ନମୁନା ଯାଞ୍ଚ ଓ ପରୀକ୍ଷଣ ମାଧ୍ୟମରେ କଡ଼ା ନିୟନ୍ତ୍ରଣ କରାଯିବା ଉଚିତ। ଦୋଷୀମାନଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଯେପରିକି ଲାଇସେନ୍ସ ବାତିଲ, ଏଫଆଇଆର ରୁଜ୍ଜୁ ଏବଂ ମାମଲାଗୁଡ଼ିକର ପ୍ରଭାବଶାଳୀ ଭାବରେ ଅନୁସରଣ କରି ଦଣ୍ଡ ସୁନିଶ୍ଚିତ କରାଯିବା ଉଚିତ। ନକଲି ଏବଂ ନିମ୍ନମାନର କୃଷି ସାମଗ୍ରୀ ସମସ୍ୟାର ମୂଳୋତ୍ପାଟନ କରିବା ପାଇଁ ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ଏକ ରାଜ୍ୟବ୍ୟାପୀ ଅଭିଯାନ ଆରମ୍ଭ କରିବାକୁ କେନ୍ଦ୍ରମନ୍ତ୍ରୀ ସମସ୍ତ ରାଜ୍ୟକୁ ଅନୁରୋଧ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଯଦି ଏସବୁ କାର୍ଯ୍ୟକୁ ରାଜ୍ୟ ସ୍ତରରେ ନିୟମିତ ଭାବରେ ତଦାରଖ କରାଯାଏ, ତେବେ ଏହା ଚାଷୀଙ୍କ ସ୍ୱାର୍ଥ ପାଇଁ ଏକ ପ୍ରଭାବଶାଳୀ ଏବଂ ସ୍ଥାୟୀ ସମାଧାନ ପ୍ରମାଣିତ ହେବ।

# ଏନ୍‌ସିଇଆରଟି ସାଧାରଣ ପ୍ରବେଶିକା ପରୀକ୍ଷା ଶେଷ

ନୂଆଦିଲ୍ଲୀ: ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ (ଏନସିଇଆରଟି)ର ବିଭିନ୍ନ ଶିକ୍ଷକ-ଶିକ୍ଷା କାର୍ଯ୍ୟକ୍ରମରେ ପ୍ରବେଶ ପାଇଁ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ-୨୦୨୫) ସଫଳତାର ସହ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର, ଭୋପାଳ, ମୈସୁରୁ, ଆଜମେର, ଶିଲଂ ଏବଂ ନେଲୋରରେ ଅବସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ବିଏ-ବିଏଡ୍, ବିଏସସି-ବିଏଡ୍, ଏମଏସସି-ଏମଏଡ୍, ବିଏଡ୍, ଏମଏଡ୍, ବିଏଡ୍-ଏମଏଡ୍ ଏବଂ ଏମଏ (ଶିକ୍ଷା ପ୍ରଯୁକ୍ତିବିଦ୍ୟା) ଆଦି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ପ୍ରବେଶିକା ପରୀକ୍ଷା ୧୩ ଜୁଲାଇ ୨୦୨୫ (ରବିବାର)ରେ କମ୍ପ୍ୟୁଟର-ଆଧାରିତ ପରୀକ୍ଷା (ସିବିଟି) ସାରା ଦେଶରେ ୮୦ଟି ପରୀକ୍ଷା କେନ୍ଦ୍ରରେ ସୁଗମ ଭାବରେ ପରିଚାଳନା କରାଯାଇଥିଲା। ଏଥିରେ ଓଡ଼ିଶାର ୪୪ଟି ପରୀକ୍ଷା କେନ୍ଦ୍ର ଅନ୍ତର୍ଭୁକ୍ତ ଥିଲା। ଏହି ପରୀକ୍ଷା ପାଇଁ ମୋଟ ୨୨ ହଜାରରୁ ଅଧିକ ପ୍ରାର୍ଥୀ ପଞ୍ଜୀକରଣ କରିଥିଲେ । ଏନସିଇଆରଟି-ସମ୍ବନ୍ଧିତ ଶିକ୍ଷକ-ଶିକ୍ଷା କାର୍ଯ୍ୟକ୍ରମରେ ନାମ ଲେଖା ପାଇଁ ଆଶାୟୀଙ୍କ ନିମନ୍ତେ ଏହି ପରୀକ୍ଷା ଏକ ପ୍ରମୁଖ ପ୍ରବେଶ ମାର୍ଗ। ନୋଡାଲ୍ ପ୍ରତିଷ୍ଠାନ ଭାବରେ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ପରୀକ୍ଷାର ସୁଗମ ପରିଚାଳନା କରିଛି। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ, ଏବଂ ସିଇଇ-୨୦୨୫ ଜାତୀୟ ସଂଯୋଜକ ଡକ୍ଟର ଅରୂପ କୁମାର ସାହା ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପରିଚାଳନା କରିଥିଲେ। ଏଥିରେ ଏନସିଇଆରଟି ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଓ ସଚିବ ପ୍ରମୁଖ ମାର୍ଗଦର୍ଶନ ଦେଇଥିଲେ। ପରୀକ୍ଷାର ସଫଳ ପରିଚାଳନାରେ ସହାୟତା କରିଥିବାରୁ ଅଧ୍ୟକ୍ଷା ପ୍ରଫେସର ଗୋସ୍ୱାମୀ ସମସ୍ତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି।

# ବୈଷ୍ଣବ ବ୍ରାହ୍ମଣ ସମାଜର ରହିଛି ଗୌରବଶାଳୀ ଇତିହାସ : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ରାଜଧାନୀ ରାୟପୁରରେ ଆୟୋଜିତ ଅଖିଳ ଭାରତୀୟ ବୈଷ୍ଣବ ବ୍ରାହ୍ମଣ ସେବାସଂଘ ମୁମ୍ବାଇର ରାଷ୍ଟ୍ରୀୟ କାର୍ଯ୍ୟକାରୀ ବୈଠକରେ ସାମିଲ ହୋଇଥିଲେ। ଏହି ଅବସରରେ ସେ ପ୍ରଭୁ ଶ୍ରୀରାମ ଏବଂ ମାତା କୌଶଲ୍ୟାଙ୍କ ଜନ୍ମଭୂମି ଛତିଶଗଡରେ ବୈଷ୍ଣବ ବ୍ରାହ୍ମଣ ସମାଜର ଅଧିବେଶନ ଆୟୋଜନ କରାଯାଇଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ବୈଷ୍ଣବ ବ୍ରାହ୍ମଣ ସମାଜର ଇତିହାସ ଅତ୍ୟନ୍ତ ଗୌରବଶାଳୀ। ଏହି ସମାଜର ଛତିଶଗଡ ପାଇଁ ବହୁ ଅବଦାନ ରହିଛି। ବିକଶିତ ଛତିଶଗଡ ନିର୍ମାଣରେ ବୈଷ୍ଣବ ବ୍ରାହ୍ମଣ ସମାଜର ଯୋଗଦାନ ଅତ୍ୟନ୍ତ ଗୌରବପୂର୍ଣ୍ଣ ବୋଲି ସେ କହିଥିଲେ। ଏହି ଅବସରରେ ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ଶ୍ରୀ ସାଏ ସମ୍ବର୍ଦ୍ଧନା କରିଥିଲେ। ଶ୍ରୀ ସାଏ କହିଥିଲେ ଏହି ସମାଜ ସନାତନ ଧର୍ମକୁ ସଶକ୍ତ କରିବାରେ ଏକ ପ୍ରମୁଖ ଅବଦାନ ରଖିଛନ୍ତି। ଏମାନେ କେବଳ ପୁରୋହିତ କର୍ମ କରନ୍ତି ନାହିଁ ସେମାନ ଶାସନ ଓ ପ୍ରଶାସନରେ ମଧ୍ୟ ସକ୍ରିୟ ରହିଛନ୍ତି। ଦାନ ଏବଂ ଦୟା ହେଉଛି ସେମାନଙ୍କର ଅସଲ ପରିଚୟ। ଏହି ଅବସରରେ ସେ ରାଜନନ୍ଦ ଗାଁର ବୈଷ୍ଣବ ବ୍ରାହ୍ମଣ ସମାଜର ଉଦାହରଣ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛତିଶଗଡର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି। ତେଣୁ ଏ କ୍ଷେତ୍ରରେ ବୈଷ୍ଣବ ବ୍ରାହ୍ମଣ ସମାଜର ମଧ୍ୟ ଅଧିକ ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶଗଡ ରାଜସ୍ୱ ମନ୍ତ୍ରୀ ଟଙ୍କରାମ ବର୍ମା, ଅଖିଳ ଭାରତୀୟ ବୈଷ୍ଣବ ବ୍ରାହ୍ମଣ ସେବା ସଂଘର ପୂର୍ବତନ ଅଧ୍ୟକ୍ଷ ପିଏଲ ବୈରାଗୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଲାଲ ଜେକେ ବୈଷ୍ଣବ, ପ୍ରଦେଶର ଅଧ୍ୟକ୍ଷ ରାକେଶ ଦାସ ବୈଷ୍ଣବ ପ୍ରମୁଖ ଉପସ୍ଥିତ ଥିଲେ।

# ବାଣିଜ୍ୟ

CDSL
Convenient • Dependable • Secure

ନୂଆଦିଲ୍ଲୀ: ସିଡିଏସଏଲ ଇନଭେଷ୍ଟର ପ୍ରୋଟେକ୍ସନ ଫଣ୍ଡ (ସିଡିଏସଏଲ୍ ଆଇପିଏଫ୍) ନିଜର ନୂତନ ନିବେଶକ ସଚେତନତା ପ୍ଲାଟଫର୍ମ ଶୁଭାରମ୍ଭ କରିଛି। ଏହା ୧୨ଟି ଭାଷାରେ ଉପଲବ୍ଧ ହୋଇଥିବା ଏକ ସମ୍ପୂର୍ଣ୍ଣ ଅନଲାଇନ୍ ପ୍ଲାଟଫର୍ମ। ଏହି ୱେବସାଇଟ୍ ପ୍ରତିଭୂତି ବଜାରର ଧାରଣାକୁ ସରଳ କରିବା ଏବଂ ଦାୟିତ୍ୱପୂର୍ଣ୍ଣ ନିବେଶକୁ ଉତ୍ସାହିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ୨୦୨୫ ଜୁଲାଇ ୭ ତାରିଖରେ ସିଡିଏସଏଲ୍ ଏବଂ ଏନଏସଡିଏଲ୍‌ର ନିବେଶକ ଆପ୍‌ରେ ଇ-ଭୋଟିଂ ସିଷ୍ଟମ୍ ଉପରେ ପ୍ରକ୍ସି ଆଡଭାଇଜର ରେକମେଣ୍ଡେସନର ଶୁଭାରମ୍ଭ ଅବସରରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ଅଧ୍ୟକ୍ଷ ତୁହିନକାଁ ପାଣ୍ଡେଙ୍କ ଦ୍ୱାରା ତାହା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସିଡିଏସଏଲ ଆଇପିଏଫ୍ ସେକ୍ରେଟାରିଏଟ୍‌ର ସୁଧୀଶ ପିଲ୍ଲାଇ କହିଛନ୍ତି ଯେ, 'ଆମେ ବିଶ୍ୱାସ କରୁ ଯେ ବାସ୍ତବ ଆର୍ଥିକ ଅ'ର୍ଭୁକ୍ତୀକରଣ କେବଳ ଜାଣିବାର ବିଷୟ ନୁହେଁ, ଏହା ଜ୍ଞାନ ମାଧ୍ୟମରେ ସଶକ୍ତିକରଣ। ଏହି ପ୍ରୟାସ ନିବେଶକମାନଙ୍କ ଆତ୍ମବିଶ୍ୱାସକୁ ଦୃଢ, ସୂଚିତ ନିଷ୍ପତି ନେବାକୁ ଉତ୍ସାହିତ ଏବଂ ଆତ୍ମନିର୍ଭରଶୀଳ ନିବେଶକଙ୍କ ଗଠନର ଦୃଷ୍ଟିକୁ ସମର୍ଥନ କରୁଛି।

# ଓଡ଼ିଶାର ପ୍ରଥମ ଷ୍ଟୋର ଖୋଲିଲା ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ, ଭୁବନେଶ୍ୱରରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଛି ଏବଂ ଏହା ସହିତ ଓଡ଼ିଶାର ସ୍ପନ୍ଦନଶୀଳ ରାଜଧାନୀରେ ପ୍ରବେଶ କରିଛି। ଏହାର ସମୃଦ୍ଧ ଐତିହ୍ୟ ଏବଂ ସ୍ଥାପତ୍ୟ ମହିମା ପାଇଁ ଜଣାଶୁଣା, ଭୁବନେଶ୍ୱର କାରିଗରୀ ଏବଂ ଅର୍ଥରେ ମୂଳ ଇନ୍ଦ୍ରିୟାର ଡିଜାଇନ୍-ଅଗ୍ରଗାମୀ ଦର୍ଶନର ଭାବନାକୁ ପ୍ରତିଫଳିତ କରେ। ଏକ ବ୍ରାଣ୍ଡ ଭାବରେ ଇନ୍ଦ୍ରିୟାର ପରିଚୟ ସହିତ ଏହା ଗଭୀର ଭାବରେ ପ୍ରତିଫଳିତ ହୁଏ। ଭାରତର ସର୍ବପୁରାତନ ଯୋଜନାବଦ୍ଧ ସହର ମଧ୍ୟରୁ ଗୋଟିଏ ଏବଂ କଳିଙ୍ଗ ମନ୍ଦିର ସ୍ଥାପତ୍ୟର ଏକ କେନ୍ଦ୍ର ଭାବରେ, ଭୁବନେଶ୍ୱର ଇନ୍ଦ୍ରିୟାର କାରିଗରୀ-ଆଧାରିତ ଡିଜାଇନ୍ ପଦ୍ଧତି ପାଇଁ ଏକ ସାଂସ୍କୃତିକ ସମୃଦ୍ଧ ପରିବେଶ ପ୍ରଦାନ କରେ। ନୂତନ ଷ୍ଟୋରରେ ଏକ ବିବାହ ଲାଉ ଏବଂ ଏକ କାରିଗାର ରୁମ୍ ଭଳି ସମର୍ପିତ ସ୍ଥାନ ରହିଛି, ଯାହା ପରିଦର୍ଶକମାନଙ୍କୁ ଏକ ନିବିଡ଼ ଅଭିଜ୍ଞତା ପ୍ରଦାନ କରେ ଯାହା ପରମ୍ପରାକୁ ସମସାମୟିକ ସୌନ୍ଦର୍ଯ୍ୟ ସହିତ ମିଶ୍ରଣ କରେ। ୫,୦୦୦ ରୁ ଅଧିକ ସ୍ୱତନ୍ତ୍ର ଡିଜାଇନ୍ ଏବଂ ୨୦,୦୦୦ ରୁ ଅଧିକ ସତର୍କତାର ସହିତ କାରିଗରୀ ଅଳଙ୍କାରର ଏକ ସଂକ୍ଷିପ୍ତ ଚୟନ ସହିତ, ଯେଉଁଥିରେ ବ୍ରାଣ୍ଡର ନବୀନତମ ଆସମାନିୟତ କଲେକ୍ସନ ଅନ୍ତର୍ଭୁକ୍ତ, ଭୁବନେଶ୍ୱର ଷ୍ଟୋର ସମସାମୟିକ ଡିଜାଇନର ସୌନ୍ଦର୍ଯ୍ୟ ସହିତ ପୁରୁଣା କାରିଗରିର ସୂକ୍ଷ୍ମତାକୁ ଅତୁଳନୀୟ ଭାବରେ ସମନ୍ୱିତ କରେ। ସଦ୍ୟତମ ଶୁଭାରମ୍ଭ ସହିତ, ଇନ୍ଦ୍ରିୟାର ଉପସ୍ଥିତି ବର୍ତ୍ତମାନ ଉତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ଭାରତରେ ୨୭ଟି ଷ୍ଟୋରରେ ବିସ୍ତାରିତ, ଯେଉଁଥିରେ ଦିଲ୍ଲୀରେ ଛଅଟି; ହାଇଦ୍ରାବାଦରେ ଚାରିଟି; ମୁମ୍ବାଇ ଏବଂ ପୁଣେରେ ତିନୋଟି; ଅହମ୍ମଦାବାଦ, ଜୟପୁର ଏବଂ ପାଟନାରେ ଦୁଇଟି; ଏବଂ ଇନ୍ଦୋର, ସୁରଟ, ଲକ୍ଷ୍ନୌ, ବିଜୟୱାଡା ଏବଂ ଓଡ଼ିଶାରେ ଗୋଟିଏ ଲେଖାଏଁ ରହିଛି - ଗ୍ରାହକମାନଙ୍କ ପାଇଁ ସୂକ୍ଷ୍ମ କାରିଗରୀ ଅଳଙ୍କାରକୁ ଅଧିକ ସୁଗମ କରିବା ପାଇଁ ଏହାର ବର୍ଦ୍ଧିତ ପଦଚିହ୍ନ ଏବଂ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଇନ୍ଦ୍ରିୟାର ସିଇଓ ସନ୍ଦୀପ କୋହଲି କହିଛନ୍ତି, 'ଅଳଙ୍କାରର ସୌନ୍ଦର୍ଯ୍ୟ କେବଳ ଏହାର ଡିଜାଇନରେ ନୁହେଁ, ବରଂ ଏହା ଦ୍ୱାରା ଧାରଣ କରାଯାଇଥିବା ବ୍ୟକ୍ତିଗତ ଅର୍ଥରେ ରହିଛି - ଏବଂ ଏହି ବିଶ୍ୱାସ ଇନ୍ଦ୍ରିୟାର ହୃଦୟରେ ରହିଛି। ଆମର ବିବିଧତାରେ ପରିପୂର୍ଣ୍ଣ ଭାରତକୁ ପରିଭାଷିତ କରୁଥିବା ସାଂସ୍କୃତିକ ଢାଂଚାରେ ଗଭୀର ଭାବରେ ମୂଳଦୁଆ ପକାଇଛି ଏବଂ ଭୁବନେଶ୍ୱରରେ ଏହାର ଶୁଭାରମ୍ଭ କରିଛି - ଏକ ସହର ଯେଉଁଠାରେ ଐତିହ୍ୟ ଏହାର ମନ୍ଦିର ଏବଂ କଳାତ୍ମକ ଐତିହ୍ୟ ମାଧ୍ୟମରେ ରହିଛି। ଆଦିତ୍ୟ ବିର୍ଲା ଗ୍ରୁପର ବିଶ୍ୱସ୍ତ ଐତିହ୍ୟ ଏବେ ଭୁବନେଶ୍ୱରରେ ଇନ୍ଦ୍ରିୟାର ପ୍ରଥମ ଷ୍ଟୋରର ଶୁଭାରମ୍ଭ ସହିତ ଭାରତର ସବୁଠାରୁ ସ୍ପନ୍ଦନଶୀଳ ସାଂସ୍କୃତିକ ରାଜଧାନୀ ମଧ୍ୟରୁ ଗୋଟିଏକୁ ସଂପ୍ରସାରିତ ହୋଇଛି।

# ଏଆଇ+ ସ୍ମାର୍ଟଫୋନ୍‌ର ଶୁଭାରମ୍ଭ




ନୂଆଦିଲ୍ଲୀ: ନେକ୍ସଟକ୍ୱାଂଟମ ପକ୍ଷରୁ ଭାରତର ପ୍ରଥମ ଫୁଲି ଅଥର୍‌ଡ ସ୍ମାର୍ଟଫୋନ, ଏଆଇ+ସ୍ମାର୍ଟଫୋନର ଉନ୍ମୋଚନ କରିଛି। ଯାହାକୁ ସମ୍ପୂର୍ଣ୍ଣ ରୂପେ ଭାରତରେ ନିର୍ମାଣ କରାଯାଇଛି। ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିସ୍‌ର ପ୍ରତିଷ୍ଠାତା ଓ ଏଆଇ+ ସ୍ମାର୍ଟଫୋନର ସିଇଓ ମାଧବ ସେଠଙ୍କ ସମେତ ଗୁଗଲ କ୍ଲାଉଡ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶଶିକୁମାର ଶ୍ରୀଧରନ ଏବଂ ଫ୍ଲିପକାର୍ଟର ମୋବାଇଲ ବିଭାଗର ଉପାଧ୍ୟକ୍ଷ ସ୍ମୃତି ରବିଚନ୍ଦ୍ରନଙ୍କ ନେତୃତ୍ୱରେ ଏହି ସ୍ମାର୍ଟଫୋନର ଶୁଭାରମ୍ଭ କରାଯାଇଛି। ଭାରତରେ ନିର୍ମିତ ଓ ଭାରତର ପ୍ରଥମ ସ୍ୱାଧୀନ ମୋବାଇଲ ଅପରେଟିଂ ସିଷ୍ଟମ ନେକ୍ସଟକ୍ୱାଂଟମ ଓଏସ ଦ୍ୱାରା ପରିଚାଳିତ ଏଆଇ+ ସ୍ମାର୍ଟଫୋନ ଉଚ୍ଚ କାର୍ଯ୍ୟଦକ୍ଷତା, ସୁଲଭତା ଓ ଗୋପନୀୟତାକୁ ଏକ ବାଧାମୁକ୍ତ ଅନୁଭୂତିରେ ଏକତ୍ରିତ କରିଛି। ମାଧବ ସେଠ୍‌ଙ୍କ ଦ୍ୱାରା ଉନ୍ମୋଚିତ ଓ ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିରେ ତାଙ୍କ ଟିମ ଦ୍ୱାରା ନିର୍ମିତ ଏଆଇ+ ସ୍ମାର୍ଟଫୋନ ଶୃଙ୍ଖଳାରେ ୨ଟି ସ୍ମାର୍ଟଫୋନ ପଲ୍‌ସ ଓ ନୋଭା ୫ଜି ଅ'ର୍ଭୁକ୍ତ ରହିଛି ଏବଂ ପ୍ରତ୍ୟେକ ସ୍ମାର୍ଟଫୋନର ୫ଟି ରଙ୍ଗ ଉପଲବ୍ଧ ଅଛି। ଏ ସମ୍ପର୍କରେ ମାଧବ ସେଠ କହିଛନ୍ତି, 'ଏଆଇ+ ସ୍ମାର୍ଟଫୋନ ହେଉଛି ଭାରତୀୟ ଉପଭୋକ୍ତାଙ୍କ ହାତକୁ ନିୟନ୍ତ୍ରଣ ଫେରାଇ ଆଣିବା। ଅନେକ ବର୍ଷ ହେବ ଆମେ ଏଭଳି ଫୋନ ଓ ପ୍ଲାଟଫର୍ମ ଉପରେ ନିର୍ଭର କରିଆସୁଛୁ ଯାହାକୁ ଭାରତକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇନାହିଁ। କିନ୍ତୁ ଏଆଇ+ ଏହାକୁ ପରିବର୍ତନ କରିଛି। ସେହିପରି ଫ୍ଲିପ୍‌କାର୍ଟ, ମୋବାଇଲ୍ସ ବିଭାଗର ଉପାଧ୍ୟକ୍ଷ ସ୍ମୃତି ରବିଚନ୍ଦ୍ରନ କହିଛନ୍ତି, 'ଆମେ ଆମର ଗ୍ରାହକଙ୍କ ପାଇଁ ଏଆଇ+ ସ୍ମାର୍ଟଫୋନ ଆଣି ଗର୍ବିତ, ଏଭଳି ଏକ ସ୍ମାର୍ଟଫୋନ ଯାହା କାର୍ଯ୍ୟଦକ୍ଷତା, ଗୋପନୀୟତା ଓ ଉଦ୍ଦେଶ୍ୟକୁ ଏକତ୍ରିତ କରିଥାଏ।' ଏଆଇ+ ସ୍ମାର୍ଟଫୋନକୁ ୟୁନାଇଟେଡ ଟେଲିଲିଙ୍କ୍‌ସ (ବେଙ୍ଗାଲୁରୁ) ଦ୍ୱାରା ଏହାର ନୋଏଡା ଫ୍ୟାକ୍ଟ୍ରିରେ ନିର୍ମାଣ କରାଯାଇଛି। ସଫ୍ଟୱେୟାରଠାରୁ ଆରମ୍ଭ କରି ଯୋଗାଣ ଶୃଙ୍ଖଳା ପର୍ଯ୍ୟ' ସବୁକିଛି ଭାରତର ପ୍ରାଥମିକତା ସହ ଜଡିତ। ଏହି ଫୋନ ଆଂଚଳିକ ଭାଷା, ସ୍ଥାନୀୟ କଂଟେଂଟ ଓ ନେକ୍ସଟକ୍ୱାଂଟମର ଥିମ ଡିଜାଇନର ଟୁଲ ମାଧ୍ୟମରେ ଏକ ସ୍ୱତନ୍ତ୍ର ଅନୁଭୂତିକୁ ସପୋର୍ଟ କରୁଛି। ଏହି ସ୍ମାର୍ଟଫୋନ ଶୃଙ୍ଖଳା ଏବେ ଫ୍ଲିପକାର୍ଟ ଓ ଅନ୍ୟାନ୍ୟ ମାଧ୍ୟମରେ ଉପଲବ୍ଧ ରହିଛି ଯାହାର ପ୍ରାରମ୍ଭିକ ମୂଲ୍ୟ କେବଳ ୪୪୯୯ ଟଙ୍କା ରହିଛି। ପଲ୍‌ସ ଭାରିଆଂଟରେ ୬.୭ ଇଂଚ ଡିସ୍‌ପ୍ଲେ, ୧ ଟିବି ଏକ୍ସପାଣ୍ଡେବୁଲ ମେମୋରୀ, ୫୦ଏମ୍‌ପି ଡୁଆଲ ଏଆଇ କ୍ୟାମେରା, ୫୦୦୦ ଏମଏଏଚ ବ୍ୟାଟେରୀ, ସାଇଡ ଫିଙ୍ଗରପ୍ରିଂଟ ସେନ୍ସର ରହିଛି। ଏହା ବ୍ଲୁ, ବ୍ଲାକ, ଗ୍ରୀନ, ପର୍ପଲ ଓ ପିଙ୍କରେ ଆସ'। ଜୁଲାଇ ୧୨ ତାରିଖ ଦିନ ୧୨ଟାରୁ ୪୪୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ସେହିପରି ନୋଭା ୫ଜି ଭାରିଆଂଟରେ ୬.୭ଇଂଚ ଏଚ୍‌ଡି+ ଡିସ୍‌ପ୍ଲେ, ୧ ଟିବି ଏକ୍ସପାଣ୍ଡେବୁଲ ମେମୋରୀ, ୫୦ଏମପି ଡୁଆଲ ଏଆଇ କ୍ୟାମେରା, ୫୦୦୦ ଏମଏଏଚ ବ୍ୟାଟେରୀ, ସାଇଡ ଫିଙ୍ଗରପ୍ରିଂଟ ସେନ୍ସର ରହିଛି। ଏହା ଆସ'। ଜୁଲାଇ ୧୩ ତାରିଖ ଦିନ ୧୨ଟାରୁ ୭୪୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏହି ସ୍ମାର୍ଟଫୋନ ଶୃଙ୍ଖଳାର କ୍ରୟ ଉପରେ ଆକ୍ସିସ ବ୍ୟାଙ୍କ କ୍ରେଡିଟ କାର୍ଡ ଓ ଇଏମଆଇ ଟ୍ରାନ୍‌ସକ୍ସନ , ଫ୍ଲିପ୍‌କାର୍ଟ ଆକ୍ସିସ ବ୍ୟାଙ୍କ କ୍ରେଡିଟ କାର୍ଡରେ ୫୦୦ ଟଙ୍କାର ତତ୍କାଳ ରିହାତି ଉପଲବ୍ଧ ରହିଛି। ସେହିପରି ବଜାଜ ଫିନ୍‌ସର୍ଭରେ ୩ ମାସର ନୋ-କଷ୍ଟ ଇଏମଆଇ ସୁବିଧା ଏବଂ ପ୍ରେକ୍ସୋ ପ୍ରୋଗ୍ରାମ ଅଧିନରେ ସମସ୍ତ ଫୋନ ଉପରେ ଏକ୍ସଚେ ବୋନସ୍ ରହିଛି।


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଲକ୍ଷ୍ମୀପ୍ରିୟା ଚନ୍ଦ
ଆବିର୍ଭାବ-୧/୧/୧୯୪୪
ତିରୋଧାନ-୪/୭/୨୦୨୫

ଆପଣଙ୍କ ଅବର୍ତ୍ତମାନ ଆମ ମନରେ ଶୋକର ସାଗର ଖେଳାଇ ଦେଇଛି। ଆପଣଙ୍କ ଉପଦେଶ ଆମ ପାଇଁ ସବୁ ଦିନ ମନେ ରହିବ। ଆପଣ ଯେଉଁଠିବି ଥାଆନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଭଲରେ ରଖନ୍ତୁ ଏତିକି କାମନା।

ପୁତୁରା-ଚନ୍ଦ୍ରଶେଖର ବୋହୂ ପୁଷ୍ପରାଣୀ,
ନାତି-ସତ୍ୟବ୍ରତ ଏବଂ ନ୍ୟାୟବ୍ରତ, ନାତୁଣୀ ବୋହୂ-ସୁଜାତାରାଣୀ
ଏବଂ କରୁଣାମୟୀ, ଅଣନାତି-ଦେବଦତ୍ତ, ପ୍ରଭୁଦତ୍ତ ଓ ବିଭୁ ଦତ୍ତ
ନାତୁଣୀ-ତପସ୍ୱିନୀ ଏବଂ ମନସ୍ୱିନୀ
ନାତୁଣୀ ଜ୍ୱାଇଁ-ଅରୁଣ କୁମାର ଓ ପରେଶ କୁମାର।


# ଇନ୍‌ଫିନିକ୍ସ ହଟ ୬୦ ୫ଜି+ର ବଜାର ପ୍ରବେଶ



ନୂଆଦିଲ୍ଲୀ: ଏକ ନୂତନ ଯୁଗର ସ୍ମାର୍ଟଫୋନ ବ୍ରାଣ୍ଡ ଇନ୍‌ଫିନିକ୍ସ ପକ୍ଷରୁ ଏହାର ନୂତନ ସ୍ମାର୍ଟଫୋନ ହଟ୍ ୬୦ ୫ଜି+ର ଶୁଭାରମ୍ଭ ଘୋଷଣା କରାଯାଇଛି, ଏହା ହେଉଛି ଏକ ଫିଚର ଲୋଡେଡ ସ୍ମାର୍ଟଫୋନ। ହଟ୍ ୬୦ ୫ଜି+ ଏକ କଷ୍ଟମାଇଜେବୁଲ ୱାନ ଟ୍ୟାପ ଏଆଇ ବଟନ, ମିଡିଆଟେକ ଡାଇମେନସିଟି ୭୦୨୦ ପ୍ରୋସେସ, ୫୦୦୦୦୦+ର ଏକ ଆନ୍‌ଟୁଟୁ ସ୍କୋର, ୬ଜିବି ଏଲପିଡିଡିଆର୫ଏକ୍ସ ରାମ, ୯୦ଏଫପିଏସ ଗେମିଂ ସପୋର୍ଟ ଓ ଏକ ଆଇପି୬୪-ସାର୍ଟିଫାଏଡ ସ୍ଲିମ ୫ଜି ଡିଜାଇନ ଭଳି ଶିଳ୍ପ-ପରିଭାଷିତ ଫିଚର ସହ ଆସୁଛି ଯାହା ୯୯୯୯ ଟଙ୍କା (ସମସ୍ତ ପ୍ରିପେଡ ଅଫର ସମେତ)ର ସ୍ୱତନ୍ତ୍ର ଲଂଚ ଡେ' ମୂଲ୍ୟରେ ଉପଲବ୍ଧ ହେଉଛି। ଏହି ଡିଭାଇସ ଫ୍ଲିପ୍‌କାର୍ଟ ଓ ରିଟେଲ ଷ୍ଟୋରରେ ୩ଟି କଲର ଯଥା ସ୍ୟାଡୋ ବ୍ଲୁ, ଟୁଣ୍ଡ୍ରା ଗ୍ରୀନ ଓ ସ୍ଲିକ ବ୍ଲାକରେ ଉପଲବ୍ଧ ହେବ । କେବଳ ୭.୮ ଏମଏମ ପତଳା ହଟ୍ ୬୦ ୫ଜି+ ହେଉଛି ନିଜ ମୂଲ୍ୟ ବର୍ଗରେ ଉପଲବ୍ଧ ଭାରତର ସବୁଠାରୁ ପତଳା ୫ଜି ସ୍ମାର୍ଟଫୋନ, ଯାହା ଆଇପି୬୪ ରେଟେଡ ଅଟେ । ଏଥିରେ ଏକ ୫୦ଏମପି ଏଆଇ କ୍ୟାମେରା ସେଟଅପ ରହିଛି ଯାହା ସୁପର ନାଇଟ, ଏଆଇଜିସି ପୋର୍ଟ୍ରେଟ ମୋଡ, ସ୍କାଏ ସପ, ସ୍ଲୋ ମୋଶନ ଓ ବିୟୁଟି ପୋର୍ଟ୍ରେଟ ଭଳି ୧୦ରୁ ଅଧିକ ଏଆଇ-ପରିଚାଳିତ ମୋଡ୍‌ଗୁଡିକ ସହ ଉନ୍ନତ ହୋଇଛି। ହଟ୍ ୬୦ ୫ଜି+ରେ ଏକ ୫୨୦୦ ଏମଏଏଚ ହାଇ-କାପାସିଟି ବ୍ୟାଟେରୀ ରହିଛି ଯାହା ଗୋଟିଏ ସିଙ୍ଗଲ ଚାର୍ଜରେ ଗେମିଂ, ଷ୍ଟ୍ରିମିଂ, ୱର୍କ କଲ୍ ଓ ସୋସିଆଲ ଆପ୍‌ଗୁଡିକ ସହ ସଂଘର୍ଷ କରୁଥିବା ଉପଭୋକ୍ତାଙ୍କ ପାଇଁ ଅପ୍ଟିମାଇଜ ହୋଇଥାଏ। ଜୁଲାଇ ୧୭ ତାରିଖରୁ ଫ୍ଲିପ୍‌କାର୍ଟରେ ୯୯୯୯ ଟଙ୍କାର ଏକ ସ୍ୱତନ୍ତ୍ର ୧ମ ଦିନ ଅଫର (ପ୍ରିପେଡ ଅଫର ସମେତ) ମୂଲ୍ୟରେ ଉପଲବ୍ଧ ହେବ।

# ଅଭିଭା ଲାଇଫ ଇନ୍ସୁରାନ୍ସକୁ ପ୍ରଡକ୍ଟ ଅଫ୍ ଦ ଇୟର ପୁରସ୍କାର

ନୂଆଦିଲ୍ଲୀ: ଭାରତର ଅନ୍ୟତମ ପ୍ରମୁଖ ଘରୋଇ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଅଭିଭା ଲାଇଫ ଇନ୍ସୁରାନ୍ସକୁ ଦୁଇଟି ପ୍ରମୁଖ ବର୍ଗ ଯଥା ଲାଇଫ ଇନ୍ସୁରାନ୍ସ-ରିଟାୟାରମେଂଟ ଇନ୍‌କମ ଓ ଲାଇଫ ଇନ୍ସୁରାନ୍ସ-ୟୁଲିପ୍‌ରେ ପ୍ରତିଷ୍ଠିତ ପ୍ରଡକ୍ଟ ଅଫ ଦ ଇୟର ୨୦୨୫ ଟାଇଟଲରେ ସମ୍ମାନିତ କରାଯାଇଛି। ଏହି ସ୍ୱୀକୃତି ଭାରତରେ ପ୍ରଡକ୍ଟ ଅଫ ଦ ଇୟରର ୧୭ତମ ସଂସ୍କରଣର ଅଂଶ ଭାବେ ନିଲ୍‌ସେନଆଇକ୍ୟୁ ଦ୍ୱାରା ପରିଚାଳିତ ଏକ ଜାତୀୟସ୍ତରୀୟ ଉପଭୋକ୍ତା ଅଧ୍ୟୟନ ଉପରେ ଆଧାରିତ। ଏହି ବିଜୟ ସମ୍ପର୍କରେ ଅଭିଭା ଇଣ୍ଡିଆର ସିଇଓ ଓ ଏମ୍‌ଡି ଅସିତ ରଥ କହିଛନ୍ତି, 'ଅଭିଭା ସିଗ୍ନେଚର ଇନ୍‌କ୍ରିଜିଙ୍ଗ ଇନ୍‌କମ ପ୍ଲାନ ଓ ଅଭିଭା ସିଗ୍ନେଚର ଇନ୍‌ଭେଷ୍ଟମେଂଟ ପ୍ଲାନକୁ ରିଟାୟାରମେଂଟ ପରେ ଆୟର ଏକ ନିର୍ଭରଯୋଗ୍ୟ ସ୍ରୋତ ସୃଷ୍ଟି କରିବା ହେଉ କିମ୍ବା ଭବିଷ୍ୟତ ପାଇଁ ଏକ ଶୃଙ୍ଖଳିତ ନିବେଶ ଅଭ୍ୟାସ ଗଠନ କରିବା, ଆମର ଗ୍ରାହକଙ୍କ ବାସ୍ତବ ଜୀବନର ଆବଶ୍ୟକତା ପୂରଣ କରିବା ପାଇଁ ଚି'ାଶୀଳ ଭାବେ ଡିଜାଇନ କରାଯାଇଛି। ଆମେ ଆମର ଗ୍ରାହକମାନଙ୍କୁ ସେମାନଙ୍କର ବିଶ୍ୱାସ ପାଇଁ ଧନ୍ୟବାଦ ଜଣାଉଛୁ ଏବଂ ଆମେ ସେମାନଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ରହିଛୁ ।' ଏହି ସଫଳତା ସମ୍ପର୍କରେ ପ୍ରଡକ୍ଟ ଅଫ ଦ ଇୟର ଇଣ୍ଡିଆର ସିଇଓ ରାଜ ଅରୋରା କହିଛନ୍ତି, 'ଏକ ବର୍ଷ ମଧ୍ୟରେ ଯେଉଁଠାରେ ଉପଭୋକ୍ତାଙ୍କ ପସନ୍ଦ ସୁସ୍ଥତାଠାରୁ ଆରମ୍ଭ କରି ଘରୋଇ ସମାଧାନ ଓ ଆର୍ଥିକ ସୁରକ୍ଷା ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ପରିବ୍ୟାପ୍ତ ହୋଇଛି, ସେଭଳି କ୍ଷେତ୍ରରେ ଅଭିଭା ଲାଇଫ ଇନ୍ସୁରାନ୍ସ , ଲାଇଫ ଇନ୍ସୁରାନ୍ସର ଦୁଇଟି ଜରୁରୀ ସେଗ୍‌ମେଂଟରେ ସ୍ୱତନ୍ତ୍ର ଉପସ୍ଥିତି ସୃଷ୍ଟି କରିବା ପ୍ରଶଂସନୀୟ ଅଟେ।' ସେହିପରି ଅଭିଭା ଇଣ୍ଡିଆର ମୁଖ୍ୟ ଓ ନିଯୁକ୍ତ ଆକ୍‌ଚୁଆରୀ ଅଜୟ କୁମାର ତ୍ରିପାଠୀ କହିଛନ୍ତି, 'ଉଭୟ ରିଟାୟାରମେଂଟ ଇନ୍‌କମ ଓ ୟୁଲିପ ବର୍ଗରେ ପ୍ରଡକ୍ଟ ଅଫ୍ ଦ ଇୟର ୨୦୨୫ ଭାବେ ଏହି ସ୍ୱୀକୃତି ଉଦ୍ଦେଶ୍ୟପୂର୍ଣ୍ଣ ଉତ୍ପାଦ ଉଦ୍ଭାବନ ପ୍ରତି ଆମର ଦୃଷ୍ଟିକୋଣର ଏକ ପ୍ରମାଣ ଅଟେ।'



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଝାଡ଼ଖଣ୍ଡରେ ଚାଲିଥିବା ଜାତୀୟ ବାଳିକା ହକି (୧୬ ବର୍ଷରୁ କମ୍) ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି। ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ଓଡ଼ିଶା ୫-୦ ଗୋଲ୍ ?ରେ ବିହାରକୁ ପରାସ୍ତ କରିଛି। ମ୍ୟାଚ୍‌ର ଦଶମ ମିନିଟ୍‌ରେ ଅଣିକା ସାମଦଙ୍କ ପେନାଲ୍ଟି କର୍ଣ୍ଣର ଗୋଲ୍‌ରେ ଓଡ଼ିଶା ଅଗ୍ରଣୀ ପାଇଥିଲା। ପ୍ରିୟଙ୍କା ମିଞ୍ଜ (୧୪ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରକୁ ୨-୦ରେ ନିଜ ପକ୍ଷରେ ରଖିଥିଲା। ୨୬ତମ ମିନିଟ୍‌ରେ ଏଲିନା ବୁର ଫିଲ୍ଡ ଗୋଲ୍ ଦେଇ ପ୍ରଥମାର୍ଦ୍ଧରେ ଦଳକୁ ୩-୦ରେ ରଖିଥିଲେ। ୩୩ ମିନିଟ୍‌ରେ ଗୀତା ଲାକ୍ରା ଓ ୩୭ ମିନିଟ୍‌ରେ ସ୍ୱିଟି କୁଜୁର ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ୫-୦ରେ ବିଜୟ ଭେଟି ଦେଇଥିଲେ। ପ୍ରିୟଙ୍କା ମିଞ୍ଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଶନିବାର ଓଡ଼ିଶା ସେମିଫାଇନାଲ୍‌ରେ ହରିୟାଣାକୁ ଭେଟିବ। ହରିୟାଣା ୧-୦ ଗୋଲ୍‌ରେ ଉତ୍ତରପ୍ରଦେଶକୁ ପରାସ୍ତ କରିଥିଲା। ଅନ୍ୟଏକ ସେମିଫାଇନାଲ୍‌ରେ ମିଜୋରାମ ଓ ଆୟୋଜକ ଝାଡ଼ଖଣ୍ଡ ମୁହାଁମୁହିଁ ହେବେ। କ୍ୱାର୍ଟରଫାଇନାଲ୍‌ରେ ମିଜୋରାମ ୪-୦ ଗୋଲ୍‌ରେ ପଞ୍ଜାବକୁ ଏବଂ ଝାଡ଼ଖଣ୍ଡ ୫-୪ (୧-୧) ସୁଟ୍‌ଆଉଟ୍‌ରେ ମଧ୍ୟପ୍ରଦେଶକୁ ମାତ୍ ଦେଇଥିଲା।

## ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍

# ଭାରତକୁ ୧୯୩ରନ୍ ଟାର୍ଗେଟ



ଚତୁର୍ଥ ଦିବସ

ଇଂଲଣ୍ଡ : ଲର୍ଡସରେ ଚାଲିଥିବା ଭାରତ ବନାମ ଇଂଲଣ୍ଡ ତୃତୀୟ ଟେଷ୍ଟ ରୋମାଞ୍ଚକର ସ୍ଥିତିରେ ପହଞ୍ଚି। ଭାରତ ଆଗରେ ୧୯୩ ରନର ବିଜୟ ଲକ୍ଷ୍ୟ ରହିଛି ଇଂଲଣ୍ଡ। ଚତୁର୍ଥ ଦିନର ଖେଳ ଶେଷ ହେବା ସମୟରେ ଭାରତ ୧୭.୪ ଓଭରରେ ୪ ୱିକେଟ ହରାଇ ୫୮ ରନ୍ ସଂଗ୍ରହ କରିଛି। ଯେଉଁଥିରେ ଯଶସ୍ୱୀ ଜୟସୱାଲ (୦) ଆଉଟ ହୋଇଥିବା ବେଳେ କରୁଣ ନାୟାର ୧୪, ଅଧିନାୟକ ଶୁଭମନ ଗିଲ ୬, ଆକାଶ ଦୀପ୍ ୧ ରନ୍ କରି ଆଉଟ ହୋଇଛନ୍ତି। କେ.ଏଲ. ରାହୁଲ ୩୩ ରନରେ ଅପରାଜିତ ଅଛନ୍ତି। ଏହି ମ୍ୟାଚରେ ସିରିଜ ୧-୧ରେ ସମତାରେ ରହିଥିବା ବେଳେ ଭାରତ ଏହି ବିଜୟ ଲକ୍ଷ୍ୟ ହାସଲ କରି ସିରିଜରେ ୨-୧ରେ ଆଗୁଆ ହେବାକୁ ଚାହୁଁଛି। ପ୍ରଥମ ଇନିଂସରେ ଉଭୟ ଦଳ ୩୮୭ ରନରେ ଅଲଆଉଟ ହୋଇଥିଲେ, ଯାହା ଟେଷ୍ଟ କ୍ରିକେଟ ଇତିହାସରେ ଏକ ବିରଳ ଘଟଣା। ଭାରତର ପ୍ରଥମ ଇନିଂସରେ କେ.ଏଲ. ରାହୁଲଙ୍କ ୧୦୦, ଋଷଭ ପନ୍ତଙ୍କ ୭୪ ଓ ରବୀନ୍ଦ୍ର ଜାଡେଜାଙ୍କ ୭୨ ରନ ଗୁରୁତ୍ୱପୂର୍ଣ୍ଣ ଥିଲା। ଇଂଲଣ୍ଡ ପକ୍ଷରୁ କ୍ରିସ ୱୋକ୍ସ ୩/୮୪ ଓ ଜୋଫ୍ରା ଆର୍ଚର ଦୁଇଟି ୱିକେଟ ନେଇଥିଲେ। ଇଂଲଣ୍ଡର ଦ୍ୱିତୀୟ ଇନିଂସ ୬୨.୧ ଓଭରରେ ୧୯୨ ରନରେ ସମାପ୍ତ ହୋଇଥିଲା। ୱାଶିଂଟନ ସୁନ୍ଦରଙ୍କ ଅସାଧାରଣ ବୋଲିଂ (୪/୨୨) ଇଂଲଣ୍ଡକୁ ବଡ଼ ସ୍କୋର କରିବାରୁ ରୋକିଥିଲା। ସୁନ୍ଦର ଜୋ ରୁଟ (୪୦), ଜେମି ସ୍ମିଥ (୮), ବେନ ଷ୍ଟୋକ୍ସ (୩୩) ଓ ଶୋଏବ ବଶିରଙ୍କ ୱିକେଟ ନେଇ ଇଂଲଣ୍ଡକୁ ୧୫୪/୪ରୁ ୧୯୨ରେ ଅଲଆଉଟ କରିଥିଲେ। ଆଉ ଭାରତ ସମ୍ମୁଖରେ ରହିଛି ୧୯୩ ରନର ବିଜୟ ଲକ୍ଷ୍ୟ। ବୋଲିଂରେ ଭାରତ ପକ୍ଷରୁ ୱାଶିଂଟନ ସୁନ୍ଦର ଘାତକ ବୋଲିଂ କରି ୨୨ ରନ ଦେଇ ୪ ୱିକେଟ୍ ନେଇଛନ୍ତି। ବୁମରା ଓ ସିରାଜ ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ନେଇଛନ୍ତି। ନୀତିଶ ରେଡ୍ଡୀ ଓ ଆକାଶ ଦୀପଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି। ଉଲ୍ଲେଖନୀୟ ଇଂଲଣ୍ଡ ଓ ଭାରତ ସମାନ ପ୍ରଥମ ଇନିଂସରେ ୩୮୭ ରନରେ ଅଲଆଉଟ୍ ହୋଇଛି।

## ନୂଆ କୀର୍ତ୍ତି ସ୍ଥାପନ କଲେ ରୁଟ୍



ଲଣ୍ଡନ : ଇଂଲଣ୍ଡର ଷ୍ଟାର ବ୍ୟାଟ୍ସମ୍ୟାନ ଜୋ ରୁଟ ଆଉ ଏକ କୀର୍ତିମାନ ନିଜ ନାମରେ ଯୋଡିଛନ୍ତି। ରୁଟ ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ଆକର୍ଷଣୀୟ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେ ୪ର୍ଥ ସ୍ଥାନରେ ବ୍ୟାଟିଂ କରୁଥିବା ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ୪ର୍ଥ ବ୍ୟାଟ୍ସମ୍ୟାନ ଭାବେ ୮୦୦୦ ରନ ସଂଗ୍ରହ କରିଛନ୍ତି। ଏହି ତାଲିକାରେ ଭାରତର ସଚିନ ତେନ୍ଦୁଲକର ଆଗରେ ରହିଛନ୍ତି। ସେ ୧୭୯ ମ୍ୟାଚରେ ୧୩୪୯୨ ରନ କରିଛନ୍ତି। ତାଙ୍କ ପଛକୁ ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନେ(୯୫୦୯) ଓ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ(୯୦୩୩) ରହିଛନ୍ତି। ରୁଟ ୯୯ ମ୍ୟାଚରେ ଏହି କ୍ଲବରେ ସାମିଲ ହୋଇଛନ୍ତି। ଭାରତର ବିରାଟ କୋହଲି ଓ ୱେଷ୍ଟଇଣ୍ଡିଜର ବ୍ରାଏନ ଲାରା କିନ୍ତୁ ଅଳ୍ପକେ ଏହି କ୍ଲବରେ ସ୍ଥାନ ପାଇ ପାରି ନାହାନ୍ତି। କୋହଲି ୭୫୬୪ ଓ ଲାରା ୭୩୩୫ ରନ କରିଛନ୍ତି। ଏହି ଟେଷ୍ଟରେ ରୁଟ ୩୭ତମ ଶତକ ହାସଲ କରିବା ସହ ଭାରତର ରାହୁଲ ଦ୍ରାବିଡଙ୍କୁ ପଛରେ ପକାଇ ଦେଇଛନ୍ତି। ଦ୍ରାବିଡ ୩୬ ଶତକ ମାରିଥିଲେ। କେବଳ ବ୍ୟାଟିଂରେ ନୁହେଁ ଫିଲ୍ଡିଂରେ ମଧ୍ୟ ରୁଟ ଆଉ ଏକ ସଫଳତା ହାତେଇଛନ୍ତି। ସେ ୨୧୦ କ୍ୟାଚ ନେଇ ଦ୍ରାବିଡଙ୍କୁ ପଛରେ ପକାଇଛନ୍ତି। ୱିକେଟକିପର ନ ହୋଇ ସର୍ବାଧିକ କ୍ୟାଚ ଦୌଡରେ ସେ ସାମିଲ ହୋଇଛନ୍ତି।

# ସ୍ୱିଆଟେକ୍ ୱିମ୍ବଲଡନ୍ ଚାମ୍ପିଅନ୍



ନୂଆଦିଲ୍ଲୀ: ଚମତ୍କାର ପ୍ରଦର୍ଶନ କରି ବର୍ଷର ତୃତୀୟ ଗ୍ରାଣ୍ଡ ସ୍ଲାମ୍ ୱିମ୍ବଲଡନର ମହିଳା ସିଙ୍ଗଲ୍ସ ଟାଇଟଲ୍ ଜିତିଛନ୍ତି ପୋଲାଣ୍ଡର ଇଗା ସ୍ୱିଆଟେକ୍। ଫାଇନାଲରେ ୮ମ ସିଡ୍ ପୋଲାଣ୍ଡର ସ୍ୱିଆଟେକ୍ ୧୩ଶ ସିଡ୍ ଆମେରିକାର ଖେଳାଳି ଆମାଣ୍ଡା ଆନିସିମୋଭାଙ୍କୁ ଅପ୍ରତ୍ୟାଶିତ ଭାବେ ୬-୦, ୬-୦ ସେଟ୍‌ରେ ଏକତରଫା ଭାବେ ପରାସ୍ତ କରିଛନ୍ତି। ସ୍ୱିଆଟେକ୍ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ମାତ୍ର ୫୭ ମିନିଟରେ ଜିତିଥିଲେ। ଫଳରେ ଆନିସିମୋଭା ଟେନିସ୍‌ର ଓପନ୍ ଏରାରେ ଏବଂ ୧୯୧୧ ପରେ ପ୍ରଥମ ଖେଳାଳି ଭାବେ ୱିମ୍ବଲଡନ ଫାଇନାଲରେ ଗୋଟିଏ ମଧ୍ୟ ଗେମ୍ ଜିତି ପାରିନାହାନ୍ତି। ପୁଣି କ୍ରମାଗତ ୮ମ ବର୍ଷ ୱିମ୍ବଲଡନ୍‌ରେ ନୂଆ ମହିଳା ସିଙ୍ଗଲ୍ସ ଚମ୍ପିଆନ୍ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଦ୍ୱିତୀୟ ଖେଳାଳି ଭାବେ ଏକ ଗ୍ରାଣ୍ଡସ୍ଲାମ୍‌ର ଫାଇନାଲ ମ୍ୟାଚ୍‌କୁ ସ୍ୱିଆକେଟ୍ ୬-୦, ୬-୦ ସେଟ୍‌ରେ ଜିତିଛନ୍ତି। ୧୯୮୮ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ବେଲାରୁଷର ନତାଶା ଜେରେଭାଙ୍କୁ ଷ୍ଟେଫି ଗ୍ରାଫ୍ ସମାନ ସ୍କୋରରେ ପରାସ୍ତ କରିଥିଲେ। ବିଶ୍ୱର ପୂର୍ବତନ ୧ନଂ ଖେଳାଳି ଇଗା ସ୍ୱିଆଟେକ୍ ପ୍ରଥମଥର ୱିମ୍ବଲଡନ୍ ଟାଇଟଲ ସହ ମୋଟ ୬ଷ୍ଠ ଗ୍ରାଣ୍ଡସ୍ଲାମ୍ ମହିଳା ଟାଇଟଲ ଜିତି ପାରିଛନ୍ତି। ସ୍ୱିଆଟେକ୍ ? ୪ ଥର ଫ୍ରେଞ୍ଚ୍ ଓପନ୍ ଏବଂ ଥରେ ଲେଖାଏଁ ୟୁଏସ୍ ଓପନ୍ ଓ ୱିମ୍ବଲଡନ ଜିତିଛନ୍ତି। ପୂର୍ବରୁ ସ୍ୱିଆଟେକ୍ ଥରେ ମଧ୍ୟ ୱିମ୍ବଲଡନ୍‌ର ସେମିଫାଇନାଲ ଖେଳିନଥିଲେ। ସେମିରେ ଆନିସିମୋଭା ବିଶ୍ୱର ୧ନଂ ଖେଳାଳି ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଥିଲେ ହେଁ ଫାଇନାଲରେ ସମ୍ପୂର୍ଣ୍ଣ ନିଷ୍ପ୍ରଭ ହୋଇ ଯାଇଥିଲା। ୨୪ ବର୍ଷ ବୟସ୍କା ସ୍ୱିଆଟେକ୍ ପ୍ରଥମ ସେଟ୍‌କୁ ମାତ୍ର ୨୬ ମିନିଟରେ ଜିତିବା ପରେ ଆଉ ପଛକୁ ଫେରି ଚାହିଁନଥିଲେ। ଫାଇନାଲ ପୂର୍ବରୁ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ଆମାଣ୍ଡା ଆନିସିମୋଭା ଏପରି ପରାଜୟ ପରେ କାନ୍ଦି ପକାଇଥିଲେ। ରବିବାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ବିଶ୍ୱର ୧ନଂ ସିଡ୍ ୟାନିକ୍ ସିନର ଓ ୨ନଂ ସିଡ୍ କାର୍ଲୋସ ଆଲ୍‌କାରାଜଙ୍କ ମଧ୍ୟରେ ମୁକାବିଲା ହେବ।

# ଡ୍ୟୁକ୍ ବଲ୍‌କୁ ନେଇ ଅସନ୍ତୋଷ ପ୍ରକାଶ କଲେ ଆର୍ଚର



ଲର୍ଡସ: ଭାରତ ଓ ଇଂଲଣ୍ଡ ମଧ୍ୟରେ ଲର୍ଡସରେ ଚାଲିଥିବା ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ତୃତୀୟ ଟେଷ୍ଟ ମ୍ୟାଚରେ ଡ୍ୟୁକ୍ ବଲକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଦ୍ୱିତୀୟ ଦିନରେ ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ଡ୍ୟୁକ୍ ବଲକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶନିବାର ତୃତୀୟ ଦିନରେ ଇଂଲଣ୍ଡର ଦ୍ରୁତ ବୋଲର ଜେଫ୍ରା ଆର୍ଚର ମଧ୍ୟ ଡ୍ୟୁକ୍ ବଲକୁ ନେଇ ସମାନ ଢଙ୍ଗରେ ଅସନ୍ତୋଷ ଜାହିର କରିଛନ୍ତି। ଡ୍ୟୁକ୍ ବଲ ଖେଳିବା ଅନୁପଯୋଗୀ ହେବା ନେଇ ବୋଲରଙ୍କ ଅଭିଯୋଗ ମ୍ୟାଚରେ ଅନ୍ୟତମ ଚର୍ଚ୍ଚାର ବିଷୟ ପାଲଟିଛି। ଶନିବାର ଭାରତୀୟ ଇନିଂସର ୪୬ତମ ଓଭରରେ ଆର୍ଚର ରାହୁଲଙ୍କୁ ଏକ ସର୍ଟପିଚ ବଲ ପକାଇଥିଲେ।ଏହା ପରେ ବଲର ଆକାର ବଦଳି ଯାଇଥିବା ନେଇ ଆର୍ଚର ଅମ୍ପାୟାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅମ୍ପାୟାର ବଲ ଟେଷ୍ଟ ରିଙ୍ଗ ସହାୟତାରେ ବଲକୁ ପରୀକ୍ଷା କରିଥିଲେ। ବଲ ଠିକ ଥିବା କହି ଅମ୍ପାୟାର ଉକ୍ତ ବଲରେ ମ୍ୟାଚକୁ ଖେଳିବା ନେଇ କହିଥିଲେ। ଯାହାକୁ ନେଇଆର୍ଚର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆର୍ଚର ବଲକୁ ବଦଳାଇବା ନେଇ କହିଥିଲେ ମଧ୍ୟ ଅମ୍ପାୟାର ଶୁଣିନଥିଲେ। ଶୁକ୍ରବାର ଦ୍ୱିତୀୟ ଦିନରେ ବଲ ବଦଳାଇବାକୁ ନେଇ ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଫଳରେ ଡ୍ୟୁକ ବଲକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ଇଂଲଣ୍ଡର ପ୍ରଥମ ଇନିଂସରେ ଦ୍ୱିତୀୟ ନୂଆ ବଲ ୮୦,୧ ଓଭରରେ ନିଆଯାଇଥିଲା। ଏହି ବଲ ୬୩ଟି ବଲ ପଡ଼ିବା ପରେ ଏହାର ରୂପରେଖ ବଦଳି ଯାଇଥିଲା। ଫଳରେ ଭାରତ ପକ୍ଷରୁ ଏହି ବଲକୁ ବଦଳାବା ପାଇଁ ଅମ୍ପାୟାରଙ୍କୁ ଅନୁରୋଧ କରାଯାଇଥିଲା। ଅମ୍ପାୟାର ବଲ ବଦଳାଇ ଅଧିକ ଥର ବ୍ୟବହାର ହୋଇଥିବା ବଲ ଭାରତକୁ ଦେଇଥିଲେ। ଏହା ଦେଖି ଗିଲ୍ ରାଗିଯିବା ସହ ଅମ୍ପାୟାର ଶରଫୁଦ୍ଦୋଲଶଙ୍କ ସହ ଯୁକ୍ତି କରିଥିଲେ। ଅନ୍ୟପକ୍ଷରେ ନୂଆ ବଲରେ ମାତ୍ର ୧୦ ଓଭର ବୋଲିଂ ପରେ ଶୁକ୍ରବାର ଦ୍ୱିତୀୟ ଦିନରେ ଭାରତୀୟ ଅଧିନାୟକ ଶୁଭମନ ଗିଲ ବଲ ପରିବର୍ତ୍ତନକୁ ନେଇ ଅମ୍ପାୟାରଙ୍କୁ କହିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ପୂର୍ବତନ ଇଂଲଣ୍ଡ କ୍ରିକେଟର ଷ୍ଟିୱାଟ ବ୍ରଡ୍ ଓ ନାସିର ହୁସେନ କହିଛନ୍ତି। ୮୦ ଓଭର ପୂର୍ବରୁ ବଲକୁ ପରିବର୍ତ୍ତନ କରିବା ଅନାବଶ୍ୟକ। କିନ୍ତୁ ଗିଲ୍ ନୂଆ ବଲରେ ମାତ୍ର ୧୦ ଓଭର ପରେ ବଲ ପରିବର୍ତ୍ତନ କରିବାକୁ କହିବା ଅଣ ଖେଳୁଆଡର ମନୋବୃତ୍ତି ବୋଲି ନାସିର ହୁସେନ କହିଛନ୍ତୀ। ମ୍ୟାଚରେ ଉନ୍ନତମାନର ଡ୍ୟୁକ ବଲ ବ୍ୟବହାର ଆବଶ୍ୟକ ବୋଲି ନାସିର ହୁସେନ କହିଛନ୍ତି। ଅନ୍ୟପକ୍ଷରେ ଗିଲ୍ ଓ ଆର୍ଚରଙ୍କ ବଲକୁ ନେଇ ଅଭିଯୋଗ ପରେ ଡ୍ୟୁକ ବଲର ମାନକୁ ନେଇ ପ୍ରଶ୍ନ ଉଠିଛି।

# ଟେଷ୍ଟ କ୍ରିକେଟ୍ : ପ୍ରଥମ ଇନିଂସରେ ୯ଥର ସମାନ ସ୍କୋର



ଲଣ୍ଡନ: ଟେଷ୍ଟ କ୍ରିକେଟରେ ପ୍ରଥମ ଇନିଂସରେ ୯ଥର ସମାନ ସ୍କୋର ହୋଇଛି। ଲର୍ଡସରେ ଖେଳା ଯାଉଥିବା ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟରେ ଉଭୟ ଟିମ ପ୍ରଥମ ଇନିଂସରେ ସମାନ ସ୍କୋର କରିଛନ୍ତି। ଭାରତର ପ୍ରଥମ ଇନିଂସ ସ୍କୋର ୩୮୭ ରନ ଜବାବରେ ଇଂଲଣ୍ଡ ସମାନ ସ୍କୋର କରି ଅଲଆଉଟ ହୋଇ ଯାଇଥିଲା। ୧୯୧୦ରେ ଡର୍ବାନରେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ଖେଳା ଯାଇଥିବା ଟେଷ୍ଟ ମ୍ୟାଚରେ ଉଭୟ ଟିମ ୧୯୯ ରନ କରିଥିଲେ। ଏହା ପରେ ୧୯୫୮ରେ ଭାରତ ଓ ୱେଷ୍ଟଇଣ୍ଡିଜ କାନପୁରରେ ୨୨୨ ରନ କରିଥିଲେ। ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ୧୯୭୩ରେ ଅକଲାଣ୍ଡରେ ୪୦୨ ରନ କରିଥିଲେ। ସେହି ବର୍ଷ ୱେଷ୍ଟଇଣ୍ଡିଜ ଓ ଅଷ୍ଟ୍ରେଲିଆ ମଧ୍ୟରେ କିଙ୍ଗଷ୍ଟନରେ ଖେଳାଯାଇଥିବା ମୁକାବିଲାରେ ଦୁଇଟି ଯାକ ଟିମ ୪୨୮ ରନର ସମାନ ସ୍କୋର କରିଥିଲେ। ୧୯୮୬ରେ ବର୍ମିଂହାମରେ ଭାରତ ଓ ଇଂଲଣ୍ଡ ପ୍ରଥମ ଇନିଂସରେ ୩୯୦ ରନ କରିଥିଲେ। ୧୯୯୪ରେ ସେଂଟ ଜୋନ୍ସରେ ଖେଳା ଯାଇଥିବା ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ମ୍ୟାଚରେ ଉଭୟ ଟିମ ୫୯୩ ଲେଖାଏଁ ରନ ପ୍ରଥମ ଇନିଂସରେ ସଂଗ୍ରହ କରିଥିଲେ। ୨୦୦୩ରେ ୱେଷ୍ଟଇଣ୍ଡିଜ ଓ ଅଷ୍ଟ୍ରେଲିଆ ସେଂଟ ଜୋନ୍ସରେ ୨୪୦, ୨୦୧୫ରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଲୀଡ୍ସରେ ୩୫୦ ଓ ଏବେ ଭାରତ-ଇଂଲଣ୍ଡ ଲର୍ଡସରେ ୩୮୭ ଲେଖାଏଁ ରନ ସଂଗ୍ରହ କରିଛନ୍ତି।

## ଶ୍ରଦ୍ଧାଞ୍ଜଳିଙ୍କୁ ବଡ ଉପଲବ୍ଧି ମିଳିଲା ଏଏଫ୍‌ସି 'ଏ' ଲାଇସେନ୍ସ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ନିଜ ପ୍ରଶିକ୍ଷଣ ଜୀବନର ବଡ଼ ଉପଲବ୍ଧି ପାଇଛନ୍ତି। ପ୍ରଥମ ଓଡ଼ିଆ ମହିଳା ଭାବେ ଏଏଫ୍ ?ସି 'ଏ' ଲାଇସେନ୍ସ ପାଇଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ ଏବଂ 'ଫାଓ' ଏହି ଖବର ଜଣାଇବା ପରେ ରାଜ୍ୟ ଫୁଟ୍‌ବଲ୍ ଦୁନିଆରେ ଖୁସିର ଲହରି ଖେଳିଯାଇଛି। ଏଥିସହ ଶ୍ରଦ୍ଧାଞ୍ଜଳି ଜାତୀୟ ବରିଷ୍ଠ ଦଳର ପ୍ରଶିକ୍ଷକ ହେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜଣେ ଅଗ୍ରଣୀ



ଫରୱାର୍ଡ ଖେଳାଳି ଭାବେ ଶ୍ରଦ୍ଧାଞ୍ଜଳି ବିଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲାଣି ଏଆଇଏଫ୍‌ଏଫ୍‌ର ଚୟନକର୍ତ୍ତା, ପ୍ରଶିକ୍ଷକ ଭାବେ ବିଭିନ୍ନ ଭୂମିକାରେ ରହି ଅର୍ଜନ କରିଥିବା ଅଭିଜ୍ଞତା ତାଙ୍କୁ ଏବେ ଉଚ୍ଚ ସ୍ତରକୁ ନେଇଛି। ପୂର୍ବରୁ କେବଳ ଦୁଇ ଜଣ ଓଡ଼ିଆ ଏଏଫ୍‌ସି 'ଏ' ଲାଇସେନ୍ସ ପାଇବାର ଗୌରବ ରଖିଥିଲେ ମଧ୍ୟ ଉଭୟ ପୁରୁଷ ବର୍ଗର ଥିଲେ। ସେମାନେ ହେଲେ ଶୁଭେନ୍ଦୁ କୁମାର ପଣ୍ଡା ଓ ଅକ୍ଷୟ ଦାସ। ଶୁଭେନ୍ଦୁ କିନ୍ତୁ ଆଉ ଗୋଟିଏ ପାଦ ଆଗକୁ ବଢ଼ି ଏବେ ପ୍ରୋ ଲାଇସେନ୍ସ ହାସଲ କରିସାରିଛନ୍ତି। ସୂଚନାଯୋଗ୍ୟ, ୨୦୦୫ ମସିହାରେ ଶ୍ରଦ୍ଧାଞ୍ଜଳି ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ଅଧିନାୟକ ନିଯୁକ୍ତ ହୋଇ ଓଡ଼ିଶା କ୍ରୀଡ଼ାରେ ନୂଆ ଫର୍ଦ ଯୋଡ଼ିଥିଲେ। ଅବସର ପରେ ବି ଏହି ନାଲ୍‌କୋ ଅଧିକାରୀ ଫୁଟ୍‌ବଲ୍ ସହ ଜଡ଼ିତ ରହି ପ୍ରଶିକ୍ଷଣ ଓ ଚୟନକର୍ତ୍ତା ଆଦି ଭୂମିକା ତୁଲାଇ ଆସୁଛନ୍ତି। ଏହି ସଫଳତା ଲାଗି ଶ୍ରଦ୍ଧାଞ୍ଜଳିଙ୍କୁ 'ଫାଓ' ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

## ହ୍ୟାରୀ ବ୍ରୁକଙ୍କୁ ସମାଲୋଚନା କଲେ ସାଙ୍ଗାକାର



ଇଂଲଣ୍ଡ: ଇଂଲଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟ ମ୍ୟାଚର ଚତୁର୍ଥ ଦିବସରେ ଇଂଲଣ୍ଡ ବ୍ୟାଟର ହ୍ୟାରୀ ବ୍ରୁକଙ୍କ ବିଫଳତାକୁ ନେଇ ଶ୍ରୀଲଙ୍କାର ପୂର୍ବତନ କ୍ରିକେଟର କୁମାର ସାଙ୍ଗାକାରା ତୀବ୍ର ସମାଲୋଚନା କରିଛନ୍ତି। ଲର୍ଡ଼ସ ପିଚ୍‌ରେ ବ୍ରୁକ ଭାରତୀୟ ପେସର ଆକାଶ ଦୀପଙ୍କ ବିପକ୍ଷରେ ଦୁଇଟି ଚୌକା ଓ ଗୋଟିଏ ଛକା ମାରି ଦମଦାର ବ୍ୟାଟିଂ କରୁଥିବା ଦେଖାଯାଉଥିଲା। କିନ୍ତୁ ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ମାତ୍ର ୧୫ ମିନିଟ୍ ବାକି ଥିବାବେଳେ ସେ ଏକ ଅବିଚାରିତ ସଟ୍ ଖେଳି ଆକାଶ ଦୀପଙ୍କ ବଲରେ ବୋଲ୍ଡ ହୋଇଥିଲେ। ପେସରଙ୍କ ବିପକ୍ଷେ ସୁଇପ୍ ସଟ୍ ଖେଳିବାକୁ ଯାଇ ବ୍ରୁକ ନିଜର ମିଡ଼ଲ ଷ୍ଟମ୍ପ ହରାଇଥିଲେ। ଏହି ଘଟଣା ଉପରେ କମେଣ୍ଟ୍ରୀ କରୁଥିବା ସାଙ୍ଗାକାରା ବ୍ରୁକଙ୍କ ଏହି ଆକ୍ରମଣାତ୍ମକ ପନ୍ଥାକୁ ନେଇ କହିଛନ୍ତି, ଏହା ବାଜବଲ ନୁହେଁ, କେବଳ ଅହଂକାର। ସେ ବ୍ରୁକଙ୍କ ଏହି ଅବିଚାରିତ ସଟ୍‌କୁ 'ଅହଂକାର' ବୋଲି ଅଭିହିତ କରି ଏହା ଇଂଲଣ୍ଡର ଆକ୍ରମଣାତ୍ମକ 'ବାଜବଲ' ଶୈଳୀରୁ ଭିନ୍ନ ବୋଲି ମନ୍ତବ୍ୟ ଦେଇଛନ୍ତି।

## ତୃତୀୟ ମୟୂରଭଞ୍ଜ ପେନ୍‌ଚାକ ସିଲେଟ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ତୃତୀୟ ମୟୂରଭଞ୍ଜ ପେନଚାକ ସିଲେଟ ଚମ୍ପିୟାନସିପ ପ୍ରତିଯୋଗିତା ରବିବାର ଦିନ କରଞ୍ଜିଆ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର କୋଚ୍ ଆଶିଷ ରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପାଞ୍ଚପିଢ଼ ଉପଖଣ୍ଡ ପୋଲିସ ଅଧିକାରୀ ନବ କ୍ରିଷ୍ଣ ନାଏକ, କେନ୍ଦୁଝର ଜିଲ୍ଲା ବିଜେପିର ପୂର୍ବତନ ସଭାପତି ଅଂଶୁମାନ ସବୁଜ ବର୍ମା, ବରିଷ୍ଠ କ୍ରୀଡାବିତ ଗୌରୀ ଶଙ୍କର ସିନା ଓ ଦିବ୍ୟ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହିତ କରଞ୍ଜିଆ କରାଟେ ଏକାଡେମୀର ପିଲାମାନେ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗନେଇ ମେଡାଲ ଜିତି ଗୌରବ ଅର୍ଜନ କରିଥିବାରୁ କୋଚ୍ ଆଶିଷ ରଞ୍ଜନ ମହାନ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ପ୍ରତ୍ୟେକ୍ ବ୍ଲକରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ପ୍ରତିଯୋଗିତାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ନାରୀ ନେତ୍ରୀ ନମିତା ଘଣ୍ଟିଆଲି ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ଆଶିଷ ରଞ୍ଜନ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।



# ଗିଲ୍‌ଙ୍କୁ ମିଚେଲ୍ ଷ୍ଟାର୍କଙ୍କ ଭୟ



ନୂଆଦିଲ୍ଲୀ: ଇଂଲଣ୍ଡରେ ଗିଲ ଚମତ୍କାର ଫର୍ମରେ ଅଛନ୍ତି। ସେ ମାତ୍ର ୪ ଇନିଂସରେ ୫୮୫ ରନ କରିଛନ୍ତି। ଏହାକୁ ନେଇ ବୋଲରମାନେ ତାଙ୍କୁ ବୋଲିଂ କରିବାକୁ ଭୟ କରୁଛନ୍ତି। ପରିସ୍ଥିତି ଏଭଳି ଯେ ତାଙ୍କ ବିସ୍ଫୋରକ ବ୍ୟାଟିଂର ଚର୍ଚ୍ଚା ଅଷ୍ଟ୍ରେଲିଆରେ ପହଞ୍ଚିଛି। ଗିଲଙ୍କ ବ୍ୟାଟିଂ ଦେଖି ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବୋଲର ମିଚେଲ ଷ୍ଟାର୍କ ପ୍ରତିକ୍ରିୟା ଦେଇଛନ୍ତି। ସେ ସେଠାକାର ପିଚ୍ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଭାରତ ଏବଂ ଇଂଲଣ୍ଡ ଟେଷ୍ଟ ସିରିଜ ସମୟରେ ବ୍ୟାଟିଂ ପାଇଁ ସହଜ ପିଚ୍ ଉପରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ସେ 'ଏକଦମ ଫ୍ଲାଟ୍ ପିଚ୍'ରେ ଶୁଭମନ ଗିଲଙ୍କ ଭଳି ଫର୍ମରେ ଥିବା ବ୍ୟାଟ୍ସମ୍ୟାନଙ୍କୁ ବୋଲିଂ କରିବାକୁ ପସନ୍ଦ କରିବେ ନାହିଁ। ଷ୍ଟାର୍କ 'ୱିଲିୟମ ଟକ୍ ପଡକାଷ୍ଟ'ରେ କହିଛନ୍ତି, ମୁଁ ଇଂଲଣ୍ଡରେ ଗିଲଙ୍କୁ ବୋଲିଂ କରିବି ନାହିଁ। ମୁଁ ସେଠାରେ ବହୁତ ମ୍ୟାଚ ଦେଖିନାହିଁ କିନ୍ତୁ ମୁଁ ସ୍କୋରକାର୍ଡ ଦେଖିଛି। ଇଂଲଣ୍ଡରେ ଏପରି ପିଚ ବୋଲରମାନଙ୍କ ପାଇଁ ବହୁତ ଚ୍ୟାଲେଞ୍ଜିଂ। ରୋହିତ ଶର୍ମାଙ୍କ ସ୍ଥାନରେ ଭାରତୀୟ ଟେଷ୍ଟ ଅଧିନାୟକ ହୋଇଥିବା ଗିଲ ବର୍ମିଂହାମ ଟେଷ୍ଟରେ ୨୬୯ ଏବଂ ୧୬୧ ରନ କରି ଭାରତକୁ ବଡ଼ ବିଜୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ପୂର୍ବରୁ ଲିଡ୍ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଏକ ଶତକ ହାସଲ କରିଥିଲେ।

## ସ୍ପୋର୍ଟସ କୋର୍ଟ ଓ କ୍ରିକେଟ ପିଚ୍ ଉଦ୍‌ଘାଟିତ

ଝାରସୁଗୁଡା (ଭାସ୍କର ନ୍ୟୁଜ୍) : ଏପସିଲନ କାର୍ବନ ପ୍ରାଇଭେଟ ଲିମିଟେଡର ସିଏସଆର ଶାଖା, ଏପସିଲନ ଫାଉଣ୍ଡେଶନ ଓଡିଶାର ବେରୁଣପଦି ଅଂଚଳରେ ଅବହେଳିତ ପିଲାମାନଙ୍କୁ ସେବା ଯୋଗାଉଥିବା ଏକ ଅଣଲାଭକାରୀ ଦାତବ୍ୟ ବିଦ୍ୟାଳୟ ଉତ୍କଳ ଗୌରବ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏକ ନବନିର୍ମିତ ସ୍ପୋର୍ଟସ କୋର୍ଟ ଓ କ୍ରିକେଟ ପିଚ୍‌ର ଉଦ୍‌ଘାଟନ କରାଯାଇଛି। ଏହି କ୍ରୀଡା କମ୍ପ୍ଲେକ୍ସ ଭିତ୍ତିଭୂମି ୩୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ସହ କ୍ରିକେଟ, ହକି ଓ ତୀରନ୍ଦାଜୀ କ୍ରୀଡା କ୍ଷେତ୍ରରେ ଢାଂଚାଗତ ପ୍ରଶିକ୍ଷଣ ପାଇଁ ସୁବିଧା ପ୍ରଦାନ କରିବା ଲାଗି ପ୍ରସ୍ତୁତ ରହିଛି। ଶୃଙ୍ଖଳା, ଦଳଗତ କାର୍ଯ୍ୟ ଓ କ୍ରୀଡା ମନୋଭାବର ମୂଲ୍ୟକୁ ପ୍ରୋତ୍ସାହିତ କରି ଯୁବ କ୍ରୀଡା ପ୍ରତିଭାମାନଙ୍କୁ ବିକଶିତ କରିବା ପାଇଁ ଏହି ଭିତିଭୂମିକୁ ପରିକଳ୍ପନା କରାଯାଇଛି। ଏହି ସ୍ପୋର୍ଟସ କମ୍ପ୍ଲେକ୍ସର ଉଦ୍‌ଘାଟନ ସମାରୋହରେ ୭୦ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ସମାରୋହରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ, ଆକର୍ଷଣୀୟ କାର୍ଯ୍ୟକଳାପ ଏବଂ ବିଦ୍ୟାଳୟର ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ସାର୍ଥକ ଆଲୋଚନା ଆଦି ଅନ୍ତର୍ଭୁକ୍ତ ଥିଲା। ଏହି ଅବସରରେ ଏପ୍‌ସିଲନ ଫାଉଣ୍ଡେଶନର ନିର୍ଦ୍ଦେଶକ ବିକ୍ରମ ହାଣ୍ଡା କହିଛନ୍ତି, 'ଗ୍ରାମାଞ୍ଚଳ କ୍ରୀଡା ଭିତିଭୂମି କ୍ଷେତ୍ରରେ ନିବେଶ କରି ଆମେ ପିଲାମାନଙ୍କୁ ଜୀବନ କୌଶଳ, ନେତୃତ୍ୱ ଗୁଣବତା ଓ ଏକ ସୁସ୍ଥ ଭବିଷ୍ୟତ ପାଇଁ ମାର୍ଗ ପ୍ରଦାନ କରି ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଆମେ ଆଶା କରୁଛୁ, ଏହି ସ୍ପୋର୍ଟସ କମ୍ପ୍ଲେକ୍ସ ଅଂଚଳର ଯୁବ ପ୍ରତିଭାମାନଙ୍କ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳ ହେବା ଲାଗି ଏକ ଲଂଚ୍‌ପ୍ୟାଡରେ ପରିଣତ ହେବ ଏବଂ ସକ୍ରିୟ ଓ ସୁସ୍ଥ ଜୀବନଶୈଳୀର ଏକ ସଂସ୍କୃତିକ ଅନୁପ୍ରାଣିତ କରିବ।' ଏହି ପଦକ୍ଷେପ ଗ୍ରାମାଂଚଳ ଭାରତରେ କ୍ରୀଡା ଭିତିଭୂମିକୁ ଉନ୍ନତ କରିବା ପାଇଁ ଏପ୍‌ସିଲନ ଫାଉଣ୍ଡେଶନର ବିସ୍ତୃତ ଲକ୍ଷ୍ୟର ଅଂଶ ଅଟେ, ଯାହା ଅବହେଳିତ ସମୁଦାୟର ପିଲାମାନେ ଯେପରି ଦୀର୍ଘାବଧି ବିକାଶ ପାଇଁ ଗୁଣାତ୍ମକ ଭୌତିକ ଶିକ୍ଷା ଓ ସୁଯୋଗ ପାଇପାରିବେ ତାହା ନିଶ୍ଚିତ କରୁଛି।





ବର୍ଷା ଋତୁ ଆସିଲେ ବଜାରରେ ବିଭିନ୍ନ ପ୍ରକାରର ସତେଜ ପନିପରିବା ଦେଖାଯାଏ, କିନ୍ତୁ ଏହି ସମୟରେ ଖାଦ୍ୟପେୟ ପ୍ରତି ଅଧିକ ସତର୍କତା ଆବଶ୍ୟକ। ବାଇଗଣ ଖାଇବା ନେଇ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଛି – ଏହା କ'ଣ ବର୍ଷାରେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଫେବୃଆରୀରୁ ଅକ୍ଟୋବର ପର୍ଯ୍ୟନ୍ତ ମିଳୁଥିବା ବେଗୁଣ ଭିଟାମିନ୍, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର, କିନ୍ତୁ ବର୍ଷାରେ ଏହାର ତାସିର ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଉପରେ ଏହାର ପ୍ରଭାବ ଭିନ୍ନ ହୋଇପାରେ। ଏହି ବିଷୟରେ ବିଶେଷଜ୍ଞଙ୍କ ମତ ଜାଣିବା ଜରୁରୀ। ଡାକ୍ତର ପ୍ରହ୍ଲାଦ ପ୍ରସାଦଙ୍କ ମତରେ, ବାଇଗଣ ଏକ ଗରମ ତାସିର ବିଶିଷ୍ଟ ଶାକ ଏବଂ ବର୍ଷା ଋତୁରେ ମାନବ ଶରୀରର ପାଚନ ତନ୍ତ୍ର ଦୁର୍ବଳ ହୋଇଥାଏ। ଏପରି ସ୍ଥିତିରେ ବାଇଗଣ ଭଳି ଗରମ ଏବଂ ଗ୍ୟାସ ଉତ୍ପନ୍ନ କରୁଥିବା ଶାକ ଖାଇବା ଦ୍ୱାରା ଶରୀରରେ ଜଳାପୋଡ଼ା, ଏସିଡିଟି ଏବଂ ଚର୍ମ ଆଲର୍ଜି ଭଳି ସମସ୍ୟା ବୃଦ୍ଧି ପାଇପାରେ। ଆଲର୍ଜି ଯଦି ଆପଣଙ୍କୁ ଚର୍ମ ଆଲର୍ଜି, ଏକଜିମା କିମ୍ବା ଚର୍ମରେ ଖଜୁଣି ସମସ୍ୟା ଅଛି, ତେବେ ବର୍ଷାରେ ବାଇଗଣ ଖାଇବା ଏଡ଼ାନ୍ତୁ। ବାଇଗଣରେ ଥିବା 'ସୋଲାନିନ' ନାମକ ରାସାୟନିକ ତତ୍ତ୍ୱ ପେଟରେ ଗ୍ୟାସ ଏବଂ ଜଳାପୋଡ଼ା ବୃଦ୍ଧି କରିପାରେ। ଆୟୁର୍ବେଦ ଅନୁଯାୟୀ, ବାଇଗଣ ଗର୍ଭାଶୟକୁ ଉତ୍ତେଜିତ କରିପାରେ, ତେଣୁ ଗର୍ଭାବସ୍ଥାରେ ଏହାକୁ ଖାଇବା ପୂର୍ବରୁ ସତର୍କତା ଅବଲମ୍ବନ କରନ୍ତୁ।



## ପ୍ରଥମ ଥର ପାଇଁ ଶ୍ରାବଣ ସୋମବାର କରୁଛନ୍ତି କି?

## ଜାଣନ୍ତୁ ନିୟମ..

*ଭଗବାନ ଭୋଲେନାଥଙ୍କ ପ୍ରିୟ ମାସ ହେଉଛି ଶ୍ରାବଣ ମାସ । ଯଦି କେହି ଏହି ମାସରେ ପ୍ରଥମ ଥର ପାଇଁ ଶ୍ରାବଣ ସୋମବାର ଉପବାସ ରଖିବା ଆରମ୍ଭ କରୁଛନ୍ତି, ତେବେ ଏହି ନିୟମଗୁଡ଼ିକର ବିଶେଷ ଧ୍ୟାନ ଦିଅନ୍ତୁ...*

■ ଉପବାସ ଆରମ୍ଭ କରିବା ପୂର୍ବରୁ, ଉପବାସ ପାଇଁ ପ୍ରତିଜ୍ଞା କରନ୍ତୁ। ସକାଳେ ସ୍ନାନ କରି ସଫା ପୋଷାକ ପିନ୍ଧିବା ପରେ, ମନରେ ଭୋଲେନାଥଙ୍କୁ ସ୍ମରଣ କରି ଏକ ପ୍ରତିଜ୍ଞା କରନ୍ତୁ, ଓମ୍ ନମଃ ଶିବାୟ ସହିତ ଆପଣଙ୍କ ଦିନ ଆରମ୍ଭ କରନ୍ତୁ ଏବଂ ଉପବାସ ପାଇଁ ପ୍ରତିଜ୍ଞା କରନ୍ତୁ।

■ ଯେଉଁଦିନ ଆପଣ ଉପବାସ ପାଳନ କରିବେ, ସେହି ଦିନ ସଫାସୁତୁରା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଆପଣଙ୍କ ଘରେ ପୂଜାସ୍ଥଳ ସଫା ରଖନ୍ତୁ, ସମସ୍ତ ମୂର୍ତ୍ତିକୁ ସଫା କରନ୍ତୁ । ସଫାସୁତୁରା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।



### ମନକୁ ପବିତ୍ର ରଖନ୍ତୁ

ଯଦି ଆପଣ ଶ୍ରାବଣ ମାସରେ ସୋମବାର ଦିନ ଉପବାସ କରୁଛନ୍ତି, ତେବେ ଆପଣଙ୍କ ମନକୁ ପବିତ୍ର ରଖନ୍ତୁ। କାହା ସହିତ ଝଗଡ଼ା କରନ୍ତୁ ନାହିଁ, କାହାକୁ କଟୁ କଥା କୁହନ୍ତୁ ନାହିଁ। ଉପବାସ ଦିନ ଶରୀର ଏବଂ ମନର ପବିତ୍ରତା ଆବଶ୍ୟକ । ଏହା ସହିତ, ମିଛ କୁହନ୍ତୁ ନାହିଁ ଏବଂ ମାଂସ ଏବଂ ମଦ୍ୟପାନରୁ ଦୂରେଇ ରୁହନ୍ତୁ ।

### ଫଳ ଖାଆନ୍ତୁ

ସମୟରେ, ଆପଣ ସାରା ଦିନ ଫଳ, କ୍ଷୀର ଏବଂ ପାଣି ସେବନ କରିପାରିବେ। କିଛି ଲୋକ ପାଣି ବିନା ଯାଆନ୍ତି କିମ୍ବା ଦିନରେ ଥରେ ଫଳ ଖାଆନ୍ତି । ଉପବାସ ସମୟରେ ଶସ୍ୟ ଏବଂ ଲୁଣ ନ ଖାଇବାର ମଧ୍ୟ ନିୟମ ଅଛି ।

### ପୂଜାର ନିୟମ

ଶ୍ରାବଣ ସୋମବାର ଉପବାସ ଦିନ, ଘରେ ଯେକୌଣସି ସମୟରେ ସକାଳ କିମ୍ବା ସନ୍ଧ୍ୟାରେ ଶିବଲିଙ୍ଗ କିମ୍ବା ଶିବ ପ୍ରତିମା ପୂଜା କରନ୍ତୁ । ଗଙ୍ଗାଜଳ ସହିତ ଶିବଲିଙ୍ଗର ଅଭିଷେକ ପ୍ରଦର୍ଶନ କରନ୍ତୁ । କ୍ଷୀର, କଦଳୀ, ଘି, ମହୁ, ଚିନି ସହିତ ପଞ୍ଚାମୃତ୍ ପ୍ରସ୍ତୁତ କରନ୍ତୁ ଏବଂ ଅଭିଷେକ କରନ୍ତୁ । ଏଥି ସହ ବେଲପତ୍ର, ଧତୁରା, ଆକ୍, ଅକ୍ଷତ, ଚନ୍ଦନ, ଭାସ, ଫୁଲ ଇତ୍ୟାଦି ଅର୍ପଣ କରନ୍ତୁ ।

### ବ୍ରତ କଥା


ଏଥି ସହ ଆପଣ ଜାଣିରଖନ୍ତୁ ଯେ, ଯଦି ଆପଣ ଶ୍ରାବଣ ସୋମବାରରେ ଉପବାସ ରଖନ୍ତି, ତେବେ ଆପଣଙ୍କୁ ଏହି ଦିନ କାହାଣୀ ପଢିବାକୁ ପଡିବ । ବ୍ରତ କଥା ଶୁଣନ୍ତୁ କିମ୍ବା ପଢନ୍ତୁ । ଏହା ଉପବାସ ସମାପ୍ତ କରେ ।

## ଆରପାରିରେ ସାଉଥ୍ ଷ୍ଟାର କୋଟା ଶ୍ରୀନିବାସ



### ୭୫୦ରୁ ଅଧିକ ଚଳଚ୍ଚିତ୍ରରେ କରିଛନ୍ତି ଅଭିନୟ

ସାଉଥ ସିନେମାର ଜଣେ କିମ୍ବଦନ୍ତୀ ଷ୍ଟାର କୋଟା ଶ୍ରୀନିବାସ ରାଓଙ୍କ ଦେହାନ୍ତ ହୋଇଛି । ତାଙ୍କର ଦମଦାର ଓ ଚମତ୍କାର ଅଭିନୟ ସହିତ ଅନେକ ଦଶନ୍ଧି ଧରି ଦର୍ଶକଙ୍କ ହୃଦୟରେ ସେ ରାଜ କରିଥିଲେ । ଏହି ଅଭିନେତାଙ୍କ ଦେହାନ୍ତ୮୩ ବର୍ଷ ବୟସରେ ହୋଇଛି । ଯାହା ସମଗ୍ର ଏଣ୍ଟରଟେନମେଣ୍ଟ ଜଗତରେ ଶୋକର ଛାୟା ଖେଳିଯାଇଛି । ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଟ୍ୱିଟ୍ କରି ଅଭିନେତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ଏବଂ ଏହାକୁ ସିନେମା ଶିଳ୍ପ ପାଇଁ ଏକ ବିରାଟ କ୍ଷତି ବୋଲି କହିଛନ୍ତି । ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଅଭିନେତା କୋଟା ଶ୍ରୀନିବାସଙ୍କ ମୃତ୍ୟୁରେ ତାଙ୍କ ଏକ୍ସ ଆକାଉଣ୍ଟରେ ଟ୍ୱିଟ୍ କରିଛନ୍ତି। ସେ ଲେଖିଛନ୍ତି, 'ପ୍ରସିଦ୍ଧ ଅଭିନେତା କୋଟା ଶ୍ରୀନିବାସ ରାଓଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖିତ । ଜଣେ ଖଳନାୟକ କଳାକାର ଭାବରେ ତାଙ୍କ ଦ୍ୱାରା ଅଭିନୀତ ଅଗଣିତ ସ୍ମରଣୀୟ ଭୂମିକା ସବୁଦିନ ପାଇଁ ତେଲୁଗୁ ଦର୍ଶକଙ୍କ ହୃଦୟରେ ଲିପିବଦ୍ଧ ହୋଇ ରହିବ। ତାଙ୍କ ମୃତ୍ୟୁ ତେଲୁଗୁ ଚଳଚ୍ଚିତ୍ର ଶିଳ୍ପ ପାଇଁ ଏକ ଅପୂରଣୀୟ କ୍ଷତି । ୧୯୯୯ ମସିହାରେ, ସେ ବିଜୟୱାଡାରୁ ବିଧାୟକ ଭାବରେ ଜିତି ଜନସାଧାରଣଙ୍କ ସେବା କରିଥିଲେ । ମୁଁ ତାଙ୍କ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି । ଅଭିନେତା କୋଟା ଶ୍ରୀନିବାସ ରାଓଙ୍କ ଏକ ଫଟୋ ସମ୍ପ୍ରତି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯେଉଁଥିରେ ସେ ବହୁତ ଦୁର୍ବଳ ଦେଖାଯାଉଥିଲେ। ତାଙ୍କ ଅବସ୍ଥା ଦେଖି ତାଙ୍କ ପ୍ରଶଂସକମାନେ ବହୁତ ଚିନ୍ତିତ ହୋଇଯାଇଥିଲେ। ଏହି ଫଟୋରେ ସ୍ୱର୍ଗତ ଅଭିନେତାଙ୍କ ଗୋଟିଏ ଗୋଡରେ ବ୍ୟାଣ୍ଡେଜ୍ ଥିଲା ଏବଂ ଅନ୍ୟ ଗୋଡରେ ମଧ୍ୟ ଆଘାତ ଚିହ୍ନ ଥିଲା। ଏହା ତ । ଙ୍କ



ଅସୁସ୍ଥ ଅବସ୍ଥାକୁ ସୂଚାଉଥିଲା। କୋଟା ଶ୍ରୀନିବାସ ରାଓ ତେଲୁଗୁ ଚଳଚ୍ଚିତ୍ର ଜଗତର ଏକ ବଡ଼ ନାମ ଥିଲେ। ସେ ୧୯୭୮ ମସିହାରେ 'ପ୍ରଣମ ଖାରିଡୁ' ଚଳଚ୍ଚିତ୍ର ମାଧ୍ୟମରେ ଡେବ୍ୟୁ କରିଥିଲେ। ୪୦ ବର୍ଷରୁ ଅଧିକ ସମୟ ଧରି ତାଙ୍କ ଅଭିନୟ ଜୀବନରେ ସେ ୭୫୦ ରୁ ଅଧିକ ଚଳଚ୍ଚିତ୍ରରେ କାମ କରିଥିଲେ। ଏହି ଚଳଚ୍ଚିତ୍ରଗୁଡ଼ିକରେ ଖଳନାୟକ, ସହାୟକ ଅଭିନେତା ଏବଂ ହାସ୍ୟ ଅଭିନେତା ଭୂମିକା ପାଇଁ ତାଙ୍କୁ ୯ ଥର ନନ୍ଦୀ ପୁରସ୍କାର ମଧ୍ୟ ଦିଆଯାଇଥିଲା । ୨୦୧୫ ମସିହାରେ, ଏହି ଅଭିନେତାଙ୍କୁ ପଦ୍ମଶ୍ରୀ ପୁରସ୍କାର ଦିଆଯାଇଥିଲା । ତାଙ୍କର ପ୍ରମୁଖ ଚଳଚ୍ଚିତ୍ରଗୁଡ଼ିକ ଥିଲା 'ଦମ୍ମୁ', 'ସନ୍ ଅଫ୍ ସତ୍ୟମୂର୍ତ୍ତି' ଏବଂ 'ଡେଞ୍ଜରସ୍ ଖିଲାଡି'। ତେଲୁଗୁ ବ୍ୟତୀତ, ରାଓ ତାମିଲ, ହିନ୍ଦୀ, କନ୍ନଡ ଏବଂ ମାଲାୟଲମ ସିନେମାରେ ଅନେକ ଚଳଚ୍ଚିତ୍ର କରିଥିଲେ। ରାଓ ରାଜନୀତିରେ ମଧ୍ୟ କାର୍ଯ୍ୟ କରିଥିଲେ। ୧୯୯୯ ରୁ ୨୦୦୪ ପର୍ଯ୍ୟନ୍ତ ସେ ଆନ୍ଧ୍ର ପ୍ରଦେଶର ବିଜୟୱାଡା ପୂର୍ବରୁ ବିଧାୟକ ଥିଲେ ।

## ବିଗ୍‌ବସ୍‌ରେ ନଜର ଆସିବେ ଭାଇରାଲ ଗର୍ଲ ମୋନାଲିସା



ମହାକୁମ୍ଭ ମେଳାରେ ମାଳା ବିକ୍ରି କରିବାକୁ ଆସିଥିବା ମୋନାଲିସା ରାତାରାତି ସୋସିଆଲ ମିଡିଆ ଷ୍ଟାର ପାଲଟିଥିଲେ। ଏହି ସଫଳତା ପାଇଁ ଏବେ ସେ ବଲିଉଡରେ ମଧ୍ୟ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହା ପୂର୍ବରୁ ଉତ୍କର୍ଷ ସିଂହଙ୍କ ସହିତ ତାଙ୍କର ଏକ ମ୍ୟୁଜିକ୍ ଭିଡିଓ ମଧ୍ୟ ରିଲିଜ୍ ହୋଇଛି। ଏବେ ମୋନାଲିସା ସଲମାନ ଖାନଙ୍କ ସବୁଠାରୁ ଲୋକପ୍ରିୟ ସୋ' ବିଗ୍ ବସ୍ ଘରେ ପ୍ରବେଶ କରିବାକୁ ଚାହୁଁଛନ୍ତି। ଏକ ସାକ୍ଷାତକାରରେ ଯେତେବେଳେ ମୋନାଲିସାଙ୍କୁ ପଚରାଯାଇଥିଲା ଯେ, ସେ ବିଗ୍ ବସ୍ ଯିବାକୁ ଚାହାଁନ୍ତି କି ? ଉତ୍ତରରେ ସେ କହିଥିଲେ, 'ହଁ, ନିଶ୍ଚିତ ଭାବରେ ମୁଁ ଯିବାକୁ ଚାହିଁକି।' ତେବେ ଇଚ୍ଛା ଜାହିର୍ କରିଥିଲେ ବି ମୋନାଲିସାଙ୍କୁ ଏହି ସୋ'ର ଅଫର ମିଳିବ କି ନାହିଁ ତାହା ଦେଖିବାକୁ ବାକି ରହିଲା। ମୋନାଲିସାଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବ୍ୟବହାରକାରୀମାନେ ମୋନାଲିସାଙ୍କୁ ବିଗ୍ ବସ୍ ?ରେ ଦେଖିବା ପାଇଁ ଉତ୍ସାହିତ ଥିବା ମତ ରଖିଛନ୍ତି।

## ପେଟରୁ ବାହାରିଲା ମୋବାଇଲ





କେନ୍ଦ୍ରୀୟ କାରାଗାରରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ କଏଦୀ ଏକ ମୋବାଇଲ୍ ଫୋନ୍ ଗିଳି ଦେଇଥିଲେ, ଯାହାକୁ ଅସ୍ତ୍ରୋପଚାର ପରେ ତାଙ୍କ ପେଟରୁ ବାହାର କରାଯାଇଛି। କହିବାକୁ ଗଲେ ଅଭିଯୁକ୍ତ ଜଣକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଶିବମୋଗା କେନ୍ଦ୍ରୀୟ କାରାଗାରରେ ସଜା କାଟୁଛନ୍ତି। ପ୍ରକୃତରେ, କଏଦୀଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ଅନୁଯାୟୀ ଏକ ଫୌଜଦାରୀ ମାମଲା ରୁଜୁ କରାଯାଇଛି। ଦୋଷୀ ସାବ୍ୟସ୍ତ ୩୦ ବର୍ଷୀୟ ଦୌଲତ ଓରଫ ଗୁଣ୍ଡୁ ୧୦ ବର୍ଷ ଜେଲ୍ ଦଣ୍ଡ କାଟୁଛନ୍ତି। ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଶିବମୋଗା କେନ୍ଦ୍ରୀୟ କାରାଗାରରେ ସଜା କାଟୁଥିବା କଏଦୀ ଧରାପଡ଼ିବା ଭୟରେ ମୋବାଇଲ୍ ଫୋନ୍ ଗିଳି ଦେଇଥିଲେ। ଅନ୍ୟପକ୍ଷରେ, ୩୦ ବର୍ଷୀୟ କଏଦୀ ଦୌଲତ ଓରଫ ଗୁଣ୍ଡୁ ଜୁନ୍ ୨୪ ତାରିଖରେ ଜେଲ୍ କର୍ମଚାରୀଙ୍କ ନିକଟରେ ପେଟ ଯନ୍ତ୍ରଣା ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ସେ ଭୁଲବଶତଃ ପଥର ଖଣ୍ଡ ଗିଳି ଦେଇଥିଲେ। ଏହା ପରେ ତାଙ୍କୁ ମ୍ୟାକଗାନ୍ ହସ୍ପିଟାଲକୁ ନିଆଯାଇଥିଲା। ପରୀକ୍ଷା ସମୟରେ, ଡାକ୍ତରମାନେ ତାଙ୍କ ପେଟରେ ଏକ ଜିନିଷ ପାଇଲେ ଏବଂ ତୁରନ୍ତ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଲେ। ଅସ୍ତ୍ରୋପଚାର ସମୟରେ, ଡାକ୍ତରମାନେ ତାଙ୍କ ପେଟରୁ ଏକ ମୋବାଇଲ୍ ଫୋନ୍ ପାଇଲେ, ଯାହା ଏକ ଇଞ୍ଚ ଚଉଡା ଏବଂ ତିନି ଇଞ୍ଚ ଲମ୍ବା ଥିଲା। ଫୋନ୍‌କୁ ସଫଳତାର ସହ ବାହାର କରିବା ପରେ, ଡାକ୍ତରମାନେ ଏହାକୁ ଜେଲ୍ ପ୍ରଶାସନକୁ ହସ୍ତାନ୍ତର କରିଥିଲେ।



ପ୍ରିୟଙ୍କା ଚୋପ୍ରା ଆଜି ଜଣେ ବିଶ୍ୱସ୍ତରୀୟ ଆଇକନ୍ ପାଲଟିଛନ୍ତି। ସେ କେବଳ ବଲିଉଡରେ ନୁହେଁ ବରଂ ହଲିଉଡରେ ମଧ୍ୟ ତାଙ୍କର ଅଭିନୟ ଦକ୍ଷତା ପ୍ରମାଣିତ କରିଛନ୍ତି। ବଲିଉଡରୁ ଦୂରେଇ ଯିବା ପରେ ସେ ଅନେକ ହଲିଉଡ ଫିଲ୍ମ ଏବଂ ଧାରାବାହିକରେ ଅଭିନୟ କରିଥିଲେ। ସେଠାରେ ତାଙ୍କୁ ଖୁବ୍ ସଂଘର୍ଷ କରିବାକୁ ପଡ଼ିଥିବା ବେଳେ ଅ ?ାଜି ସେ ହଲିଉଡରେ ଏକ ଜଣାଶୁଣା ନାମ ପାଲଟିଛନ୍ତି। ଯଦି ଆମେ ତାଙ୍କ କ୍ୟାରିୟର କଥା କହିବା ତେବେ ସେ ମିସ୍ ୱାର୍ଲ୍ଡ ଟାଇଟଲ୍ ଜିତିବା ପରେ ଚଳଚ୍ଚିତ୍ରରେ ପ୍ରବେଶ କରିଥିଲେ। ତାଙ୍କର ପ୍ରଥମ ହିନ୍ଦୀ ଫିଲ୍ମ ଥିଲା ଅନିଲ ଶର୍ମାଙ୍କ 'ହିରୋ: ଦି ଲଭ୍ ଷ୍ଟୋରି ଅଫ୍ ଏ ସ୍ପାଏ'। ଏହି ଫିଲ୍ମରେ ପ୍ରିୟଙ୍କାଙ୍କୁ ସନି ଦେଓଲ ଏବଂ ପ୍ରୀତି ଜିଣ୍ଟାଙ୍କ ସହ ଦେଖିବାକୁ ମିଳିଥିଲା।

## ପ୍ରିୟଙ୍କା ପାରମ୍ପରିକ ଭାବେ ସୁନ୍ଦର ନଥିଲେ: ପ୍ରଯୋଜକ

ଏହା ପରେ ଅଭିନେତ୍ରୀଙ୍କୁ ଅକ୍ଷୟ କୁମାର ଏବଂ ଲାରା ଦତ୍ତାଙ୍କ ସହିତ ଫିଲ୍ମ 'ଅନ୍ଦାଜ୍'ରେ କାଷ୍ଟ କରାଯାଇଥିଲା। କିନ୍ତୁ, ତାଙ୍କ କ୍ୟାରିଅରର ପ୍ରାରମ୍ଭରେ ନାକ ସର୍ଜରୀ ଯୋଗୁଁ ପ୍ରିୟଙ୍କାଙ୍କ ନାକର ଆକାର ପରିବର୍ତ୍ତନ ହୋଇଥିଲା। ଡାକ୍ତର ଭୁଲବଶତଃ ତାଙ୍କ ନାକର ତଳ ଅଂଶ କାଟି ଦେଇଥିଲେ, ଯାହା ତାଙ୍କ ମୁହଁକୁ ବଦଳାଇ ଦେଇଥିଲା। ଏବେ 'ଅନ୍ଦାଜ୍'ର ପ୍ରଯୋଜକ ସୁନୀଲ ଦର୍ଶନ ଏକ ସାକ୍ଷାତକାରରେ କହିଛନ୍ତି ଯେ, ସେ ପ୍ରିୟଙ୍କାଙ୍କୁ ନାକ ସର୍ଜରୀ କରିବାକୁ କହିଥିଲେ। ତାଙ୍କ କହିବା ମୁତାବକ, 'ପ୍ରିୟଙ୍କା ପାରମ୍ପରିକ ଭାବରେ ସୁନ୍ଦର ନଥିଲେ। କିନ୍ତୁ ତାଙ୍କର ଏକ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଏବଂ ଏକ ଆକର୍ଷଣୀୟ ସ୍ୱର ଥିଲା। 'ଅନ୍ଦାଜ୍' ସେଟରେ ଅକ୍ଷୟ ଏବଂ ଲାରାଙ୍କ ଉପରେ ଅଧିକ ଧ୍ୟାନ ଦିଆଯାଉଥିଲେ ବି ସେ ସର୍ବଦା ତାଙ୍କ କ୍ଷମତା ଉପରେ ବିଶ୍ୱାସ କରୁଥିଲେ।'

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ପୁରୀ ବିଭାଗ ସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ଓ ବିଷୟ ସ୍ତର ପ୍ରମୁଖ କାର୍ଯ୍ୟ ଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଓଡିଶା ପୂର୍ବ ଭୁବନେଶ୍ୱରର ସମ୍ପାଗ ସଂଯୋଜକ ଶିରୀଶ କୁମାର ହାତୀ, ବିଭାଗ ପ୍ରମୁଖ ନୃସିଂହ ଚରଣ ମିଶ୍ର ଓ ପ୍ରାନ୍ତ ପରୀକ୍ଷା ପ୍ରମୁଖ ମନୋଜ କୁମାର ଦାଶ କାର୍ଯ୍ୟ ଶାଳାକୁ ଉଦଘାଟନ କରିଥିଲେ। ପୁରୀଜିଲ୍ଲାରେ ଭାରତୀ କୃଷ୍ଣ ଗଣିତ ପ୍ରତିଭା ଓ ପ୍ରାଦେଶିକ ମେଧା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ ଭାଇଭଉଣୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଭାଗରୁ ଆସିଥିବା ବିଷୟସ୍ତର ପ୍ରମୁଖମାନେ ଆଦର୍ଶ ଶିକ୍ଷାଦାନ କାଳାଂଶ ନେଇଥିଲେ। ବିଦ୍ୟାମନ୍ଦିରର ସଭାପତି ପ୍ରମୋଦ କିଶୋର ପୃଷ୍ଟି, ସମ୍ପାଦକ, ପ୍ରଭାରୀ ଖୁଣ୍ଟିଆ, କୋଷାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ଜେନାଙ୍କ ମାର୍ଗ ଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନାଚାର୍ଯ୍ୟ ତନ୍ମୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମିଳା ମହାରଣା, ଅନ୍ନଦା କୁମାର ବେହେରା ଗୀତାଞ୍ଜଳି ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ୱତନ୍ତ୍ରତା ବଜାୟ ରଖିବାକୁ ଦାବି




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ତରଫରୁ ସ୍ଥାନୀୟ ଶହୀଦ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମଞ୍ଚର ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ପାତ୍ର ପ୍ରାଥମିକ ସୂଚନା ପ୍ରଦାନ କରିବା ପରେ। କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ତଥା ଆବାହକ ଚକ୍ରଧର ସାହୁ ଲିଖିତ ବିବରଣୀ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବ୍ୟାଚ ଛାତ୍ର ତଥା କେନ୍ଦୁଝର ସିଟିଜେନ ଫୋରମ୍‌ର ଉପଦେଷ୍ଟା ଇଂଜିନିୟର ଲାଲମୋହନ ରାଉତ, ଡଃ ବିପିନ ବିହାରୀ ମହାପାତ୍ର, ଆଇନଜୀବୀ ଅଶୋକ ଦାସ, କଲେଜ ୟୁନିଅନର ପୂର୍ବତନ ସଭାପତି ଦିଲ୍ଲୀପ କୁମାର ସାହୁ, ସାମ୍ବାଦିକ ସତ୍ୟଜିତ ମିଶ୍ର, ସତ୍ୟ ଜିତ ସାମନ୍ତରାୟ, ଡଃ କ୍ଷୀରୋଦ ମିଶ୍ର, ଇଂଜିନିୟର ପ୍ରଶାନ୍ତ ଦଳେଇ, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ ପ୍ରମୁଖ ଜିଲ୍ଲାର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଧରଣୀଧର ମହାବିଦ୍ୟାଳୟର ସ୍ୱତନ୍ତ୍ରତା ବଜାୟ ରଖିବା ଓ ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ସୁଲେଇଖମାକୁ ସ୍ଥାନାନ୍ତରିତ କରିବାକୁ ସରକାର ତୁରନ୍ତ ପଦକ୍ଷେପ ନେବାପାଇଁ ଦାବି ଉପସ୍ଥାପନ କରିଥିଲେ। ଏହାକୁ କାର୍ଯ୍ୟକାରୀ ନକଲେ ନାଗରିକ ସମାଜ ଓ ବିଭିନ୍ନ ରାଜନୈତିକ ଦଳ ଓ ଛାତ୍ର ସଂଗଠନଙ୍କ ସହଯୋଗରେ ସୁରକ୍ଷା ମଞ୍ଚ ଜିଲ୍ଲା ବ୍ୟାପି ଆନ୍ଦୋଳନ ଆରମ୍ଭ କରିବ ବୋଲି ଚେତାବନୀ ଦେଇଥିଲେ। ଏଥିସହ ବର୍ତ୍ତମାନର କାର୍ଯ୍ୟରତ ବିଶ୍ୱବିଦ୍ୟାଳୟର ଓଏସଡି କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ ଆସନ୍ତା ଅଗଷ୍ଟ ୬ ତାରିଖରେ ଶେଷ ହେଉଥିବାରୁ ତାଙ୍କ କାର୍ଯ୍ୟକାଳ ନ ବଢାଇବାକୁ ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ତାଙ୍କ କାର୍ଯ୍ୟକାଳ ଭିତରେ ଆଞ୍ଚ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହେବା, କେନ୍ଦୁଝର ଜିଲ୍ଲାର ଅତିଥି ଅଧ୍ୟାପକମାନଙ୍କୁ ବହିଷ୍କାର କରି କଟକର ଏକ ନିର୍ଦ୍ଦିଷ୍ଟ କୋଚିଂ ସେଣ୍ଟରରେ ଅଧ୍ୟାପକମାନଙ୍କୁ ବିପୁଳ ଅର୍ଥ କାରବାର କରି ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେବା, ପୂର୍ବ ମରୁ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଦକ୍ଷ ଓଏସ ଅଫିସରଙ୍କ ସ୍ଥାନରେ ପ୍ରଶାସନିକ ନେନିୟମ କାମ କରିବା ପାଇଁ କଲେଜ ମର ଜଣେ କନିଷ୍ଠ ଅନଭିଜ୍ଞ ଅଧ୍ୟାପକଙ୍କୁ ରେଜିଷ୍ଟ୍ରାର ଭାବେ ନିଯୁକ୍ତି ଦେବା, ମର୍ଯ୍ୟାଦାକନକ ସିଣ୍ଡିକେଟରେ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାବିତମାନଙ୍କୁ ଅଣଦେଖା କରି ଜିଲ୍ଲା ଓ ରାଜ୍ୟ ବାହାରର ଶିକ୍ଷାବିତମାନଙ୍କୁ ମନୋନୀତ କରିବା, ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଚେୟାରମ୍ୟାନ ଭାବେ ବାରିପଦା ସ୍ଥିତ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ଅବସ୍ଥାପିତ ଜନୈକ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା, ଧରଣୀଧର କଲେଜର ବ୍ୟାଙ୍କ ଏକାଉଣ୍ଟର ସମସ୍ତ ଡିପୋଜିଟ ଟଙ୍କା ଉଠାଇ ଆଣି ୟୁନିଭରସିଟି ଏକାଉଣ୍ଟରେ ଜମା କରିବା, କଲେଜରେ ଓଡ଼ିଆ, ସଂସ୍କୃତ, ପଦାର୍ଥ ବିଜ୍ଞାନ, ଭୂତତ୍ତ୍ୱବିଭାଗର ମୁଷ୍ଟିମେୟ ଅଧ୍ୟାପକ ମାନଙ୍କୁ ନେଇ ଏକ ରାଜନୈତିକ ମାଫିଆ ଗୋଷ୍ଠୀ ଗଠନ କରି ଶୈକ୍ଷିକ ବାତାବରଣକୁ ନଷ୍ଟ କରିବା ଓ ଧରଣୀଧର କଲେଜକୁ ସମ୍ପୂର୍ଣ୍ଣ ଭାବେ ଲୋପ କରିବାପାଇଁ ଯୋଜନା ବଦ୍ଧ ଷଡଯନ୍ତ୍ର କରିବା ଓଏସଡି ମହାନ୍ତିଙ୍କୁ ବହିଷ୍କାର କରିବାକୁ ଦାବି କରାଯାଇଥିଲା। ସରକାର ଏହାର ତୁରନ୍ତ ସମାଧାନ ନକଲେ ଜିଲ୍ଲା ବ୍ୟାପି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

### ମୁକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ

## ସମ୍ବର୍ଦ୍ଧିତ ହେଲେ କ୍ରୀଡ଼ା ପ୍ରତିଭା ଓ ଗୁରୁ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ପୁରୀର ପ୍ରଥମ କୁସ୍ତି ଗୁରୁ ଭାବେ ପରିଚିତ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଉଦୀୟମାନ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ସେମାନଙ୍କୁ ସମ୍ବର୍ଦ୍ଧିତ କରିଆସୁଛି। ଚଳିତ ବର୍ଷ ଶନିବାର ସନ୍ଧ୍ୟାରେ ଜୟଦେବ ଭବନଠାରେ ଦଶମ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ଓ କ୍ରୀଡ଼ା ଗୁରୁ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଦେବୀ ସୁଭଦ୍ରାଙ୍କ ବାଡଗ୍ରାହୀ ରାମଦାସ ମହାପାତ୍ର ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଡ.ମୁରଲୀ ଶର୍ମା, ଓଡ଼ିଶା ଭାରତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷ ଉଷୁ ସାମରିକ କଳା ପାଇଁ ଯୁଗ୍ମ ଭାବେ ପାୟଲ ପଟ୍ଟନାୟକ ଓ ନୂପୁର ପଟ୍ଟନାୟକ, କୁସ୍ତିରେ ରୋହିତ ସାମଲ, ଫୁଟବଲ ପାଇଁ ଇପ୍ସିତା ରାଉତ, ବନ୍ଧୁକ ଚାଳନା ପାଇଁ କଣିକା ପ୍ରଧାନଙ୍କୁ କ୍ରୀଡ଼ା ପ୍ରତିଭା ସମ୍ମାନ ଓ ମୁକୁନ୍ଦ ବରାଳ ସ୍ମାରକୀ ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ଆଥଲେଟିକ ପାଇଁ ସମୀକ୍ଷା ସୁରଣିକାଙ୍କୁ ପ୍ରଦାନ କରାଯାଇଛି। ପ୍ରତି କ୍ରୀଡ଼ାବିତ୍‌ଙ୍କୁ ୧୦ହଜାର ଅର୍ଥ ରାଶି ସହ ପୁରୀରୁ ସ୍ୱତନ୍ତ୍ର ଭାବେ ଆସିଥିବା ଭୋଗ ପ୍ରଦାନ କରାଯାଇଥିଲା। ସେହିପରି କୁସ୍ତି ଗୁରୁ କସ୍ତୁରୀ ମହାସୁଆର, ଉଷୁ କ୍ରୀଡ଼ା ପାଇଁ ପୃଥ୍ୱୀରାଜ ହରିଚନ୍ଦନ, ଫୁଟବଲରେ ଉର୍ମିଳା କୁମାରୀ ଦାସ, ମିନି ଗଲଫ ପାଇଁ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସାମରିକ କଳା ପାଇଁ କାସୁଦେବ ସାହୁଙ୍କୁ କ୍ରୀଡ଼ା ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ବିଧୁଭୂଷଣ ନାୟକ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ମୁକୁନ୍ଦ ବରାଳଙ୍କ ସୁପୁତ୍ର ନବ କିଶୋର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତି, ଟ୍ରଷ୍ଟି କେବିଲ୍ୟ ବରାଳ, ଦିଲ୍ଲୀପ ଦାସ ଓ ନିର୍ମାଲ୍ୟ ବରାଳ ପ୍ରମୁଖ ପରିଚାଳନା କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ସୁର ତରଙ୍ଗ ପକ୍ଷରୁ ପ୍ରିୟ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ସ୍ମୃତି ଉଦେଶ୍ୟରେ ତାଙ୍କ ଅଭିନୀତ ଚଳଚ୍ଚିତ୍ର ସଙ୍ଗୀତକୁ କଳାକାର ମାନେ ପରିବେଷଣ କରିଥିଲେ।

### ତ୍ରିବେଣୀ ଘାଟରେ କାଉଡିଆଙ୍କ ପୂଜାର୍ଚ୍ଚନା



କଣାସ, (ଭାସ୍କର ନ୍ୟୁଜ୍): ଶ୍ରାବଣମାସର ପ୍ରଥମ ସୋମବାର ପାଇଁ କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା, ଲୁଣା, ଭାର୍ଗବୀନଦୀର ସଂଗମସ୍ଥଳ ବଡଗୋଠ ଠାରେ ତ୍ରିବେଣୀ ସଂଗମସ୍ଥଳରେ ପ୍ରଥମ ସୋମବାର ପାଇଁ କାଉଡିଆମାନେ ରବିବାର ପୂଜାର୍ଚ୍ଚନା କରିବା ସହିତ ପାଣିଭାର ଧରି ପୁରୀ ଲୋକନାଥ ଦେବ, ଓଲର ଇନ୍ଦିରଶ୍ୱର ଦେବ, ଗଡିଶ୍ୱର ଦେବ ଏବଂ ନିଜନିଜ ଗ୍ରାମରେ ଥିବା ଶୈବପୀଠକୁ କାଉଡିଆମାନେ ପାଣିଭାର ଧରି ଶିବାଙ୍କ ନାମ ଉଚ୍ଚାରଣ କରି ଲମ୍ୱାଧାଡିରେ ଯାଉଥିବା ଦେଖିବାକୁ ମିଳିଛି।

## ପାର୍ଶାଲିରେ କଂଗ୍ରେସ ପକ୍ଷରୁ ପଞ୍ଚାୟତ ସଭାପତି ଚୟନ

ରାୟଗଡା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଷାଲି ପଞ୍ଚାୟତରେ ମାର୍କେଟ ଛକ ଠାରେ କଂଗ୍ରେସ ଦଳର ପଞ୍ଚାୟତ ସଭାପତି ଚୟନ ନିମନ୍ତେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଏହି କାର୍ଯ୍ୟକ୍ରମରେ କଲ୍ୟାଣସିଂହପୁର ବ୍ଲକ କଂଗ୍ରେସର ସଭାପତି ଚିନ୍ତାଲୀ ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ସାଂସଦ ପ୍ରତିନିଧି କୁମାରସ୍ୱାମୀ କୌଶଲ୍ୟା, ବିଧାୟକ ପ୍ରତିନିଧି ପ୍ରଶାନ୍ତ ନନ୍ଦ କୌଶଲ୍ୟା, ନିୟମଗିରି ସୁରକ୍ଷା ସମିତିର ସଭାପତି ଲଦ ଶିକକା, ପୂର୍ବତନ ସରପଞ୍ଚ ବାମ କାଡାକା, ସମିତି ସଭ୍ୟ ବିକାଶ ବାଗ ସମେତ ପାର୍ସାଲି ପଞ୍ଚାୟତର କଂଗ୍ରେସ କର୍ମି ଉପସ୍ଥିତ ରହିଥିଲେ। ଏଥିରେ ଅଭିମନ୍ୟୁ ଭତ୍ରାଙ୍କୁ ପାର୍ଷାଲି ପଞ୍ଚାୟତର କଂଗ୍ରେସ ଦଳର ସଭାପତି, ଉପସଭାପତି ଟୁପା ସିକକା, ସୁବାରାଓ ଟାକିରୀ ସମ୍ପାଦକ ଓ ଗୋବିନ୍ଦ ବାଗକୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପଞ୍ଚାୟତର ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ।



## ପଳସୁଧା ମଜୁରେଇ ଢଳେଇ ରାସ୍ତା ଅବସ୍ଥା ଶୋଚନୀୟ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ୧୯୯୭ରୁ ୨୦୦୨ ମସିହାରେ ତତ୍କାଳୀନ ପଳାସୁଳ ସରପଞ୍ଚ ସୁଲୋଚନା ଦାସ ଶ୍ରେଷ୍ଠ ସରପଞ୍ଚ ଭାବେ ପୁରସ୍କୃତ ହେବା ପରେ ପଳସୁଧା ମଜୁରେଇ ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ଇତିମଧ୍ୟରେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ରାସ୍ତାର ମରାମତି ବା ନବୀକରଣ ନହେବାରୁ ଉକ୍ତ ଢଳେଇରାସ୍ତାଟି ଯାତାୟତ ପାଇଁ ଅନୁପଯୁକ୍ତ ହୋଇପଡିଛି। ସ୍ଥାନୀୟ ଜନସାଧାରଣଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା ୩୩୦/୨୫.୮.୨୦୨୩ ଅବଗତ କରାଯାଇଥିଲା ଯେ ଉକ୍ତ ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଯାଇଛି ଓ ସର୍ଭେ କାର୍ଯ୍ୟ ଶେଷ ହୋଇ ଯାଇଛି। ଉକ୍ତ ପତ୍ରରେ ଉଲ୍ଲେଖ ଥିଲା ଯେ ଗତ ୨୯ ଓ ୩୦ ଜୁନ୍‌ରେ ଜଗତସିଂହପୁର ଠାରେ ଭିକେ ପାଣ୍ଡିଆନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଅଭିଯୋଗ ଶିବିରରେ କବିତା ଗୁରୁ ବା ଅନ୍ୟମାନେ କରିଥିବା ଅଭିଯୋଗକୁ ବିଚାର କରି ପଳସୁଧା ମୁକୁନ୍ଦପୁର ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମାତ୍ର ବିଡମ୍ବନାର ବିଷୟ ଯେ ଆଜିପର୍ଯ୍ୟନ୍ତ ପଳସୁଧା ମକୁନ୍ଦପୁର ରାସ୍ତାର କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ସ୍ଥାନୀୟ ଜନସାଧାରଣ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ମନୋରମା ପରିଡା, ଶାରଦାବାଳା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସେଠି, ରାଜକିଶୋର ଦାସ, ମନୋରଞ୍ଜନ ନାୟକ, ଅଜୟ ସ୍ୱାଇଁ, ମନ୍ମଥ ଷଡ଼ଙ୍ଗୀ, ଆଦିକନ୍ଧ ସ୍ୱାଇଁ, ପ୍ରଦୀପ୍ତ ଷଡ଼ଙ୍ଗୀ, ସୁରେନ୍ଦ୍ର ବାରିକ, ରଶ୍ମିତା ବେହେରା, କବିତା ସ୍ୱାଇଁ, ରଞ୍ଜିତା ସ୍ୱାଇଁ ସ୍ମୃତିରେଖା ସ୍ୱାଇଁ, ଗଣେଶ୍ୱର ରାଉତ ଓ ପଞ୍ଚାନନ ଷଡ଼ଙ୍ଗୀ ପ୍ରମୁଖ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ନିକଟରେ ଅଭିଯୋଗ କରିବା ପରେ ରାସ୍ତା ନିର୍ମାଣ କରାଯିବାର ପ୍ରତିଶ୍ରୁତି ମିଳିଛି। ମାତ୍ର କାର୍ଯ୍ୟ ଆରମ୍ଭ ହୋଇ ନଥିବାରୁ ଜନସାଧାରଣ ଗମନାଗମନ ପାଇଁ ସମସ୍ୟାରେ ଅଛନ୍ତି।

### ସର୍ପାଘାତରେ ମୃତକଙ୍କ ପରିବାରକୁ ସହପାଠୀଙ୍କ ଆର୍ଥୀକ ସହାୟତା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ଗ୍ରାମ ପଞ୍ଚାୟତ ଆଏଣ୍ଡା ଗ୍ରାମରେ ସର୍ପାଘାତରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଏକାଦଶାହ ଅବସରରେ ତାଙ୍କର ସହପାଠୀମାନେ ଆର୍ଥୀକ ସହାୟତା ପ୍ରଦାନ କରିଛନ୍ତି। ଆଏଣ୍ଡା ଗ୍ରାମର ଭରତ କୁମାର ବେହେରା (୫୦) ବିଲରେ କାମ କରୁଥିଲା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତେବେ ତାଙ୍କର ଏକାଦଶାହ ଅବସରରେ ୧୯୮୯ ମାଟ୍ରିକ ବ୍ୟାଚର ସହପାଠୀମାନେ ତାଙ୍କ ବାସଭବନକୁ ଯାଇ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ୨୭ହଜାର ଏକ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ବଣାଇଁ ବନଖଣ୍ଡର ବନ ମହୋତ୍ସବ ପାଳିତ




ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): ବନ ମହୋତ୍ସବ ପାଳନ ଅବସରରେ ସୁନ୍ଦରଗଡ ଜିଲ୍ଲା ବଣାଇଁ ବନଖଣ୍ଡ ଲହୁଣିପଡା ବ୍ଲକ କୁଲିପୋଷ ବନାଞ୍ଚଳ ଅନ୍ତର୍ଗତ ସିଙ୍ଗାର ଦେଇ ପାହାଡ଼ ପାଦ ଦେଶରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ବଣାଇ ବିଧାୟକ ଲକ୍ଷ୍ମନ ମୁଣ୍ଡା ଯୋଗ ଦେଇ ଛାତ୍ର ଛାତ୍ରୀ ତଥା କାର୍ଯ୍ୟକର୍ତ୍ତାଙ୍କ ସହ ବନଖଣ୍ଡ ଅଧିନସ୍ତ ବିଭିନ୍ନ ବନାଞ୍ଚଳ ର ଅଧିକାରୀ ଏବଂ କର୍ମଚାରୀଙ୍କ ମିଳିତ ସହଯୋଗରେ ଚାରା ରୋପଣ ସହ ମାଆ ପାଇଁ ଚାରା ଟିଏ ରୋପଣ କରିବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବନଖଣ୍ଡ ପକ୍ଷରୁ ଏକ ସଚେତନତା ସଭା ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦୀବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ ଜିଲ୍ଲା ସାଂସଦ ଜୁଏଲ ଓରାମ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଆରସିସିଏଫପି ରାମା ସ୍ୱାମୀ ଯୋଗ ଦେଇଥିବାବେଳେ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଚାରା ରୋପଣ କରାଯିବା ପରେ ସଭା ମଞ୍ଚରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଅତିଥି ମାନେ ଅଭିଭାଷଣ ଜରିଆରେ ପରିବେଶ ସନ୍ତୁଳିତ ପାଇଁ ଗଛ ଲଗାଇବା ସହ ସୁସ୍ଥ ପରିବେଷ ସୃଷ୍ଟିରେ ସମସ୍ତଙ୍କର ଭାଗିଦାରୀ ଆବଶ୍ୟକତା ରହିଛି। କିଛି ନହେଲେ ବି ନିଜ ମାଆ ପାଇଁ ବୃକ୍ଷ ଟିଏ ଲଗାଇବାକୁ ଅତିଥିମାନେ ଲୋକଙ୍କୁ ସଚେତନ କରାଇଥିଲେ। ବନଖଣ୍ଡ ଅଧିନରେ ଚଳିତ ବର୍ଷ ୨ଲକ୍ଷରୁ ଅଧିକ ଚାରା ରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି ସେଥିପାଇଁ ସମସ୍ତଙ୍କର ସହୋଯୋଗର ଆବଶ୍ୟକତା ରହିଥିବା କହିଛନ୍ତି। କଦମ୍ବ କେଶରୀ କଳା ପରିଷଦ ପକ୍ଷରୁ ଗୁରୁ ବିଜୟ ନାୟକଙ୍କ ତତ୍ୱାବଧାନରେ ହାତୀ ମଣିଷ ଲଢେଇ ଉପରେ ଏକ କ୍ଷୁଦ୍ର ନାଟକ ମଞ୍ଚସ୍ଥ କରାଯାଇଥିଲା। ବଣାଇଁ ମହାବିଦ୍ୟାଳୟ ଅଧକ୍ଷ ଜେନାମଣି ସାହୁ ଏବଂ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ମିଳିତ ସହଯୋଗରେ ବଣାଇଁ ଅଞ୍ଚଳର ପାରମ୍ପାରିକ ଉପକରଣ ଏବଂ ତା'ର ବ୍ୟବହାର ଉପରେ ଏକ ପୁସ୍ତକର ଉନ୍ମୋଚନ କରାଯାଇଥିଲା ବେଳେ ବନଖଣ୍ଡ ପକ୍ଷରୁ ଅତିଥି ମାନଙ୍କୁ ଉତ୍ତରିୟ ଏବଂ ଫଟୋ ଚିତ୍ର ପ୍ରଦାନ କରାଯାଇଥିଲା। ଫରେଷ୍ଟର ଗାୟତ୍ରୀ ବାଂଲା ପାତ୍ର ମଞ୍ଚ ପରିଚାଳନା କରିଥିଲା ବେଳେ ଏସିଏଫ ନଳିନିକାନ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବନଖଣ୍ଡ ଅନ୍ତର୍ଗତ ସମସ୍ତ ବନାଞ୍ଚଳ ଅଧିକାରୀ ସମେତ ଫରେଷ୍ଟର ମାନଙ୍କ ମିଳିତ ସହୋଯୋଗରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି।


### ତ୍ରିବେଣୀ ଓ ଅନ୍ଧ କପିଳେଶ୍ୱରରେ କାଉଡ଼ିଆଙ୍କ ଭିଡ଼

ନିଆଳି, (ଭାସ୍କର ନ୍ୟୁଜ୍): ଶ୍ରାବଣ ମାସର ପ୍ରଥମ ସୋମବାର। ନିଆଳିର ପ୍ରମୁଖ ଶୈବ ପୀଠରେ ଜଳାଭିଷେକ ଲାଗି ଭକ୍ତଙ୍କ ଲମ୍ବା ଧାଡି। ଗଙ୍ଗାଠୁ ହଜାର ବର୍ଷ ଉର୍ଦ୍ଧ୍ୱ ପବିତ୍ର ପ୍ରାଚୀ ନଦୀର ଅଁଳ ପଂଚାୟତ ତ୍ରିବେଣୀ ଘାଟରୁ ହଜାର ହଜାର ଭକ୍ତ ଜଳ ନେଇ ନିଆଳିର ପ୍ରମୁଖ ଶୈବପୀଠ ଅନ୍ଧ କପିଳେଶ୍ୱର, ସୋଭନେଶ୍ୱର, ସୋମନାଥ, ନୀଳକଣ୍ଠେଶ୍ୱର, ବାଲୁଙ୍ଗେଶ୍ୱର, ସ୍ୱପ୍ନେଶ୍ୱରଙ୍କ ସମେତ ପୁରୀ ଲୋକନାଥ, ଭୁବନେଶ୍ୱର ଲିଙ୍ଗରାଜ ଓ ଢେଙ୍କାନାଳ କପିଳାସ ଜଳ ଅଭିଷେକ ପାଇଁ ଶହ ଶହ କାଉଁରିଆ ତ୍ରିବେଣୀ ନଦୀ ତୁଠରୁ ପାଣି ଭାର ନେଇ ଜଳାଭିଷେକ କରିବା ନିମନ୍ତେ ଭକ୍ତି ଭାବରେ ଅଗ୍ରସର ଅଛନ୍ତି। ପ୍ରଶାସନ ପକ୍ଷରୁ ନଦୀ ତୁଠ ବା କୌଣସି ରାସ୍ତା ମାନଙ୍କରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ। କିଛି ସ୍ୱେଚ୍ଛାସେବୀ ଯୁବକ ମାନେ ଆଲୋକୀ କରଣ ବ୍ୟବସ୍ଥା କରିବା ଶହ କିଛି ଜାଗାରେ କାଉଁରିଆମାନଙ୍କ ପାଇଁ ରହିବାର ବ୍ୟବସ୍ଥା କରିଛନ୍ତି।

## ମହିଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଅଭିଯୋଗ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଥାନା ସୁକରପଡା ଗ୍ରାମରେ ଜଣେ ମହିଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ପୋଲିସ ନାମକୁ ମାତ୍ର ମାମଲା ରୁଜୁ କରି ହାତବାନ୍ଧି ବସିଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସୁକରପଡା ଗ୍ରାମର ମୁସ୍ତରୀ ବିବି ତାଙ୍କର ସ୍ୱାମୀଙ୍କ ସହ ଦୀର୍ଘ ୧୫ବର୍ଷ ହେଲା ହାଇଦ୍ରାବାଦରେ ରହିଆସୁଛନ୍ତି। ଗୃହ ନିର୍ମାଣ କରିବା ନିମନ୍ତେ ଦୁଇମାସ ହେଲା ପତି ପତ୍ନୀ ସୁକରପଡା ଗ୍ରାମକୁ ଆସିଥିଲେ। ତେବେ ତାଙ୍କର ଜମି ଉପରେ ଏକ ବିଦ୍ୟୁତ ଖୁଣ୍ଟ ପୋତା ଯାଇଥିଲା। ସେହି ବିଦ୍ୟୁତ ଖୁଣ୍ଟରୁ ସ୍ଥାନୀୟ ଗ୍ରାମର ସୌକତ ଅଲ୍ଲି ବିଦ୍ୟୁତ ସଂଯୋଗ ନେଇଥିଲେ। ତେବେ ଗତକାଲି ଅପରାହ୍ନରେ ସ୍ଥାନୀୟ ଗ୍ରାମର ସୌକତ ଅଲ୍ଲୀ, ସ୍ଥାନୀୟ ଅସୁରେଶ୍ୱର ଟାଟା ପାୱାର ଲାଇନମ୍ୟାନ୍‌କୁ ଡାକି ଏହି ବିଦ୍ୟୁତ ଖୁଣ୍ଟକୁ ଅନ୍ୟତ୍ର ଉଠାଇ ନେବାକୁ ଯୋଜନା କରୁଥିଲେ। ଏହା ଦେଖି ମୁସ୍ତରୀ ବିବି ଏହାର ପ୍ରତିବାଦ କରିଥିଲେ। ଏଥିରେ ପ୍ରତିହିଂସା ପରାୟଣ ହୋଇ ସ୍ଥାନୀୟ ଗ୍ରାମର ସେକ ସାଦତ ଅଲ୍ଲର, ସେକ ଅସର ଅଲ୍ଲୀ, ସେକ ସୌକତ ଅଲ୍ଲୀ, ସେକ ଆସିକ୍ ଅଲ୍ଲୀ, ସେକ ଆକିବ ପ୍ରମୁଖ ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ଠେଙ୍ଗା ଓ ବାଡି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କର କରୁଣ ଚିତ୍କାର ଶୁଣି ପଡୋଶୀମାନେ ଉଦ୍ଧାର କରିବାକୁ ଆସିବାରୁ ସେମାନେ ମଧ୍ୟ ଆକ୍ରମଣର ଶୀକାର ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀମାନେ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏସମ୍ପର୍କରେ ମୁସ୍ତରୀ ବିବି ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତି କରି ପୋଲିସ ନାମକୁମାତ୍ର ମାମଲା ରୁଜୁ କରିଥିଲେ ମଧ୍ୟ ରାଜନୈତିକ ଚାପରେ ଅଭିଯୁକ୍ତମାନଙ୍କୁ ଗିରଫ କରିନଥିବାର ଜଣାଯାଇଛି। ଅପରପକ୍ଷରେ ଥାନାରେ ଏକ ପାଲଟା ଅଭିଯୋଗକୁ ଭିତି କରି ଏକ ମାମଲା ରୁଜୁହୋଇଛି। ତେବେ ଜଣେ ମହିଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା ବେଳେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଘଟଣାକୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦୃଢ ଦାବି ହୋଇଛି।

## ବେଳାଭୂମି ସାହିତ୍ୟ ସଂସଦର ସାହିତ୍ୟ ଆସର





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଭାଷା ବଞ୍ଚିଲେ ଜାତି ବଞ୍ଚିବ ଓ ସାହିତ୍ୟ ଚିରକାଳ ସମୃଦ୍ଧ ହେବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ କଲ୍ୟାଣମଣ୍ଡପ ଠାରେ ବେଳାଭୂମି ସାହିତ୍ୟ ସଂସଦର ସାହିତ୍ୟ ଆସରରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ମୁଖ୍ୟ ବକ୍ତା ସଙ୍ଗୀତ ନିର୍ଦ୍ଦେଶକ, ଚଳଚିତ୍ର ନିର୍ଦ୍ଦେଶକ ଓ ଅଭିନେତା ଶ୍ରୀଯୁକ୍ତ ଶ୍ରୀକାନ୍ତ ଗୌତମ, ସଂମ୍ମାନିତ ଅତିଥି ଭାବେ ଶିକ୍ଷାବିତି ଶସଧର ପଣ୍ଡା, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରଶାସକ ଅଶୋକ କୁମାର ଶତପଥୀ, ଖବର ଦାତା ରାଜକିଶୋର ସ୍ୱାଇଁ, ବ୍ୟଙ୍ଗ କବି ସମ୍ପଦ ରଥ, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି ପ୍ରମୁଖ ଉପସ୍ଥିତ ଅତିଥି ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରମୁଖ ପ୍ରଚାର ସହ ପ୍ରସାର ଦିଗରେ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏହା ସହ ଆଜିର ଦିନରେ ବେଳାଭୂମି ସାହିତ୍ୟ ସଂସଦର ଓଡ଼ିଆ ସାହିତ୍ୟ ଜଗତର ଏହି ଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ଉପସ୍ଥିତ ଅତିଥି ଓ ଶୁଭେଚ୍ଛୁ ମାନେ। ବେଳାଭୂମି ସାହିତ୍ୟ ସଂସଦର ସଭାପତି ଚିତ୍ତରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାହିତ୍ୟ ଆସରକୁ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, କଂଗ୍ରେସ ନେତା ଅମୀୟ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସଂସଦର ସମ୍ପାଦକ ଧୁଶାସନ ନାୟକ ବିବରଣୀ ପାଠ କରି ସାହିତ୍ୟ ସଂସଦର ସମସ୍ୟା ଓ ତାହାର ନିରାକରଣ ଉପରେ ଅତିଥି ଦୃଷ୍ଟି ଆକର୍ଷଣ କରିଥିଲେ। ସାହିତ୍ୟ ସଂସଦ ଅସ୍ତରଙ୍ଗ ଭଳି ଏକ ଉପକୂଳ ତଥା ସମୁଦ୍ର ବେଳାଭୂମି ତୀରରେ ସାହିତ୍ୟ ପ୍ରଚାର ଓ ପ୍ରସାର ପାଇଁ ଯେଉଁ ପ୍ରୟାସ ଜାରି ରଖିଛି ତାହାକୁ ପଟ୍ଟନାୟକ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଷା ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ସାହିତ୍ୟ ସଂସଦର ଏଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ପ୍ରଶଂସା କରିଥିଲେ ଦୂର ଦୂରାନ୍ତରୁ ଆସିଥିବା ଶୁଭେଚ୍ଛୁ ଓ କବି କବିୟତ୍ରୀମାନେ। ସାହିତ୍ୟ ସଂସଦର ସଂଯୋଜକ ଶୋଭାକର ବେହେରା ସହ ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମାଲେରିଆ ଦୂରୀକରଣ ନିମନ୍ତେ ମଶାରୀ ବଣ୍ଟନ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆରେ ବ୍ଲକ ସ୍ତରୀୟ ମଶାରୀ ବଣ୍ଟନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଡଦେଉଳି ଗ୍ରାମ ପଞ୍ଚାୟତର ସରଧା ଗ୍ରାମରେ ବଣ୍ଟନ ହୋଇଛି। ଏହି ବଣ୍ଟନ କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ କମଳ ନାଏକ ଅତିଥି ଭାବେ ଯୋଗ ଦେଇ ଔଷଧ ବଳ। ମଶାରୀକୁ ହିତାଧିକାରୀଙ୍କୁ ବାଣ୍ଟିଥିଲେ ସେହିପରି ଦରି ପଞ୍ଚାୟତର ମଦରଙ୍ଗା ଗ୍ରାମରେ ଦରି ସରପଞ୍ଚ ମନ ମୋହନ ପୂର୍ତ୍ତି ଓ ବିଜେପି ଦଳର ନେତା ମଦନ ମୋହନ ମହାନ୍ତ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ଔଷଧ ବଳ। ମଶାରୀ ବଣ୍ଟନ କରିଥିଲେ ଓ ପ୍ରତ୍ୟେକ ଦିନ ଏହି ମଶାରୀ ଟାଣି ଶୋଇବାକୁ ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମଶାରୀ ଟାଣି ଶୋଇବାକୁ ଅତିଥି ଗଣ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉଭୟ ପଞ୍ଚାୟତ ର ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ମାନେ ସହଯୋଗ କରିଥିଲେ।

## କେନ୍ଦ୍ରାପଡା କଲେଜ ଜମିର ସୁରକ୍ଷା ପାଇଁ ପ୍ରାଧାନ୍ୟ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ରସଂସଦର ଗତ ସାଧାରଣ ପରିଷଦ ପରେ ନୂତନ କାର୍ଯ୍ୟକାରିଣୀର ରବିବାର ଅନୁଷ୍ଠିତ ପ୍ରଥମ ବୈଠକରେ ଏହି ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନର ଜମିକୁ ଜବରଦଖଲ କାରୀଙ୍କ ହାତରୁ ସୁରକ୍ଷା ଦେବାକୁ ପ୍ରାଧାନ୍ୟ ପ୍ରଦାନ କରାଯାଇଛି। ସଂସଦର ସଭାପତି ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡାଙ୍କ ଅଧକ୍ଷତାରେ ମହାବିଦ୍ୟାଳୟର ଗାନ୍ଧୀ ଭବନରେ ଅନୁଷ୍ଠିତ ଏହି ବୈଠକ ଜମି ସୁରକ୍ଷା ବ୍ୟତିତ ସଂସଦର ସଭ୍ୟ ସଂଗ୍ରହ ବୃଦ୍ଧି କରିବାକୁ, ଏହି ମାତୃ ଶିକ୍ଷାକେନ୍ଦ୍ରର ଶୈକ୍ଷିକ ପରିବେଶ ଓ ଭିତ୍ତିଭୂମିର ବିକାଶ ପାଇଁ ବିହିତ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ସେହି କମିଟି ଗୁଡିକ ହେଉଛି ସଭ୍ୟ ସଂଗ୍ରହ ପାଇଁ ଡକ୍ଟର ତ୍ରୈଲୋକ୍ୟନାଥ ସାମଲ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଅଧ୍ୟାପିକା ସୀମା ମହାନ୍ତ ଓ ଅଧ୍ୟାପକ ସୁବ୍ରତ ସାମଲଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ବେଳେ ଜମି ସୁରକ୍ଷା ପାଇଁ ଡକ୍ଟର ପ୍ରଦୀପ୍ତ କିଶୋର ଦାଶଙ୍କ ସଂଯୋଜନାରେ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ଓ ସାମାଜିକ କର୍ମୀ ପ୍ରତାପ ମହାନ୍ତିଙ୍କୁ ନେଇ ଏକ କମିଟି, ଶୈକ୍ଷିକ ବିକାଶ ସହାୟତା ପାଇଁ ଡକ୍ଟର ବିଦୁଭୂଷଣ ଦାଶ, ସୁବ୍ରତ ସାମଲ ଓ ଡକ୍ଟର ରଶ୍ମୀ କରଙ୍କୁ ନେଇ ଏକ କମିଟି,ଗଣ ଯୋଗାଯୋଗ ପାଇଁ ବରିଷ୍ଠ ସାମ୍ବାଦିକ ରାଜେଶ କୁମାର ନାୟକଙ୍କ ସଂଯୋଜନାରେ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଏକ କମିଟି ଏବଂ ସଂସଦର ସଭ୍ୟମାନଙ୍କ ତଥ୍ୟଭିତ୍ତିକ ଡାଟାବେସ ପ୍ରସ୍ତୁତ ନିମନ୍ତେ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ମଧ୍ୟ ଏକ କମିଟି ଗଠନ କରାଯାଇଛି। ଏହି ଅବସରରେ କଲେଜରେ ନୂତନ ଭାବେ ଯୋଗଦେଇଥିବା ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ଡକ୍ଟର ପ୍ରମୋଦ କୁମାର ଦାସ ଗତ ସମ୍ମିଳନୀର ବିବରଣୀ ସହ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାପତି ତଥା ବର୍ତ୍ତମାନର ଉପଦେଷ୍ଟା ପ୍ରଫେସର ନନ୍ଦ କିଶୋର ପରିଡା ଓ ବିଶ୍ୱଜିତ ଦାସ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିବା ବେଳେ ଡକ୍ଟର କଳ୍ପନା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



କଣ୍ଟାପଡା, (ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ସତେ ଯେମିତି ଲାଗୁଚି କର୍ମଚାରୀ ମରୁଡ଼ି। ସମୟର ସରକାରୀ ନିୟମକୁ ଖୋଲାଖୋଲି କରୁଛନ୍ତି ଉଲ୍ଲଂଘନ। ନିଜ ମନ ମର୍ଜିରେ କିଏ କେଉଁ ସମୟରେ ଆସୁଛନ୍ତି ତ ଅନ୍ୟ କେତେକ କହୁଛନ୍ତି ଆମେ ପଂଚାୟତରେ କାର୍ଯ୍ୟ କରୁଛୁ କହି ଆସୁନଥିବା ଅଭିଯୋଗ ହୋଇଛି। ଏଭଳି ସାଙ୍ଘାତିକ ଅଭିଯୋଗ ହେଉଛି କଣ୍ଟାପଡା ବ୍ଲକ କର୍ମଚାରୀଙ୍କ ନାମରେ। କର୍ମଚାରୀ ମାନେ ନିଜ ମନ ମର୍ଜିରେ ବ୍ଲକ କାର୍ଯ୍ୟାଳୟ କୁ ଆସୁଥିବା ବେଳେ ସେମାନଙ୍କ ବିରୁଦ୍ଧରେ ନିଆଯାଉନି କାର୍ଯ୍ୟାନୁଷ୍ଠାନ।କର୍ମଚାରୀ ମାନେ ନିଜ ମନ ମର୍ଜିରେ କିଏ ୧୨ ଟାରେ ଆସିଲାଣି ତ କିଏ ୨ ଟାରେ। ଏହି ବ୍ଲକ ଅଧୀନରେ ୧୪ ଗୋଟି ଗ୍ରାମପଞ୍ଚାୟତ ଥିବା ବେଳେ ବିଭିନ୍ନ ସମସ୍ୟା ନେଇ ବ୍ଲକ କୁ ୨୦ କିଲୋମିଟର ଦୂରରୁ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ କାର୍ଯ୍ୟାଳୟକୁ ବିଳମ୍ବରେ ଆସୁଥିବା କର୍ମଚାରୀଙ୍କ ଏଥିରେ କୌଣସି ଯାଏ ଆସେ ନାହିଁ। କର୍ମଚାରୀ ବିଳମ୍ବରେ ଆସିବାକୁ ନେଇ ବାରମ୍ବାର ଅଭିଯୋଗ କଲେ ମଧ କୋଣସି ସୁଫଳ ମିଳୁନାହିଁ। ସରକାର ବଦଳିବା ପରେ କଣ୍ଟାପଡା ବ୍ଲକ ସତେ ଯେମିତି ଲଗାମ ଛଡା ହୋଇଯାଇଛି। ଜଣେ ବ୍ଲକ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି ବ୍ଲକ ର ଅନେକ କର୍ମଚାରୀ କାର୍ଯ୍ୟାଳୟକୁ ନ ଆସି ବାହାରେ କାମ କରୁଛୁ ଦର୍ଶାଇ କାର୍ଯ୍ୟାଳୟ ଆସୁନାହାନ୍ତି। ସେଥିପ୍ରତି ଜିଲ୍ଲା ପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଗେଣ୍ଡାଳିଆ ଶୀକାରି ଗିରଫ



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ରେଞ୍ଜ ବଡାମପୁର ସେକ୍ସନ ଅଧୀନ ତୋଟାପଡା ଇଲାକାରେ ଗେଣ୍ଡାଳିଆ ଶୀକାର କରିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫକରି କୋର୍ଟଚାଲାଣ କରିଛି ବେତନଟୀ ବନ ବିଭାଗ। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ରାସଗୋବିନ୍ଦପୁର ଥାନା ଅଧୀନ ତୋଟାପଡା ଗ୍ରାମର ମୋହନ ହେମ୍ବ୍ରମ (୩୫)। ଘଟଣାରୁ ପ୍ରକାଶ ପ୍ରତ୍ୟେକବର୍ଷ ବର୍ଷା ଆରମ୍ଭ ସମୟରେ ବିଭିନ୍ନ ସ୍ଥାନରୁ ଗେଣ୍ଡାଳିଆ ମାନଙ୍କର ଆଗମନ ହୋଇଥାଏ। ହଜାର ହଜାର ସଂଖ୍ୟାରେ ଗେଣ୍ଡାଳିଆ ଗୁଡିକ ବେତନଟୀ ରେଞ୍ଜ ଇଲାକାରେ ଆସି ବସବାସ କରିଥାନ୍ତି। ଅଧିକାଂଶ ଗେଣ୍ଡାଳିଆ ଅଣ୍ଡାଦେଇ ଅଣ୍ଡାରୁ ଛୁଆ ଫୁଟାଇବା ପ୍ରକ୍ରିୟା ମଧ୍ୟ ଆରମ୍ଭ କରିଦେଇଛନ୍ତି। ଏଭଳି ସ୍ଥିତିରେ କିଛି ଶିକାରୀ ଗେଣ୍ଡାଳିଆ ଗୁଡିକୁ ଶୀକାର କରିବା ସହିତ ଆକାର ଏବଂ ଓଜନ ଅନୁପାତରେ ଗୋଟାକୁ ୪ଶହରୁ ୬ଶହ ଟଙ୍କା ମଧ୍ୟରେ ବିକ୍ରୟ ମଧ୍ୟ କରୁଛନ୍ତି। ତେବେ ଏନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିବାପରେ ବେତନଟୀ ରେଞ୍ଜର ମନୁର ଖାଁ ରବିବାର ଅପରାହ୍ନରେ ତୋଟାପଡା ଗ୍ରାମରେ ସଦଳବଳେ ଚଢାଉ କରିଥିଲେ। ଚଢାଉ ସମୟରେ ଥୋଣ୍ଟ ଏବଂ ଗୋଡବନ୍ଧା ଯାଇଥବ ଅବସ୍ଥାରେ ଥିବା କ୍ଷତାକ୍ତ ଗୁରୁତର ଗେଣ୍ଡାଳିଆକୁ ଉଦ୍ଧାର କରିବା ସହିତ ଶୀକାରରେ ବ୍ୟବହୃତ ଧନୁ, ଧନୁତୀର, ବାଟୁଳି ଏବଂ ବିପୁଳ ପରିମାଣର ମାଟିଗୋଳା ଜବତ କରାଯାଇଥିଲା। ଏଥସହିତ ଏହି ବେଆଇନ କାରବାରରେ ଜଡିତ ତୋଟାପଡା ଗ୍ରାମର ମୋହନ ହେମ୍ବ୍ରମକୁ ଗିରଫ କରାଯାଇ ଥିବା ବେଳେ ସହଯୋଗୀ ଶ୍ୟାମସୁନ୍ଦର ହେମ୍ବ୍ରମ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଥିଲା। ଖବରପାଇ ବାରିପଦା ବନଖଣ୍ଡର ସହକାରୀ ବନସଂରକ୍ଷକ (ଏସିଏଫ) ଶେଖ ମେହେରବାନ ଅଲ୍ଲୀ ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଥିଲେ।

# ଗୌରୀ ଶଙ୍କର ରାୟଙ୍କ ଜୟନ୍ତୀ ପାଳିତ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଓଡିଆ ଭାଷା ଆନ୍ଦୋଳନର କର୍ଣ୍ଣଧାର ତଥା ପ୍ରଥମ ଓଡିଆ ଖବରକାଗଜ ଉତ୍କଳ ଦୀପିକାର ପ୍ରତିଷ୍ଠାତା ସାମ୍ବାଦିକତାର ଜନକ କର୍ମବୀର ଗୌରୀ ଶଙ୍କର ରାୟଙ୍କ ୧୮୭ତମ ଜୟନ୍ତୀ ତାଙ୍କର ଜନ୍ମଭୂମୀ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାକ୍ତନ ମନ୍ତ୍ରୀ ତଥା ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନା ତାଙ୍କର ଶହ ଶହ ସମର୍ଥକ ମାନଙ୍କ ସହିତ ଏକ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଲୁଣାନଦୀ ବନ୍ଧରେ ଥିବା କର୍ମବୀର ଗୌରୀ ଶଙ୍କର ରାୟଙ୍କ ଉଦ୍ୟାନକୁ ଆସିଥିଲେ। ଜେନା କର୍ମବୀର ଗୌରୀ ଶଙ୍କର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ସେହିପରି ଭାବେ ଜେନା କର୍ମବୀର ଗୌରୀ ଶଙ୍କର ରାୟଙ୍କ ଏନ୍ତୁଡି ଶାଳ ଦିକ୍ଷିତପଡା ଗ୍ରାମରେ ଥିବା କର୍ମବୀର ଗୌରୀ ଶଙ୍କର ରାୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜେନାଙ୍କ ସହ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧକ୍ଷା ରୋଜି ସେଠୀ, ପ୍ରାକ୍ତନ ଅଧକ୍ଷ ନରେନ୍ଦ୍ର କୁମାର ବାରିକ, ଜିଲ୍ଲା ପରିଷଦ ସଭ୍ୟା ଜସ୍ମିତା ସେଠୀ, ବିପ୍ଳବ କେଶରୀ କାପ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ସମିତି ସଭ୍ୟା ହିମାଦ୍ରୀ ମିଶ୍ର, ପୂର୍ବତନ ସରପଞ୍ଚ ମହେଶ୍ୱର ବାରିକ, ରାଜିବ ଲୋଚନ ବେହେରା, ସତ୍ୟନାରାୟଣ ମିଶ୍ର, ପଞ୍ଚାୟତ ବିଜେଡି ସଭାପତି ଶିଶିର କୁମାର ମିଶ୍ର, ବଜାର ବ୍ୟବସାୟୀ ସଂଘର ସଭାପତି ରଘୁନାଥ ନାୟକ, ବିଜେଡି ନେତା ଜ୍ୟୋତି ପ୍ରକାଶ ସ୍ୱାଇଁ, ମନୋଜ କୁମାର ବେହେରା, ନିତ୍ୟାନନ୍ଦ ସେଠୀ, ହରେକୃଷ୍ଣ ସେଠୀ, ସରପଞ୍ଚ ଜୟଦେବ ରାଉତ, ଯୁବନେତା ଆଶୁତୋଷ ତ୍ରିପାଠୀ, ପୂର୍ବତନ ସରପଞ୍ଚ କୈଳାସ ସାମନ୍ତରାୟ, ବସନ୍ତ କୁମାର ବେହେରା, କବୟିତ୍ରୀ ପ୍ରତିଭା ପ୍ରମୋଦ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ପଣ୍ଡା, ରଘୁନାଥ ସିଂ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗତ ରାୟଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଜେନାଙ୍କୁ ଏକ ବିରାଟ ପଟୁଆରରେ ପାଛୋଟି ନିଆଯାଇଥିଲା। ସେହିପରି ଭାବେ ସ୍ଥାନୀୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଶୁଧାଂଶୁ ମାଳିନୀ ଓଝା, ଶିକ୍ଷୟିତ୍ରୀ ଯୁଗଜ୍ୟୋତି ଖଟୁଆ, ଶିକ୍ଷକ ଦଇତାରୀ ଶବର, ବିଦ୍ୟାଳୟ ପରିଚାଳାନା କମିଟି ସଭାପତି ଦେବେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ସାହିତ୍ୟିକ, ସାମ୍ବାଦିକ ପୁଷ୍ପମାଳ୍ୟ ଅର୍ପଣ କରିଥିଲେ।

## ଜଗନ୍ନାଥ ମନ୍ଦିରର ଶିଳାନ୍ୟାସ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଏକବରୁଆଁ ପଞ୍ଚାୟତ ସୁବ୍ଧା ନଗର ଗ୍ରାମରେ ଥିବା ୫ଶହ ବର୍ଷରୁ ଉର୍ଦ୍ଧ୍ୱ ଗୋପାଳଜୀଉ ମଠରେ ୯ ଜଣ ଅଧିକାରୀ କରିସାରିଲେଣି ଦେହତ୍ୟାଗ। ମଠର ନିୟମ ଅନୁଯାଇ ଏଠାରେ ଥିବା ଅଧିକାରୀ କୃପାସିନ୍ଧୁ ଦାଶ ଓ ତାଙ୍କ ଗୁରୁ ୫୦-୬୦ ବର୍ଷ ହେବ କରି ଆସୁଛନ୍ତି ରଥଯାତ୍ରା। ଏଠାରେ ପୁରୀ ଜଗନ୍ନାଥ ଙ୍କର ଯେଉଁଭଳି ରୀତି ନୀତି କରାଯାଏ ଏଠାରେ ମଧ ସମାନ ଢଙ୍ଗରେ ରୀତି ନୀତି କରାଯାଏ। ଏହି ଗୋପାଳ ଜୀଉ ମଠରେ ଶହଶହ ବର୍ଷ ଧରି ଚାଳ ଓ ଆଜବେଷ୍ଟ ଘରେ ଠାକୁର ରହି ଆସୁଛନ୍ତି। ଏବେ ଜଗନ୍ନାଥ ପ୍ରେମୀମାନେ ଟଙ୍କା ଆଦାୟ କରି ଜଗନ୍ନାଥଙ୍କ ମନ୍ଦିର ନିମନ୍ତେ ଇଟା ପକାଇ ଛନ୍ତି। ନୟାଗଡ଼ ଅଞ୍ଚଳର ଶିଳ୍ପୀ ଜୁବୁଲା ପ୍ରଧାନ ଓ ତାଙ୍କ ସାଥି ମାନେ ମନ୍ଦିର ନିର୍ମାଣ ରେ ଆଜି ଇଟା ପକାଇଛନ୍ତି। ଉକ୍ତ ମଠ ଟିକୁ ଦେବତ୍ର ବିଭାଗ ନେଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ସରକାରୀ ସହାୟତା ଦିଆଯାଇ ନାହିଁ। କେବଳ ନବକଳେବର ୨୦୧୫ ମସିହାରେ ସରକାରଙ୍କ ପକ୍ଷରୁ କିଛି ଆର୍ଥିକ ସହାୟତା ଦିଆଯାଇଥିଲା। ଏବେ ଜଗନ୍ନାଥ ମନ୍ଦିର ନିର୍ମାଣ ନିମନ୍ତେ ଜଗନ୍ନାଥ ପ୍ରେମୀ ଭକ୍ତମାନେ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ନିୟମଗିରର ସୁରକ୍ଷା ପାଇଁ ବୈଠକ



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ଠାରେ ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନିୟମଗିରି ସୁରକ୍ଷା ସମିତିର ଆବାହକ ଲଦ ଶିକକାଙ୍କ ନେତୃତ୍ୱରେ ପ୍ରାୟ ୩୨ ଖଣ୍ଡ ଗାଁର ଡ଼ଙ୍ଗରିଆ ଓ ଦଳିତ ଲୋକମାନେ ବେଦାନ୍ତ କମ୍ପାନୀକୁ ବିରୋଧ କରି ପ୍ରତି ଗାଁ'ରେ ୩ ଜଣଙ୍କୁ ଚୟନ କରି କମିଟି ମଜବୁତ କରିବା ପାଇଁ ଆମେ ନିୟମଗିରିର ସୁରକ୍ଷା ପାଇଁ ଏହି କାର୍ଯ୍ୟକ୍ରମ ପାରସାଲି ଠାରେ କରିଛୁ। ଆମେ ଆମର ନିୟମଗିରିର ପାଣି, ପବନ, ଜଙ୍ଗଲ, ଜମି ଆମର ହକ ପାଇଁ ଆମେ ଲୋଡୁଛୁ। ପୂର୍ବରୁ କିଛି ଦଲାଲ ମାନେ ବିଶ୍ୱନାଥପୁର ଲାଞ୍ଜିଗଡ ଠାରେ କମ୍ପାନୀ ସପକ୍ଷରେ ରୋହି ଗାଁ'ରେ କମ୍ପାନୀର ଖଣି ହେଲେ ଆମର ବିକାଶ ହେବ ବୋଲି ଗ୍ରାମ ସଭା ମଧରେ ଲୋକଙ୍କୁ ଭୁଆଁ ବୁଲାଇ ଆଶା ଦେଖାଉଥିଲେ। ତେଣୁ ନିୟମଗିରି ସୁରକ୍ଷା ପାଇଁ କମ୍ପାନୀକୁ ବିରୋଧ କରି ଆଜି ପାର୍ସାଲି ଠାରେ ବୈଠକ ହୋଇଥିଲା। ଯଦି ବେଦାନ୍ତ କମ୍ପାନୀର ଖଣି ହେଲେ ଆମ ନିୟମଗିରିର ପାଣି ପବନ ସବୁ ନଷ୍ଟ ହେଇଯିବ। ଯଦି ସରକାର ଆଗାମୀ ଦିନରେ ମାନିନେବି ଆମେ ନିୟମଗିରିର ଡଙ୍ଗରିଆ ଓ ଦଳିତ ମାନେ ସମେସ୍ତେ ଏକତ୍ରିତ ହୋଇ ବେଦାନ୍ତ କମ୍ପାନୀର ନିୟମଗିରି ଏବଂ ସିରିଜିମାଳୀ, ଖଣ୍ଡୁଆଳମାଳି, ବାପଲାମାଳିର ଖଣିକୁ ବିରୋଧ କରି ନିଜର ପାରମ୍ପରିକ ହସ୍ତଶସ୍ତ୍ର ଧରି ରାଜ ରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି।

# ମାନ୍ଦାପଲ୍ଲୀ ପଞ୍ଚାୟତରେ ମନରେଗା ଦୁର୍ନୀତି



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ମଣ୍ଡାପଲ୍ଲୀ ପଞ୍ଚାୟତର, ଏମ.ପି.ଭି ୧୮ (ଏ)ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି (ମନରେଗା) ଯୋଜନାରେ ବ୍ୟାପକ ଅନିୟମିତତା ସାମ୍ନାକୁ ଆସିଛି। ଏଠାରେ କାମ ନ କରି ଗରିବ ଏବଂ ଅସହାୟ ଶ୍ରମିକଙ୍କ ଜବ୍ କାର୍ଡ ମାଧ୍ୟମରେ ଆସୁଥିବା ଟଙ୍କା କୁ ଖୋଲାଖୋଲି ହରିଲୁଟ କରାଯାଇ, ସରକାରୀ କୋଷରୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଠକେଇ କରାଯାଉଛି। ତେବେ ଏହି ମାମଲା ମାନ୍ଦାପଲ୍ଲୀ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ସ୍ଥାନୀୟ ଅଧିକାରୀ ଜିଆରଏସ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ମ୍ୟାଟ୍ ଏବଂ ଠିକାଦାରଙ୍କ ସହଯୋଗକୁ ସ୍ପଷ୍ଟ ଭାବରେ ଇଙ୍ଗିତ କରୁଛି। ତେବେ ଏ ସମ୍ପର୍କରେ ମଣ୍ଡାପଲ୍ଲୀ ପଞ୍ଚାୟତର ଜିଆରଏସ ଓ ପିଇଓଙ୍କୁ ପଚାରିବାରୁ କହୁଛି ମୁଁ କିଛି ଜାଣିନାହିଁ। ତେବେ ପ୍ରଶ୍ନ ଉଠୁଛି ଏ ବିଷୟରେ ଜାଣିବ କିଏ ? କାରଣ ମନରେଗାର ଉଦ୍ଦେଶ୍ୟ ଗ୍ରାମାଞ୍ଚଳରେ ନିଯୁକ୍ତି ସୃଷ୍ଟି କରି ନିଜ ଅଞ୍ଚଳରୁ ଦାରିଦ୍ର୍ୟ ହ୍ରାସ କରିବା, କିନ୍ତୁ ଏମ.ପି.ଭି ୧୮ ଗ୍ରାମରୁ ମଶାଣି ଯାଏ ଯେଉ ମାଟି ରାସ୍ତା (ଫର୍ମେସନ ରୋଡ )ଶ୍ରମିକ ନିୟୋଜିତ କରି ରାସ୍ତାଟି କରିବାର ଥିଲା ତାହା ହୋଇ ପାରିଲା ନାହିଁ ବରଂ ମଣ୍ଡାପଲ୍ଲୀ ପଞ୍ଚାୟତରେ, ଦୁର୍ନୀତିଗ୍ରସ୍ତ ଅଧିକାରୀ ଏହି ମନୋରଗା ଟଙ୍କାକୁ ଅପବ୍ୟବହାର କରି ନିଜର ପକେଟ ପୂରଣ କରିବାର ଘଟଣା ସାମ୍ନାକୁ ଆସିଛି। ତେବେ ମଣ୍ଡାପଲ୍ଲୀ ପଞ୍ଚାୟତର ଏମପିଭି ୧୮ (ଏ) ଗ୍ରାମ ସମ୍ପ୍ରତି ପ୍ରକାଶିତ ଗୋଟିଏ ପ୍ରମୁଖ ମନରେଗା କାର୍ଯ୍ୟ-ଫୋର୍ମେସନ ରୋଡ ଯାହାର କୋଡ ନଂ- ୨୪୩୧୦ ୧୩୦୧୪/ଆର୍ ସି/ ୧୦୫୯୮୩୮୩ କାର୍ଯ୍ୟରେ ଏହି ଠକେଇ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଛି। ଉକ୍ତ କାର୍ଯ୍ୟରେ ମ୍ୟାଟ୍ ତୁଷାର ଦେ ପ୍ରତି ଦିନ ପରି ଆଜି ଏହି କାର୍ଯ୍ୟରେ ୧୨୬ ଜଣ ଶ୍ରମିକଙ୍କ ଅନଲାଇନ୍ ଉପସ୍ଥିତି ରେକର୍ଡ କରାଯାଇଛି। କିନ୍ତୁ ସେହି ଜାଗାରେ ଶ୍ରମିକଙ୍କ ନାଁରେ ଗାଈ ବାଛୁରୀ ଘାସ ଖାଇବାର ଦୃଶ୍ୟ ଦେଖିବାକୁ ମିଳିଛି, ଏଥିରୁ ଏହା ସ୍ପଷ୍ଟ ଯେ ଏହି କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀ ମାନେ ବିକାଶ ନାଁରେ ବିନାଶ ଦିଗରେ ଅଗ୍ରସର ହେଉଛି। ତେବେ ଏଥିରୁ ଏହା ସ୍ପଷ୍ଟ ଭାବରେ ସୂଚାଉଛି ଯେ ଗାଁ ସାଥି (ମ୍ୟାଟ) ଓ ଜିଆର୍ ଏସ୍ ନକଲି ଉପସ୍ଥାନ କରି ଶ୍ରମିକଙ୍କ ମଜୁରୀ ହଡ଼ପ କରାଯାଉଛି। ଶ୍ରମିକଙ୍କ ଜବକାର୍ଡ ହାତେଇ ଟଙ୍କା ଉଠାଯାଉଛି, ଯେତେବେଳେ ବାସ୍ତବରେ ସେମାନେ କାମ ପାଉନାହାଁନ୍ତି କିମ୍ବା ମଜୁରୀ ପାଉନାହାଁନ୍ତି। ଏହା ଏକ ସୁଚିନ୍ତିତ ଅପରାଧିକ କାର୍ଯ୍ୟ ଯେଉଁଠାରେ ସରକାରୀ ଟଙ୍କା ଅପବ୍ୟବହାର କରାଯାଉଛି ଏବଂ କଠିନ ପରିଶ୍ରମ କରୁଥିବା ଶ୍ରମିକଙ୍କ ପେଟରେ ଲାତ ମରାଜାଉଛି। ଏହି ସମସ୍ତ କାର୍ଯରେ ଗା ସାଥୀ, ଗ୍ରାମ ରୋଜଗାର ସେବକ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ସନ୍ଦେହଜନକ ରହିଥିବା ବେଳେ ଏ ବିଷୟରେ ଆମେ କାଳିମେଳା ବି ଡି ଓ ଙ୍କୁ ପଚାରିବାରୁ କାର୍ଯ୍ୟଟିର ତଦନ୍ତ କରାଯିବ ବୋଲି କହିଛନ୍ତି।

## ଗଞ୍ଜେଇ ନଷ୍ଟକଲା ଡ୍ରଗ୍ସ ଡିସପୋଜାଲ୍ କମିଟି

ବୌଦ୍ଧ, (ଭାସ୍କର ନ୍ୟୁଜ): ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲାରେ ୬୩ଟି ଏନଡିପିଏସ୍ ମାମଲାରେ ଜବତ ହୋଇଥିବା ୨୦୯ କ୍ୱିଣ୍ଟାଲ ୫ କେଜି ୩୭୦ଗ୍ରାମ ଗଞ୍ଜେଇକୁ ଗଞ୍ଜାମ ଜିଲ୍ଲା ଶେରଗଡ ଥାନା ଅରଖ ପଡା ଠାରେ ଥିବା ମେଡିଆଡ ମାର୍କେଟ ସର୍ଭିସେସ୍ ଠାରେ ପୋଡି ନଷ୍ଟ କରାଯାଇଛି। ଗଞ୍ଜେଇ ପୋଡି ନଷ୍ଟ କରାଯିବା ସମୟରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲଙ୍କ ସମେତ ଉଚ୍ଚସ୍ତରୀୟ ଡ୍ରଗ୍ସ ଡିସପୋଜାଲ୍ କମିଟିର ଅନ୍ୟ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ବଜ୍ରଘାତରେ ଜଳିଗଲା ନଡ଼ିଆ ଗଛ

ମାହାଙ୍ଗା, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଉଷୁମା ପଞ୍ଚାୟତରେ ଆଜି ଅପରାହ୍ନରେ ରାଜକିଶୋର ବଳଙ୍କ ବାଡ଼ିରେ ଥିବା ନଡ଼ିଆ ଗଛରେ ଘଡ଼ ଘଡି ମାରିବା ଫଳରେ ବଳଙ୍କ ଘରେ ଥିବା ବିଦ୍ୟୁତ୍ ଉପକରଣ ଫ୍ୟାନ୍, ଫ୍ରିଜ୍, ଟିଭି ସହିତ ଅନ୍ୟାନ୍ୟ ଜିନିଷ ପୋଡ଼ିଯିବା ସହିତ ନଡ଼ିଆ ଗଛ ଜଳି ଯାଇଥିଲା, ଖବର ପାଇ କୁଆଁପାଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ରୋଗ ବାଣ୍ଟୁଛି ଜିଲ୍ଲା ଡାକ୍ତରଖାନାର ଡାଇରିଆ ୱାର୍ଡ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଡାଇରିଆ ୱାର୍ଡ ଏବେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେଇ ରୋଗମୁକ୍ତ କରୁନାହିଁ ବରଂ ରୋଗୀଙ୍କ ରୋଗ ବଢାଇବାରେ ଲାଗିଛି। କାରଣ ଡାଇରିଆ ୱାର୍ଡରେ ରୋଗୀଙ୍କ ପାଇଁ ଯେଉଁ ବେଡ ପଡିଛି ସେ ବେଡର ଲୁହା ପ୍ଲେଟ ଜଅାଁଙ୍କ ଖାଇ ନଷ୍ଟ ହୋଇଗଲାଣି। ସେହିପରି ପାଇଖାନା ଓ ପରିସ୍ରାଗାର ଗୁଡିକ ସଠିକ ଭାବରେ ଓ ଉପଯୁକ୍ତ ସମୟ ବ୍ୟବଧାନରେ ସଫାସୁତୁରା ହେଉନାହିଁ। ଡାଇରିଆ ରୋଗୀ ଯେଉଁ ପାଇଖାନା ବ୍ୟବହାର କରନ୍ତି ତାକୁ ନିୟମିତ ତଥା ୪ଘଣ୍ଟା ବ୍ୟବଧାନରେ ସଫା କରାଯିବା ଉଚିତ। କାରଣ ପାଇଖାନା ସଫା ନ ହେଲେ ତାହା ରୋଗୀଙ୍କୁ ସଂକ୍ରମିତ କରିବ। ଯେଉଁ ରୋଗୀମାନେ ପୂର୍ବରୁ ଥିବେ ସେମାନେ ସୁସ୍ଥ ହୋଇ ଫେରି ପାରିବେ ନାହିଁ। ସେହିପରି ଯେଉଁ ରୋଗୀମାନେ ନୂତନ ଭାବେ ଭର୍ତ୍ତି ହେବେ ସେମାନେ ଦୁର୍ଗନ୍ଧରେ ରହି ପାରିବେ ନାହିଁ। ତେଣୁ କେବଳ ଏହି ୱାର୍ଡରୁ ରୋଗ ନେଇ ଘରକୁ ଫେରିବା ସାର ହେବ ବୋଲି ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଭରତପୁର ଗ୍ରାମରୁ ଡାଇରିଆ ୱାର୍ଡରେ ଭର୍ତ୍ତି ହୋଇଥିବା ଚିତ୍ତରଞ୍ଜନ ଦାସ କହିଛନ୍ତି ତାଙ୍କର ଝାଡାବାନ୍ତି ହେବାରୁ ସେ ଗୁରୁବାର ହୋଇ ଏହି ୱାର୍ଡରେ ଭର୍ତ୍ତି ହୋଇଥିଲେ। କିନ୍ତୁ ବେଡଗୁଡିକରେ ପଡିଥିବା ଲୁହା ପ୍ଲେଟ ସବୁ ଜଅାଁଙ୍କ ଖାଇ ଖାଇ ନଷ୍ଟ ହୋଇଗଲାଣି। ଏଥିସହ ସେହିସବୁ ବେଡ ଗୁଡିକରେ ଏତେ ମାତ୍ରାରେ ଓଡ଼ଶ ଅଛନ୍ତି ଯେ ରୋଗୀଙ୍କୁ ବେଡ୍‌ରେ ଶୁଆଇ ଦେଉ ନାହାଁନ୍ତି। ସେହିପରି ଶୌଚ ହେବା ପାଇଁ ପାଇଖାନାକୁ ଗଲେ ପାଇଖାନା ସାରା ମଳ ମୁତ୍ର ପଡିଛି। ସେସବୁକୁ ସଫା କରାଯାଉନାହିଁ। କେତେକ ରୋଗୀ ପାଇଖାନା ଚଟାଣରେ ଝାଡା କରି ଦେଇଛନ୍ତି। ହେଲେ ଡାକ୍ତର ଖାନା କର୍ମଚାରୀ ସେଗୁଡିକୁ ସଫା କରୁନାହାଁନ୍ତି। ଯାହା ଫଳରେ ରୋଗୀମାନେ ଅଧିକ ଅସୁସ୍ଥ ହେଉଛନ୍ତି ବୋଲି ସେ କହିଛନ୍ତି। ସେହିପରି ଜମ୍ବୁରୁ ଆସିଥିବା ଅନ୍ୟ ଜଣେ ରୋଗୀ ସସ୍ମିତା ସ୍ୱାଇଁଙ୍କୁ ଏକ ଭଙ୍ଗା ବେଡ ପ୍ରଦାନ କରାଯାଇଛି। ସେହି ଭଙ୍ଗା ବେଡରୁ ବାହାରିଥିବା ଲୁହା ପ୍ଲେଟର ଖଣ୍ଡସବୁ ତାଙ୍କ ଦେହରେ ଫୁଟି ଯାଉଛି। ସେ ୮ ମାସର ଗର୍ଭବତୀ ଅଛନ୍ତି। ତେଣୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଗୀଙ୍କୁ ଏଠାରେ ରଖାଯାଇ ଚିକିତ୍ସା କରାଯାଉଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ୱାର୍ଡକୁ ସଫା କରିବା ପାଇଁ ୪ ଜଣ ସଫେଇ କର୍ମଚାରୀ ନିଯୁକ୍ତି ପାଇଛନ୍ତି। କିନ୍ତୁ ସେମାନେ ଠିକ ଭାବେ ଡ୍ୟୁଟି କରୁନାହାଁନ୍ତି। ଯାହା ଫଳରେ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରୋଗୀମାନେ ବହୁ ଆଶା ଓ ଭରଷା ନେଇ ଦୂରଦୂରାନ୍ତରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତି। କିନ୍ତୁ ସେମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ଏଠାରେ ମିଳୁନାହିଁ। ଏପରିକି ଡାକ୍ତରଖାନାରେ ମାଗଣା ଔଷଧ ମିଳିବାର ବ୍ୟବସ୍ଥା ସରକାର କରିଥିବା ବେଳେ ଏହି ଔଷଧ କିନ୍ତୁ ଅନେକ ସମୟରେ ଡାକ୍ତର ଖାନାରେ ମିଳୁନାହିଁ। ତେଣୁ ରୋଗୀଙ୍କ ସଂପର୍କୀୟମାନେ ବାଧହୋଇ ବାହାରୁ ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ସେହିପରି ରୋଗୀମାନେ କିପରି ଏଠାକୁ ନ ଆସିବେ ସେ ନେଇ କର୍ମଚାରୀମାନେ ବ୍ୟବସ୍ଥା କରୁଛନ୍ତି। ଜାଣିଶୁଣି ରୋଗୀଙ୍କୁ ହଇରାଣ ହରକତ କରାଯାଉଛି। ରୋଗୀଙ୍କ ଚପଲ ସବୁକୁ ଜାଣିଶୁଣି ସିଡିର ପାହାଚ ତଳକୁ ଫିଙ୍ଗି ଦିଆଯାଉଛି। ଫଳରେ ସେମାନେ ବିରକ୍ତ ହେଲେ ଆଉ ଏଠାକୁ ନ ଆସି ନିକଟରେ ଥିବା ନର୍ସିଂହୋମରେ ଚିକିତ୍ସିତ ହେବେ। ଘରୋଇ ନର୍ସିଂହୋମ ଓ ତଳିଆ କର୍ମଚାରୀଙ୍କ ଉତ୍ତମ ଯୋଗସୂତ୍ର ଥିବାରୁ ରୋଗୀଙ୍କୁ ଏଠାରେ ହଇରାଣ ହରକତ କରାଯାଉଛି। ଏହି ସବୁ ସମସ୍ୟା ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜଙ୍କୁ ପଚାରିବାରୁ ସେ କହିଲେ ବେଡ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ସଫାସୁତରା କିପରି ପ୍ରତି ଦୁଇ ଘଣ୍ଟା ବ୍ୟବଧାନରେ କରାଯିବ ସେଥିପାଇଁ କର୍ମଚାରୀଙ୍କୁ ଚେତାବନୀ ଦିଆଯିବ। ନିର୍ଦ୍ଦେଶ ନ ମାନିଲେ ରୋଗୀଙ୍କ ସ୍ୱାସ୍ଥ୍ୟକୁ ଗୌଣ ମନେ କଲେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


# ଡାକଘର ପାଇଁ କେବେ ହେବ ସରକାରୀ ଗୃହନିର୍ମାଣ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ୨୫ରାଜ୍ୟ ବା ଦେଶ ବିକଶିତ ନ ଥିବା ସମୟରେ ଗାଁ'ରୁ ସହର ଯାଏଁ ଲୋକଙ୍କ ମଧ୍ୟରେ ଯୋଗାଯୋଗ ର ବ୍ୟବସ୍ଥା ଡାକ ସେବା ହିଁ ଏକ ମାତ୍ର ମାଧ୍ୟମ ଥିଲା। ପୋଷ୍ଟ କାର୍ଡ଼, ଇଂଲାଣ୍ଡ ଲେଟର, ଟେଲିଗ୍ରାମ, ଲେଣ୍ଡଫୋନ୍ ମାଧ୍ୟମ ରେ ଲୋକ ମାନଙ୍କ ମଧ୍ୟରେ ଯୋଗାଯୋଗ ହେଉଥିଲା। ଏବଂ ଦେଶ ର ମୁଖ୍ୟ ଭୂମିକା ନିର୍ବାହ କରୁଥିଲା ମନିଅର୍ଡର। ଧିରେ ଧିରେ ଦେଶ ତଥା ରାଜ୍ୟର ବିକାଶ ହେବା ଫଳରେ ଅନେକ ଯୋଜନା ମାଧ୍ୟମ ରେ ସରକାରୀ କୋଠା, ସରକାରୀ କାର୍ଯ୍ୟାଳୟ ସବୁ ତିଆରି ହୋଇ ଜନସାଧାରଣଙ୍କୁ ବହୁତ ସହଜ ଓ ସୁବିଧା ରେ ସେବା ଯୋଗେଇ ଦିଆ ଯାଉଛି। ଏବେ ବି ଗ୍ରାମାଞ୍ଚଳମାନଙ୍କରେ ଡାକଘର ଉପରେ ଲୋକ ମାନେ ନିର୍ଭର କରୁଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏବେ ବି ହରଭଙ୍ଗା ଠାରେ ପ୍ରାୟ ସତୁରି ବର୍ଷରୁ ଉର୍ଦ୍ଧ୍ୱ ହେବ ଡାକଘର ଭଡ଼ାରେ ଚାଲିଛି। କେଉଁଠି ଛୋଟ ଏକ ଭଡ଼ା ଘରେ ତ ଆଉ କେଉଁଠି ଏକ ଚାଳଛପର ଘରେ ଡାକଘର ହୋଇଛି। ଯେଉଁଠି କି ଅଫିସ ଷ୍ଟାଫଙ୍କ ସହିତ ଜଣେ ଦୁଇଜଣ ସାଧାରଣ ଲୋକ ବସିବା ପାଇଁ ମଧ୍ୟ ଯାଗା ନାହିଁ। ଅନ୍ୟ ବିଭାଗର କାର୍ଯ୍ୟାଳୟ ପାଇଁ ସରକାର ନିଜସ୍ୱ ଯାଗା ସହିତ କାର୍ଯ୍ୟାଳୟ ନିର୍ମାଣ କରିଦେଉଥିବା ବେଳେ ଡାକ ସେବା ଭଳି ଏକ ଗୁରୁତ୍ୱପୂର୍ଣ ବିଭାଗକୁ କାହିଁକି ଅଣଦେଖା କରୁଛନ୍ତି ସେ ନେଇ ଅନେକଙ୍କ ମଧ୍ୟରେ ପ୍ରଶ୍ନ ଉଙ୍କି ମାରୁଛି। ଏବେ ମଧ୍ୟ ବିଭିନ୍ନ ବିଭାଗ ଏହି ଡାକ ଘର ଉପରେ ନିର୍ଭର କରୁଛନ୍ତି। ଏହି ଡାକ ମାଧ୍ୟମରେ ବିଭିନ୍ନ ସରକାରୀ ଚିଠି ପତ୍ର, ମନିଅର୍ଡର, ସବୁ ଆସିଥାଏ ଓ ଲୋକମାନେ ମଧ୍ୟ ଉତ୍ତମ ସେବା ପାଇଥାନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବ୍ଲକ ର ଆଡ଼େନିଗଡ଼, ଚାରିଛକ, ହରଭଙ୍ଗା, ପୁରୁଣାକଟକ, ତିଳେଶ୍ୱର, ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଯାଗାମାନଙ୍କରେ ଦୀର୍ଘ ବର୍ଷ ହେବ ଡାକଘର ଭଡ଼ାରେ ଚାଲିଛି। ଫଳରେ ସାଧାରଣ ଜନତାଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ଦିଗରେ ଜିଲ୍ଲାପ୍ରଶାସନ ଓ ମୁଖ୍ୟ ଡାକଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାରୀ ଯାଗା ରେ ନୂତନ ଭାବେ ସ୍ଥାୟୀ ଡାକଘର ନିର୍ମାଣ କରିବା ପାଇଁ ଅଞ୍ଚଳର ସମସ୍ତ ଜନସାଧାରଣ ଦାବି କରିଛନ୍ତି।

# ଅଭିଯୋଗକାରୀଙ୍କ ଅଭିଯୋଗର ସଠିକ ତଦନ୍ତ ନିର୍ଦ୍ଦେଶ

ଜଗତସିଂହପୁର, (ଭାସ୍କର ନ୍ୟୁଜ): ରାଷ୍ଟ୍ରପତିଙ୍କ ସଚିବାଳୟରୁ ଅଣ୍ଡର ସେକ୍ରେଟାରୀ ଗୌତମ କୁମାର ଇ-ମେଲ ଯୋଗେ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଡାଏରି ନଂ ୦୧୯୯୫୭/ ୯.୪.୨୫ ଅବଗତ କରିଥିବା ପ୍ରସଙ୍ଗ ପୋଲିସ ମହାନିର୍ଦ୍ଦେଶକ ଓଡିଶା, ଜିଲ୍ଲାପାଳ ଓ ଏସପି ଜଗତସିଂହପୁରଙ୍କୁ ଅବଗତ କରାଯାଇଛି। ରାଷ୍ଟ୍ରପତିଙ୍କୁ ଅଭିଯୋଗ କରିଥିବା ତିର୍ତ୍ତୋଲ ଥାନା ଅଧିନ ରସଲପୁର ଗ୍ରାମର ତେହେରା ଖାତୁନଙ୍କ ଅଭିଯୋଗ ସମ୍ପର୍କରେ ସଠିକ ଅନୁସନ୍ଧାନ କରି ଅଭିଯୋଗକାରୀଙ୍କୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗକାରୀ ତେହେରା ଖାତୁନଙ୍କ ଅଭିଯୋଗ ଅଭିଯୋଗ ଅନୁସାରେ ଜି.ଆର କେସ ୪୩୯/୧୬ରେ କୋର୍ଟ ନିର୍ଦ୍ଦେଶ ଅନୁସାରେ ଦଣ୍ଡ ପାଇଥିବା ଲତିଲ ଉଦିନ, ତମିଜ ଉଦିନ ଇତ୍ୟାଦି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତେହେରା ଖାତୁନଙ୍କ ପୁଅ ଓଏସ ଅହମ୍ମଦ ଖାଁଙ୍କ ନାମରେ ୨ଟି ମିଥ୍ୟା କେସ ତିର୍ତ୍ତୋଲ ଥାନାରେ କରିଛନ୍ତି। ଓଏଏସ ଅହମ୍ମଦ ତାଙ୍କ ପିତାଙ୍କ ଶୁଦ୍ଧକ୍ରିୟ ଶେଷ କରି ଅଗଷ୍ଟ ୨.୨.୨୨ରେ ବାହାରିନ ନିଜ ପରିବାର ସହିତ ଚାଲିଯାଇଥିଲେ। ମାତ୍ର ତାଙ୍କ ଯିବାର ଏକ ବର୍ଷ ପରେ ତାଙ୍କ ନାମରେ ୪୪୪/୨୩ ଓ ୫୮୭/୨୩ ନମ୍ବର ମିଥ୍ୟା କେସ ତିର୍ତ୍ତୋଲ ଥାନାରେ କରାଯାଇଛି। ଉକ୍ତ ମିଥ୍ୟା କେସ ସମ୍ପର୍କରେ ଏସପି, ଡିଏସପି ଓ ଥାନା ଅଧିକାରୀ ତଦନ୍ତ କରିଛନ୍ତି। ଏପରିକି ଏସପି ୨୦୨୫ ଅପ୍ରେଲରେ ତଦନ୍ତ କରିଥିଲେ ମଧ ରିପୋର୍ଟ ଦେଇନାହାନ୍ତି। ଏଭଳି ମିଥ୍ୟା କେସ ସମ୍ପର୍କରେ ସଠିକ ତଦନ୍ତ ପାଇଁ ସି.ବି.ଆଇ ବା ଅନ୍ୟ ଏଜେନ୍ସି ଦ୍ୱାରା କରିବା ପାଇଁ ଆବେଦନ ସମ୍ପର୍କରେ ଅଭିଯୋଗ ପରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଏସପିଙ୍କୁ ଚିଠି ହୋଇଛି।

# ବଡ଼ଚଣା ବିଜୁ ଜନତା ଦଳର ସାଂଗଠାନିକ ବୈଠକ



ବଡ଼ଚଣା, (ଭାସ୍କର ନ୍ୟୁଜ୍ ): ବଡ଼ଚଣା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବଡ଼ଚଣା କଲ୍ୟାଣ ମଣ୍ଡପ ଠାରେ ତୃଣମୂଳ ସ୍ତରରେ ସଙ୍ଗଠନ ସୃଦୃଢ଼ କରିବା ନିମନ୍ତେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡ଼ି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ବିଜେଡ଼ି କର୍ମକର୍ତ୍ତା, ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଓ ପ୍ରତି ପଞ୍ଚାୟତର ସାଂଗଠାନିକ ସଭାପତିମାନେ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରେ ସମସ୍ତ ଲୋକଙ୍କ ପାଖରେ ପହଞ୍ଚି ସଙ୍ଗଠନରେ ଅଧିକରୁ ଅଧିକ ଲୋକଙ୍କୁ ଯୋଡିବା, ସେମାନଙ୍କ ସୁଖ ଦୁଃଖରେ ସାମିଲ ହେବାକୁ ଦଳୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦିଆଯାଇଛି। ଦୁର୍ନୀତୀ ବିରୋଧରେ ସ୍ୱର ଉତ୍ତୋଳନ କରିବା ଓ ପ୍ରତି ବୁଥସ୍ତରରୁ ଲୋକଙ୍କ ହକ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ଆଦି ବିଷୟରେ ଆଲେଚନା କରାଯାଇଅଛି। ବଡ଼ଚଣା ବିଜୁ ଜନତା ଦଳର ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଏହି ବୈଠକ କର୍ମକର୍ତ୍ତାମାନଙ୍କୁ ଆହୁରି ପ୍ରେରଣା ଯୋଗାଇବ ବୋଲି କର୍ମକର୍ତ୍ତା ମାନେ କହିଛନ୍ତି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ସିମନ୍ତିନି ଜେନା, କୈଳାସ ଚନ୍ଦ୍ର ରାଉତ, ଜ୍ଞାନ ରଞ୍ଜନ ସାହୁ, ଅମର ମହାନ୍ତି, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଆଶିଷ ରଂଜନ ଚୌଧୁରୀ, ଧନେଶ୍ୱର ବେହେରା, ବିବେକ ରଞ୍ଜନ ସୁବୁଦ୍ଧି, ରମେଶ ଚନ୍ଦ୍ର ପୃଷ୍ଟି, ବିଜୟ ସ୍ୱାଇଁ, ରବୀନ୍ଦ୍ର ନାୟକ, ରବୀନ୍ଦ୍ର ବେହେରା, ରତ୍ନାକର ପ୍ରଧାନ, ତୁଷାର ପଣ୍ଡା, ତପନ ରାଉତରାୟ, ମନ୍ମଥ କେଶରୀ ସାହେବରାୟ, ଦିଲୀପ ରାଉତ, ହୃଷୀକେଶ ସାମଲ, ଦିଲ୍ଲିପ ସାମଲ, ଧୁଲେଶ୍ୱର ଦାସ, ଗଣେଶ୍ୱର ସାମଲ, ତପନ କୁମାର ସିଂହ, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ସତ୍ୟ ପ୍ରକାଶ ଦାସ, ପ୍ରହଲ୍ଲାଦ ବାରିକଙ୍କ ସମେତ ଶତାଧିକ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଗୋପାଳନ ସମ୍ପର୍କିତ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗର ସୌଜନ୍ୟତାରେ ତ୍ରୀ ଦିବସୀୟ ଜିଲ୍ଲା ସ୍ତରୀୟ ଗୋପାଳନ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉମରକୋଟ ସ୍ଥିତ ଓମଫେଡ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାଧେଶ୍ୟାମ ଲାଇକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରାଣୀ ସମ୍ପଦ, ଓଡିଶା ଗ୍ରାମାଞ୍ଚଳ ର ଜୀବିକା ନିର୍ବାହର ମୁଖ୍ୟ ଉତ୍ସ। ଗ୍ରାମାଞ୍ଚଳର ୮୦ % ପରିବାର କୌଣସି ନା କୌଣସି ଗୃହପାଳିତ ପ୍ରାଣୀ ପାଳନ କରି ଜୀବିକା ନିର୍ବାହ କରନ୍ତି ଏବଂ ପ୍ରାଣୀପାଳନରୁ ଅତିରିକ୍ତ ଆୟ କରିଥାନ୍ତି। ତେବେ ବିଶେଷ କରି ଗୋପାଳନ ଦ୍ୱାରା ପରିବାରର ଆର୍ଥିକ ସ୍ୱଚ୍ଛଳତା ପାଇଁ ପଦକ୍ଷେପ ନିଆଯିବା ସମ୍ପର୍କରେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମନୋରଞ୍ଜନ ନନ୍ଦ (ପ୍ରାଣୀଧନ ଉତ୍ପାଦନ) ଯୋଗଦେଇ ପ୍ରକାଶ କରିଥିଲେ। ଗୋପାଳନ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରେ। ଏହି ବିଭାଗ ପ୍ରାଣୀ ମାନଙ୍କର ପ୍ରଜନନ, ପରିପାଳନ, ରୋଗ ନିରାକରଣ ଏବଂ ଶୁଦ୍ଧ କ୍ଷୀର ଉତ୍ପାଦନ ପାଇଁ ସର୍ବଦା ଚେଷ୍ଟିତ। ଜନସାଧାରଣଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ଲୋକମାନଙ୍କୁ ଶୁଦ୍ଧ କ୍ଷୀର ଉତ୍ପାଦନ ପାଇଁ ସର୍ବଦା ଚେଷ୍ଟିତ। ଜନସାଧାରଣଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ଲୋକମାନଙ୍କୁ ଅତିରିକ୍ତ ରୋଜଗାରର ପନ୍ଥା ଯୋଗାଇଥାଏ। ଏହି ବିଭାଗ ମଧ୍ୟ ପ୍ରାଣୀ ପାଳକ ମାନଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରି ପ୍ରାଣୀ ପାଳକମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଡାକ୍ତର ଚିନ୍ମୟୀ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଉମରକୋଟ ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଆଶିଷ ମହାପାତ୍ର, ପ୍ରାଣୀ ଚିକିତ୍ସକ ଡାକ୍ତର ଅଭିଷେକ ହୋତା ପ୍ରମୁଖ ଯୋଗଦେଇ ପ୍ରକାଶ କରିଥିଲେ। ଏହି ଶିବିର ପରିଚାଳନା ରେ ଓମଫେଡ୍ ୟୁନିଟ୍ ଇନ୍ଚାର୍ଜ ପ୍ରଶାନ୍ତ ବିଶ୍ୱାଳ ସହୋଯାଗ କରିଥିଲେ।

## ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ ଗୃହ

# ଭଙ୍ଗା ଦଦରା ଘରେ ବିତୁଛି ଗରିବ ପରିବାରର ଜୀବନ




କୋକସରା,(ଭାସ୍କର ନ୍ୟୁଜ): ଗରିବ, ଅସହାୟ, ବାସହରାଙ୍କୁ ଘର ଯୋଗାଇ ଦେବାପାଇଁ ସରକାରଙ୍କ ଆବାସ ଯୋଜନା ଓ ଅନ୍ତୋଦୟ ଗୃହ ଯୋଜନା ରହିଛି। ହେଲେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଏସବୁ ଯୋଜନାର ଲାଭ ମିଳୁପାରୁନାହିଁ। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଶୀବିହାଲ ଗ୍ରାମ ପଞ୍ଚାୟତର ଧନସରା ଗ୍ରାମରେ ଅନେକ ଗରିବ ହିତାଧିକାରୀ ଏହି ସବୁ ଯୋଜନାରୁ ବାଦ ପଡ଼ିଥିବା ଅଭିଯୋଗ ହୋଇଛି। ଏମିତି କି ଅନେକ ଲୋକଙ୍କୁ ଘର ଉପରେ ଘର ମିଳିଥିବାବେଳେ ଟଙ୍କା ନଦେଲେ ଗରିବଙ୍କୁ ଘର ମିଳୁ ନଥିବା ଅଭିଯୋଗ ହୋଇଛି। ଗ୍ରାମର ବିଜୟ କୁମାର ଶତନାମୀ, ତାଙ୍କର ମାଟି ଘର ଅନେକ ଦିନରୁ ଭାଙ୍ଗି ଯାଇଛି। ବର୍ତ୍ତମାନ ସେମାନେ ମାଟି ଘର କାନ୍ଥରେ ପଲିଥିନ ଘୋଡାଇ ୭ ପ୍ରାଣୀ କୁଟୁମ୍ବ ରହୁଛନ୍ତି। ଘର ବିପଦପୂର୍ଣ୍ଣ ଥିବାରୁ ତାଙ୍କ ଝିଅମାନେ ମାମୁଁ ଘରେ ଆଶ୍ରୟ ନେଇଛନ୍ତି। ବିଜୟ ବହୁବାର ଆବାସ ଯୋଜନାରେ ଗୃହ ପାଇଁ ଆବେଦନ କରିଛନ୍ତି। ହେଲେ ଟଙ୍କା ନଦେବାରୁ ଯୋଗ୍ୟ ଥାଇ ମଧ୍ୟ ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ସେ ଅଭିଯୋଗ କରିଛନ୍ତି। ବିଜୟ ଶତନାମୀଙ୍କ ପରି ଗ୍ରାମର ଗୋପିଚନ ଶତନାମୀ, ଲକ୍ଷ୍ମୀଧର ଶତନାମୀ, ବଂଶୀ ଶତନାମୀ, ଗୋପାଳ ଶତନାମୀ, ପରମେଶ୍ୱର ଶତନାମୀ ସମେତ ଅନେକ ଗରିବ ବାସହିନ ପରିବାର ଘର ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। କାହା ଘର କାନ୍ଥ ଭାଙ୍ଗି ଯାଇଛି, ଆଉ କିଏ ଦଦରା ଘରେ ବିପଦପୂର୍ଣ୍ଣ ଅବସ୍ଥାରେ ରହୁଛନ୍ତି। କେହି କେହି ଚିରା ଶାଢ଼ୀ ଫଟା ଦେଇ ଭଙ୍ଗା ଘରକୁ ସଜଡ଼ାଇ ଥିବା ଦେଖିବାକୁ ମିଳିଛି। ଏମାନେ ସମସ୍ତେ ଆବାସ ଯୋଜନାରେ ଘର ପାଇଁ ବର୍ଷ ବର୍ଷ ଧରି ଆବେଦନ କରିଆସୁଛନ୍ତି। ହେଲେ ଫଳ କିନ୍ତୁ ଶୂନ୍। ଏପଟେ ଅନେକ ଧନୀ ଶ୍ରେଣୀର ୪ ଚକିଆ ଗାଡ଼ି ମୋଟର ଥିଲାବାଲା ଲୋକେ ଘର ପାଉଥିବା ବେଳେ ଆମେ ମାଟି ଘରେ ରହୁଥିଲେ ବି କାହିଁକି ଘର ମିଳୁ ନାହିଁ ବୋଲି ହିତାଧିକାରୀ ପ୍ରଶ୍ନ କରିଛନ୍ତି। ଏହି ଗରିବ ହିତାଧିକାରୀ ମାନଙ୍କୁ ଦେଖିଲେ ସତେ ଯେମିତି ସରକାରଙ୍କ ଆବାସ ଯୋଜନା ଓ ଅନ୍ତୋଦୟ ଗୃହ ଯୋଜନା ବାସ୍ତବରେ ପ୍ରହସନ ପାଲଟିଲା ଭଳି ମନେ ହେଉଛି। ଏପଟେ କିନ୍ତୁ ସରକାର କହୁଛନ୍ତି ଆଉ ରହିବନି ଛପର ଘର, ସମସ୍ତଙ୍କ ମୁଣ୍ଡ ଉପରେ ହେବ ପକ୍କାଘର। ବାସ୍ତବରେ ସରକାରଙ୍କ ଏହି ଲକ୍ଷ୍ୟ କେବେ ସଫଳ ହେବ, ଆଉ ଗରିବ ବାସହିନ ପରିବାର ଲୋକଙ୍କ ମୁଣ୍ଡ ଗୁଞ୍ଜିବାକୁ ଛାତଟେ ମିଳିବ ତାହା ହିଁ ଦେଖିବାର ବାକି ରହିଲା। ଏ ବିଷୟରେ କାଶୀବାହାଲ ଗ୍ରାମ ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳି ନାଏକଙ୍କ ପ୍ରତିକ୍ରିୟା ନେବାରୁ ଘର ପାଇଁ ଟଙ୍କା ମଗା ଯାଉଥିବା କଥାକୁ ସେ ଅସ୍ୱୀକାର କରିବା ସହ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଯିଏ ଘର ପାଇବା ପାଇଁ ଯୋଗ୍ୟ ସେ ନିଶ୍ଚିତ ଭାବେ ଗୃହ ପାଇବ ବୋଲି କହିଛନ୍ତି।

## ପଢାରେ ଅର୍ଥ ସାଜିଛି ବାଧକ

# ମେଧାବୀ ଛାତ୍ରୀଙ୍କ ସହାୟତା ଆବେଦନ



ଧର୍ମଗଡ଼ (ଭାସ୍କର ନ୍ୟୁଜ): ଗରିବ ତାର ଆଉ ଏକ କାହାଣୀ ଏବେ ପଦାକୁ ଆସିଛି। ଅର୍ଥ ଅଭାବରୁ ଇଚ୍ଛା ଥାଇ ବି ପାଠ ପଢିବାରେ ଡୋରି ଲାଗିଛି। ଏଭଳି ଘଟଣା ଜଣେ ଗରିବ ଛାତ୍ରୀଙ୍କ କ୍ଷେତ୍ରରେ ଦେଖାଦେଇଛି। କୋକସରା ବ୍ଲକ ଦଣ୍ଡପାଟ ଅଞ୍ଚଳ ଛିଲିପାମାଲ ଗ୍ରାମର ସୋନାଲି ଜାଲ( ୧୫)।ଚଳିତ ମାଟ୍ରିକ ପରୀକ୍ଷା ରେ ୪୧୩ମାର୍କ ରଖି ପାସ କରିଛନ୍ତି। ହେଲେ ଅର୍ଥ ଅଭାବ କାରଣରୁ ଯୁକ୍ତ -୨ରେ ନାମ ଲେଖାଇ ପାରିନଥିବା ଜଣାପଡିଛି। ସାଧାରଣ ଭାବେ ସେ ଗରିବ ଘରର ଝିଅ। ବାପା ରାଜେନ୍ଦ୍ର ପ୍ରସାଦ ଜାଲ କୁଲି ମଜୁରୀ କରି ବହୁ କଷ୍ଟରେ ଝିଅକୁ ମାଟ୍ରିକ ପଢ଼ାଇ ପାରିଛନ୍ତି। ପର ଘରେ କାମ ନ କଲେ ଚୁଲିରେ ନିଆ ଲାଗେନି। ଏଭଳି ସ୍ଥଳେ ଝିଅକୁ ପାଠ ପଢେଇବା ତାଙ୍କ କ୍ଷେତ୍ରରେ ସମ୍ଭବ ନଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ ମେଧାବୀ ଛାତ୍ରଛାତ୍ରୀମାନଙ୍କ ଅଧ୍ୟୟନ ପାଇଁ ସରକାର ଅନେକ ଯୋଜନା ସହ ବ୍ୟବସ୍ଥା କରିଥିଲେ ହିଁ ପ୍ରଶାସନ ର ଆଗ୍ରହ ଅଭାବ ଯୋଗୁଁ ଅନେକ ଛାତ୍ରଛାତ୍ରୀ ଏବେ ବି ଘର ଚାରି କାନ୍ଥରେ ପଡି ରହିଛନ୍ତି। ତେବେ ସୋନାଲିଙ୍କ ଖବର ଜାଣିବା ପରେ ଦଣ୍ଡପାଟ ଅଞ୍ଚଳର ଅନେକ ଉମ୍ଭ ସମାଜ ନେତୃବୃନ୍ଦ ସହାୟତାର ହାତ ବଢ଼େଇବାକୁ ତତ୍ପରତା ପ୍ରକାଶ କରିଛନ୍ତି। ସୂଚନା ମତେ ସୋନାଲିଙ୍କ ଖବର ଜଣେ ଉମ୍ଭ ସମାଜ ସଦସ୍ୟ ଏକ ମୋବାଇଲ ଗ୍ରୁପରେ ପୋଷ୍ଟ କଲା ପରେ ସଦସ୍ୟମାନଙ୍କ ଭିତରେ ଆଲୋଚନା ହେବା ସହ ଆର୍ଥିକ ସହାୟତା ସହ ଛାତ୍ରୀଙ୍କ ଥଇଥାନ ବ୍ୟବସ୍ଥା ହାତକୁ ନେଇଥିବା ଜଣାପଡିଛି।

## ନୂତନ ଜିଲ୍ଲାସ୍ତରୀୟ ଏଡିଇଓ ସଂଘ ଗଠିତ

# ପ୍ରଭାତ ତିୱାରୀ ସଭାପତି, ପ୍ରଦ୍ୟୁମ୍ନ ସାହୁ ସମ୍ପାଦକ




ଧର୍ମଗଡ଼,( ଭାସ୍କର ନ୍ୟୁଜ): ଗ୍ରାମ ରୋଜଗାର ସେବକଙ୍କୁ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଭାବେ ପଦୋନ୍ନତି ଦିଆ ଯିବା ପରେ ପୁରୁଣା ଜି ଆର ଏସ ସଂଘ କୁ ଭାଙ୍ଗି ଦିଆ ଯାଇଛି ଏବଂ ଏକ ନୂତନ ସଂଘ ଜନ୍ମ ନେଇଛି । ଭବାନୀପାଟଣା ଠାରେ ଜିଲ୍ଲା ର ସମସ୍ତ ଏ ଡି ଇ ଓ (ହିସାବ ରକ୍ଷକ ଓ ବୈଷୟିକ ପରିଚାଳକ) ମାନଙ୍କୁ ନେଇ ଗତକାଲି ଏକ ଜରୁରୀ ବାର୍ଷିକ ସଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଭାତ ତିୱାରୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାହୁ ପୁରୁଣା ଜିଆରଏସଏସ ସଂଘକୁ ଭଙ୍ଗ କରାଯାଇଥିବା ଘୋଷଣା କରି ଏକ ନୂତନ ସଂଘ ଗଠନ ପାଇଁ ପ୍ରସ୍ତାବ ଆଗତ କରିଥିଲେ । ସର୍ବସମ୍ମତି କ୍ରମେ ପ୍ରଭାତ ତିୱାରୀଙ୍କୁ ଜିଲ୍ଲା ସଭାପତି ଭାବେ ମନୋନୀତ କରାଯାଇଥିଲା ବେଳେ ଉପସଭାପତି ଭାବେ ଉପେନ୍ଦ୍ର ସାହୁ ଓ ଈଶ୍ୱର ପାଣିଗ୍ରାହୀ , ସମ୍ପାଦକ ଭାବେ ପ୍ରଦ୍ୟୁମ୍ନ କୁମାର ସାହୁ, ସହ ସମ୍ପାଦକ ଭାବେ ବିଭୂଦତ୍ତ ସା, କୋଷାଧକ୍ଷ ଭାବେ ବସନ୍ତ ସା ଓ ଉପ କୋଷାଧକ୍ଷ ଭାବେ ଅମିତ କୁମାର ସାହୁ , ପରିଚାଳନା ସମ୍ପାଦକ ଭାବେ ଭୁଜବଳ ନାଗ ଓ ରୁଦ୍ର ନାରାୟଣ ବେହେରା ଙ୍କୁ ମନୋନୀତ କରା ଯାଇଥିଲା । ସେହି ପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ୧୩ ଜଣ ସଦସ୍ୟ ଓ ପରାମର୍ଶଦାତା କମିଟି ରେ ୧୦ ଜଣ ସଦସ୍ୟାଙ୍କୁ ମନୋନୀତ କରାଯାଇଥିଲା । ଶଶାଙ୍କ ଶେଖର ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ନିଖୋଜ ଯୁବକର ମିଳୁନି ପତ୍ତା

# ପୋଲିସ ନିରବ, ପରିବାର ମଧ୍ୟରେ ଅସନ୍ତୋଷ



ଧର୍ମଗଡ଼, (ଭାସ୍କର ନ୍ୟୁଜ):ଜଣେ ଯୁବକଙ୍କ ନିଖୋଜର ଦୀର୍ଘଦିନ ବିତି ଯାଇଥିଲେ ବି ସନ୍ଧାନ ମିଳୁନଥିବା ନେଇ ପରିବାର ମଧ୍ୟରେ ଚିନ୍ତା ଦେଖା ଦେଇଛି। ଏପରିକି ପୁଅର ନିଖୋଜକୁ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ନିରବ ରହିଥିବା ନେଇ କ୍ଷୁବ୍ଧ ପ୍ରକାଶ ପାଇଛି। ସୂଚନା ଯେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଅଁଏଲାଜୋର ଗ୍ରାମର ଜଣେ ଯୁବକ ଚେନ୍ନାଇ କୁ ଦାଦନ ଖଟିବାକୁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ର ବିଜୟ ନଗରମ ଠାରେ ନିଖୋଜ ହୋଇଥିବା ନେଇ ଧର୍ମଗଡ଼ ଥାନାରେ ଅଭିଯୋଗ ହୋଇଛି । ନିଖୋଜ ଦାଦନ ଶ୍ରମିକ ଜଣକ ହେତୁରମ୍ ଜୁଏଡ (୩୨) ପିତା- ଅଖିଳ ଯୁଏଡ୍ ବୋଲି ଜଣାପଡିଛି । ଅଭିଯୋଗ ମତେ ହେତୁରାମ ଗତ ୧୩/ ୬ ଶୁକ୍ରବାର ଦିନ ବଡ ଘୁମର ଗ୍ରାମର ନିରଞ୍ଜନ ଗୋପାଳ ଓ ଥବିର ଗୋପାଳ ସହ ମିଶି ଦାଦନ ଖଟିବାକୁ ଚେନ୍ନାଇ ଅଭିମୁଖେ ବାହାରିଥିଲେ । ରାତି ୧/୩୦ଘଣ୍ଟା ସମୟରେ କେସିଙ୍ଗା ଷ୍ଟେସନ ଠାରୁ ଟାଟା ଏଲ୍ ପି ଧାନବାଦ ଏକ୍ସପ୍ରେସ ଯୋଗେ ଯାତ୍ରା କରୁଥିଲେ । କିନ୍ତୁ ସକାଳ ୭ ଘଣ୍ଟା ୩୦ ମିନିଟ ସମୟରେ ଆନ୍ଧ୍ରପ୍ରଦେଶ ର ବିଜୟ ନଗରମ ଷ୍ଟେସନ ଠାରେ ହେତୁରାମ୍ କୁ ଟ୍ରେନ ରେ ନ ଦେଖି ନିଜ ଦୁଇ ସାଙ୍ଗ ଖୋଜା ଖୋଜି କରି ବାରମ୍ବାର ଫୋନ୍ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା ।ଯାହା ଫଳରେ ଉକ୍ତ ଦୁଇ ଯୁବକ ନିଜ ଗାଁ କୁ ଫେରି ପରିବାର ଲୋକଙ୍କୁ ଜଣାଇ ଥିଲେ । ଏ ନେଇ ଗତ ତା ୧୬/୬ ରିଖ ଦିନ ପୁଅ ନିଖୋଜ ଥିବା ନେଇ ଧର୍ମଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ପରିବାର ଲୋକେ । ହେଲେ ଅଭିଯୋଗ ର ଦୀର୍ଘଦିନ ବିତି ଯାଇଥିଲେ ହିଁ କୌଣସି ସନ୍ଧାନ ମିଳୁ ନ ଥିବା ନେଇ ପୋଲିସର କାର୍ଯ୍ୟାନୁଷ୍ଠାନ ପ୍ରତି ଦୁଃଖ ପ୍ରକାଶ କରିଛନ୍ତି ।ଏନେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋଳାହର ଙ୍କୁ ପଚାରିବାରୁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି ।

## କୁକୁଡ଼ା ବୋଝେଇ ପିକ୍ଅପ୍ ଭ୍ୟାନ୍‌କୁ ଧକ୍କା ଦେଲା ଟ୍ରକ୍


ଦୁର୍ଘଟଣା

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ତୁମୁରା ବିଜୁ ଏକ୍ସପ୍ରେସ ୱେ ଠାରେ ଭୋର ୪ଟା ସମୟରେ ପିକଅପ ଭ୍ୟାନ ଓ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଛି। ସୂଚନାମତେ ପଡୋଶୀ ରାଜ୍ୟ ଛତିଶଗଡ଼ ରାୟପୁରରୁ ଜୁନାଗଡ଼ ଯାଉଥିବା ଏକ କପଡା ବୋଝେଇ ଟ୍ରକ (ସିଜି୦୪ କ୍ୟୁଏଫ୪୯୯୬)ଟି ଏକ କୁକୁଡ଼ା ବୋଝେଇ ପିକଅପ ଭ୍ୟାନ(ଓଡ଼ି ୧୯ଟି୯୪୩୨)କୁ ପଛପଟୁ ଜୋରରେ ଧକ୍କା ଦେଇଥିଲା। ଯାହାରିଫଳରେ ଉଭୟ ଟ୍ରକ ଓ ପିକଅପ ଭ୍ୟାନ ଓଲଟି ପଡିଥିଲା । ଉକ୍ତ କୁକୁଡ଼ା ବୋଝେଇ ପିକଅପ ଭ୍ୟାନ ନୂଆପଡାରୁ ନବରଙ୍ଗପୁର ଯାଉଥିଲା । ଏହି ଦୁର୍ଘଟଣାରେ ତିନି ଜଣ ଗୁରୁତର ହୋଇ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଖବର ପାଇ ଘଟଣାସ୍ଥଳରେ ଗୋଲାମୁଣ୍ଡା ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। କୁଡୁଡ଼ା ବୋଝେଇ ଗାଡ଼ିଟି ରାସ୍ତା ତଳକୁ ଓଲଟି ପଡିବାରୁ ଗାଡ଼ିଥିବା ସବୁ କୁକୁଡ଼ା ମରିଯାଇଥିବା ଦେଖିବାକୁ ମିଳିଥିଲା । ପରେ ଗାଡ଼ି ମାଲିକଙ୍କ ଅନୁମତିରେ ସ୍ଥାନୀୟ ଲୋକେ ମଲା କୁକୁଡ଼ା ଗୁଡ଼ିକୁ ବୋହି ନେଇଥିଲେ ।

# ମୂଳନିବାସୀ ବହୁଜନ ମିଳିତ ମହାସଂଘର ବୈଠକ



ଭବାନୀପାଟଣା/ଧର୍ମଗଡ଼ (ଭାସ୍କର ନ୍ୟୁଜ): ସ୍ଥାନୀୟ ଅମଲା ଭବନରେ ମୂଳନିବାସୀ ବହୁଜନ ମିଳିତ ମହାସଂଘର ଭବାନୀପାଟଣା ବ୍ଲକ ଓ ମ୍ୟୁନିସିପାଲଟି ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲାରେ ୯୫ ପ୍ରତିଶତ ଦଳିତ, ଆଦିବାସୀ, ପଛୁଆ ବର୍ଗର ଲୋକ ବସବାସ କରୁଥିଲେ ମଧ୍ୟ ଏହି ବିଶାଳ ସମୁଦାୟକୁ ଆଜି ପର୍ଯ୍ୟନ୍ତ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ମିଳିପାରିନାହିଁ। ମନୁବାଦୀ ବ୍ୟବସ୍ଥା ଜନିତ ଜାତିଗତ ଏକତାର ଅଭାବ, ଜାତି-ଜାତି ଭିତରେ ଥିବା ଅସହିଷ୍ଣୁ ଓ ଅସୂୟା ମନୋଭାବ ହିଁ ଏହାର ମୁଖ୍ୟ କାରଣ ଅଟେ। ଅନ୍ୟପକ୍ଷରେ ନିଜ ନିଜ ମଧ୍ୟରେ ଏପରିକି ବିଭିନ୍ନ ସ୍ତରରେ ନିର୍ଯାତନା ଓ ଅନ୍ୟାୟର ଶିକାର ହେଉଥିବା ସତ୍ତ୍ୱେ ବହୁଜନ ସମାଜ ଏହାକୁ ମିଳିତ ଭାବେ ମୁକାବିଲା ନକରି ଏକଲା ଏକଲା ଲଢୁଥିବାରୁ କୌଣସି ସମସ୍ୟାର ସମାଧାନ ହେଉନାହିଁ। ଘରେ ନିଆଁ ଲାଗିଛି, ସମସ୍ତେ ମିଳିମିଶି ନିଆଁ ଲିଭାଇବାକୁ ହେବ। ଅନ୍ୟଥା ଘର ଜଳି ଧୂଳିସାତ ହୋଇଯିବ। ଏଣୁ ଆଗାମୀ ଦିନରେ ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଜନସାଧାରଣ ବିଗତ ଦିନର ସମସ୍ତ ଭୁଲଭଟକାକୁ ଭୁଲିଯାଇ ଏକାଠି ହେବାକୁ ପଡ଼ିବ। ସାମ୍ବିଧାନିକ ହକ ଓ ଅଧିକାର ଉପରେ ଲଢ଼େଇ କରି ଏ ମାଟିର ଶାସକ ବର୍ଗ ହେବା ହିଁ ଏହି ମହାସଂଘର ମୂଳ ଉଦ୍ଦେଶ୍ୟ ବୋଲି ମୂଳନିବାସୀ ବହୁଜନ ମିଳିତ ମହାସଂଘର ଭବାନୀପାଟଣା ବ୍ଲକ ଓ ମୁନ୍ସିପାଲଟି ଶାଖାର ବୈଠକରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶେଷ କରି ପଛୁଆ ବର୍ଗକୁ ଶିକ୍ଷା, ନିଯୁକ୍ତି ଓ ରାଜନୀତିରେ ଜନସଂଖ୍ୟା ଅନୁସାରେ ୫୪% ସଂରକ୍ଷଣ ନଦେବା, ଦଳିତ ନିର୍ଯାତନା ରୋକିବା, ଆଦିବାସୀ ମାନଙ୍କୁ ଭୂମି ଅଧିକାରରୁ ବଂଚିତ କରିବା ଭଳି ଅନେକ ଅନ୍ୟାୟର ଶିକାର ହେଉଛି ଏହି ସମାଜ ସମୂହ। ତେଣୁ ଏହାକୁ ଗୋଟେ ଜାତି ନୁହେଁ ତିନୋଟି ବର୍ଗର ଲୋକ ମିଳିତ ଭାବେ ଲଢ଼ିବାର ସମୟ ଆସିଯାଇଛି ବୋଲି ବକ୍ତାମାନେ ମତ ରଖିଥିଲେ। ଏହି ବୈଠକରେ ମହାସଂଘର ଜିଲ୍ଲା ସଭାପତି ଶ୍ରୀ ସଚ୍ଚିଦାନନ୍ଦ ମହାକୁଡ଼ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ ମହାସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥି ଭାବେ ମହାସଂଘର ଜିଲ୍ଲା କାର୍ଯ୍ୟକାରୀ ସଭାପତି କମଳିନୀ ଯାଦବ, ଯତୀନ୍ଦ୍ର କର, ଜିଲ୍ଲା ସାଧାରଣ ସମ୍ପାଦକ କୀର୍ତ୍ତନ ଯାଦବ, ଜିଲ୍ଲା ଯୁବ ସଭାପତି ଡାକେଶ୍ୱର ଲହଜଲ, ,ସରପଞ୍ଚ ଦିଗାମ୍ବର ଲୁହା,ଉପଦେଷ୍ଟା ଆଇନଜୀବୀ ଛବିଲାଲ ନିଆଲ, ରାଜ୍ୟ ମହିଳା ସଭାନେତ୍ରୀ ଏସ. ସୁଜାତା, ସମ୍ପାଦକ ସତ୍ୟ ମାହାର, ଜୟପ୍ରକାଶ ଜାଲ, ରମଣୀ ଦୁରିଆ,ସେନାପତି ନାଏକ, ସ୍ନେହଲତା ଦୁର୍ଗା, ସଞ୍ଜୟ ସୁନାନୀ, ରାଜକିଶୋର, ଅଗଷ୍ଟ ନାଏକ, ଡଗ ମାଳି ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମହାସଂଘର ଭବାନୀପାଟଣା ବ୍ଲକ ସ୍ତରୀୟ କମିଟି ଘୋଷଣା କରାଯାଇଥିଲା। ସର୍ବସମ୍ମତି କ୍ରମେ ଭବାନୀପାଟଣା ବ୍ଲକ ସଭାପତି ଭାବେ ସମାଜସେବୀ ହୃଷିକେଶ ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀ ବିଜୟ ମାଝୀ, ସମ୍ପାଦକ- ବିଜୟ ଦୀପ, ମୁନ୍ସିପାଲଟି ସଭାପତି ଭାବେ ଦିନେଶ ମଲ୍ଲିକ୍, ସାଧାରଣ ସମ୍ପାଦକ ଭାବେ - ବିକାଶ ପ୍ରଧାନ, ଉପ ସଭାପତି ସେନାପତି ନାଏକ, ଦୁର୍ଜନ ବାଗ, ଛାତ୍ର ସଭାପତି - ଆଶିଷ କୁମାର ଯାନୀ ଆଦି ମନୋନୀତ ହୋଇଥିଲେ.ଅନ୍ୟ ମାନଙ୍କ ମଧ୍ୟରେ ସୁଦର୍ଶନ ଦଣ୍ଡସେନା, ଦେବାର୍ଚ୍ଚନ ମାଝୀ, ନୀଳାମ୍ବର ସାହୁ, ଦିବାକର ଦୁର୍ଗା, ସନ୍ତୋଷ ପ୍ରଧାନ, ରୁକଧର ମାଝୀ ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସ୍ମାର୍ଟଫୋନ ଉପରେ ସ୍ମାର୍ଟ ଲୁଟେରାଙ୍କ ଚିଲଆଖି

# ସହଜରେ ଫଶୁଛନ୍ତି ଗ୍ରାମାଞ୍ଚଳ ଲୋକେ



- ଟାର୍ଗେଟରେ ସ୍ମାର୍ଟଫୋନ ୟୁଜର୍ସ
- ଜାଲ ବିଛାଇଛନ୍ତି ଅନଲାଇନ ଲୁଟେରା
- ସତର୍କ ଓ ସଚେତନ ନହେଲେ ବୁଡ଼ିବ ଭେଳା
- ସାଇବର ଆଇନକୁ କଡ଼ାକଡ଼ି କରାଯାଉ

ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ): ସପ୍ତାହେ ତଳର କଥା, ହଠାତ ସକାଳୁ ଖବର ମିଳିଲା। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କୁମଖାଲ ପଞ୍ଚାୟତର ଜଣେ ଯୁବକ ଯିଏକି କେରଳରେ ଦାଦନ ଖଟୁଛନ୍ତି ତାଙ୍କର ଆକାଉଣ୍ଟରୁ ତିନିଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଗାଏବ କରିଦେଇଛନ୍ତି ସାଇବର ଲୁଟେରା। ତେବେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଲାଞ୍ଜିଗଡ ବ୍ଲକର ବିଶ୍ୱନାଥପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବାବେଳେ ସେ ତିନିବର୍ଷ ହେଲା କେରଳରେ ଦାଦନ ଖଟୁଛନ୍ତି। ବାହାରେ ଥିବାରୁ ଓ ସାଇବର ଅପରାଧ ସମ୍ପର୍କରେ ବିଶେଷ କିଛି ଜାଣିନଥିବାରୁ ନିଜର ସବୁତକ ସଞ୍ଚିତ ଅର୍ଥ ଲୁଟ ପରେ ବି ସେ କିଛି କରିପାରିନଥିଲେ। ଖବର ନେବାରୁ ଜଣାପଡିଲା ସେ କୁଆଡେ ନିଜ ହ୍ୱାଟ୍ସଆପକୁ ଆସିଥିବା ଏକ ଲିଙ୍କରେ କ୍ଲିକ କରିଦେଇଥିଲେ। ତା'ପରେ ପରେ ଫୋନ ହ୍ୟାଙ୍ଗ ହେବା ସହିତ ପ୍ରଥମ ଦଫାରେ ୧୨୦୦ ଟଙ୍କା ଓ ପରେ ସେ ଶୋଇଥିବାବେଳେ ରାତି ଅଧରେ ତାଙ୍କ ଆକାଉଣ୍ଟରୁ ତିନିଲକ୍ଷ ଟଙ୍କା ଲୁଟିନେଇଗଲେ ସାଇବର ଲୁଟେରା। ଏଇ ଗୋଟିଏ ଘଟଣା ଉଦାହରଣ ମାତ୍ର। ତେବେ ଏଭଳି ଅସଂଖ୍ୟ ଲିଙ୍କ ଏବେ ହ୍ୱାଟ୍ସଆପ ଗ୍ରୁପକୁ ଆସୁଛି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ପିଏମ କିଷାନ ସହିତ ବିଭିନ୍ନ ଲୋଭନୀୟ ଋଣ ଅଫର ଆଦି ଏବେ ହ୍ୱାଟ୍ସଆପ ଗ୍ରୁପଗୁଡ଼ିକରେ ଛାଇଯାଇଛି। ସର୍ବଶେଷ ସ୍କାମ ଏବେ ଆରଟିଓ ଆପ ନାଁରେ ଆସୁଛି। ଯେଉଁଠି ଗାଡ଼ି ପାଇଁ ଚାଲାଣ କଟିଥିବା କୁହାଯାଉଛି। ଭୁଲରେ ସୁଦ୍ଧା ବ୍ୟବହାରକାରୀ ସେଇସବୁ ଲିଙ୍କରେ ଛୁଇଁଦେଲେ ଫୋନ ହ୍ୟାକ ହେବା ସହିତ ଲୁଟେରାଙ୍କ ପାଖକୁ ମୋବାଇଲର ସବୁ ତଥ୍ୟ ଚାଲିଯାଉଛି। ଯାହାଫଳରେ ଲୁଟେରାମାନେ ସେଇ ମୋବାଇଲକୁ ନିଜ ନିୟନ୍ତ୍ରଣକୁ ନେଇଯିବା ସହିତ ବ୍ୟାଙ୍କ ଏକାଉଣ୍ଟ ଖାଲି କରିଦେଉଛନ୍ତି। ବିଶେଷ କରି ଗ୍ରାମାଞ୍ଚଳ ଲୋକେ ଓ ଅଳ୍ପବୟସର ସ୍ମାର୍ଟଫୋନ ବ୍ୟବହାରକାରୀ ଏଇ ଅଭିନବ ଲୁଟ ସମ୍ପର୍କରେ ଜାଣି ନପାରି ଏହାର ଶିକାର ହେଉଥିବାବେଳେ କେହି କେହି କୌତୁହଳବଶତଃ ଏହାର ଶିକାର ହେଉଥିବା ଦେଖିବାକୁ ମିଳିଛି। ଏପରିକି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନାଁରେ ଆସୁଥିବା ହ୍ୟାକିଙ୍ଗ ଆପ ଏତେ ଶକ୍ତିଶାଳୀ ଯେ ଜଣେ ବ୍ୟବହାରକାରୀ ଏହାର ଶିକାର ହେଉଣୁ ତାଙ୍କ ଫୋନବୁକରେ ଥିବା ସମସ୍ତ ନମ୍ବରକୁ ସେଇ ଲିଙ୍କ ଆପେ ଆପେ ଚାଲିଯାଉଛି। ସବୁ ହ୍ୱାଟ୍ସଆପ ଗ୍ରୁପ ମଧ୍ୟ ହ୍ୟାକ ହେଇଯାଉଛି। ପୂର୍ବରୁ ଲଟେରୀ ଜିତିବା, ଫେକ ଫୋନ କଲ, ଡିଜିଟାଲ ଆରେଷ୍ଟ, ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାଁରେ ନକଲି ଫେସବୁକ ଏକାଉଣ୍ଟ ଖୋଲି ଲୋକଙ୍କୁ ଲୁଟ କରାଯାଉଥିବାବେଳେ ଏବେ ସାତରୁ ଅଧିକ ସୁରକ୍ଷା ବୈଶିଷ୍ଟ୍ୟ ଥିବା ସତ୍ତ୍ୱେ ହ୍ୱାଟ୍ସଆପକୁ ହ୍ୟାକ କରିବା ବ୍ୟବହାରକାରୀଙ୍କ ମୁଣ୍ଡବ୍ୟଥା ବଢ଼ାଇଦେଇଛି। ଏଥିଯୋଗୁଁ ଗ୍ରାମାଞ୍ଚଳରେ ସ୍କୁଲ- କଲେଜ ଛାତ୍ରଛାତ୍ରୀ, ଯୁବକ ଯୁବତୀ ତଥା ଜନସାଧାରଣଙ୍କୁ ସ୍ମାର୍ଟଫୋନ ବ୍ୟବହାର, ସାଇବର ସୁରକ୍ଷା ସମ୍ପର୍କରେ ପୁଲିସ, ପ୍ରଶାସନ ତରଫରୁ ବ୍ୟାପକ ସଚେତନ କରାଯିବାର ଆବଶ୍ୟକତା ରହିଛି। ସେହିପରି ସହଜ ଉପଲବ୍ଧ ସାମାଜିକ ଗଣମାଧ୍ୟମରେ ଏନେଇ ସଚେତନ କରାଯିବା ସହ କୌଣସି ଅଜଣା କଲ, ଅଜଣା ମେସେଜ, ଅଜଣା ଆପ ବିଶେଷ କରି ଅଜଣା ଏପିକେ ଫାଇଲ ଡାଉନଲୋଡ଼ ନକରିବାକୁ ପରାମର୍ଶ ଦେବାର ଆବଶ୍ୟକତା ରହିଛି। ଅପରପକ୍ଷରେ, କଳାହାଣ୍ଡି ଜିଲ୍ଲାରେ ସାଇବର ଅପରାଧ ରୋକିବାକୁ ପୁଲିସ ଆହୁରି ତତ୍ପର ହେବା ସହିତ କ୍ଷତିଗ୍ରସ୍ତ ଲୋକଙ୍କ ପ୍ରତି ସହାନୁଭୂତିଶୀଳ ହେବାକୁ ଦାବି ହେଉଛି।

## ରାଶିଫଳ

ସୋମବାର, ୧୪ ଜୁଲାଇ ୨୦୨୫

**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ । ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ । ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ ।

**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକ୍କାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ । ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ।

**ମିଥୁନ :** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ । ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ । ସ୍ୱାସ୍ଥ୍ୟ ଭଲ ହେବ । ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ ।

**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ । ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ । ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ । ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ । ମିଠା ଖାଦ୍ୟ ମିଳିପାରିବ ।

**ତୁଳା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ଶକ୍ତିର ଅଭାବ ରହିବ । ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ ।

**କନ୍ୟା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ । ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ ।

**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ । ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ।

**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ । ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ । ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ । ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ। ନୂତନ କାର୍ଯ୍ୟ ଆରମ୍ଭ ପାଇଁ ଏହା ଏକ ଶୁଭ ଦିନ ।

**ଧନୁ :** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ । ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ ।

**ମକର :** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ ।

**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ । ପରିବାରରେ ଖୁସିର ପରିବେଶ ରହିବ

**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରି ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ । ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ ।

ଶ୍ରୀପତି ଗୁରୁ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯